୫୧

DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୯/୨୦୨୪ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 29/2024 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 36 | ମୂଲ୍ୟ ₹୭/-

# ରାଜ୍ୟରେ ଝିଅ ସଂଖ୍ୟା ହ୍ରାସ

ଓଡ଼ିଶାରେ ଗତ ୧ ଦଶନ୍ଧି ଧରି ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ଲଗାତର ହ୍ରାସ ପାଇବାରେ ଲାଗିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍ଏଫ୍ଏଚ୍ଏସ୍) ସମେତ ବିଭିନ୍ନ ସରକାରୀ ଏଜେନ୍ସି ପକ୍ଷରୁ ୨୦୧୯-୨୧ରେ କରାଯାଇଥିବା ସର୍ବେକ୍ଷଣ ଅନୁସାରେ ଦେଶରେ ପ୍ରତି ୧,୦୦୦ ପୁଅରେ ଝିଅଙ୍କ ସଂଖ୍ୟା ୯୩୨ ଥିବାବେଳେ ଓଡ଼ିଶାରେ ଏହା ୮୯୪ ରହିଥିଲା। କଟକ ଜିଲାରେ ଏହି ତାରତମ୍ୟ ସର୍ବାଧିକ ରହିଛି। ଜିଲାର ପ୍ରତି ୧,୦୦୦ ପୁଅରେ ମାତ୍ର ୭୪୫ ଝିଅ ରହିଛନ୍ତି। ଅନ୍ଧବିଶ୍ୱାସ ଓ ରକ୍ଷଣଶୀଳ ମନୋଭାବ ଯୋଗୁ ଏହି ତାରତମ୍ୟ ବଢ଼ିବାରେ ଲାଗିଛି। ଏନ୍ଏଚ୍ଏଫ୍ଏସ୍‌ର ଶେଷ ରିପୋର୍ଟ ଅନୁଯାୟୀ ରାଜ୍ୟର ୪ଟି ଜିଲାରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ଅଧିକ ଥିଲା। ହେଲେ ସିଭିଲ ରେଜିଷ୍ଟ୍ରେଶନ୍ ସିଷ୍ଟମ୍ (ସିଆର୍ଏସ୍)ର ସଦ୍ୟତମ ରିପୋର୍ଟ ଅନୁସାରେ ସବୁ ଜିଲାରେ ଝିଅଙ୍କ ସଂଖ୍ୟା ପୁଅଙ୍କଠାରୁ କମ୍ ରହିଛି। ଲିଙ୍ଗଗତ ଅନୁପାତରେ ଏଭଳି ଅସମାନତା ଭବିଷ୍ୟତରେ ଭୟାବହ ସ୍ଥିତି ଉପୁଜାଇପାରେ ବୋଲି ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

## କଟକ ଜିଲାରେ ୧,୦୦୦ ପୁଅରେ ୭୪୫ ଝିଅ



ଜଗତ୍‌ସିଂହପୁର, ୨୮।୧୨ (ପ୍ରମୋଦ କୁମାର ନାୟକ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନ ହେଲ୍‌ଥ ମ୍ୟାନେଜମେଣ୍ଟ ଇନ୍‌ଫର୍ମେଶନ୍ ସେଣ୍ଟର (ଏଚ୍ଏମ୍ଆଇଏସ୍)ର ତଥ୍ୟ ଅନୁସାରେ ୨୦୧୪-୧୫ରେ ଜାତୀୟ ସ୍ତରରେ ଲିଙ୍ଗଗତ ଜନ୍ମ ଅନୁପାତ ୯୧୮ ଥିବାବେଳେ ୨୦୨୩-୨୪ରେ ସାମାନ୍ୟ ଉନ୍ନତି ଆସି ୯୩୦ରେ ପହଞ୍ଚିଛି। କିନ୍ତୁ ଓଡ଼ିଶାରେ ୨୦୧୪-୧୫ରେ ପ୍ରତି ୧,୦୦୦ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ୯୪୮ ରହିଥିଲା, ଯାହାକି ୨୦୨୩-୨୪ରେ ୯୨୬କୁ ଖସିଆସିଥିଲା। ଓଡ଼ିଶାରେ ମା'ବାପା ହେବାକୁ ଯାଉଥିବା ଦମ୍ପତିମାନେ ଝିଅଙ୍କ ଅପେକ୍ଷା ପୁଅ ଜନ୍ମ କରିବାକୁ ଅଧିକ ଚାହୁଁଥିବା ଏହି ଧାରା ଦର୍ଶାଉଛି। ୨୦୧୧ ଜନଗଣନା ଅନୁଯାୟୀ ଦେଶରେ ୧,୦୦୦ ପୁଅରେ ୯୧୯ ଝିଅ ଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୯୪୧ ଥିଲା। କିନ୍ତୁ ପରେ ଅର୍ଥାତ୍ ୨୦୧୫-୧୬ ଓ ୨୦୧୯-୨୧ରେ ପିଲାଙ୍କ ଜନ୍ମ ସମୟରେ କରାଯାଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍ଏଫ୍ଏଚ୍ଏସ୍-୪ ଓ ୫) ତଥ୍ୟ ଅନୁଯାୟୀ ଓଡ଼ିଶାରେ ଏହି ସଂଖ୍ୟା ଆହୁରି କମି ଯଥାକ୍ରମେ ୯୩୨ ଓ ୮୯୪କୁ ଖସି ଆସିଛି। ଝିଅ ସଂଖ୍ୟା କମିବାକୁ ନେଇ ନାନା କଥା ଆଲୋଚନା ଚାଲିଥିବାବେଳେ ଅନ୍ଧବିଶ୍ୱାସ ହିଁ ମୁଖ୍ୟ କାରଣ ବୋଲି କୁହାଯାଉଛି। ଆଧୁନିକ ଯୁଗରେ ଲୋକଙ୍କ ମନରେ ଝିଅ ଅପେକ୍ଷା ପୁଅ ପ୍ରତି ଦୁର୍ବଳତା ରହିଛି। ବାର୍ଦ୍ଧକ୍ୟ ଅବସ୍ଥାରେ ପୁଅ ପୋଷିବା ସାଙ୍ଗକୁ ମୃତ୍ୟୁ ବେଳେ ମୁଖାଗ୍ନି ଦେବ ବୋଲି ଭାବୁଛନ୍ତି। ଏହି କାରଣରୁ ଅନେକେ ଅଲଟ୍ରାସାଉଣ୍ଡ ମାଧ୍ୟମରେ ଲିଙ୍ଗ ନିରୂପଣ କରି ☞ ପୃଷ୍ଠା-୪

# ପଞ୍ଚଭୂତରେ ଲୀନ ମନମୋହନ



ନୂଆଦିଲ୍ଲୀ, ୨୮।୧୨ (ପି.ଟି.)

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ମରଶରୀର ପଞ୍ଚଭୂତରେ ବିଲୀନ ହୋଇଛି। ଶନିବାର ଦିଲ୍ଲୀର ନିଗମବୋଧ ଘାଟରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ସମୟରେ ଭାରତ ତଥା ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ମନ୍ତ୍ର ଧ୍ୱନି ମଧ୍ୟରେ ବଡ଼ଝିଅ ଉପିନ୍ଦର ସିଂ ମନମୋହନଙ୍କ ଚିତାରେ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଦଳର ଶୀର୍ଷ ନେତାମାନେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଭୁଟାନ୍ ରାଜା ଜିଗ୍‌ମେ ଖେସର ନାମଗେଲ୍ ୱାଙ୍ଗ୍‌ଚୁକ୍ ଏବଂ ମରିସସ୍ ବହିର୍ବ୍ୟାପାର ମନ୍ତ୍ରୀ ଧନଞ୍ଜୟ ରାମଫୁଲ୍‌ଙ୍କ ☞ ପୃଷ୍ଠା-୪

# ଉଜୁଡ଼ା ଧାନକ୍ଷେତ ଦେଖି ୨ ଚାଷୀଙ୍କ ମୃତ୍ୟୁ

## ଜଣେ ଟଳିପଡ଼ିଲେ, ଜଣଙ୍କ ଆତ୍ମହତ୍ୟା

ଯାଜପୁର/ବିଞ୍ଝାରପୁର/ଡେରାବିଶ, ୨୮।୧୨
(ହର୍ଷବର୍ଦ୍ଧନ ବେହେରା/ ରାମକୃଷ୍ଣ ଦାସ/ ବେବର୍ତ୍ତା ଅଜୟ ଦାସ)

ଏଥର ଜମିରେ ସୁନାର ଫସଲ ଦେଖି ଚାଷୀ ଆତ୍ମବିଭୋର ହୋଇଥିଲେ। କିନ୍ତୁ ଲଘୁଚାପ ଜନିତ ଅଦିନିଆ ବର୍ଷା ବର୍ଷକର ଆହାରକୁ ଭସେଇ ଦେଇଛି। ଏଭଳି ସ୍ଥିତି ଚାଷୀଙ୍କ ପାଇଁ ଅସହ୍ୟ ହୋଇଛି। ଉଜୁଡ଼ା ଧାନକ୍ଷେତ ଦେଖି ଚାଷୀ ଆତ୍ମହତ୍ୟା କରୁଥିବାବେଳେ ଆଉ କେତେଜଣଙ୍କ ପ୍ରାଣବାୟୁ ଉଡ଼ିଯାଉଛି। ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ଏଭଳି ଦୁଇଟି ଘଟଣା ଘଟିଛି। ଜଣେ ଚାଷୀ ଜମିରେ ଫସଲହାନିକୁ ଦେଖି ଟଳିପଡ଼ିଥିବାବେଳେ ଆଉ ଜଣେ ଚାଷୀ କ୍ଷତି ସହି ନ ପାରି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ବିଗତ ଦୁଇ ଦଶନ୍ଧି ହେଲା ବିଶ୍ୱତାପନଜନିତ ଜଳବାୟୁ ପରିବର୍ତ୍ତନରୁ ବିଳମ୍ବିତ, ସ୍ୱଳ୍ପ ଓ ଅଦିନିଆ ବର୍ଷା କୃଷି କ୍ଷେତ୍ରକୁ ବ୍ୟାପକ ପ୍ରଭାବିତ କରିଆସୁଛି। ଏଭଳି ସ୍ଥିତିରେ ପ୍ରତିବର୍ଷ କ୍ଷତି ସହି ଆସୁଥିବା ଚାଷୀକୁଳ ପାଇଁ ଚାଷ ନିମନ୍ତେ ଅର୍ଥ ଯୋଗାଡ଼ କରିବା କାଠିକର ପାଠ ହେଉଛି। ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ ମିଳିବାରେ ଅନେକ କ୍ଲିଷ୍ଟତା ଯୋଗୁ ସେମାନେ ଉଚ୍ଚ ସୁଧରେ ମହାଜନଙ୍କଠାରୁ ଟଙ୍କା ଉଧାର ଆଣୁଛନ୍ତି। ହେଲେ ପ୍ରକୃତିର ପ୍ରକୋପରୁ ଫସଲ ଉଜୁଡ଼ିଗଲେ ସେମାନେ ଋଣ ଶୁଝିବା ଚିନ୍ତାରେ ଆତ୍ମହତ୍ୟା ଭଳି ଚରମପନ୍ଥା ଆପଣାଉଛନ୍ତି।


ଏଥର ଜମିରେ ଯେଭଳି ଧାନ ଫସଲ ହୋଇଥିଲା ସେଥିରୁ ଋଣ ଶୁଝିବା ସହ ଭଲ ରୋଜଗାରର ଆଶା ଥିଲା। ହେଲେ ଲଗାଣ ବର୍ଷାରେ ତାହା ଉଜୁଡ଼ି ଯାଇଥିବା ଦେଖି ଚାଷୀଙ୍କ ପ୍ରାଣବାୟୁ ଉଡ଼ିଯାଇଛି। ସେ ହେଲେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଟିକଣା ପଞ୍ଚାୟତ ଅନ୍ତର୍ଗତ ମଣିତାପୁର ଗ୍ରାମର ମଣିରାମ ମହାନ୍ତି(୬୨)। ଏହି ଘଟଣାକୁ ପରିବାର ଲୋକେ ପ୍ରଶାସନର ☞ ପୃଷ୍ଠା-୪

## ଆଜରବୈଜାନ ବିମାନ ଦୁର୍ଘଟଣା

# କ୍ଷମା ମାଗିଲେ ପୁଟିନ୍

ମସ୍କୋ, ୨୮।୧୨

ବିମାନ ଦୁର୍ଘଟଣା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଶନିବାର ତାଙ୍କ ଆଜରବୈଜାନ ପ୍ରତିପକ୍ଷ ଇଲ୍‌ହାମ ଆଲିୟେଭ୍‌ଙ୍କୁ କ୍ଷମା ମାଗିଛନ୍ତି। ଗତ ବୁଧବାର ରୁଷିଆ ବାୟୁସୀମାରେ ଆଜରବୈଜାନ୍‌ର ଜେ୨-୮୨୪୩ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଭୁଲ୍‌ବଶତଃ ରୁଷିଆର ବିମାନବିଧ୍ୱଂସୀ ମିଶାଇଲ୍ ମାଡ଼ରେ ବିମାନଟି ଖସିପଡ଼ିଥିବା ସାମରିକ ବିଶେଷଜ୍ଞମାନେ ସନ୍ଦେହ ପ୍ରକଟ କରିଥିଲେ। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ପକ୍ଷରୁ ଦୁର୍ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଦାବି କରାଯାଇଥିଲା। ବିମାନର ମୁଖ୍ୟଭାଗରେ କେତେକ ଗଭୀର ଛିଦ୍ର ଏବଂ ଟେଲ୍ ସେକ୍ସନ୍‌ରେ ଚିହ୍ନ ଥିବାରୁ ମିଶାଇଲର ଧାତବକଣା ମାଡ଼ ଯୋଗୁ ଏହା ହୋଇଥିବା ବିଶେଷଜ୍ଞମାନେ ଅନୁମାନ କରିଥିଲେ। କାଜାଖସ୍ତାନର ଅକଟାଉ ସହର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଏହି ଦୁଃଖଦ ଘଟଣା ପାଇଁ ପୁଟିନ୍ କ୍ଷମା ମାଗିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଏଥିସହିତ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିବା କ୍ରେମ୍‌ଲିନ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପୁଟିନ୍ କ୍ଷମା ମାଗିବା ଫଳରେ ବିମାନ ଖସାଇବାରେ ରୁଷିଆ ମିଶାଇଲ୍‌ର ସମ୍ପୃକ୍ତି ନେଇ ଯେଉଁ ଅଭିଯୋଗ ହୋଇଥିଲା, ତାହା ☞ ପୃଷ୍ଠା-୪



ଭ୍ଲାଡିମିର୍ ପୁଟିନ୍

# ୩୦ ସୁଦ୍ଧା ଫସଲ କ୍ଷତି ଆକଳନ କର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୧୨ (ଅନିଲ ଦାସ)

ଗତ ୨୦ ତାରିଖରୁ ୨୮ ତାରିଖ ମଧ୍ୟରେ ରାଜ୍ୟରେ ହୋଇଥିବା ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ସମୀକ୍ଷା କରିଛନ୍ତି। ଯେପରି ଜଣେ ବି କ୍ଷତିଗ୍ରସ୍ତ ଚାଷୀ ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଧ୍ୟାନଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୩୦ ତାରିଖ ମଧ୍ୟରେ ଫସଲ କ୍ଷୟକ୍ଷତିର ଠିକ୍ ଆକଳନ ସହ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଚିହ୍ନଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୀମା କରିଥିବା ଓ ବୀମା କରି ନ ଥିବା କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ସହାୟତା ଯଥାଶୀଘ୍ର ଡିବିଟି ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ବୀମା କରିଥିବା ସମସ୍ତ ଚାଷୀ ଯେପରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କ୍ଷୟକ୍ଷତି ସମ୍ପର୍କରେ ବୀମା କମ୍ପାନୀଗୁଡ଼ିକୁ ସୂଚନା ଦେବେ, ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରୁ ଜଣାପଡ଼ିଛି ଯେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୨୬ ହଜାର ଚାଷୀ କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେଇଛନ୍ତି। ରବିବାର ସୁଦ୍ଧା ସବୁ ବୀମାଭୁକ୍ତ ଚାଷୀ ନିଜର ଫସଲ କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି। ଏହାସହିତ ବିଭିନ୍ନ ଜିଲାର ପଞ୍ଜୀକୃତ ଚାଷୀମାନେ ଅଦିନିଆ ବର୍ଷାଜନିତ ସେମାନଙ୍କର ଫସଲ ଅମଳର ପରବର୍ତ୍ତୀ କ୍ଷୟକ୍ଷତିର ସୂଚନା ତୁରନ୍ତ କୃଷିରକ୍ଷକ ପୋର୍ଟାଲ ମାଧ୍ୟମରେ କିମ୍ବା ୧୪୪୪୭କୁ କଲ୍ କରି ଜଣାଇବାକୁ ☞ ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ଚିନ୍ତାଶୀଳ ବ୍ୟକ୍ତିତ୍ୱ

DSPL - 280

ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଫସଲ ବୀମାଭୁକ୍ତ ଚାଷୀଙ୍କ ପାଇଁ ସୂଚନା

ଚଳିତ ଅଦିନିଆ ବର୍ଷାରେ ଖରିଫ ଫସଲ ଅମଳ ପରେ କ୍ଷତିଗ୍ରସ୍ତ ହୋଇଥିଲେ ତୁରନ୍ତ କୃଷି ରକ୍ଷକ ଆପ୍ କିମ୍ବା ହେଲ୍ପ ଲାଇନ୍ ନମ୍ବର ୧୪୪୪୭ ରେ ପଞ୍ଜିକୃତ ନମ୍ବରରୁ ସୂଚନା ଦେବା ପାଇଁ ଅନୁରୋଧ ।

ଏହି ସୂଚନା ଫସଲ କ୍ଷତିର ୭୨ ଘଣ୍ଟା ମଧ୍ୟରେ ଦେବା ଆବଶ୍ୟକ ।

ସୂଚନା ଦେବାର ଶେଷ ତାରିଖ ୨୯ ଡିସେମ୍ବର, ୨୦୨୪



ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0013/2425






# ମନେ ରହିବେ...

ବିଦାୟୀ ବର୍ଷ ୨୦୨୪ରେ ସଂସାରରୁ ବିଦାୟ ନେଇଛନ୍ତି ଅନେକ ବିଶିଷ୍ଟ ବ୍ୟକ୍ତି, ଯେଉଁମାନଙ୍କ କୃତ୍ୟ, ପ୍ରତିଭା, ମାନବତା ସେମାନଙ୍କୁ ଚିରସ୍ମରଣୀୟ କରି ରଖିବ। କଳା, ସଂସ୍କୃତି, ରାଜନୀତି, ଶିକ୍ଷା, ସାହିତ୍ୟ, ମନୋରଞ୍ଜନ, କ୍ରୀଡ଼ା, ଶିଳ୍ପ, ସମାଜସେବା ଆଦି କ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଅମୂଲ୍ୟ ସମ୍ପଦ ହୋଇରହିବ।



ମନମୋହନ ସିଂ (୨୬ ଡିସେମ୍ବର) | ଶାମ ବେନେଗଲ୍ (୨୩ ଡିସେମ୍ବର)



ରତନ ଟାଟା (୯ ଅକ୍ଟୋବର) | ଜାକିର ହୁସେନ (୧୫ ଡିସେମ୍ବର)



ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ (୮ ଅଗଷ୍ଟ) | ଏସ୍.ଏମ୍. କ୍ରିଷ୍ଣା (୧୦ ଡିସେମ୍ବର) | ପଙ୍କଜ ଉଧାସ (୨୬ ଫେବୃଆରୀ) | ସୀତାରାମ ୟେଚୁରୀ (୧୨ ସେପ୍ଟେମ୍ବର) | ଓସାମୁ ସୁଜୁକି (୨୭ ଡିସେମ୍ବର) | ରୋହିତ୍ ବଲ (୧ ନଭେମ୍ବର)



ଅମିନ ସୟାନି (୨୦ ଫେବୃଆରୀ) | ସୁଶୀଲ କୁମାର ମୋଦି (୨ ଏପ୍ରିଲ୍) | ବିବେକ ଦେବରୟ (୧ ନଭେମ୍ବର) | ଦାମୋଦର ରାଉତ (୨୨ ମାର୍ଚ୍ଚ) | ମନୋହର ଯୋଶୀ (୨୩ ଫେବୃଆରୀ) | ଇବ୍ରାହିମ୍ ରଇସି (୧୯ ମେ)




କୁଇନ୍ସି ଜୋନ୍ସ (୩ ନଭେମ୍ବର) | ଏଲେକ୍ସି ନଭଲନି (୧୬ ଫେବୃଆରୀ) | ଫଲି ଏସ୍ ନରିମାନ୍ (୨୧ ଫେବୃଆରୀ) | ସମୀର ଦେ (୧୮ ନଭେମ୍ବର) | କେ. ନଟବର ସିଂ (୧୦ ଅଗଷ୍ଟ) | ଭି. ସୁଜ୍ଞାନ କୁମାରୀ ଦେଓ (୧୦ ଫେବୃଆରୀ)




ବାବା ସିଦ୍ଦିକି (୧୨ ଅକ୍ଟୋବର) | ଓମ୍‌ପ୍ରକାଶ ଚୌଟାଲା (୨୦ ଡିସେମ୍ବର) | ହରଜିତ୍ ସିଂ ବେଦୀ (୨୧ ସେପ୍ଟେମ୍ବର) | ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ (୧୫ ଜୁନ୍) | ବିଦ୍ୟାସାଗର ମହାରାଜ (୧୮ ଫେବୃଆରୀ) | କମଳା ପୂଜାରୀ (୨୦ ଜୁଲାଇ)




ଅଂଶୁମାନ୍ ଗାଏକୱାଡ୍ (୩୧ ଜୁଲାଇ) | ଅତୁଲ ପାରଚୁର (୧୪ ଅକ୍ଟୋବର) | ରାମୋଜୀ ରାଓ (୮ ଜୁନ୍) | ଉସ୍ତାଦ ରଶିଦ ଖାନ୍ (୯ ଜାନୁଆରୀ) | ତୁଳସୀ ଗୋୱାଡ୍ (୧୬ ଡିସେମ୍ବର) | କମଲା ବେନିୱାଲ (୧୫ ମେ)



ପୂର୍ଣ୍ଣଚନ୍ଦ୍ର ମାଝୀ (୪ ନଭେମ୍ବର) | ପ୍ରଭାତ ସାମନ୍ତରାୟ (୧୬ ଅକ୍ଟୋବର) | ଧନେଶ୍ୱର ମାଝୀ (୯ ଅକ୍ଟୋବର) | ଉତ୍କଳ କେଶରୀ ପରିଡ଼ା (୧୯ ଅକ୍ଟୋବର) | ସୁରେନ୍ଦ୍ର ନାଥ ନାୟକ (୫ ଜୁଲାଇ) | ଶାନ୍ତିଲତା ବାରିକ (୧ ଏପ୍ରିଲ୍)



ମାଗୁଣି କୁଅଁର (୧ ଜୁନ୍) | ଗୋପାଳ ସାହୁ (୧୩ ଅଗଷ୍ଟ) | ଗଦାଧର ମିଶ୍ର (୨୯ ଫେବୃଆରୀ) | ଅଶ୍ୱିନୀ ଗୁରୁ (୧ ସେପ୍ଟେମ୍ବର) | ସୁଶ୍ରୀ ଦେବୀ (୧୦ ଜାନୁଆରୀ) | ଶାରଦା ସିହ୍ନା (୫ ନଭେମ୍ବର)



ଆଦିତ୍ୟ ମାଢୀ (୩ ଜୁଲାଇ) | ଚକ୍ରଧର ଜେନା (୧୨ ଫେବୃଆରୀ) | ସଚ୍ଚି ଦାସ (୧୮ ଏପ୍ରିଲ) | ସାଧୁ ମେହେର (୨ ଫେବୃଆରୀ) | ବିଜୟ ପଟ୍ଟନାୟକ (୨୦ ମେ) | ଡା. କମଳା ଦାସ (୧୨ ଏପ୍ରିଲ୍)

**୬୦ ହଜାର ଟଙ୍କାରେ ବିକ୍ରି ହେବା ଘଟଣା: ଉଦ୍ଧାର ହେଲା ଶିଶୁପୁତ୍ର**

ଗୋପବନ୍ଧୁ ନଗର,(ଶାନ୍ତନୁ କୁମାର ମଦ୍ଧୁଆଲ): ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ନବଜାତ ଶିଶୁପୁତ୍ରଙ୍କୁ ୬୦ ହଜାର ଟଙ୍କାରେ ବିକ୍ରି କରିଥିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ଶନିବାର ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳ ପଞ୍ଚାୟତ ଅନ୍ତର୍ଗତ ମାଣିଚ ଗ୍ରାମରୁ ଉକ୍ତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ଚାଇଲ୍ଡଲାଇନ କର୍ତ୍ତୃପକ୍ଷ ଚଢ଼ାଉ କରି ଉକ୍ତ ଶିଶୁକୁ ମାଣିଚ ଗ୍ରାମର ପ୍ରକାଶ ନାୟକ ଓ ସ୍ତ୍ରୀ ଜୟନ୍ତୀଙ୍କଠାରୁ ଉଦ୍ଧାର କରଛନ୍ତି। ଏହି ଦମ୍ପତି ବାରିପଦାରୁ ଶିଶୁ ପୁତ୍ରଙ୍କୁ କିଣି ଆଣି ପ୍ରାୟ ୭ଦିନ ହେଲା ଘରେ ରଖିଥିଲେ।




# ଅଗ୍ନିଶମ ବାହିନୀରେ ପ୍ରଥମ ଥର ସାମିଲହେବେ ସନ୍ଧାନୀ କୁକୁର

**ତ୍ରିଶୂଳିଆ,୨୮।୧୨(ତୁଷାରକାନ୍ତ ବେହେରା)**

ଦେଶରେ ପ୍ରଥମ ଥର ଭାବେ ଅଗ୍ନିଶମ ବାହିନୀରେ ସନ୍ଧାନୀ କୁକୁର ସାମିଲ ହେବାକୁ ଯାଉଛନ୍ତି। ଏଥିନେଇ ବର୍ତ୍ତମାନ ବାରଙ୍ଗ ବ୍ଲକ ଅଧୀନ ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍ ପରିସରରେ ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ (କେ–୯), ଡଗ ସ୍କ୍ୱାଡ୍‌ର ଏକ ତାଲିମ କାର୍ଯ୍ୟକ୍ରମ ଚାଲୁରହିଛି। ଏହି ସ୍କ୍ୱାଡ୍‌ରେ ରାଜସ୍ଥାନର ଡୋରା ଅଞ୍ଚଳରୁ ଅଣାଯାଇଥିବା ୧୦ ସନ୍ଧାନୀ କୁକୁରଙ୍କୁ ନେଇ ସ୍ୱତନ୍ତ୍ର ତାଲିମ ୫୨ ସପ୍ତାହ ଧରି ପ୍ରଦାନ କରାଯିବ। ତେବେ ବର୍ତ୍ତମାନ କୁକୁରମାନେ ୨୨ ସପ୍ତାହ ତାଲିମ ପାଇସାରିଲେଣି। ଏମାନେ ତାଲିମ ପାଇସାରିଲା ପରେ ଓଡ଼ିଶାର ୧୦ଟି ସ୍ଥାନ ଯଥା– କଟକ, ପୁରୀ, ବାଲେଶ୍ୱର, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ଅନୁଗୋଳ, କୋରାପୁଟ ଓ ଝାରସୁଗୁଡ଼ାରେ ନିୟୋଜିତ ହେବେ। ଏଥିସହ ପ୍ରାକୃତିକ ବିପର୍ଯ୍ୟୟ, ଭୂମିକମ୍ପ ସମୟରେ ମାଟି ତଳେ ପୋତିହୋଇ ରହିଥିବା ଜୀବିତ କିମ୍ବା ମୃତ ମଣିଷଙ୍କୁ ତୁରନ୍ତ ଠାବ କରିବାରେ ଏହି ତାଲିମପ୍ରାପ୍ତ ସନ୍ଧାନୀ କୁକୁର ସହାୟକ ହେବେ। ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ସାମିଲ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଅଧିକ ପରିମାଣରେ ସହାୟକ ହେବ ବୋଲି ଓଡ଼ିଶା ଅଗ୍ନିଶମ ବିଭାଗ ନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଡ. ଷଡ଼ଙ୍ଗୀ ଏହି ତାଲିମ ନିର୍ଦ୍ଦେଶନା ଦେଉଛନ୍ତି। ନରାଜସ୍ଥିତ ଅଗ୍ନିଶମ ବିପତ୍ତି ନିସ୍ତାର ଓ ତାଲିମ ଅନୁଷ୍ଠାନର ପ୍ରିନ୍ସିପାଲ ସତ୍ୟପୀର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମପ୍ରାପ୍ତ ପ୍ରଶିକ୍ଷକମାନେ ଏହି କୁକୁରଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ସହକାରୀ ଅଗ୍ନିଶମ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର, ଡେପୁଟି ଫାୟାର ଅଫିସର ସୁଭାଶିଷ ମୁଦୁଲି ଏହି ପ୍ରଶିକ୍ଷଣରେ ସହାୟତା କରୁଛନ୍ତି।

**ତାଲିମ ପରେ ୧୦ ସ୍ଥାନରେ ନିୟୋଜିତ ହେବେ**

# ଖବରଦାତାଙ୍କ ମାତୃ ବିୟୋଗ


ମୌନାବତୀ ବାରିକଙ୍କ ଫାଇଲ ଫଟୋ।

**ହରଭଙ୍ଗା,୨୮।୧୨(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ଧରିତ୍ରୀର ଜିଲା ପ୍ରତିନିଧି ଅଜିତ କୁମାର ବାରିକଙ୍କ ମା' ମୌନାବତୀ ବାରିକ (୭୭)ଙ୍କ ଶନିବାର ପୂର୍ବାହ୍ନରେ ତାଙ୍କର କରକଟାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିବା ପରିବାର ସୂତ୍ରରୁ ଜଣାପଡିଛି। ଏହି ଖବର ପାଇ ବୌଦ୍ଧ ଜିଲା ସାମ୍ବାଦିକ ସଂଘ ଓ ହରଭଙ୍ଗା ବ୍ଲକ ସାମ୍ବାଦିକ ସଂଘର ସଭାପତି , ସଂପାଦକଙ୍କ ସମେତ ବରିଷ୍ଠ ସଦସ୍ୟମାନେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ଏହାବ୍ୟତୀତ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଗ୍ରାମବାସୀ ମୌନାବତୀଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡପୁଅ ସଞ୍ଜିତ କୁମାର ବାରିକ ମୁଖାଗ୍ନି ପ୍ରଦାନ କରିଥିଲେ।

# ଆଇଆଇଟି ଭୁବନେଶ୍ୱର ଉଦ୍ଭାବନର ପେଣ୍ଠସ୍ଥଳୀ ହେଉ: ଧର୍ମେନ୍ଦ୍ର


ଆଇଆଇଟି ଭୁବନେଶ୍ୱରର ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ୱର,୨୮।୧୨ (ଅନିଲ ଦାସ)**

ଆଇଆଇଟି, ଭୁବନେଶ୍ୱରକୁ ଟିଚିଂ, ରିସର୍ଚ୍ଚ ଓ ଇନୋଭେଶନ୍‌ର ପେଣ୍ଠସ୍ଥଳୀ କରିବାକୁ ହେବ। ଏହା ସମ୍ଭବ ହେଲେ ଭାରତର ଅର୍ଥନୀତି ୫ରୁ ୭ ଟ୍ରିଲିୟନ ଆମେରିକୀୟ ଡଲାର ହେବାର ଲକ୍ଷ୍ୟ ପୂରଣ ହୋଇପାରିବ। ଏହା ଦ୍ୱାରା ଆଇଆଇଟି ଛାତ୍ରୀଛାତ୍ରମାନେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନରେ ନିଜର ଦାୟିତ୍ୱ ନିର୍ବାହ କରିପାରିବେ ବୋଲି ଶନିବାର ଆଇଆଇଟି, ଭୁବନେଶ୍ୱରର ଦ୍ୱାଦଶ ଓ ତ୍ରୟୋଦଶ ମିଳିତ ସମାବର୍ତ୍ତନ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସେ କହିଛନ୍ତି, ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବରେ ପରିଣତ ହୋଇଛି। ଆମ ଦେଶ ଖୁବ୍‌ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ଆମେ ଏବେ ଶିଳ୍ପ ବିପ୍ଳବ ୪.୦ରେ ଅଛୁ। ଶିଳ୍ପ ବିପ୍ଳବ ଆରମ୍ଭ ପୂର୍ବରୁ ଓଡ଼ିଶାର ପୁରୀରେ ନିର୍ମିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର, ପ୍ରଭୁ ଲିଙ୍ଗରାଜ ମନ୍ଦିର ଓ କୋଣାର୍କ ମନ୍ଦିର ବୈଜ୍ଞାନିକ ପୃଷ୍ଠଭୂମିର ପ୍ରମାଣ ଦେଉଛି। ଯେତେବେଳେ ଭାରତ ଅର୍ଥନୀତିର ସୁପର ପାୱାର ହେବାକୁ ଯାଉଛି ସେତେବେଳେ ଆମକୁ ଚାକିରି ଉପରେ ନିର୍ଭର ନ କରି ନିଯୁକ୍ତିଦାତା ହେବା ପାଇଁ ପଡ଼ିବ। ଛାତ୍ରୀଛାତ୍ରମାନେ ହେଉଛନ୍ତି ସମାଜର ପୃଷ୍ଠପୋଷକ। ସେମାନେ ଚାକିରି କରିବା ଉପରେ ଧ୍ୟାନ ଦେବା ଅପେକ୍ଷା ନିଯୁକ୍ତିଦାତା ହୋଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ସହଯୋଗୀ ହେବା ପାଇଁ ଧର୍ମେନ୍ଦ୍ର ଆହ୍ୱାନ କରିଛନ୍ତି।

ସମାବର୍ତ୍ତନ ସମାରୋହରେ ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ପ୍ରଫେସର ଅଜୟ କେ ସୁଦ୍, ଆଟୋମିକ୍ ଏନର୍ଜିର ସଚିବ ଡ. ଅଜିତ କୁମାର ମହାନ୍ତି ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସଚିବ ପ୍ରଫେସର ଅଭୟ କାରାନଡିକର, ଆଇଆଇଟି ବୋର୍ଡ ଅଫ୍ ଗଭର୍ନର୍ସର ଚେୟାରମ୍ୟାନ ଡ. ରାଜେନ୍ଦ୍ର ପ୍ରସାଦ ସିଂ, ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରକମଲକର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିଷ୍ଟ୍ରି ପ୍ରତିଷ୍ଠାକୁ ମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨୮।୧୨(ଅନୁରାଧା ମହାରଣା)**

ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର)ରେ ଓଡ଼ିଶା କେମିକାଲ ସୋସାଇଟି (ଓସିଏସ୍) ପକ୍ଷରୁ ୩୮ତମ ବାର୍ଷିକ ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। 'ଆଡ୍‌ଭାନ୍ସମେଣ୍ଟ ଇନ୍ ମ୍ୟାଟେରିଆଲ୍ସ କେମିଷ୍ଟ୍ରି' ଶୀର୍ଷକ ଏହି ସମ୍ମିଳନୀରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଏକ ଉତ୍ସର୍ଗୀକୃତ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିଷ୍ଟ୍ରି' ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ଏହି ଲକ୍ଷ୍ୟ ଶୀଘ୍ର ସଫଳ ହେବ ବୋଲି ସେ ଆଶ୍ୱାସନା ଦେଇଥିଲେ। ଓସିଏସ୍ ସଭାପତି ପ୍ରଫେସର ଅଜୟ କୁମାର ବେହେରା, ଓୟୁଟିଆର୍ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ଓସିଏସ୍ ସଚିବ ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, କନ୍‌ଭେନର୍ ପ୍ରଫେସର ବିଜ୍ଞାନରଞ୍ଜନ ଦାସ ଯୋଗଦେଇଥିଲେ। ଏହି ତିନିଦିନିଆ ସମ୍ମିଳନୀ ସୋମବାର ଏହା ଉଦ୍‌ଯାପିତ ହେବ।

# ଚଳିତ ବର୍ଷ ୪୦ ଲକ୍ଷ କୁଇଣ୍ଟାଲ କପା ଉତ୍ପାଦନ ଲକ୍ଷ୍ୟ

## ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଭେଟିଲେ ଭାରତୀୟ କପା ନିଗମ ସିଏମ୍‌ଡି


ଲୋକସେବା ଭବନରେ ଶନିବାର କପା ନିଗମ ଲିମିଟେଡ୍‌ର ସିଏମ୍‌ଡି ଲଳିତ ଗୁପ୍ତା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର,୨୮।୧୨ (ଅନିଲ ଦାସ)**

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଭାରତୀୟ କପା ନିଗମ ଲିମିଟେଡ୍‌ର ସିଏମ୍‌ଡି ଲଳିତ ଗୁପ୍ତା ଶନିବାର ଲୋକସେବା ଭବନରେ ସାକ୍ଷାତ୍ କରିଛନ୍ତି। ସାକ୍ଷାତ୍ ବେଳେ ରାଜ୍ୟରେ କପା ଉତ୍ପାଦନ, ବିକ୍ରୟ ବ୍ୟବସ୍ଥା ଓ ଏଥିରେ ଥିବା ସମସ୍ୟାଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି। ଓଡ଼ିଶାରେ ୨.୩୯ ଲକ୍ଷ ହେକ୍ଟର ଜମିରେ କପାଚାଷ କରାଯାଉଛି। ଚଳିତ ବର୍ଷ ୪୦ ଲକ୍ଷ କୁଇଣ୍ଟାଲ କପା ଉତ୍ପାଦନ ହେବା ଲକ୍ଷ୍ୟ ରହିଛି। ଓଡ଼ିଶାରେ ଉତ୍ପାଦିତ ହେଉଥିବା କପା ଗୁଣବତ୍ତା ଦୃଷ୍ଟିରୁ ସର୍ବୋତ୍ତମ ଏବଂ ବଜାରରେ ଏହାର ଚାହିଦା ମଧ୍ୟ ରହିଛି। ସାକ୍ଷାତ୍‌କାର ବେଳେ କପା ଚାଷ ଏବଂ ଏହାର ବିକ୍ରୟ ସମୟରେ ଚାଷୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଛି। ଏଥିସହିତ ଭବିଷ୍ୟତରେ ଭାରତୀୟ କପା ନିଗମ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ନିଆ ଯିବାକୁ ଥିବା ପଦକ୍ଷେପ ବିଷୟରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏହି ଆଲୋଚନା ବେଳେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ସିସିଆଇ ରିଜିଓନାଲ ମ୍ୟାନେଜର ଟି.କେ ଦାସ, କୃଷି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଜେ. ସୂର୍ଯ୍ୟାରାଓ ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ।

# ୨ ଟ୍ରକ୍ ଧକ୍କା: କୋଇଲା ବୋଝେଇ ଟ୍ରକ୍ ଡ୍ରାଇଭର ଜୀବନ୍ତ ଦଗ୍ଧ


ଧକ୍କାହେବା ପରେ ଜଳିଯାଇଥିବା ୨ ଟ୍ରକ୍।

**ଭବାନୀପାଟଣା,୨୮।୧୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଞ୍ଚଳରେ ଶନିବାର ପ୍ରତ୍ୟୁଷରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏହି ଥାନା ଅନ୍ତର୍ଗତ ନାସିଗାଁ ନିକଟରେ ୨ ଟ୍ରକ୍ ମଧ୍ୟରେ ଧକ୍କା ହୋଇ ନିଆଁ ଲାଗିଯାଇଥିଲା। ଏଥିରେ ଜଣେ ଟ୍ରକ୍ ଡ୍ରାଇଭର ବାହାରକୁ ବାହାରି ନ ପାରି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ନାସିଗାଁ ନିକଟ ରାଜ୍ୟ ରାଜପଥରେ ଏକ ଚାଉଳ ବୋଝେଇ ଟ୍ରକ୍ ଶୁକ୍ରବାର ରାତିରୁ ଅଟକି ରହିଥିଲା। ଶନିବାର ଭୋର ସମୟରେ ଏକ କୋଇଲା ବୋଝେଇ ଟ୍ରକ୍ ପଛପଟୁ ଆସି ଉକ୍ତ ଟ୍ରକ୍‌କୁ ଧକ୍କା ଦେଇଥିଲା। ଫଳରେ ଦୁଇ ଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ସେତେବେଳକୁ କୋଇଲା ବୋଝେଇ ଟ୍ରକ୍ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇସାରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ପୂର୍ବରୁ ଦୁଇ ଟ୍ରକ୍ ସହ ଚାଉଳ, କୋଇଲା ପୋଡିଯାଇଥିଲା। ପୋଲିସ କୋଇଲା ଟ୍ରକ୍‌ରୁ ଚାଳକଙ୍କ ମୃତଦେହ ଜବତ କରିଥିଲା। ମୃତକଙ୍କ ନାମ ଫିରୋଜ ଝାଙ୍କର (୨୪) ଓ ସେ ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା କାଞ୍ଜିଆମ ଗ୍ରାମର ବୋଲି ପୋଲିସଠାରୁ ସୂଚନା ମିଳିଛି। କୋଇଲା ଟ୍ରକ୍‌ରେ ଜଣେ ମାତ୍ର ଡ୍ରାଇଭର ଥିବାବେଳେ ଚାଉଳ ବୋଝେଇ ଟ୍ରକ୍‌ରେ ଥିବା ଡ୍ରାଇଭର ଓ ହେଲପର ଫେରାର ଥିବା ଜଣାପଡିଛି। ତେବେ ଏହି ଦୁର୍ଘଟଣା କିପରି ଘଟିଲା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଜଣାପଡି ନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

वित्त मंत्रालय
MINISTRY OF FINANCE
सत्यमेव जयते

ଜିଏସ୍‌ଟି ଟିକସଦାତା ଧ୍ୟାନ ଦିଅନ୍ତୁ!

ଆର୍ଥିକବର୍ଷ 2023–2024 ପାଇଁ ଦୟାକରି ଆପଣଙ୍କର ବାର୍ଷିକ ରିଟର୍ନ ଫର୍ମ ଜିଏସ୍‌ଟିଆର୍‌–୨* ଏବଂ ଫର୍ମ ଜିଏସ୍‌ଟିଆର୍‌–୨C# ରେ ଦାଖଲ କରନ୍ତୁ

ଧାର୍ଯ୍ୟ ତାରିଖ ପୂର୍ବରୁ
ଡିସେମ୍ବର 31
2024

CBC 15502/13/0004/2425

*ଫର୍ମ ଜିଏସ୍‌ଟିଆର୍‌–୨ ଦାଖଲ କରିବା ପାଇଁ ବାଧ୍ୟ ଟିକସଦାତା

₹2 କୋଟିରୁ ଅଧିକ ସର୍ବମୋଟ ବାର୍ଷିକ କାରବାର କରୁଥିବା ସମସ୍ତ ଜିଏସ୍‌ଟି ଟିକସଦାତା (ଆର୍ଥିକବର୍ଷ 2023–2024ରେ), କେବଳ ନିମ୍ନଲିଖିତଙ୍କୁ ଛାଡ଼ି:
- ଇନ୍‌ପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର
- କାଜୁଆଲ ଟାକ୍ସେବଲ୍ ପର୍ସନ୍
- ଟିଡିଏସ୍ ଡିଡକ୍ଟର
- ଟିସିଏସ୍ କଲେକ୍ଟର
- ନନ୍–ରେସିଡେଣ୍ଟ ଟାକ୍ସେବଲ୍ ପର୍ସନ୍

#ଫର୍ମ ଜିଏସ୍‌ଟିଆର୍‌–୨C ଦାଖଲ କରିବା ପାଇଁ ବାଧ୍ୟ ଟିକସଦାତା

₹5 କୋଟିରୁ ଅଧିକ ସର୍ବମୋଟ ବାର୍ଷିକ କାରବାର କରୁଥିବା ଟିକସଦାତା (ଆର୍ଥିକବର୍ଷ 2023–2024ରେ) ଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର୍‌–୨ ରେ ବାର୍ଷିକ ରିଟର୍ନ ସହିତ ଫର୍ମ ଜିଏସ୍‌ଟିଆର୍‌–୨C ରେ ଏକ ଆତ୍ମ–ପ୍ରମାଣିତ ରିକନ୍‌ସିଲିଏସନ୍ ଷ୍ଟେଟମେଣ୍ଟ ଦାଖଲ କରାଯିବା ଆବଶ୍ୟକ ।

ଫର୍ମ ଜିଏସ୍‌ଟିଆର୍‌–୯ ଏବଂ ଫର୍ମ ଜିଏସ୍‌ଟିଆର୍‌–୯ସିର ବିଳମ୍ବିତ ଫାଇଲିଂ ବିଳମ୍ବ ଦେୟ ଆକର୍ଷଣ କରିବ

ଜିଏସ୍‌ଟି ବାର୍ଷିକ ରିଟର୍ନ ସମ୍ବନ୍ଧୀୟ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

Central Board of Indirect Taxes and Customs
@cbicindia @cbic_india @cbicindia @CBICINDIA @CBIC india www.cbic.gov.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏଏମ୍‌ଆଇଇର ୫୭ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ସମୟ: ସକାଳ ୯ଟା।
- ଓୟୁଏଟି ରିଟାୟର୍ଡ ଆସୋସିଏଶନ ପକ୍ଷରୁ ବାର୍ଷିକ ସାଧାରଣ ବୈଠକ, ସ୍ଥାନ: ଓୟୁଏଟି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' ଭଗବତୀ ବିକାଶ ପରିଷଦର ୧୫ତମ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ୟୁନିଟ୍-୨, ସମୟ: ପୂର୍ବାହ୍ନ ୧୧ଟା।
- ଆଶାବରୀ ସାଂସ୍କୃତି ସମାଜ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'ଊର୍ମି', ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୩ଟା।
- ସାମାଜିକ ସମରସତା ମଞ୍ଚ, ଭୁବନେଶ୍ୱର ଆନୁକୂଲ୍ୟରେ 'ମହିଳା ସମ୍ମିଳନୀ', ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୩, ସମୟ: ଅପରାହ୍ନ ୪ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୨୦୩ତମ ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ ପରିସର, ଖାରବେଳ ନଗର, ସମୟ: ଅପରାହ୍ନ ୫ଟା ୩୦।
- କଳାଞ୍ଜଳି ଲୋକକଳା ମହୋତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- କଟକ ସିଟି ଇଞ୍ଜିନିୟର୍ସ କ୍ଲବର ୨୨ତମ ବାର୍ଷିକ ଉତ୍ସବ, ସ୍ଥାନ: ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷ, ଯୋବ୍ରା, ସମୟ: ସକାଳ ୯ଟା ୩୦।
- କଟକ ବ୍ୟାଙ୍କ ଏମ୍ପ୍ଲଇଜ୍ କୋଅର୍ଡିନେଶନ କମିଟିର ୯ମ ତ୍ରୈବାର୍ଷିକ ସମ୍ମିଳନୀ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ଅପରାହ୍ନ ୫ଟା।
- ପୂର୍ଣ୍ୟଭୂମି ପକ୍ଷରୁ ସ୍ୱାସ୍ଥ୍ୟ ପାଇଁ ଯୋଗ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶିବଶକ୍ତି ସିଦ୍ଧଯୋଗ ଆଶ୍ରମ, ସିଡିଏ ସେକ୍ଟର-୮, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ୩୫ତମ ଚନ୍ଦ୍ରଭାଗା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଦିବସ, ସ୍ଥାନ: ଗାନ୍ଧିଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଣ୍ଡୁରକୁଲା, ବସ୍ତା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପନୀ ଦିବସ, ସ୍ଥାନ: ପୋଲିସ ଲାଇନ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିରର ଷଷ୍ଠ ଦିବସ, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପାଠଚକ୍ର 'ସାରଳା ସାହିତ୍ୟ: ନବମୂଲ୍ୟାୟନ', ସ୍ଥାନ: ନୀଳଗିରି ମହିଳା ମହାବିଦ୍ୟାଳୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ହାଇସ୍କୁଲ ପଡ଼ିଆ, ଚରମ୍ପା, ସମୟ: ସକାଳ ୯ଟା।
- ଉତ୍କଳକେଶରୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ଆଞ୍ଚଳିକ ମହାବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଓମ୍ ଏକାଡେମୀ ବାର୍ଷିକେତସ୍ବ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ପରିଷଦର ମଣ୍ଡଳସ୍ତରୀୟ ବୈଠକ, ସ୍ଥାନ: ଦଇପୁର ତ୍ରାହି ଅଚ୍ୟୁତ ଆଶ୍ରମ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଏନ୍‌ଆର୍‌ଆଇ ସ୍କୁଲର ୭ମ ବାର୍ଷିକୋତ୍ସବ, ସ୍ଥାନ: ସାମରାଇପୁର ଏନ୍‌ଆର୍‌ଆଇ ସ୍କୁଲ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଟାଉନହଲ୍, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ଡ. ବାବା ସାହେବଙ୍କ ମହାପରିନିର୍ବାଣ ଦିବସ, ସ୍ଥାନ: ନନ୍ଦପୁର ଦୁର୍ଗାପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ଆଗରପଡ଼ା ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ସତ୍ୟସାଇ ସମିତି ତରଫରୁ ବାଲ ବିକାଶ ଶିକ୍ଷା ଏବଂ ଆଧାତ୍ମିକ ଆଲୋଚନା, ସ୍ଥାନ: ମରୈଗାଁ, ଡ଼ଅଁର, ହାଟଡ଼ିହୀ, ସମୟ: : ପୂର୍ବାହ୍ନ ୧୦ ଟା।
- ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ତରତରା, ଆନନ୍ଦପୁର, ସମୟ: ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ କଳା ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଉପ୍ରା ବିଦ୍ୟାଳୟ, ଦେଉଳସାହି, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- କବିତା କୁସୁମାଞ୍ଜଳି, ସ୍ଥାନ: ବିବେକାନନ୍ଦ ବିହାର, ବଡ଼ସାହି,ସମୟ:ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ପୁସ୍ତକ ମେଳାର ଉଦଯାପନୀ ଉତ୍ସବ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଜିଲା ଲେଖକ ସାନ୍ନିଧ୍ୟ ଓ ଲେଖିକା ସାନ୍ନିଧ୍ୟର ବାର୍ଷିକୋତ୍ସବ ଓ କବିତା ପାଠୋତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ଭାଷା ଭବନ କକ୍ଷ, ସମୟ: ପୂର୍ବାହ୍ନ୧୧ଟା।

## ଗଞ୍ଜାମ

- ପରଳ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଶାନ୍ତି ଶକ୍ତି ଭବନ, ଆସିକା ବସଷ୍ଟାଣ୍ଡ, ସମୟ: ସକାଳ ୮ଟା ୩୦।
- କୃଷକ ପଞ୍ଚାୟତ ମହାସଭା, ସ୍ଥାନ: ଗୋବରା ନୃସିଂହ ନାଥ ମନ୍ଦିର ପ୍ରାଙ୍ଗଣ, ବେଲଗୁଣ୍ଠା, ସମୟ:ସକାଳ ୯ଟା ୩୦।
- ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ବୁଗୁଡ଼ା ବୁଦ୍ଧଖୋଲ,ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପାଇଁ ଶୋକସଭା, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ଆ, ପାରାଦୀପ, ସ୍ଥାନ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- କେନ୍ଦ୍ରାପଡ଼ା କ୍ରିକେଟ୍ ସୁପରଲିଗ୍ ମ୍ୟାଚ୍‌ରେ ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ଟସ କାଉନସିଲ ବନାମ ଇଲେଭେନ ଷ୍ଟାର କ୍ରିକେଟ୍ କ୍ଲବ୍ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ ସହର, ସମୟ:ସକାଳ ୯ଟା।
- ସତୀର୍ଥ ପକ୍ଷରୁ ପ୍ରତିଭା ସମ୍ମାନ ପ୍ରଦାନ, ସ୍ଥାନ: ସାନ୍ଧ୍ୟ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ:ସକାଳ ୯ଟା।
- ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ସିମ୍ଫୋନୀ ପକ୍ଷରୁ ରାଜ୍ୟସ୍ତରୀୟ ନାଟ୍ୟୋତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଉଦୟପୁର, ଡେରାବିଶ, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ଧର୍ମଶାଳା ମହୋତ୍ସବରେ ଶଶାଙ୍କ ଶେଖରଙ୍କ ଦ୍ୱାରା ଓଲିଉଡ ନାଇଟ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- କୁଆଖିଆ ମହୋତ୍ସବ ଷଷ୍ଠ ସନ୍ଧ୍ୟାରେ କଳିଙ୍ଗ ଭାରତୀ ଘୋଡାନାଚ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ, ସ୍ଥାନ: ସାରଙ୍ଗପୁର ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଶରଣକୁଳ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ଓଡ଼ିଶା ପୋଲିସ ବନାମ ଏସ୍‌ଏସ୍‌ବି ନିୟୁଦିଲ୍ଲୀ, ସ୍ଥାନ:ଶରଣକୁଳ ନାରାୟଣ ହାଇସ୍କୁଲ ଖେଳ ପଡ଼ିଆ, ସମୟ:ଅପରାହ୍ନ ସାଢ଼େ ୨ଟା।
- ନୟାଗଡ଼ ଜିଲା ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ କୃଷି ମେଳାର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଖଣ୍ଡପଡ଼ା ମହୋତ୍ସବର ୩ୟ ଦିବସ, ସ୍ଥାନ:ଖଣ୍ଡପଡ଼ା ମିନି ଷ୍ଟାଡିୟମ, ସମୟ:ସନ୍ଧ୍ୟା ୬ଟା।

## ମାଲକାନଗିରି

- ଲୟର୍ସ ଆସୋସିଏଶନ ସମ୍ମିଳନୀ, ସ୍ଥାନ: ଡିଏନ୍‌କେ ଖେଳପଡିଆ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରା କମିଟି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ : ସକାଳ ୭ ଟା।
- କୁଦୋପାଲି ଇତିହାସ ଉପରେ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୩ଟା୩୦।
- ଉପଖଣ୍ଡ ସ୍ତରୀୟ କୃଷିଯନ୍ତ୍ରପାତି ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କୁଚିଣ୍ଡା କଲେଜ ପଡିଆ, ସମୟ: ଅପରାହ୍ନ ୪ଟା।
- ବାଜିରାଉତ ଫୁଟବଲ କପ ଉଦଯାପନୀ ଉତ୍ସବ , ସ୍ଥାନ: କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ପ୍ରଦର୍ଶନୀ ନାଟକ ଇ ଟାହିଁ ଜୀବନ, ସ୍ଥାନ: ଖାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା: ୭ଟା।
- ବୀରା ସୁରେନ୍ଦ୍ର ସାଏ ସମ୍ବଲପୁରୀ ନାଟକ ପ୍ରତିଯୋଗୀତାର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଖାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ରାତି ୯ଟା।

## ସୁବର୍ଣ୍ଣପୁର

- ୨୮ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ର ଫାଇନାଲ ମ୍ୟାଚ- କ୍ୟୁସିଆଇ ଛତିଶଗଡ଼ ବନାମ ବିରାଟ କ୍ରିକେଟ କ୍ଲବ କୋଲିକାତା, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଡୁଙ୍ଗୁରିପାଲି ବ୍ଲକ ସର୍ଗୁଲଠାରେ ଶ୍ରୀରାମ କମିଟି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସର୍ଗୁଲ ଆରୋଗ୍ୟ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଫକୀର ପଟ୍ଟନାୟକଙ୍କ ସ୍ମୃତିରେ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ପୁରୁଣା ଟାଉନ ହଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ମାଁ ବହଲତଳିଏନ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ମିନି ଷ୍ଟାଡ଼ିୟମ, ଗାଇସିଲେଟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ତାଲପାଲି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ସମାଜସେବୀ ସଂଘର ବନ୍ଧୁମିଳନ, ସ୍ଥାନ: ବିଜୁ ପଟ୍ଟନାୟକ ହଲ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ପାଣି ପଞ୍ଚାୟତ ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଝାରସୁଗୁଡ଼ା

- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଯାନ୍ତ୍ରିକ ମହାବିଦ୍ୟାଳୟ ଅଡିଟରିୟମ୍, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ୟାମବାବାଙ୍କ ଉତ୍ସବ ପାଳନ, ସ୍ଥାନ: ମାରୱାରୀପଡ଼ା, ଝଣ୍ଡାଛକ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ରାଜ୍ୟସ୍ତରୀୟ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍ ଉଦ୍‌ଯାପନୀ ଦିବସ, ସ୍ଥାନ: ସେକ୍ଟର ୧୮ ଇସ୍ପାତ ସ୍କୁଲ, ସମୟ: ସକାଳ ୮ଟା।
- ଫୁଟବଲ୍ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: ଗୋଇଭଙ୍ଗା, ସମୟ: ସକାଳ ୮ଟା।
- ଜଗଦ୍ଧାତ୍ରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୯ଟା।
- ପୁରାତନ ନାଡି ମର୍ଦ୍ଦନ ଚିକିତ୍ସା ଶିବିର, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୯ଟା।
- ଆପୋଲୋ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: କୋଏଲନଗର ରିଟାୟାର୍ଡ ଆସୋସିଏଶନ, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଓଡ଼ିଶା-୨୦୩୬ ଶୀର୍ଷକ ସ୍ୱଦେଶୀ ମେଳା ଉପଲକ୍ଷେ ଆଲୋଚନା, ସ୍ଥାନ: ସେକ୍ଟର-୧୩ ମେଳଣ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାସପଞ୍ଚାଧ୍ୟାୟୀ ଆଧ୍ୟାତ୍ମିକ କଥାମୃତର ୩ୟ ସନ୍ଧ୍ୟା, ସ୍ଥାନ : କୋଏଲନଗର ରିଟାୟାର୍ଡ ଆସୋସିଏଶନ, ସମୟ: ସନ୍ଧ୍ୟା ୬ଟା।
- ବହୁଭାଷୀ ନାଟ୍ୟ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- କେସିଏସ୍‌ଏ କପ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୯ଟା।
- କୋଶଲୀ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପଞ୍ଚମ ରଜନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ସର୍ବଭାରତୀୟ ବାମଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସକାଳୁ ସକାଳୁ ପ୍ରିୟ ବ୍ୟକ୍ତିଙ୍କର ଅନୁପସ୍ଥିତି ଆଶଙ୍କା କରି ମନ ବ୍ୟାକୁଳ ହୋଇପାରେ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ଅଯାଚିତ ଭାବେ ପାଇ ଖୁସି ହୋଇଯିବେ। କର୍ମକ୍ଷେତ୍ରରେ ଏକାଧିକ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ସଭା ସମିତିକୁ ଆହୂତ ହୋଇ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ବୃଷ** ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଜୋରଦାର ଉଦ୍ୟମ କରି ସଫଳତା ହାସଲ କରିବେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥକେନ୍ଦ୍ରିକ ହୋଇପଡ଼ିବ। ପରିବାର ଭିତରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ** ଲକ୍ଷ୍ୟ ହାସଲ ପରିପ୍ରେକ୍ଷୀରେ ମଧୁର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ଆକର୍ଷିତ କରିପାରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନ ସକାଶେ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପାରିବାରିକ ଅଶାନ୍ତି ବଢ଼ୁଥିବାରୁ ନୀରବ ରହିବାକୁ ବାଧ ହେବେ। ଯେତେ ଭଲ କାମ କଲେ ମଧ ସମାଲୋଚିତ ହେବାକୁ ପଡ଼ିପାରେ।

**କର୍କଟ** ଶନି ଦୃଷ୍ଟ ଚନ୍ଦ୍ର କାରଣରୁ ଥଣ୍ଡାରୋଗରେ ପୀଡ଼ିତ ହୋଇପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ନୀଚଜନଙ୍କ ସହ ବିବାଦରୁ ଦୂରେଇ ରହିବା ଭଲ। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସଂପନ୍ନ ହେବା କଷ୍ଟକର ହୋଇପଡ଼ିବ। ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତା ହେତୁ କାମଗୁଡ଼ିକ ସମ୍ପନ୍ନ ହେବା ସକାଶେ କଷ୍ଟକର ହୋଇପାରେ।

**ସିଂହ** ଆଜି କୌଣସି ଦୁଃଖଦ ଖବର ମନକୁ ବିଚଳିତ କରିବ। ସଭାସମିତି କିମ୍ବା ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି। ଥଣ୍ଡାଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରି ନିଜକୁ ସଂକୁଚିତ ମନେ କରିପାରନ୍ତି। କର୍ମକ୍ଷେତ୍ରରେ କୌଣସି କର୍ମଚାରୀଙ୍କ ଦ୍ୱାରା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ପୂର୍ବପରିକଳ୍ପିତ ନୂତନ କର୍ମାରମ୍ଭ ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ଆନୁଷ୍ଠାନିକ କାମରେ ଅନ୍ୟମାନଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ଘଟିପାରେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି।

**ତୁଳା** ପାରସ୍ପରିକ ମତଭେଦ କାରଣରୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ମତଭେଦ ଘଟିପାରେ। ଦୀର୍ଘ ଦିନରୁ ଆଶା କରିଥିବା କୌଣସି ଖବର ଆଜି ଅପରାହ୍ନେ ପାଇ ଖୁସି ହେବେ। ଦୈନିକଚର୍ଯ୍ୟାରେ ଆର୍ଥିକ ସଂକଟ କେତେକ ବ୍ୟତିକ୍ରମ ସୃଷ୍ଟି କରିବ। ପାରିବାରିକ ପରିସ୍ଥିତି ଏବଂ ବ୍ୟବସାୟିକ ସ୍ଥିତି ପ୍ରାୟତଃ ପୂର୍ବ ପରି ରହିବ।

**ବିଛା** ଅନ୍ୟମାନଙ୍କ ସମର୍ଥନ ନ ପାଇବା ହେତୁ କେତେକ କାମରୁ ଦୂରେଇ ରହିବାକୁ ବାଧ ହେବେ । ଗାଡ଼ି, ମୋଟର, ଘର ମରାମତି ଯୋଜନା କରିପାରନ୍ତି। ଆତ୍ମୀୟଙ୍କ ପ୍ରତିଶ୍ରୁତି ଲାଭକରି ଟେନସନ୍ ଦୂର ହେବା ସାଙ୍ଗକୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରି ସମସ୍ୟା ସୁଧାରି ନେବେ।

**ଧନୁ** କର୍ମକ୍ଷେତ୍ରରେ ଅନିଚ୍ଛାଜନିତ ପ୍ରତିକ୍ରିୟାକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଋତୁ ପରିବର୍ତ୍ତନଜନିତ ଶାରୀରିକ ଅସୁସ୍ଥତାରୁ ପୀଡ଼ିତ ହୋଇପାରନ୍ତି। ମନର ଗୋପନ ବ୍ୟଥାକୁ ସହି ପାରିବେ ନାହିଁ କିମ୍ବା କହି ପାରିବେ ନାହିଁ। ଫଳରେ ମନକଥା ଅପ୍ରକାଶ୍ୟ ରହିଯିବ। ପଡ଼ୋଶୀଙ୍କ ସହିତ ଗୃହସୀମା ବିବାଦ ତୀବ୍ର ହୋଇପାରେ।

**ମକର** ଆକସ୍ମିକ ପରିବର୍ତ୍ତନରେ ନିଜ ଲୋକଙ୍କୁ ଛାଡ଼ିପାରିବେ ନାହିଁ କିମ୍ବା ସେମାନଙ୍କ ଉପରେ ଭରସା କରିପାରିବେ ନାହିଁ। ପରିବହନ, କଳା, ସାହିତ୍ୟ ଓ ସାମ୍ବାଦିକତାରୁ ସୁଫଳ ମିଳିବ। ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିବା ସକାଶେ ବିଭିନ୍ନ ଯୋଜନା କରିବେ। ଆଲୋଚନା ଫଳପ୍ରଦ ନ ହେବାରୁ ସମସ୍ୟା ସମାଧାନରେ ପ୍ରତିବନ୍ଧକ ଦେଖାଦେବ।

**କୁମ୍ଭ** ବିଭିନ୍ନ ସମସ୍ୟାରେ ମାନସିକ ଚାପଗ୍ରସ୍ତ ହୋଇ ପାରିବାରିକ ସମସ୍ୟା ପ୍ରତି ବୀତସ୍ପୃହ ରହିପାରନ୍ତି। କେତେକ କ୍ଷେତ୍ରରେ ସ୍ୱକୀୟ ମତ ପୋଷଣ କରି ସମାଲୋଚିତ ହୋଇପାରନ୍ତି। ପିଲାଙ୍କ ବିବାହ ସମ୍ପର୍କୀୟ ପ୍ରସ୍ତୁତି ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିବେ। ବ୍ୟବସାୟ କ୍ଷେତ୍ରରେ କର୍ମଚାରୀଙ୍କୁ ଅପ୍ରିୟ ସତ କହି ବିରୋଧୀ ହେବେ।

**ମୀନ** ନିର୍ମାଣାଧୀନ କାର୍ଯ୍ୟ ଓ ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅପ୍ରୀତିକର ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିପାରିବେ ନାହିଁ। ପର କଥାରେ ମୁଣ୍ଡ ନ ପୂରାଇବା ଭଲ। କାରଣ ଅଯଥା ଟେନ୍‌ସନ ବଢ଼ିବ। ଦୂରବନ୍ଧୁଙ୍କ ସହ ସାକ୍ଷାତ୍ ହୋଇପାରନ୍ତି।

ଆଜି ଡିସେମ୍ବର ୨୯ ତାରିଖ, ପୌଷ କୃଷ୍ଣ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୦୭ ଗତେ ଘ.୦୯।୧୭ ମଧ୍ୟେ, ଘ.୦୧।୦୯ ଗତେ ଘ.୦୩।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୨ମି. ଗତେ ଘ.୦୫।୧୩ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟରେ ଝିଅ ସଂଖ୍ୟା...

ଝିଅ ଜାଣିଲା ପରେ ଭ୍ରୂଣହତ୍ୟା କରିବାକୁ ପଛାଉନାହାନ୍ତି। ସମାଜ ପୁରୁଷକେନ୍ଦ୍ରିକ ହୋଇଥିବାରୁ ଝିଅଙ୍କୁ କେତେଜଣ ବୋଝ ବୋଲି ଭାବି ଅବହେଳା କରୁଛନ୍ତି। ଏହି ଧାରା ଜାରି ରହିଲେ ଆଗମୀ ଦିନରେ ସ୍ଥିତି ଜଟିଳ ରୂପ ନେବ। ସରକାର ମଧ ପ୍ରସଙ୍ଗର ଗମ୍ଭୀରତା ଦୃଷ୍ଟିରୁ ବ୍ୟାପକ ସଚେତନତା ଓ ଆଇନକୁ କଡ଼ାକଡ଼ି କରିବାକୁ ଚେଷ୍ଟା କରୁଛନ୍ତି। ହେଲେ ଝିଅ ସଂଖ୍ୟା ବଢୁନାହିଁ। ଉପରଠାଉରିଆ ସଚେତନତା ଯୋଗୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

ଏନ୍‌ଏଫ୍‌ଏଚ୍‌ଏସ୍-୫ ଅନୁଯାୟୀ ରାଜ୍ୟରେ କଟକ ଜିଲା ସ୍ଥିତି ସବୁଠୁ ସଙ୍ଗିନ ରହିଛି। ଅର୍ଥାତ୍ ୧୦୦୦ ପୁଅରେ ମାତ୍ର ୭୪୫ ଜଣ ଝିଅ ରହିଛନ୍ତି। ଏହାପରେ ପୁରୀ ଜିଲାରେ ୧୦୦୦ ପୁଅରେ ୭୮୨ ଝିଅ ଅଛନ୍ତି। ଅନୁରୂପ ଭାବେ ଝାରସୁଗୁଡ଼ା ଜିଲାରେ ୭୯୩, ସୁନ୍ଦରଗଡ଼ ୮୦୯, ଖୋର୍ଦ୍ଧା ୮୧୦, ଦେବଗଡ଼ ୮୨୨, ମୟୂରଭଞ୍ଜ ୮୩୭, ଜଗତ୍‌ସିଂହପୁର ୮୪୩, ବୌଦ୍ଧ ୮୪୪, ନୟାଗଡ଼ ୮୪୫, ଗଞ୍ଜାମ ୮୫୫, କେନ୍ଦ୍ରାପଡ଼ା ୮୬୦, ବାଲେଶ୍ୱର ୮୬୬, ଅନୁଗୋଳ ୮୬୮, ଢେଙ୍କାନାଳ ୮୯୫, ଯାଜପୁର ୮୯୮, କଳାହାଣ୍ଡି ୯୦୩, ବଲାଙ୍ଗୀର ୯୧୯, ସୋନପୁର ୯୨୪, ବରଗଡ଼ ୯୫୦, ରାୟଗଡ଼ା ୯୫୧, ଭଦ୍ରକ ୯୮୦, ମାଲକାନଗିରି ୯୮୧, କେନ୍ଦୁଝର ୯୮୪, କନ୍ଧମାଳ ୯୮୫ ଓ ଗଜପତି ଜିଲାରେ ୯୯୯ ଝିଅ ରହିଛନ୍ତି। ଅନ୍ୟ ୪ଟି ଜିଲା ଯଥା କୋରାପୁଟ, ନୂଆପଡ଼ା, ନବରଙ୍ଗପୁର ଏବଂ ସମ୍ବଲପୁରରେ ୧୦୦୦ରୁ ଅଧିକ ଝିଅ ଅଛନ୍ତି। ଅନ୍ୟ ଏକ ସର୍ଭେ ଅର୍ଥାତ୍ ସିଭିଲ ରେଜିଷ୍ଟ୍ରେଶନ୍ ସିଷ୍ଟମ ଅନୁଯାୟୀ ଜିଲାୱାରି ଲିଙ୍ଗ ଅନୁପାତ (ଏସ୍‌ଆର୍‌ବି) ଦେଖିଲେ ଜଣାଯାଏ ୨୦୨୧ ଓ ୨୦୨୨ରେ ରାଜ୍ୟର କୌଣସି ଜିଲାରେ ୧୦୦୦ ପୁଅରେ ୧୦୦୦ ଝିଅ ନାହାନ୍ତି। ୨୦୨୧ରେ ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାରେ ୧୦୦୦ ପୁଅରେ ୯୦୦ରୁ କମ୍ ଝିଅ ଥିବା ଚିହ୍ନଟ କରାଯାଇଛି। ସେହିପରି ୨୦୨୨ରେ ନୟାଗଡ଼, କଟକ, ସମ୍ବଲପୁର, ଗଞ୍ଜାମ, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ଝାରସୁଗୁଡ଼ା ଜିଲାରେ ୧୦୦୦ ପୁଅରେ ୯୦୦ ଭିତରେ ଝିଅ ଥିବାରୁ ଏହି ସଂଖ୍ୟା କିପରି ବୃଦ୍ଧିପାଇବ ତା' ଉପରେ ବିଭାଗୀୟ ମାନସ ମନ୍ଥନ ଚାଲିଥିବା କୁହାଯାଉଛି।

ସାମାଜିକ କର୍ମୀ ସୁଷମା ପ୍ରଧାନ, ପ୍ରଦୀପ୍ତ ମିତ୍ର ଓ ବୁଦ୍ଧିଜୀବୀମାନେ ପ୍ରତିକ୍ରିୟାରେ କହିଛନ୍ତି, ସରକାର ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଯେଉଁଭଳି ଗମ୍ଭୀରତାର ସହ ନେବା କଥା ସେଭଳି ନେଉନାହାନ୍ତି। କେବଳ ଔପଚାରିକତା ପୂରଣ ପାଇଁ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ହେଉଛି, ଯାହା ଗତ ୨୩ ତାରିଖରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଲିଙ୍ଗ ଅନୁପାତ ବୃଦ୍ଧି ସଂକ୍ରାନ୍ତୀୟ କର୍ମଶାଳାରେ ଦେଖିବାକୁ ମିଳିଥିଲା। ଜିଲାର ସରପଞ୍ଚ ଓ ଜିଲା ପରିଷଦ ସଭ୍ୟମାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାତଗଣତି ଅର୍ଥାତ୍ ୧୪ ସରପଞ୍ଚ ଓ ୬ ଜଣ ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ, ଯାହାକି ଜିଲାସ୍ତରୀୟ ସଚେତନତା ଅସଫଳ ହେଲା ବୋଲି କୁହାଯାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଘୁନାଥ ନାୟକଙ୍କୁ ପଚାରିବାରେ ବାସ୍ତବରେ ଝିଅ ସଂଖ୍ୟା କମିବା ଚିନ୍ତାର ବିଷୟ। ଅଧିକାଂଶ ପ୍ରଥମ ସନ୍ତାନ ପୁଅ ହେଲେ ଖୁସି ହେଉଛନ୍ତି। କିନ୍ତୁ ଝିଅ ହେଲେ ଦ୍ୱିତୀୟ ସନ୍ତାନ ପୁଅ ଚାହୁଁଛନ୍ତି। କେହି ଦ୍ୱିତୀୟ ସନ୍ତାନ ଝିଅ ହେଉ ବୋଲି ଭାବୁନାହାନ୍ତି। ଅନେକେ ଗୋଟିଏ ପୁଅରେ ବି ରହି ଯାଉଛନ୍ତି। ଏସବୁ କାରଣରୁ ପୁଅ, ଝିଅ ଅନୁପାତ ବଢୁଛି। କେହି ଦ୍ୱିତୀୟ ସନ୍ତାନ କନ୍ୟା ନ ହେଉ ବୋଲି ଜାଣିବାକୁ ବ୍ୟଗ୍ର ହୋଇ ନିର୍ଭରଯୋଗ୍ୟ ଅଲଟ୍ରାସାଉଣ୍ଡ କ୍ଲିନିକ ଯାଇ ଲିଙ୍ଗନିରୂପଣ ପାଇଁ ଚେଷ୍ଟା କରୁଛନ୍ତି। ଭ୍ରୂଣହତ୍ୟା ସମ୍ପର୍କରେ ଅନେକ ସମୟରେ ତଥ୍ୟ ଲୁଚିଯାଉଛି। ଏ ପରିସ୍ଥିତିରେ ବ୍ୟାପକ ସଚେତନତା ହିଁ ସମାଧାନର ବାଟ ଫିଟାଇବ ବୋଲି ସେ କହିଛନ୍ତି।

ସମାଜ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଦିବାକର ଦାସ କହିଛନ୍ତି, ମଧସ୍ଥ ବୁଲିବେ ଘର ଘର ହୋଇ, କନିଆ ମିଳିବେ ନାହିଁ, କଳିଯୁଗ ପ୍ରତି ବଡ଼ ଭୟଙ୍କର ଦେଖି ଚକିତ ମୁଁ ହୋଇ'। ୬୦୦ ବର୍ଷ ପୂର୍ବେ ସମାଜର ବିପରୀତ ଗତିକୁ ଦେଖି ମହାପୁରୁଷ ଯଶୋବନ୍ତ ଦାସ ଭବିଷ୍ୟ ମାଳିକାରେ ଏଭଳି ଆଶଙ୍କା ବ୍ୟକ୍ତ କରିଥିଲେ, ଯାହା ସତ୍ୟ ହେବାକୁ ଯାଉଛି। ଏବେ ବି ନାରୀମାନେ ଶ୍ରାଦ୍ଧ, ପିଣ୍ଡ ଦେଇପାରିବେ ନାହିଁ, ବଂଶନାଶରୁ କେବଳ ପୁରୁଷମାନେ ହିଁ ରକ୍ଷା କରିପାରିବେ ବୋଲି ସାମାଜିକ ବ୍ୟାଧି ଅଛି, ଯାହା ଦୂରହେବା ଦରକାର। ମହାପୁରୁଷ ଅଚ୍ୟୁତାନନ୍ଦ ଲେଖିଥିଲେ, ରମଣୀ ହାତରେ ହେବ ଶାସନ, ଚନ୍ଦ୍ର ପରେ ଯିବ କ୍ଷେପଣ ଯାନ। ଅର୍ଥାତ୍ ନାରୀମାନେ ଉଚ୍ଚ ପଦବୀରେ ଅବସ୍ଥାନ କରିବେ। ପୁଅ ଅପେକ୍ଷା ଝିଅମାନେ ୧୦୦ ଗୁଣ ଅନେକ କାର୍ଯ୍ୟରେ ଆଗୁଆ। ନାରୀ ଚନ୍ଦ୍ରାୟନ ଯାତ୍ରା ସହ ଦେଶର ସର୍ବୋଚ୍ଚ କୀର୍ତ୍ତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଯେଉଁମାନେ ଭାବୁଛନ୍ତି ଝିଅ ଜନ୍ମ କରି ଅପରାଧ କରିଛନ୍ତି, ସେ ମନରୁ ପୋଛିଦେବା ଦରକାର। ଶାସ୍ତ୍ରରେ ଏକଥା ମଧ ସ୍ପଷ୍ଟ ଅଛି ଯେ, ଭଗବାନ ସମସ୍ତଙ୍କୁ ଝିଅ ଦିଅନ୍ତି ନାହିଁ। ଯେଉଁ ମା', ବାପାଙ୍କ ସେତିକି ସାମର୍ଥ୍ୟ ଦେଖନ୍ତି ସେମାନଙ୍କୁ ଝିଅ ପ୍ରଦାନ କରିଥାନ୍ତି। କାରଣ ଗୋଟିଏ କନ୍ୟା ଦାନ କରିବା ଏକ ସହସ୍ର ଅଶ୍ୱମେଧ ଯଜ୍ଞ ସହ ସମାନ। ଅଶ୍ୱମେଧ ଯଜ୍ଞ ନ କରି କନ୍ୟାଦାନ କଲେ ଅପାର ପୁଣ୍ୟ ହୁଏ ବୋଲି ଉଲ୍ଲେଖ ଅଛି। ତେଣୁ ଝିଅଙ୍କୁ ପ୍ରାଧାନ୍ୟ ଦେବା, ଭ୍ରୂଣହତ୍ୟା ବନ୍ଦ କରିବା ଜରୁରୀ।

କଟକ ଏସ୍‌ସିବି ମେଡିକାଲ କଲେଜ ପ୍ରସୂତି ବିଭାଗ ପ୍ରଫେସର ଡ. କୀର୍ତ୍ତିରେଖା ମହାପାତ୍ରଙ୍କ ମତରେ ହରିୟାଣା ସମେତ କେତେକ ରାଜ୍ୟରେ ଏହି ସମସ୍ୟା ସୃଷ୍ଟି ହୋଇଥିବାରୁ ଓଡ଼ିଶାରେ ବେଶି ଦୂର ହୋଇ ନ ପାରେ ବୋଲି ପୂର୍ବାନୁମାନ କରାଯାଉଥିଲା। ସେ କହିଛନ୍ତି, ଭ୍ରୂଣହତ୍ୟାକୁ ବେଆଇନ ଘୋଷଣା କରାଯିବା ସତ୍ତ୍ୱେ କିଛି ସ୍ଥାନରେ ଚାଲିଛି। ଏକ୍ଷେତ୍ରରେ ଯେଉଁ ପରିବାର ଭ୍ରୂଣହତ୍ୟା କରୁଛନ୍ତି ସେମାନଙ୍କ ଉପରେ କଠୋର ଦଣ୍ଡବିଧାନ ହେଲେ ଅଧିକ ଫଳପ୍ରଦ ହୁଅନ୍ତା। ମୋଟାମୋଟି ଭାବେ ସମାଜରେ ସଂସ୍କାର ଦରକାର। ଯେଉଁମାନେ ସଚେତନତା ଦାୟିତ୍ୱରେ ଅଛନ୍ତି ସେମାନେ ନିଜେ ଆଗ ଭଲଭାବେ ବୁଝିବାକୁ ଚେଷ୍ଟା କଲେ ଭଲ ହେବ।

### ଉଜୁଡ଼ା ଧାନକ୍ଷେତ...

ଦୃଷ୍ଟି ଆକର୍ଷଣ ନ କରିବାରୁ ଦିନକ ପରେ ତାହା ଲୋକଲୋଚନକୁ ଆସିଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ମଣିରାମ ଶୁକ୍ରବାର ପୂର୍ବାହ୍ନରେ ନିଜ ଜମିକୁ ଯାଇଥିଲେ। ସେଠାରେ ଅନିଦିଆ ବର୍ଷା ପାଣି ଜମି ରହିଥିବାବେଳେ ସେଥିରେ କଟା ଧାନ ସବୁ ପାଣିରେ ବୁଡି ଯାଇଥିଲା। କିଛି ଭାଗ ଧାନଗଛ କଟା ହୋଇ ନ ଥିଲେ ହେଁ ତାହା ବି ପାଣିରେ ପଡ଼ିଥିଲା। ଆଗକୁ ପୁଣି ଲଘୁଚାପ ବର୍ଷା ହେବା ସୂଚନା ପାଇ ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଧାନଗଛଗୁଡ଼ିକୁ ପାଣିରୁ ବାହାର କରି ହିଡରେ ରଖିବାକୁ ଉଦ୍ୟମ କରିଥିଲେ। କିନ୍ତୁ ତାହା ସମ୍ଭବ ହୋଇ ପାରିଲାନାହିଁ ଦେଖୁ ଦେଖୁ ସେ ହଠାତ୍ ବିଲରେ ଢଳି ପଡ଼ିଥିଲେ। ଅନ୍ୟ ଚାଷୀମାନେ ମଣିରାମ କ୍ଷେତରେ ପଡ଼ିଥିବା ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମଣିରାମଙ୍କ ପୁଅ ନିରଞ୍ଜନ(୪୦) ଅନ୍ୟ ଚାଷୀମାନଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଶୁକ୍ରବାର ଅପରାହ୍ନରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ମଣିରାମଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମଣିରାମଙ୍କ ପରିବାରରେ ତାଙ୍କ ସ୍ତ୍ରୀଙ୍କ ସମେତ ପୁଅ, ବୋହୂ, ନାତୁଣୀ ଅଛନ୍ତି। ୨ ଝିଅଙ୍କୁ ପୂର୍ବରୁ ବିବାହ ଦେଇଛନ୍ତି। ଏହି ପରିବାର ସମ୍ପୂର୍ଣ୍ଣ ଭାବେ ଚାଷ ଉପରେ ନିର୍ଭରଶୀଳ। ପରିବାର ଲୋକଙ୍କ କହିବା ଅନୁସାରେ ମଣିରାମ ନିଜର ୩ ଏକର ଏବଂ ୨ ଏକର ଭାଗଚାଷ କରିଥିଲେ। ଏଥିପାଇଁ ସେ ସେବା ସମବାୟ ସମିତିରୁ ପ୍ରାୟ ୫୫ ହଜାର ଟଙ୍କା ଋଣ ଏବଂ ହାତ ଉଧାରି ବାବଦକୁ ଲକ୍ଷାଧିକ ଟଙ୍କା କରଜ କରିଥିଲେ। ମଣିରାମଙ୍କ ମୃତ୍ୟୁରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଚାଷୀ ମୃତ୍ୟୁ ସମ୍ପର୍କରେ ବିଞ୍ଝାରପୁର ତହସିଲଦାର କୈଳାସ ଚନ୍ଦ୍ର ମହାଲିକଙ୍କୁ ପଚାରିବାରୁ ସେ କୁହନ୍ତି, ଏଭଳି ଖବର ପାଇବା ପରେ ଶୁକ୍ରବାର ରାତିରେ ପ୍ରଶାସନ ପକ୍ଷରୁ ରାଜସ୍ୱ ନିରୀକ୍ଷକ ଶଶିକାନ୍ତ ସାମଲ ଓ ଗ୍ରାମ କୃଷି କର୍ମଚାରୀ ସସ୍ମିତା ଦାସ ମଣିତାପୁର ଗ୍ରାମରେ ପହଞ୍ଚି ଚାଷୀ ମଣିରାମଙ୍କ ମୃତ୍ୟୁ ସମ୍ପର୍କରେ ପଚାରି ବୁଝି ଫେରିଛନ୍ତି। ଏ ନେଇ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ଖମୋଳ ପଞ୍ଚାୟତ କୋଶିଦା ଗ୍ରାମର ଭାଗଚାଷୀ ଦୈତାରି ଜେନା(୭୪) ବିଷପିଇ ଆତ୍ମହତ୍ୟା କରିଛନ୍ତି। କେତେଜଣ ଗ୍ରାମବାସୀ କହିଛନ୍ତି, ଦୈତାରି ଗ୍ରାମର କେତେଜଣଙ୍କ ବିଲ ନେଇ ଭାଗଚାଷ କରୁଥିଲେ। ଲଗାଣ ବର୍ଷାରେ ତାଙ୍କର ପାଚିଲା ଧାନ ଫସଲ ଉଜୁଡ଼ି ଯାଇଥିବା ଦେଖି ସେ ଗତ ୧୮ ତାରିଖରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରଶାସନ ମୃତକଙ୍କ ପରିବାରକୁ ସହାୟତା ଯୋଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ପଞ୍ଚଭୂତରେ ଲୀନ...

ସମେତ ବିଦେଶୀ ପ୍ରତିନିଧିମାନେ ଉପସ୍ଥିତ ରହି ଦିବଂଗତ ପ୍ରଧାନମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ଏବଂ ୩ ବାହିନୀର ମୁଖ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମନମୋହନଙ୍କ ଶେଷକୃତ୍ୟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖୱିନ୍ଦର ସିଂ ସୁଖୁ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଏବଂ ଉପରାଜ୍ୟପାଳ ଭି.କେ. ସାକ୍ସେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା, ଅଶୋକ ଗେହଲଟ, ଭୂପେଶ ବଘେଲ, ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଲ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଜୟରାମ ରମେଶ ଓ କେତେଜଣ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମନମୋହନଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ସାମିଲ ହୋଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ମରଶରୀର ପଞ୍ଚଭୂତରେ ଲୀନ ହେବା ପୂର୍ବରୁ ୨୧ ଥର ତୋପସଲାମି ଦିଆଯାଇଥିଲା। ଶିଖ୍ ପୂଜକ ଏବଂ ମନମୋହନଙ୍କ ପରିବାର ସଦସ୍ୟମାନେ ଗୁର୍ବାନୀରୁ ପଦ ଆବୃତ୍ତି କରିଥିଲେ।

ମନମୋହନଙ୍କ ମରଶରୀର ତାଙ୍କ ବାସଭବନରୁ ସକାଳ ୯ଟା ପୂର୍ବରୁ ବାହାରି ଏଆଇସିସି ମୁଖ୍ୟାଳୟରେ ପହଞ୍ଚିଥିଲା। ସେଠାରେ କଂଗ୍ରେସ ନେତା ଓ କର୍ମୀମାନେ ଶେଷ ସମ୍ମାନ ଜଣାଇବା ପରେ ସେଠାରୁ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଶେଷ ଯାତ୍ରା ଆରମ୍ଭ ହୋଇଥିଲା। ପୁଷ୍ପସଜ୍ଜିତ ସେନା ଗାଡ଼ିରେ ମରଶରୀର ନିଆଯାଇ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ସମୟରେ ନିଗମବୋଧ ଘାଟରେ ପହଞ୍ଚିଥିଲା। କଂଗ୍ରେସ ନେତା, କର୍ମୀ ଓ ହଜାର ହଜାର ଶୁଭେଚ୍ଛୁ ଉପସ୍ଥିତ ରହିଥିଲେ। ଘାଟରେ ଏକ ମଞ୍ଚ ଉପରେ ତ୍ରିରଙ୍ଗା ଆବୃତ୍ତ କାସ୍କେଟ୍ ରଖାଯିବା ପରେ ଦଳମତ ନିର୍ବିଶେଷରେ ନେତାମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋଭାଯାତ୍ରା ଏବଂ 'ମନମୋହନ ସିଂ ଅମର ରହେ' ସ୍ଲୋଗାନରେ ନିଗମବୋଧ ଘାଟ ପ୍ରକମ୍ପିତ ହୋଇଥିଲା। ମନମୋହନଙ୍କୁ ଭାରତରତ୍ନ ପ୍ରଦାନ କରାଯାଉ ବୋଲି ଦାବି କରାଯାଇଥିଲା। ଶୋଭାଯାତ୍ରାରେ ରାହୁଲ ଗାନ୍ଧୀ ସାମିଲ ଥିଲେ। ତାଙ୍କ ଶେଷକୃତ୍ୟ ସ୍ଥଳରେ ସ୍ମାରକୀ ନିର୍ମାଣ ପାଇଁ ପୂର୍ବରୁ ଦାବି ହୋଇଥିବାବେଳେ କେନ୍ଦ୍ର ସରକାର ଏଥିପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି।

ଭାରତର ଆର୍ଥିକ ସଂସ୍କାର ସ୍ଥପତି ବିବେଚିତ କରାଯାଉଥିବା ମନମୋହନ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଦେଶର ପ୍ରଧାନମନ୍ତ୍ରୀ ରହିଥିଲେ। ତାଙ୍କ ସମ୍ମାନାର୍ଥେ ୭ ଦିନିଆ ଜାତୀୟ ଶୋକ ପାଳନ କରାଯାଉଛି।

### ଆଜରବୈଜାନ ବିମାନ...

ଏକପ୍ରକାର ସ୍ପଷ୍ଟ ହୋଇଯାଇଛି ପ୍ରକାଶ ଯେ, ଆଜରବୈଜାନ ଏୟାରଲାଇନ୍ସ ପରିଚାଳିତ ଜେ୨-୮୨୪୩ ନମ୍ବର ବିଶିଷ୍ଟ ଏମ୍ବ୍ରାଏର ୧୯୦ ଏୟାରକ୍ରାଫ୍ଟ ବୁଧବାର ସକାଳେ ରାଜଧାନୀ ବାକୁରୁ ୬୨ ଯାତ୍ରୀ ଓ ୫ କ୍ରିଉ ମେମ୍ବରଙ୍କୁ ନେଇ ରୁଷିଆର ଚେଚନ୍ୟାସ୍ଥିତ ଗ୍ରୋଜ୍ନି ଅଭିମୁଖେ ଯାତ୍ରା କରୁଥିଲା। ଗ୍ରୋଜ୍ନି ଆକାଶରେ ଘନ କୁହୁଡ଼ି ଆଚ୍ଛାଦିତ ହୋଇଥିବାରୁ ବିମାନଟି କଜାଖିସ୍ତାନର ଅକାଟଉକୁ ଉଡ଼ାଣ କରିଥିଲା। ଅକାଟଉରେ ପହଞ୍ଚିବାର ୩ କି.ମି. ପୂର୍ବରୁ ବିମାନ ଡାହାଣ ପଟକୁ ଢଳିଯାଇ ଜରୁରୀ ଅବତରଣ ପାଇଁ ଉଦ୍ୟମ କରିଥିଲା। ଏୟାରପୋର୍ଟ ନିକଟରେ ଅନେକ ଥର ଚକ୍କର କାଟିବା ପରେ ଶେଷରେ ଏହା ଏକ ଖୋଲା ପଡ଼ିଆରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଏଥିରେ ୩୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୯ ଆହତ ହୋଇଥିଲେ। ବିମାନ ଦୁର୍ଘଟଣାକୁ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ରୁଷିଆ ରାଷ୍ଟ୍ରପତି କ୍ଷମା ମାଗିବା ପରୋକ୍ଷରେ ଏଥିରେ ତାଙ୍କ ସମ୍ପୃକ୍ତିକୁ ଦର୍ଶାଉଛି ବୋଲି ଅନେକେ କହିଲେଣି।

### ୩୦ ସୁଦ୍ଧା ଫସଲ...

ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବୋର୍‌ୱେଲ ମଧ୍ୟରେ ୬ ଦିନ ଧରି ଫସିରହିଛନ୍ତି ଶିଶୁକନ୍ୟା

**ପ୍ରଶାସନିକ ଅବହେଳାର ଅଭିଯୋଗ ଆଣିଲେ ମା'**

ଜୟପୁର, ୨୮।୧୨

ରାଜସ୍ଥାନର କୋଟପୁତଲୀ ଅଞ୍ଚଳରେ ଜଣେ ୩ ବର୍ଷୀୟା ଶିଶୁକନ୍ୟା ଚେତନା ଏକ ୭୦୦ ଫୁଟ ଗଭୀର ବୋରୱେଲ ଗାତ ମଧ୍ୟରେ ୧୫୦ ଫୁଟ ଗଭୀରରେ ଗତ ୬ ଦିନ ଧରି ଫସି ରହିଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ରେସ୍କ୍ୟୁ ଅପରେଶନ ଜାରି ରହିଛି। ବୋରୱେଲ ଗାତ ନିକଟରେ ୧୭୦ ଫୁଟ ଗଭୀରର ଅନ୍ୟ ଏକ ଗାତ ଖୋଳାଯାଇ ଏକ ସଡ଼ଙ୍ଗ ମାଧ୍ୟମରେ ଚେତନାଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି। ତେବେ ଚେତନାଙ୍କ ରେସ୍କ୍ୟୁ ଅପରେଶନରେ ଜିଲା ପ୍ରଶାସନ ପକ୍ଷରୁ ଅବହେଳା ପ୍ରଦର୍ଶନ କରାଯାଇଥିବା ନେଇ ମା' ଧୋଲେ ଦେବା ଅଭିଯୋଗ ଆଣିଛନ୍ତି। ଯଦି ଜିଲାପାଳଙ୍କ ଝିଅ ବୋର୍‌ୱେଲ ଗାତ ମଧ୍ୟରେ ପଡ଼ିଥାନ୍ତେ ତେବେ କ'ଣ ଉଦ୍ଧାର ପାଇଁ ଏତେ ଦିନ ଲାଗିଥାନ୍ତା କି ବୋଲି ସେ ପ୍ରଶ୍ନ କରିଛନ୍ତି।

### ୨ ଶ୍ରମିକଙ୍କ ଉପରେ ମାଡ଼ିଗଲା ଅଭିନେତ୍ରୀଙ୍କ କାର୍

ମୁମ୍ବାଇ, ୨୮।୧୨



ଉର୍ମିଳା କୋଠାରେ

ମୁମ୍ବାଇର କାନ୍ଦିୱଲିରେ ଲୋକପ୍ରିୟ ମରାଠୀ ଅଭିନେତ୍ରୀ ଉର୍ମିଳା କୋଠାରେଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଉର୍ମିଳାଙ୍କ ଡ୍ରାଇଭର ଦ୍ରୁତ ଗତିରେ କାର୍ ଚଳାଉଥିଲା। ପୋଇସର ମେଟ୍ରୋ ଷ୍ଟେଶନ ନିକଟରେ ଉର୍ମିଳାଙ୍କ କାର୍ ୨ ଜଣ ମେଟ୍ରୋ ଶ୍ରମିକଙ୍କୁ ମଡ଼ାଇ ଦେଇଛି। ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଅନ୍ୟଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଉର୍ମିଳା ମଧ୍ୟ ଆହତ ହୋଇଛନ୍ତି ଏବଂ ତାଙ୍କ କାର୍ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାନେଇ ପୋଲିସ ସୂଚନା ଦେଇଛି। ଘଟଣାକୁ ନେଇ ଉର୍ମିଳାଙ୍କ ଡ୍ରାଇଭରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

### ଟିକ୍‌ଟକ୍ କଟକଣା ଘୁଞ୍ଚାଇବାକୁ ଟ୍ରମ୍ପଙ୍କ ଆବେଦନ

ୱାଶିଂଟନ, ୨୮।୧୨

ଆମେରିକାରେ ଆସନ୍ତା ଜାନୁଆରୀ ୧୯ରୁ ଟିକ୍‌ଟିକ୍ ଉପରେ ନିଷେଧାଦେଶ ଜାରି ହେବାକୁ ଯାଉଛି। ତେବେ ଏହାକୁ କିଛିଦିନ ପାଇଁ ଘୁଞ୍ଚାଇବାକୁ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ଟ୍ରମ୍ପଙ୍କ ପକ୍ଷରୁ ଉକ୍ତ ଆବେଦନରେ କୁହାଯାଇଛି, ଦେଶରେ ଟିକ୍‌ଟକ୍ ନିଷେଧାଦେଶର ଜଟିଳତାକୁ ଦୃଷ୍ଟିରେ ରଖି ଏହାର କାର୍ଯ୍ୟକାରିତାକୁ କିଛିଦିନ ପାଇଁ ଘୁଞ୍ଚାଇବାର ଆବଶ୍ୟକତା ରହିଛି। ଫଳରେ ସେ ଏହି ମାମଲାକୁ ଠିକ୍ ଭାବେ ବିଶ୍ଳେଷଣ କରିବା ସହ ଏହାର ରାଜନୈତିକ ସମାଧାନ ବାହାର କରିବାକୁ ସକ୍ଷମ ହେବେ।

# ପାକିସ୍ତାନରେ ଆଫଗାନ୍‌ର ଆକ୍ରମଣ: ୨୨ ମୃତ

**ଏୟାରଷ୍ଟ୍ରାଇକ୍‌ର ପ୍ରତିଶୋଧ**

କାବୁଲ,୨୮।୧୨



ଗତସପ୍ତାହରେ ପାକିସ୍ତାନ ଏୟାରଷ୍ଟ୍ରାଇକ୍‌ର ଜବାବ ଦେଇଛି ଆଫଗାନିସ୍ତାନ। ଆଫଗାନ ସେନା ପାକିସ୍ତାନ ଭିତରେ ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିବା ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ଶନିବାର କହିଛି। ତେବେ ଆକ୍ରମଣର ନିର୍ଦ୍ଦିଷ୍ଟ ସ୍ଥାନ ସମ୍ପର୍କରେ ସ୍ପଷ୍ଟ କରାଯାଇ ନାହିଁ।

ପାକିସ୍ତାନୀ ସେନା ଗତ ମଙ୍ଗଳବାର ଆଫଗାନିସ୍ତାନର ବରମଲ ଜିଲାରେ ଥିବା ସେନା ପ୍ରଶିକ୍ଷଣ କେନ୍ଦ୍ର ଓ ଅନ୍ୟ ସ୍ଥାନରେ ଏୟାରଷ୍ଟ୍ରାଇକ କରିବାରୁ ୪୬ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଓ ମହିଳା ଥିଲେ। ଏହାର ଜବାବରେ ପାକିସ୍ତାନର ବିଭିନ୍ନ ସ୍ଥାନକୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଇଥିବା ତାଲିବାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ଏନାୟାତୁଲ୍ଲା ଖ୍ୱାରିଜାମି କହିଛନ୍ତି। ଏହି ଆକ୍ରମଣରେ ୧୯ ପାକିସ୍ତାନୀ ସୈନ୍ୟ ଏବଂ ୩ ଆଫଗାନ ନାଗରିକ ନିହତ ହୋଇଥିବା ତାଲିବାନ ଗଣମାଧ୍ୟମ କହିଛି। ଆଫଗାନୀସ୍ତାନ ଆକ୍ରମଣରେ ସହଯୋଗ କରିଥିବା ଉଗ୍ରପନ୍ଥୀ ଓ ସେମାନଙ୍କ ଆଡ୍ଡାସ୍ଥଳକୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ତେବେ ଆକ୍ରମଣ ସମ୍ପର୍କରେ ଇସ୍‌ଲାମାବାଦ ପକ୍ଷରୁ କିଛି କୁହାଯାଇ ନାହିଁ। ସୂଚନାଯୋଗ୍ୟ, ଆଫଗାନିସ୍ତାନ ଓ ପାକିସ୍ତାନକୁ ଅଲଗା କରୁଥିବା ଡୁରାଣ୍ଡ ଲାଇନ୍‌କୁ କାବୁଲ ଦୀର୍ଘବର୍ଷ ହେଲା ବିରୋଧ କରିଆସୁଛି। ଏହି ସୀମାରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢୁଥିବାବେଳେ ତାଲିବାନ ସରକାର ଏହାକୁ ରୋକିବା ଦିଗରେ କିଛି କରୁ ନ ଥିବା ପାକିସ୍ତାନୀ ଅଧିକାରୀମାନେ ଅଭିଯୋଗ କରିଥାନ୍ତି।

# ୩୧ ସୁଦ୍ଧା ଡାଲେୱାଲଙ୍କୁ ହସ୍ପିଟାଲ ନିଅ

**ପଞ୍ଜାବ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୨୮।୧୨(ପି.ଟି.)



ଅନଶନରେ ଜଗଜିତ ସିଂ ଡାଲେୱାଲ

ଚାଷୀମାନଙ୍କ ବିଭିନ୍ନ ଦାବି ନେଇ ମାସେ ହେଲା ଆମରଣ ଅନଶନରେ ବସିଥିବା କୃଷକ ନେତା ଜଗଜିତ ସିଂ ଡାଲେୱାଲଙ୍କ ଜୀବନ ଓ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଡିସେମ୍ବର ୩୧ ସୁଦ୍ଧା ତାଙ୍କୁ ଅନଶନ ସ୍ଥଳରୁ ହସ୍ପିଟାଲ ନେବା ପାଇଁ ଶନିବାର ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୃଷକ ନେତାଙ୍କୁ ଡାକ୍ତରୀ ଚିକିତ୍ସା ଯୋଗାଇ ଦେବାକୁ ପୂର୍ବରୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିବାବେଳେ ତାହାର ଅନୁପାଳନ ହୋଇ ନାହିଁ। ପଞ୍ଜାବ ସରକାର ସ୍ଥିତିକୁ ଅଧିକ ଗମ୍ଭୀର କରିବାକୁ ଛାଡ଼ିଦେଇଥିବାରୁ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ସୁଧାଂଶୁ ଧୁଲିଆଙ୍କ ଅବକାଶକାଳୀନ ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି। ଆନ୍ଦୋଳନକାରୀ ଚାଷୀମାନେ ଡାଲେୱାଲଙ୍କୁ ଘେରିରହି ତାଙ୍କୁ ହସ୍ପିଟାଲ ପଠାଇବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ସରକାର ଅସହାୟତା ପ୍ରକାଶ କରିଥିଲେ। ଡାଲେୱାଲ କୌଣସି ପ୍ରକାର ଡାକ୍ତରୀ ଚିକିତ୍ସା ଗ୍ରହଣ କରିବାକୁ ମନା କରିଦେଇଥିବା ପଞ୍ଜାବ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଗୁରମିନ୍ଦର ସିଂ ଖଣ୍ଡପୀଠଙ୍କୁ ଜଣାଇଥିଲେ। ଯେଉଁ ନେତାମାନେ ଡାଲେୱାଲଙ୍କୁ ହସ୍ପିଟାଲ ଛାଡୁନାହାନ୍ତି ସେମାନେ ତାଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରାଇବାରେ ସମ୍ପୃକ୍ତ, ଯାହା ଦଣ୍ଡନୀୟ ଅପରାଧ ବୋଲି ଅଦାଲତ କହିଥିଲେ। କୃଷକ ନେତାମାନେ ଡାଲେୱାଲଙ୍କ ଶୁଭଚିନ୍ତକ ନୁହନ୍ତି। ପଞ୍ଜାବ ସରକାର ଅଦାଲତଙ୍କ ନିର୍ଦ୍ଦେଶ ପାଳନ କରିବେ ବୋଲି ଖଣ୍ଡପୀଠ ଆଶାବ୍ୟକ୍ତ କରିଥିଲେ।

# ହୁତି କ୍ଷେପଣାସ୍ତ୍ରକୁ ରୋକିବ ଇସ୍ରାଏଲ୍‌ର ଥାଡ୍ ସିଷ୍ଟମ

ଜେରୁଜେଲମ୍,୨୮।୧୨



ୟେମେନ୍‌ରୁ ଶୁକ୍ରବାର ଛଡ଼ାଯାଇଥିବା ବାଲିଷ୍ଟିକ୍ ମିଶାଇଲ୍‌କୁ ପ୍ରତିହତ କରିବା ପାଇଁ ଇସ୍ରାଏଲ୍ ପ୍ରଥମ ଥର ପାଇଁ ଥାଡ୍ (ଆମେରିକାନ୍ ଟର୍ମିନାଲ ହାଇ ଅଲ୍‌ଟିଚ୍ୟୁଡ୍ ଏରିଆ ଡିଫେନ୍ସ) ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ ବ୍ୟବହାର କରିଥିଲା। ଇରାନ ସମର୍ଥିତ ହୁତି ଆତଙ୍କବାଦୀମାନେ ଏହି ମିଶାଇଲ୍ ଛାଡ଼ିଥିବା ଜଣାପଡ଼ିଛି। ୮ ଦିନ ମଧ୍ୟରେ ହୁତି ଇସ୍ରାଏଲ୍ ଉପରେ ୫ ଥର ମିଶାଇଲ ଆକ୍ରମଣ କଲାଣି। ଆମେରିକା ଦେଇଥିବା ଥାଡ୍ ସିଷ୍ଟମ୍‌କୁ ଇସ୍ରାଏଲ୍ ଗତ ଅକ୍ଟୋବରରେ ନିୟୋଜିତ କରିଥିବାବେଳେ ଶୁକ୍ରବାର ପ୍ରଥମ ଥର ଏହାକୁ କାର୍ଯ୍ୟକାରୀ କରିଛି। ଏଥିରୁ ଇଣ୍ଟରସେପ୍ଟର ଲଞ୍ଚ୍ ହେଉଥିବା ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି। ଥାଡ୍ ହେଉଛି ୬ଟି ଟ୍ରକ୍‌ରେ ଖଞ୍ଜାହୋଇଥିବା ଲଞ୍ଚର, ପ୍ରତ୍ୟେକରେ ୮ଟି ଲେଖାଏ ଇଣ୍ଟରସେପ୍ଟର ସହ ରାଡାର ଏବଂ ଫାୟାର କଣ୍ଟ୍ରୋଲ ସିଷ୍ଟମ ରହିଥାଏ। ଏହାର ରାଡାର ୮୭୦ରୁ ୩,୦୦୦ କିଲୋମିଟର ଦୂରରୁ ଆସୁଥିବା ଶତ୍ରୁପକ୍ଷ ମିଶାଇଲ୍‌କୁ ଚିହ୍ନଟ କରିପାରିବ।

# ହିମାଚଳରେ ପ୍ରବଳ ତୁଷାରପାତ

**୮ ହଜାର ପର୍ଯ୍ୟଟକଙ୍କୁ ଉଦ୍ଧାରକଲା ପୋଲିସ**

ଶିମ୍ଲା,୨୮।୧୨

ହିମାଚଳପ୍ରଦେଶର କୁଲ୍ଲୁ ଜିଲା ଅନ୍ତର୍ଗତ ସୋଲାଙ୍ଗ ନାଲାରେ ପ୍ରବଳ ତୁଷାରପାତ ଯୋଗୁ ମନାଲି-ଲେହ ରାଜପଥରେ ୮,୦୦୦ ପର୍ଯ୍ୟଟକ ଏବଂ ୧,୫୦୦ ଗାଡ଼ି ଫସିରହିଥିଲେ। ହିମାଚଳ ପୋଲିସ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ପ୍ରବଳ ତୁଷାରପାତ ଯୋଗୁ ଲାହୌଲ୍ ଉପତ୍ୟକା ଏବଂ ମନାଲି ଅଞ୍ଚଳ ପ୍ରଭାବିତ ହୋଇଛି। ତୁଷାର ଝଡ଼ ଯୋଗୁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ମନାଲି-ଲେହ ରାଜପଥର ସୋଲାଙ୍ଗ ଏବଂ ଲାହୌଲ ଉପତ୍ୟକାକୁ ଗାଡ଼ି ଚଳାଚଳ ବନ୍ଦ କରିଦିଆଯାଇଛି।

# ପ୍ରବାସୀଙ୍କୁ ନେଇ ମସ୍କ, ଟ୍ରମ୍ପ୍ ସମର୍ଥକ ମୁହାଁମୁହିଁ

ୱାଶିଂଟନ,୨୮।୧୨



ଏଲନ୍ ମସ୍କ

ପ୍ରବାସୀ ପ୍ରସଙ୍ଗକୁ ନେଇ ଏଲନ୍ ମସ୍କ, ବିବେକ ରାମସ୍ୱାମୀ ଓ ସେମାନଙ୍କ ବୈଷୟିକ ସହଯୋଗୀମାନଙ୍କ ସହ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ମୁହାଁମୁହିଁ ହୋଇଛନ୍ତି। ମସ୍କ ଓ ତାଙ୍କ ସିଲିକନ୍ ଭ୍ୟାଲି ସହଯୋଗୀମାନେ ମେଧାଭିତ୍ତିକ ପ୍ରବାସନ ସଂସ୍କାର ସପକ୍ଷରେ ମତ ଦେଉଥବାବେଳେ ଟ୍ରମ୍ପଙ୍କ ସମର୍ଥକମାନେ ପ୍ରବାସନ ବିରୋଧୀ ନୀତି ସପକ୍ଷରେ ଅଡ଼ି ବସିଥିଲେ। ଭାରତୀୟ ବଂଶୋଦ୍ଭବ ପୁଞ୍ଜିପତି ତଥା ମସ୍କଙ୍କ ସହଯୋଗୀ ଶ୍ରୀରାମ କ୍ରିଷ୍ଣନଙ୍କୁ ଟ୍ରମ୍ପଙ୍କ ଆଗାମୀ ପ୍ରଶାସନରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ନୀତିର ମୁଖ୍ୟ ନିଯୁକ୍ତ କରାଯିବାକୁ ନେଇ ମାଗା (ମେକ୍ ଆମେରିକା ଗ୍ରେଟ୍ ଏଗେନ୍) କ୍ୟାମ୍ପରେ ଫାଟ ସୃଷ୍ଟି ହୋଇଛି। କୁଶଳୀ ପ୍ରବାସୀଙ୍କୁ ଗ୍ରୀନ୍ କାର୍ଡ ଇସ୍ୟୁ ଉପରେ ରହିଥିବା ସୀମାକୁ ହଟାଇଦେବା ସପକ୍ଷରେ ପୂର୍ବରୁ କ୍ରିଷ୍ଣନ କହିଥିଲେ, ଯାହାକୁ ଟ୍ରମ୍ପ୍ ସମର୍ଥକମାନେ ବିରୋଧ କରିଥିଲେ। ଏହାକୁ ନେଇ ସୋସିଆଲ ମିଡିଆରେ ଝଡ଼ ସୃଷ୍ଟି ହୋଇଥିଲା। କ୍ରିଷ୍ଣନଙ୍କ ନିଯୁକ୍ତିକୁ ଫାର୍-ରାଇଟ୍ ସୋସିଆଲ ମିଡିଆ ସମୀକ୍ଷକ ଅତ୍ୟନ୍ତ ଚିନ୍ତାଜନକ କହି ବିରୋଧ କରିଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ଶୀର୍ଷ ମେଧାବୀମାନଙ୍କୁ ଆମେରିକାକୁ ଆଣିବା ସପକ୍ଷରେ ମସ୍କ ଯୁକ୍ତି ବାଢ଼ିଆସୁଛନ୍ତି।

# ଆପ୍ ଯୋଜନାର ତଦନ୍ତ ନିର୍ଦ୍ଦେଶ ଦେଲେ ଉପରାଜ୍ୟପାଳ

**କଲ୍ୟାଣକାରୀ ଯୋଜନା ବନ୍ଦ କରୁଛି ଭାଜପା: କେଜ୍‌ରିୱାଲ**

ନୂଆଦିଲ୍ଲୀ,୨୮।୧୨

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର କେତେକ ଯୋଜନା ବିରୋଧରେ ଅଭିଯୋଗ ଆସିବା ପରେ ଉପରାଜ୍ୟପାଳ ଭି.କେ. ସାକ୍ସେନା ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କଂଗ୍ରେସ ନେତା ସନ୍ଦୀପ୍ ଦୀକ୍ଷିତଙ୍କ ଅଭିଯୋଗ ଆଧାରରେ ସାକ୍ସେନା ଦିଲ୍ଲୀ ମୁଖ୍ୟ ସଚିବ ଏବଂ ପୋଲିସ କମିଶନରଙ୍କୁ ଅଲଗା ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଦଳ ବିରୋଧରେ ଅଭିଯୋଗକୁ ଆପ୍ ଆବାହକ ଅରବିନ୍ଦ କେଜ୍‌ରିୱାଲ୍ ମିଛ ବୋଲି କହିବା ସହ ତଦନ୍ତ ନିର୍ଦ୍ଦେଶକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଆପ୍‌ର ମହିଳା ସମ୍ମାନ ଯୋଜନା ଏବଂ ସଞ୍ଜୀବନୀ ଯୋଜନା କାର୍ଯ୍ୟକାରୀ କରାଇ ନ ଦେବା ଲାଗି ଭାଜପାର ଉଦ୍ଦେଶ୍ୟ ଏଥିରୁ ସ୍ପଷ୍ଟ ହେଉଛି। ଏଥିସହିତ ମାଗଣା ବିଜୁଳି, ମାଗଣା ପାଣି, ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ତୀର୍ଥଯାତ୍ରା ଯୋଜନା ଏବଂ ମହିଳାମାନଙ୍କ ପାଇଁ ମାଗଣା ବସ୍ ଯାତ୍ରୀ ଯୋଜନାକୁ ଭାଜପା ବନ୍ଦ କରିବାକୁ ଚାହୁଁଥିବା କେଜ୍‌ରିୱାଲ କହିଛନ୍ତି। ଭାଜପା କ୍ଷମତାକୁ ଆସିଲେ ଏହିସବୁ ଯୋଜନା ବନ୍ଦ କରିଦେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି।

ମହିଳା ସମ୍ମାନ ଯୋଜନା ଆଳରେ ଆପ୍ କପଟ କରି ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରିବାକୁ ଉଦ୍ୟମ କରୁଛି। କଂଗ୍ରେସ ପ୍ରାର୍ଥୀମାନଙ୍କ ଘର ନିକଟରେ ପଞ୍ଜାବର ଗୋଇନ୍ଦା ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ଏଥିସହ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ପଞ୍ଜାବରୁ ଦିଲ୍ଲୀକୁ ନଗଦ ଅର୍ଥ ପ୍ରେରଣ କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଘରୋଇ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ଅଭିଯୋଗର ତଦନ୍ତ ବିଭାଗୀୟ କମିଶନରଙ୍କ ଜରିଆରେ କରାଇବାକୁ ଉପରାଜ୍ୟପାଳ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ସଂଗଠିତ ଅନଧିକୃତ ପଞ୍ଜୀକରଣ କ୍ୟାମ୍ପ୍ ଦ୍ୱାରା ନାଗରିକଙ୍କ ପ୍ରିଭେସିର ଉଲ୍ଲଂଘନରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି।

DSPL - 281

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର
୨୦୨୪-୨୦୨୫
ଓଡ଼ିଶା ସରକାରଙ୍କ ଏକ ଅଭିନବ ପ୍ରୟାସ

ବିଭିନ୍ନ ପୁରସ୍କାର ପାଇଁ ୨୧ରୁ ୩୦ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଥିବା ଆବେଦନର ନିର୍ଦ୍ଧାରିତ ସମୟ ସୀମା ୧୫ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି

ଜିଲ୍ଲା ପୁରସ୍କାର
ବ୍ଲକ୍ ପୁରସ୍କାର
ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପୁରସ୍କାର
ଶିକ୍ଷକ ପୁରସ୍କାର (ପ୍ରାଥମିକ ବିଦ୍ୟାଳୟ)
ବ୍ଲକ୍ ଶିକ୍ଷା ଅଧିକାରୀ ପୁରସ୍କାର
ଜିଲ୍ଲା ଶିକ୍ଷା ଅଧିକାରୀ ପୁରସ୍କାର
ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୁରସ୍କାର

ସମସ୍ତ ପୁରସ୍କାର ପାଇଁ https://msp.odisha.gov.inରେ ଆବେଦନ କରନ୍ତୁ ।


ଯୋଗାଯୋଗ: ପଞ୍ଚସଖା ଶିକ୍ଷା ସେତୁ, ତୋଷାଳୀ ଭବନ, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭, ଇ-ମେଲ୍: msp@pssodisha.net
OIPR-27178/13/0005/2425
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

शिक्षा मंत्रालय भारत सरकार MINISTRY OF EDUCATION Government of India
nbt.india | Knowledge PARTNER OF THE NATION



"ଆଜିର ପିଢ଼ି ଆମ ସ୍ୱାଧୀନତା ସଂଗ୍ରାମର ନାୟକମାନଙ୍କ ସମ୍ପର୍କରେ ଜାଣିବା ନିତାନ୍ତ ଅପରିହାର୍ଯ୍ୟ ।"
- ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ

ଦି ସାଗା ଅଫ୍ କୁଦୋପାଲି
ଦି ଅନ୍‌ସଙ୍ଗ ଷ୍ଟୋରି ଅଫ୍ 1857
ପୁସ୍ତକର ଉନ୍ମୋଚନ ଉତ୍ସବକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।




ମୁଖ୍ୟ ଅତିଥି
ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ

ସମ୍ମାନନୀୟ ଅତିଥି
ଶ୍ରୀ ଜୟନାରାୟଣ ମିଶ୍ର
ମାନ୍ୟବର ବିଧାୟକ, ସମ୍ବଲପୁର

୨୯ ଡିସେମ୍ବର ୨୦୨୪ । ଅପରାହ୍ଣ ଘ.୩.୩୦ମି.
ତପସ୍ୱିନୀ ହଲ୍, ସମ୍ବଲପୁର, ଓଡ଼ିଶା

CBC 21103/15/0065/2425

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି- ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। – ଶ୍ରୀଅରବିନ୍ଦ

# ଚିନ୍ତାଶୀଳ ବ୍ୟକ୍ତିତ୍ୱ



**ଆକାର ପଟେଲ**

ମନମୋହନ ସିଂଙ୍କ ଜୀବନ କ'ଣ ଥିଲା ସେ ବିଷୟରେ ଅନେକ ଲେଖା ପ୍ରକାଶ ପାଇଛି ଏବଂ ଆଗକୁ ବି ଲେଖାଯିବ। କିନ୍ତୁ ସେ ଯାହା ନ ଥିଲେ ସେ ସମ୍ପର୍କରେ ଏଠାରେ କେତୋଟି ଧାଡ଼ି ପ୍ରକାଶ କରାଯାଉଛି। ମନମୋହନ ସିଂ 'ନୂଆ ଭାରତ'ର ପ୍ରତିନିଧି ନ ଥିଲେ, ବରଂ ସେ ଥିଲେ ଜଣେ ପୁରାତନ ଭାରତୀୟ ବିଚାରଧାରାର ନେତା। ସେ ବିଭାଜନ ନୁହେଁ ବରଂ ସମାବେଶୀ ବା ଅନ୍ତର୍ଭୁକ୍ତି ଉପରେ ଗୁରୁତ୍ୱ ଦେଇଥିଲେ। ଯଦିଓ ସେ ତାଙ୍କର ସାର୍ବଜନୀନ ଭାଷଣରେ ଧର୍ମ ବିଷୟ ଉତ୍ଥାପନ କରିଥିଲେ, ତଥାପି କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଅପମାନିତ କିମ୍ବା କ୍ଷତି କରି ନ ଥିଲେ କିମ୍ବା ସେମାନଙ୍କ ବିରୋଧରେ ଲୋକଙ୍କୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ସେ ଏହା କରି ନ ଥିଲେ। ସିଂ ବିସ୍ଫୋରକ ଭାଷଣ ଦେଉ ନ ଥିଲେ। ସେ ନିଜ ଭାଷଣରେ ତୃତୀୟ ବ୍ୟକ୍ତି ବୋଲି ନିଜକୁ ସୂଚିତ କରି ନ ଥିଲେ। ସେ ସୁନାରେ ନାମ ଲେଖାଯାଇଥିବା ପୋଷାକ ପିନ୍ଧି ନ ଥିଲେ। ଏହା ସତ୍ୟ ଯେ, ସେ ପ୍ରଶଂସା ପାଇଁ ତାଙ୍କ ଡିଗ୍ରୀକୁ ପ୍ରଦର୍ଶନ କରିନାହାନ୍ତି। ବାସ୍ତବତା ହେଉଛି, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ସେଣ୍ଟ ଜନ୍ କଲେଜରେ ତାଙ୍କ ନାମରେ ଛାତ୍ରବୃତ୍ତି ଅଛି। ଅକ୍ସଫୋର୍ଡ ୟୁନିଭର୍ସିଟିର ନୁଫିଲ୍ଡ କଲେଜରୁ ସେ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ, ଯାହା ତାଙ୍କ ୱେବ୍‌ସାଇଟରେ ରହିଛି। ସେଠାରେ 'ଭାରତର ରପ୍ତାନି ଧାରା ଏବଂ ଆତ୍ମନିର୍ଭରଶୀଳ ଅଭିବୃଦ୍ଧି ପାଇଁ ଆଶା' ଶୀର୍ଷକ ତାଙ୍କର ଥେସିସ୍ ଏକ ପୁସ୍ତକ ଭାବରେ ପ୍ରକାଶ ପାଇଥିଲା। ସେ ଶିଖିବା ଓ ପଢ଼ିବାରେ ନିମଗ୍ନ ରହୁଥିବାରୁ ତାଙ୍କ ଚିତ୍ତ ସ୍ଥିର ଥିଲା। ସେ ଜାଣିଶୁଣି ଭାରତର ଅର୍ଥନୀତିର କ୍ଷତି କରିବାକୁ ଚାହିଁ ନ ଥିଲେ। ସେ ସବୁବେଳେ ଆର୍ଥିକ ଅଭିବୃଦ୍ଧି ଚାହୁଁଥିଲେ। ଉଦ୍ଦେଶ୍ୟମୂଳକ ଭାବରେ ଆମ ଅଭିବୃଦ୍ଧିକୁ ନଷ୍ଟ କରିବା ଯେପରି କି ସମସ୍ତ ମୁଦ୍ରାକୁ ହଠାତ୍ କାରବାରରୁ ହଟାଇ ନେବାକୁ ଭୟ କରିଛନ୍ତି। ଅନାବଶ୍ୟକ ଭାବେ ତାଙ୍କ ଲୋକଙ୍କୁ ନିର୍ଯାତନା ଦେବା ଏବଂ ମଧ୍ୟରାତ୍ରିରେ ଲକ୍‌ଡାଉନ ଲାଗୁକରି ଅନେକ ଲକ୍ଷ ପ୍ରବାସୀଙ୍କୁ ବାଧ୍ୟତାମୂଳକ ସ୍ଥାନାନ୍ତର ଭଳି ପଦକ୍ଷେପ ନେବା ତାଙ୍କ ଚିନ୍ତା ବାହାରେ ଥିଲା। ସେ ଭଲ ଭାବେ ଚିନ୍ତା ନ କରି ହଠାତ୍ ନିଷ୍ପତ୍ତି ନେଉ ନ ଥିଲେ। ବିଚାରବିମର୍ଶ ମାଧ୍ୟମରେ ସେ ପ୍ରଭାବଶାଳୀ ନିଷ୍ପତ୍ତି ନେଉଥିଲେ। ସେ ଥିଲେ ଜଣେ ଚିନ୍ତାଶୀଳ ବ୍ୟକ୍ତିତ୍ୱ ଓ ଗଭୀର ଜ୍ଞାନର ଅଧିକାରୀ। ସାରା ବିଶ୍ୱ କିପରି କାମ କରୁଥିଲା ସେ ବିଷୟରେ ସେ ଭଲ ଭାବେ ଜାଣିଥିଲେ। ମାର୍ଚ୍ଚ ୨୦୦୯ରେ ଫାଇନାନ୍ସିଆଲ ଟାଇମ୍ସ ତାଙ୍କ ସାକ୍ଷାତ୍‌କାର ନେବା ପାଇଁ ୩ଜଣ ସମ୍ପାଦକଙ୍କୁ ପଠାଇଥିଲା। ଏବେ ମଧ୍ୟ ସେମାନଙ୍କର ପ୍ରଥମ ପ୍ରଶ୍ନର ପ୍ରାସଙ୍ଗିକତା ଅଛି। ତାହା ହେଲା– ବୈଶ୍ୱିକ ଆର୍ଥିକ ବ୍ୟବସ୍ଥାରେ ବିଫଳତା ଏବଂ ଡଲାର ବଦଳରେ ଏକ ନୂତନ ମୁଦ୍ରା ପ୍ରଚଳନ ପାଇଁ ଚାଇନା ସହ ଆପଣ ସହମତ କି? ତାଙ୍କ ଉତ୍ତର ଥିଲା–''ଠିକ୍ ଅଛି, ହେଲେ ଏଗୁଡ଼ିକ ନୂଆ ପ୍ରସଙ୍ଗ ନୁହେଁ। ମୁଁ ୧୯୭୦ରେ ଗଠିତ ପ୍ରଥମ କମିଟିରେ ପଲ୍ ଭୋଲକରଙ୍କ ସହ ଥିଲି। ଏହିସବୁ ପ୍ରସଙ୍ଗ ବିଶେଷକରି ଏକ ନିରପେକ୍ଷ ମୁଦ୍ରା ଆପଣାଇବା ସମ୍ପର୍କରେ ଅନେକ ଥର ଆଲୋଚନା କରାଯାଇଛି। କିନ୍ତୁ ସେଥିରେ ଜଟିଳ ସମସ୍ୟା ଅଛି। ମୁଦ୍ରା ଜାରି କରିବା ଏକ ଦେଶର ଶକ୍ତିର ପ୍ରତୀକ ଏବଂ କେହି ବି ସ୍ୱେଚ୍ଛାକୃତ ଭାବରେ ଏହି ଶକ୍ତି ଛାଡ଼ନ୍ତି ନାହିଁ।'' ବାସ୍ତବରେ ତାଙ୍କ ଉତ୍ତରର ଏବେ ମଧ୍ୟ ପ୍ରାସଙ୍ଗିକତା ରହିଛି।

ମନମୋହନ ସିଂ ତାଙ୍କ ପୂର୍ବ ପ୍ରଧାନମନ୍ତ୍ରୀଙ୍କ ଭଳି ଦଳକୁ ଉପସ୍ଥାପନ କରି ନ ଥିଲେ। ୨୯ ଏପ୍ରିଲ ୨୦୦୨ରେ ଏକ ସାପ୍ତାହିକ ପତ୍ରିକାରେ ପ୍ରକାଶିତ 'ହାଓ ବାଜପେୟୀ ଏଣ୍ଡେଡ୍ ଅପ୍ ଆଜ୍ ଦି ହିନ୍ଦୁତ୍ୱ କୋଏର୍ ବୟ' ଶୀର୍ଷକ ରିପୋର୍ଟକୁ ଦେଖାଯାଉ। ଏଥିରେ ଲେଖାଅଛି, ''ଦଳର ଅଧ୍ୟକ୍ଷ ଜାନା କୃଷ୍ଣମୂର୍ତ୍ତିଙ୍କ ଅଭିଭାଷଣ ଶେଷହେବା ମାତ୍ରେ ମୋଦି ଠିଆହୋଇ କହିଥିଲେ– ''ଅଧ୍ୟକ୍ଷ ମହାଶୟ, ମୁଁ ଗୁଜରାଟ ସମ୍ପର୍କରେ କହିବାକୁ ଚାହେଁ ଏବଂ ଏକ ମୁକ୍ତ ଓ ଖୋଲା ଆଲୋଚନାର ଆବଶ୍ୟକତା ଅଛି। ଯେଉଁଥିପାଇଁ ମୁଁ ଏହି ସଭାରେ ଇସ୍ତଫା ଦେବାକୁ ବି ଚାହୁଁଛି। ଏବେଠାରୁ ଦଳ ଏବଂ ଦେଶ କେଉଁ ଦିଗରେ ଯିବା ଦରକାର ତାହା ଆମେ ସ୍ଥିର କରିଛୁ। ତାଙ୍କୁ ଅଧିକ କହିବାର ଆବଶ୍ୟକତା ନ ଥିଲା। ଗୋଟିଏ ଝଟକାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଦଳର ନୂଆ ଯୋଜନାକୁ ବନ୍ଦ କରିଦେଇଥିଲେ। ସେ ତାଙ୍କ ସମର୍ଥକମାନଙ୍କୁ ଉତ୍ସାହିତ କରିଥିଲେ, ଯେଉଁମାନେ ତାଙ୍କ ସମର୍ଥନରେ ଠିଆ ହୋଇଯାଇଥିଲେ। ମୋଦି ଏବଂ ଭିଏଚ୍‌ପି ସଦସ୍ୟଙ୍କ ବିରୋଧରେ କହିଥିବା ତତ୍କାଳୀନ ଖାଦ୍ୟମନ୍ତ୍ରୀ ଶାନ୍ତା କୁମାରଙ୍କୁ ଭର୍ତ୍ସନା କରାଯାଇଥିଲା ଏବଂ ସେ ଏକ ଶୃଙ୍ଖଳା କମିଟିର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଲା। ସେ କ୍ଷମା ମାଗିବାକୁ ବାଧ୍ୟ ହୋଇଥିଲେ। ପ୍ରଧାନମନ୍ତ୍ରୀ(ବାଜପେୟୀ) ତାଙ୍କ ବ୍ୟକ୍ତିଗତ ଭାବମୂର୍ତ୍ତି ତଥା ମିଳିତ ମଞ୍ଚର ଏକତାର ସୁରକ୍ଷା ପାଇଁ ମୋଦି ଇସ୍ତଫା ଦିଅନ୍ତୁ ବୋଲି ଭାବୁଥାଇପାରନ୍ତି, କିନ୍ତୁ ସେ ମୋଦିଙ୍କ ସମର୍ଥନର ଭାବପ୍ରବଣତା ବିରୋଧରେ ଯାଇପାରି ନ ଥିଲେ। ସେ ପ୍ରସଙ୍ଗଟିକୁ ଗୋଟିଏ ଦିନ ପାଇଁ ସ୍ଥଗିତ ରଖିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଏହାକୁ ମଧ୍ୟ ବିରୋଧ କରାଯାଇଥିଲା। ଆଜି ଯେତେବେଳେ ସିଂ ଦୁର୍ବଳ ଏବଂ ଚାପକୁ ପ୍ରତିରୋଧ କରିବାରେ ଅସମର୍ଥ ବୋଲି କୁହାଯାଉଛି ସେତେବେଳେ 'ନୂଆ ଭାରତ' ପରିପ୍ରେକ୍ଷୀରେ ଏ ବିଷୟରେ ବିଚାର କରିବାକୁ ହେବ। ଇତିହାସ କିପରି ସିଂଙ୍କୁ ମନେରଖିବ?

ଗାନ୍ଧିଜୀଙ୍କୁ ହତ୍ୟା କରାଯିବାର ୧ ବର୍ଷ ପରେ ଜାନୁଆରୀ ୧୯୪୯ରେ ଜର୍ଜ ଓର୍‌ୱେଲ 'ରିଫ୍ଲେକସନ୍ସ ଅନ୍ ଗାନ୍ଧୀ' ଶୀର୍ଷକ ଏକ ପ୍ରବନ୍ଧ ଲେଖିଥିଲେ। ଏଥିରେ ଶେଷରେ ସେ ଲେଖିଛନ୍ତି, ଗାନ୍ଧିଜୀଙ୍କ ପ୍ରତି ମୁଁ ଯେଭଳି ନକାରାତ୍ମକ ଅନୁଭବ କରୁଛି, ଯଦି ଆଉ କେହି ସେଭଳି କରିପାରନ୍ତି, କେହି ତାଙ୍କ ସନ୍ଥତ୍ୱ ଉପରେ ପ୍ରଶ୍ନ ଉଠାଇପାରନ୍ତି (ସେ ନିଜେ ଏପରି କୌଣସି ଦାବି କରିନାହାନ୍ତି), କେହି ସନ୍ଥତ୍ୱର ଆଦର୍ଶକୁ ଅସ୍ୱୀକାର କରିପାରନ୍ତି ଏବଂ ଏଥିପାଇଁ ଜଣେ ଅନୁଭବ କରିପାରନ୍ତି ଯେ, ଗାନ୍ଧୀଙ୍କ ମୌଳିକ ଉଦ୍ଦେଶ୍ୟ ମାନବ–ବିରୋଧୀ ଏବଂ ପ୍ରତିକ୍ରିୟାଶୀଳ ଥିଲା। କିନ୍ତୁ ତାଙ୍କୁ କେବଳ ଜଣେ ରାଜନେତା ଭାବରେ ଯଦି ଦେଖାଯାଏ ଓ ଆମ ସମୟର ଅନ୍ୟ ପ୍ରମୁଖ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହ ତୁଳନା କରାଯାଏ, ତେବେ ଜଣାପଡ଼ିବ ଯେ, ସେ ଏକ ଶୁଦ୍ଧ ଭାବନା ଛାଡ଼ିଯାଇଛନ୍ତି।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | 5 | | 2 |
| | | | 8 | 1 | 2 | | | |
| | | | | | 5 | | | |
| | 2 | | | | | | 6 | |
| | 6 | | | 5 | | | | 4 |
| | | 1 | 7 | | 9 | | | |
| 5 | | | | 7 | | 8 | | 9 |
| 7 | | | | | 1 | 6 | | |
| 6 | | 3 | | | | | 4 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 9 | 3 | 7 | 5 | 2 | 8 | 4 |
| 8 | 7 | 5 | 4 | 2 | 6 | 1 | 9 | 3 |
| 2 | 3 | 4 | 9 | 1 | 8 | 6 | 7 | 5 |
| 7 | 6 | 3 | 8 | 4 | 1 | 9 | 5 | 2 |
| 9 | 5 | 8 | 7 | 3 | 2 | 4 | 6 | 1 |
| 1 | 4 | 2 | 6 | 5 | 9 | 7 | 3 | 8 |
| 3 | 8 | 6 | 2 | 9 | 4 | 5 | 1 | 7 |
| 4 | 9 | 1 | 5 | 8 | 7 | 3 | 2 | 6 |
| 5 | 2 | 7 | 1 | 6 | 3 | 8 | 4 | 9 |

ଗତକାଲିର ଉତ୍ତର

# ନିଯୁକ୍ତି ବୃଦ୍ଧି ଆବଶ୍ୟକ



**ଡ. ସନ୍ତୋଷ କୁମାର ମହାପାତ୍ର**

ଆମେ ସର୍ବଦା ଲେଖିଆସିଛୁ ଯେ ଆର୍ଥିକ ଅଭିବୃଦ୍ଧି ସର୍ବଦା ସମତୁଲ ଓ ଇନ୍‌କ୍ଲୁସିଭ ବା ଅନ୍ତର୍ଭୁକ୍ତ ହେବା ଉଚିତ। ଏହାର ସୁଫଳ ସର୍ବଦା ଗରିବ ଓ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିବା ଦରକାର। ଯେହେତୁ ବୈଷମ୍ୟ ବୃଦ୍ଧି ସହିତ ଧନୀ ଅଧିକ ବ୍ୟୟ କଲେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ସହିତ ଜିଡିପି ବା ଆର୍ଥିକ ଅଭିବୃଦ୍ଧି ଘଟିଥାଏ, ସେଥିପାଇଁ ଶାସକ ଶ୍ରେଣୀ ସର୍ବଦା ଜିଡିପି ବୃଦ୍ଧିକୁ ଗୁରୁତ୍ୱ ଦେଇଥାନ୍ତି। କିନ୍ତୁ ତାହା ଆଜି ମଧ୍ୟ ନିମ୍ନମୁଖୀ। ଆର୍ଥିକ ଅଭିବୃଦ୍ଧି (ବାସ୍ତବ ଜିଡିପି ବା ମୋଟ ଘରୋଇ ଉତ୍ପାଦ ବୃଦ୍ଧି ହାର) ଜୁଲାଇ–ସେପ୍ଟେମ୍ବର ୨୦୨୪ରେ ମାତ୍ର ୫.୪% ହୋଇଛି। ଯଦିଓ ସରକାର ମୁଦ୍ରାସ୍ଫୀତି ବୃଦ୍ଧି ଓ ତାକୁ ନିୟନ୍ତ୍ରଣ ପାଇଁ ସୁଧ ହାର ବୃଦ୍ଧି ଓ ବିଶ୍ୱ ଆର୍ଥିକ ପରିସ୍ଥିତିକୁ ଅଭିବୃଦ୍ଧି ହ୍ରାସର କାରଣ ଦର୍ଶାଉଛନ୍ତି, ବାସ୍ତବରେ କାରଣ ଅନେକ ରହିଛି। ପ୍ରମୁଖ କାରଣ ହେଲା ଘରୋଇ ଉପଭୋଗ ଖର୍ଚ୍ଚ ବା ପ୍ରାଇଭେଟ କଞ୍ଜମ୍ପ୍‌ଶନ, ଯାହା ଜିଡିପିର ପ୍ରାୟ ୬୦% ତାହା ହ୍ରାସ ପାଇବ। ଘରୋଇ ଉପଭୋଗ ଖର୍ଚ୍ଚ କମ୍ ହେବାର କାରଣ ହେଲା ଲୋକଙ୍କ ବାସ୍ତବ ମଜୁରି( ନାମାଙ୍କନ ମଜୁରି – ମୁଦ୍ରାସ୍ଫୀତି) ବୃଦ୍ଧି ନ ପାଇବା ବା ସ୍ଥିର ରହିବା ଏବଂ ନିଯୁକ୍ତି ହ୍ରାସପାଇବା।

ସ୍ୱୟଂ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ କହିଛନ୍ତି ଯେ ମଜୁରିର କମ୍ ଅଭିବୃଦ୍ଧି ଓ ନିଯୁକ୍ତି ହ୍ରାସ ଲୋକଙ୍କ କ୍ରୟ ଶକ୍ତି ଏବଂ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ପ୍ରଭାବ ପକାଇଛି। ଯାହା ଚାହିଦାକୁ ହ୍ରାସ କରିଛି ଏବଂ ଫଳସ୍ୱରୂପ ଆର୍ଥିକ ଅଭିବୃଦ୍ଧି ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ଉଲ୍ଲେଖନୀୟ ଯେ ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚର ରିପୋର୍ଟ ଅନୁସାରେ ଗତ ପାଞ୍ଚ ବର୍ଷ ମଧ୍ୟରେ ଭାରତରେ ବାସ୍ତବ ମଜୁରି ବୃଦ୍ଧି ୦.୦୧% ରହିଛି। ମାର୍ଚ୍ଚ ୨୦୨୪ ସୁଦ୍ଧା ଶେଷ ହୋଇଥିବା ଆର୍ଥିକ ବର୍ଷରେ ଭାରତର ଗ୍ରାମାଞ୍ଚଳର ପୁରୁଷ ତଥା ମହିଳା ଶ୍ରମିକଙ୍କ ବାସ୍ତବ ମଜୁରି ସେମାନଙ୍କ ଛଅ ବର୍ଷ ପୂର୍ବେ ରୋଜଗାରଠାରୁ କମ୍ ରହିଛି। ଏପରି କି ମନରେଗା ମଜୁରି ବୃଦ୍ଧି ଅଧିକାଂଶ ବର୍ଷରେ ଗ୍ରାମୀଣ ମୁଦ୍ରାସ୍ଫୀତିଠାରୁ କମ୍ ଅଛି। ଉଦାହରଣ ସ୍ୱରୂପ ୨୦୨୨–୨୩ରେ ଗ୍ରାମୀଣ ମୁଦ୍ରାସ୍ଫୀତି ୬.୮୪% ବୃଦ୍ଧି ପାଇଲା ବେଳେ ମଜୁରି ମାତ୍ର ୩.୭୦% ବୃଦ୍ଧିପାଇଛି। ସେହିପରି ୨୦୨୪–୨୫ରେ ଗ୍ରାମୀଣ ମୁଦ୍ରାସ୍ଫୀତି ୫.୪୦% ଓ ଖାଦ୍ୟ ମୁଦ୍ରାସ୍ଫୀତି ୮.୪୨% ବୃଦ୍ଧିପାଇଲା ବେଳେ ମଜୁରି ମାତ୍ର ୫.୮୦% ବୃଦ୍ଧିପାଇଛି। ସହରୀ ଶ୍ରମିକମାନଙ୍କର ବାସ୍ତବ ମଜୁରି କେବଳ ସାମାନ୍ୟ, ଅର୍ଥାତ୍ ୨୦୧୭–୧୮ରେ ଯାହା ୧୨, ୮୪୭ ଟଙ୍କା ଥିଲା ତାହା ୨୦୨୩–୨୪ରେ ୧୩,୦୦୬ ଟଙ୍କାକୁ ବୃଦ୍ଧି ପାଇଛି। ଅଧିକାଂଶ ବେତନପ୍ରାପ୍ତ ଭାରତୀୟ ଶ୍ରମିକଙ୍କ ବାସ୍ତବ ମଜୁରି ଗତ ୬ ବର୍ଷ ମଧ୍ୟରେ ହ୍ରାସ ପାଇଛି କିମ୍ବା ସ୍ଥିର ରହିଛି। ସେହିପରି ଅଭିବୃଦ୍ଧି ଅନୁସାରେ ନିଯୁକ୍ତି ବୃଦ୍ଧି ପାଉନି। ଅଧିକାଂଶ ଶିକ୍ଷିତ ଏବେ ବେକାରି। ୩୪ରୁ କମ୍ ବୟସର ଯୁବବର୍ଗଙ୍କ ମଧ୍ୟରୁ ୮୩% ବେକାର। କୃତ୍ରିମ ବୁଦ୍ଧିମତ୍ତା, ଲୋକଙ୍କ ବଦଳରେ ଯନ୍ତ୍ରପାତି ବ୍ୟବହାର କରିବା ଓ କମ୍ପାନୀମାନେ କେବଳ ଲାଭକୁ ପ୍ରାଧାନ୍ୟ ଦେବା ଯୋଗୁ ନିଯୁକ୍ତି ବୃଦ୍ଧି ପାଉନାହିଁ। ଉଲ୍ଲେଖଯୋଗ୍ୟ ଯେ ନିଫ୍ଟିର ୫୦୦ କମ୍ପାନୀଙ୍କ ଲାଭ ୨୦୨୩–୨୪ ରେ ଜିଡିପିର ୪.୮%ରେ ପହଞ୍ଚିଛି, ଯାହା ଗତ ୧୫ବର୍ଷରେ ସର୍ବାଧିକ। ୨୦୨୦–୨୧ରେ ଏହା ୨.୧% ଥିଲା। ଏସବୁ ଯୋଗୁ ଲୋକଙ୍କ କ୍ରୟଶକ୍ତି, ଇଚ୍ଛାଧୀନ ଆୟ(ଡିସ୍କ୍ରେସନାରି ଆୟ) ହ୍ରାସ ପାଇବା ଯୋଗୁ ସମସ୍ୟା ଆହୁରି ସଙ୍କଟମୟ ହୋଇଛି।

ଏହି ସମସ୍ୟାର ସମାଧାନ ପାଇଁ ଦୁଇଟି ପଥ ରହିଛି। ଗୋଟିଏ ହେଉଛି ଯୋଗାଣ–ପାର୍ଶ୍ୱ ସମାଧାନ। ଏହି ନୀତି ଅନୁସାରେ ସୁଧ ହାର କମ୍ ରଖାଯାଇଥାଏ। ସୁଧ ହାର କମ୍ ରହିଲେ ଲୋକ ଅଧିକ ଋଣ କରିବେ ଏବଂ କ୍ରୟ କରିବେ ଓ ଅର୍ଥନୀତି ଚଳଚଞ୍ଚଳ ହୋଇ ଆର୍ଥିକ ଅଭିବୃଦ୍ଧି ଘଟିବ। କିନ୍ତୁ ସଞ୍ଚୟକାରୀଙ୍କ ସ୍ୱାର୍ଥ ପାଇଁ ବାସ୍ତବ ସୁଧ ହାର ଯୁକ୍ତାତ୍ମକ ବା ମୁଦ୍ରାସ୍ଫୀତିଠାରୁ ଅଧିକ ରହିବା ଆବଶ୍ୟକ। ପୁନଶ୍ଚ ମୁଦ୍ରାସ୍ଫୀତି ଅଧିକ ଥିଲାବେଳେ ସୁଧ ହାର ହ୍ରାସ କରାଯିବା ଅନୁଚିତ। କାରଣ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ସୁଧ ହାର ବୃଦ୍ଧି କରାଯାଇଥାଏ। ଯଦି ମୁଦ୍ରାସ୍ଫୀତିଠାରୁ ଜମା ସୁଧ ହାର କମ୍ ରଖାଯାଏ ତାହାକୁ ଆର୍ଥିକ ଦମନ ବା ଫାଇନାନସିଆଲ ରିପ୍ରେସନ କୁହାଯାଏ। ଏହାଦ୍ୱାରା ସଞ୍ଚୟ ଉପରେ ନିର୍ଭରଶୀଳ ଲୋକମାନେ ପ୍ରଭାବିତ ହୁଅନ୍ତି। ଆୟର ସ୍ତର ବଜାୟ ରଖିବା ପାଇଁ ସେମାନେ ଅଧିକ ସଞ୍ଚୟ କରନ୍ତି ଏବଂ କମ୍ ଖର୍ଚ୍ଚ କରନ୍ତି, ଯାହା ସମୁଦାୟ



ଚାହିଦା ଏବଂ ଅର୍ଥନୀତି ଉପରେ କ୍ଷତିକାରକ ପ୍ରଭାବ ସୃଷ୍ଟି କରେ। ସର୍ବଶେଷ ଋଣ ନୀତି ସମୀକ୍ଷାରେ ସୁଧ ହାର ହ୍ରାସ ପାଇଁ କର୍ପୋରେଟ ଓ ସରକାରଙ୍କ ତରଫରୁ ଅଧିକ ଚାପ ସୃଷ୍ଟି ହେଉଥିଲେ ମଧ୍ୟ ତାହା ଅଧିକ ମୁଦ୍ରାସ୍ଫୀତି ହାର ଦୃଷ୍ଟିରୁ କରାଯାଇନାହିଁ। ଶକ୍ତିକାନ୍ତ ଦାସ ତାଙ୍କ ଅବଧିରେ ରେପୋ ରେଟ୍ ବିଭିନ୍ନ ପଦକ୍ଷେପରେ ୬.୫%ରୁ ୪.୫କୁ ହ୍ରାସ କରିଥିଲେ ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ପୁଣି ବିଭିନ୍ନ ପଦକ୍ଷେପରେ ୬.୫%କୁ ବୃଦ୍ଧି କରିଥିଲେ।

ବାସ୍ତବରେ ସୁଧ ହାର ହ୍ରାସ ହେଲେ ଉପଭୋକ୍ତା ଯେତିକି ଉପକୃତ ହୁଅନ୍ତି ନାହିଁ, ସରକାର ଓ କର୍ପୋରେଟ ବେଶି ଉପକୃତ ହୋଇଥାନ୍ତି। କାରଣ ସରକାର ସର୍ବାଧିକ ଋଣକାରୀ ଓ କର୍ପୋରେଟ ଦ୍ୱିତୀୟ ସର୍ବାଧିକ ଋଣକାରୀ ହୋଇଥିବା ଏବଂ ସୁଧ ହାର ହ୍ରାସ ଯୋଗୁ ସୁଧ ବାବଦ ପରିବ୍ୟୟ ହ୍ରାସ ପାଇଥାଏ। କିନ୍ତୁ ରିଜର୍ଭ ବ୍ୟାଙ୍କ ପଲିସି ସୁଧ ହାର ବା ରେପୋ ହାର ହ୍ରାସ କରି ନ ଥିଲେ ମଧ୍ୟ ଏହାର ସର୍ବଶେଷ ମୁଦ୍ରା ଓ ଋଣ ନୀତିରେ ନଗଦ ଜମା ଅନୁପାତ ବା କ୍ୟାଶ ରିଜର୍ଭ ଅନୁପାତ(ସିଆର୍‌ଆର୍)କୁ ୪.୫%ରୁ ୪%କୁ ହ୍ରାସ କରି ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌ରେ ୧.୧୬ ଲକ୍ଷ କୋଟି ଟଙ୍କା ନଗଦ ଟଙ୍କା ଛାଡିଛନ୍ତି। ସିଆର୍‌ଆର୍‌ର ଅର୍ଥ ହେଉଛି ଗ୍ରାହକଙ୍କ ଜମା ଅନୁପାତ ଅନୁସାରେ ବ୍ୟାଙ୍କଗୁଡ଼ିକୁ ବାଧ୍ୟତାମୂଳକ ଭାବରେ ରିଜର୍ଭ ବ୍ୟାଙ୍କରେ ଅର୍ଥ ରଖିବାକୁ ପଡିଥାଏ। ବ୍ୟାଙ୍କମାନେ ତା' ଉପରେ କୌଣସି ସୁଧ ରିଜର୍ଭ ବ୍ୟାଙ୍କରୁ ପାଆନ୍ତି ନାହିଁ। କିନ୍ତୁ ରିଭର୍ସ ରେପୋ ରେଟ୍ ମାଧ୍ୟମରେ ଯେଉଁ ଜମା ରଖନ୍ତି, ସେଥିରେ ସୁଧ ପାଇଥାନ୍ତି। ଯେତେବେଳେ ସିଆର୍‌ଆର୍ ହ୍ରାସ ହୁଏ ବ୍ୟାଙ୍କ ହାତରେ ଅଧିକ ଅର୍ଥ ଉପଲବ୍ଧ ହୁଏ। ଏଣୁ ବ୍ୟାଙ୍କ ଅଧିକ ଋଣ ଦେବା ପାଇଁ ଚାହିଁବେ ଏବଂ ସୁଧ ହାର ହ୍ରାସ କରିବାକୁ ବାଧ୍ୟ ହେବେ।

କିନ୍ତୁ ବର୍ତ୍ତମାନ ସମସ୍ୟା ହେଉଛି ଅଧିକ ଚାହିଦା–ପାର୍ଶ୍ୱ ବା ଡିମାଣ୍ଡ କମ୍ପ୍ରେଶନ ବା ଚାହିଦା ସଙ୍କୋଚନଜନିତ। ଲୋକଙ୍କ ହାତକୁ ଅର୍ଥ ଆସିଲେ, କ୍ରୟ ଶକ୍ତି ବୃଦ୍ଧିପାଇଲେ ଯାଇ ଲୋକେ ଅଧିକ କ୍ରୟ କରିବେ ଏବଂ ଚାହିଦା ବୃଦ୍ଧି ପାଇବ ଓ ଘରୋଇ ନିବେଶ ଆସିବ। ଯଦି ଲୋକଙ୍କ ଆୟ ଓ କ୍ରୟଶକ୍ତି ବୃଦ୍ଧି ନ ପାଇବ, ସେମାନେ କ୍ରୟ କରିବେ ନାହିଁ। ତେବେ ଯେତେ ସୁଧ ହ୍ରାସ କଲେ ମଧ୍ୟ କମ୍ପାନୀମାନେ ନିବେଶ କରିବେନି। ଏଣୁ ଲୋକଙ୍କ କ୍ରୟ ଶକ୍ତି ବୃଦ୍ଧି ପାଇବା ଆବଶ୍ୟକ। ଆଗରୁ ବାମପନ୍ଥୀ ଅର୍ଥନୀତିଜ୍ଞମାନେ ଏହି ଯୁକ୍ତି କରିଲାବେଳେ ଶାସକ ଶ୍ରେଣୀ ବିରୋଧ କରୁଥିଲେ। ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଏହି କଥା ଦୋହରାଇଛନ୍ତି। ସେ କର୍ପୋରେଟମାନଙ୍କୁ ଶ୍ରମିକ ଓ କର୍ମଚାରୀଙ୍କ ମଜୁରି ବୃଦ୍ଧି ଏବଂ ଅଧିକ ନିଯୁକ୍ତି ଦେବା ସହିତ ପୁଞ୍ଜି ଏବଂ ଶ୍ରମ–ଅଭିବୃଦ୍ଧି ମଧ୍ୟରେ ଠିକ୍ ସନ୍ତୁଳନ ରଖିବା ପାଇଁ କହିଛନ୍ତି।

ମୋ:୯୪୩୭୨୦୮୭୬୨

# ଆମ ପାଇଁ ବହି କାହିଁ



**ଶ୍ରୁତକୀର୍ତ୍ତି ତ୍ରିପାଠୀ**

କିଛିଦିନ ତଳେ ଭୁବନେଶ୍ୱରର ଏକ ଦୃଷ୍ଟିହୀନ ପିଲାଙ୍କ ବିଦ୍ୟାଳୟରେ ସମୟ ବିତେଇବାର ସୁଯୋଗ ପାଇଥିଲି। ବହୁତ ଖୁସି ଲାଗିଲା ଯେ ସେମାନେ ସେଠାରେ ରହି ଖେଳୁଛନ୍ତି, ପଢୁଛନ୍ତି, ବିଭିନ୍ନ ପ୍ରକାର କଳାତ୍ମକ ଏବଂ କ୍ରିୟାତ୍ମକ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରୁଛନ୍ତି। ଆଶ୍ଚର୍ଯ୍ୟ ଲାଗିଲା ଏଇଥିପାଇଁ ଯେ ଯେଉଁ କାମଗୁଡ଼ିକ ଆମେ ମା'ବାପା ହିସାବରେ ପିଲାଙ୍କ ପଛରେ ଗୋଡେଇ ଗୋଡେଇ କରିବାକୁ କହୁଛୁ, ସେଗୁଡିକୁ ବିନା କାହା ସାହାଯ୍ୟ ଓ ନିର୍ଦ୍ଦେଶରେ ସେମାନେ ସହଜରେ କରିପାରୁଛନ୍ତି। ନିଜ ପାଇଁ ଗୋଟିଏ ଭିନ୍ନ ଦୁନିଆ ଗଢ଼ି, ତା'ରି ଭିତରେ ଖୁବ୍ ଖୁସିରେ ଅଛନ୍ତି ସେମାନେ। ଭବିଷ୍ୟତରେ ସୁବିଧା ହେବ ବୋଲି ପାଠପଢା ସହ କିଛି ଧନ୍ଦାମୂଳକ ଶିକ୍ଷା ସେମାନଙ୍କୁ ଦିଆଯାଉଛି। ଖାଇବା, ପିନ୍ଧିବା, କୌଣସି ଜିନିଷ ବ୍ୟବହାର କରିବା; ସବୁଥିରେ ସେମାନେ ସନ୍ତୁଷ୍ଟ। କିଛି ସମୟ ସେମାନଙ୍କ ସହ କଥାବାର୍ତ୍ତା ହେବା ପରେ ପଚାରିଲି, '' ପିଲାମାନେ, ତୁମମାନଙ୍କୁ ତ ଏଠି ସବୁ ମିଳିଯାଉଛି। ତୁମେମାନେ ଖୁବ୍ ଖୁସିରେ ଅଛ। ହେଲେ କୁହ ତ, ଏମିତି କିଛି ଅଛି କି ଯାହା ତୁମମାନଙ୍କୁ ଠିକ୍ ନୁହେଁ ଭଳି ଲାଗୁଛି? କହିବାର ଅର୍ଥ, ଆଉ କିଛି ସୁବିଧା, ଯାହା ତୁମେମାନେ ଚାହୁଁଛ ଯେ ଏଠାରେ ତୁମକୁ ମିଳିବା ଦରକାର?''

କିଛିସମୟ ପରେ ପିଲାଟିଏ କହିଲା, ''ଏଠାରେ ସବୁ ଠିକ୍ ଅଛି, ହେଲେ ଆମ ପାଇଁ ଯଥେଷ୍ଟ ପରିମାଣରେ ବହି ନାହିଁ। ଆମେ ପଢିବାକୁ ଇଚ୍ଛା କରି ମଧ୍ୟ ପଢ଼ିପାରୁନାହୁଁ। ଦଶମ, ଦ୍ୱାଦଶ ଯାଏ ଠିକ୍ ଥିଲା, କିନ୍ତୁ ତା' ପରେ ବହି ମିଳିବା କଷ୍ଟକର, ତେଣୁ ଆମେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛୁ। ମନଲାଖି ପଢା ବହି ଆମ ଭାଷାରେ ଛପା ହେଉନାହିଁ, ତେଣୁ କେବଳ ଶୁଣି ଶୁଣି ମନେ ରଖିବାକୁ ହେଉଛି।'' ଦୁଃଖ ଲାଗିଲା ଯେ ଦୃଷ୍ଟିଶକ୍ତି ହରେଇ ମଧ୍ୟ ପଢ଼ିବା ପାଇଁ ଏମାନଙ୍କ ଭିତରେ ଏତେ ଆଗ୍ରହ ଓ ଉତ୍ସାହ; ହେଲେ ସତେ ତ ଏମାନଙ୍କ ପାଇଁ ଏତେ ସଂଖ୍ୟାରେ ବହି କାହିଁ?

ଆମ ରାଜ୍ୟରେ ଦୃଷ୍ଟିହୀନ ପିଲାଙ୍କ ଶିକ୍ଷା ଏବଂ ତାଲିମ ପ୍ରଦାନ ନିମନ୍ତେ ସରକାରୀ ସ୍ତରରେ ୧୮ ଟି ସ୍ୱତନ୍ତ୍ର ବିଦ୍ୟାଳୟ ରହିଛି। ରାଜ୍ୟ ସରକାର ଉଚ୍ଚଶିକ୍ଷା ସ୍ତରରେ ଜାତୀୟ ଶିକ୍ଷାନୀତି – ୨୦୨୦ ଅନୁମୋଦନ କରିବାକୁ ଯାଉଛନ୍ତି; ତଥାପି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡିକରେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ଶିକ୍ଷା ସମସ୍ୟା ଦୂର ହୋଇନାହିଁ। ରାଜ୍ୟ ସରକାର ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପୁସ୍ତକ ବ୍ୟବସ୍ଥା କରିଛନ୍ତି। ଏଣୁ ଦୃଷ୍ଟିବାଧିତ ପିଲାମାନେ ତାଙ୍କ ସକ୍ଷମ ବିଦ୍ୟାର୍ଥୀଙ୍କ ତୁଳନାରେ ପଛରେ ପଡିଯାଉଛନ୍ତି। ସେମାନଙ୍କ ପାଖରେ ପାଠ୍ୟକ୍ରମ ଅନୁଯାୟୀ ଯଥେଷ୍ଟ ସଂଖ୍ୟକ ବ୍ରେଲି ଅକ୍ଷର ଲିଖିତ ପାଠ୍ୟପୁସ୍ତକ ନାହିଁ। ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବ୍ରେଲି ପୁସ୍ତକ ଯୋଗାଇ ଦିଆଯାଉଥିବା ବେଳେ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍‌ଡି ଭଳି ଉଚ୍ଚଶିକ୍ଷା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କ ଅଧ୍ୟୟନ



ନିମିତ୍ତ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେଉଛି ବ୍ରେଲି ପୁସ୍ତକ, ଯେଉଁଥିରୁ ସେମାନେ ବଞ୍ଚିତ ହେଉଛନ୍ତି।

ଉଚ୍ଚଶିକ୍ଷା ପାଇଁ ଇଚ୍ଛୁକ ପିଲାମାନେ ପରବର୍ତ୍ତୀ ଶିକ୍ଷା ପାଇଁ ବିକଳ୍ପ ବ୍ୟବସ୍ଥା ଭାବରେ ପାଠ୍ୟକ୍ରମ ଅନ୍ତର୍ଗତ ବିଷୟବସ୍ତୁ ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରୁଛନ୍ତି। ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ଇ– ସ୍ନାତକୋତ୍ତର ପାଠଶାଳାରୁ ପଠନ ବିଷୟବସ୍ତୁ ସଂଗ୍ରହ କରାଯାଇ ତାକୁ ଏକ ନିର୍ଦ୍ଦିଷ୍ଟ ସଫ୍ଟୱେର 'କୁର୍ଜୱେଲ' ସାହାଯ୍ୟରେ ଶ୍ରବଣଯୋଗ୍ୟ ବିଷୟବସ୍ତୁକୁ ରୂପାନ୍ତରିତ କରାଯାଉଛି। ମାତ୍ର ସମସ୍ତ ଆବଶ୍ୟକ ବହି, ଅଧ୍ୟାୟ ଓ ବିଷୟ ଉପରେ ଅନ୍‌ଲାଇନ ପିଡିଏଫ୍ ଉପଲବ୍ଧ ହେଉନାହିଁ ଅଥବା ଉପଲବ୍ଧ ହେଲେ ମଧ୍ୟ ତାକୁ ଖୋଜି ପିଲାଙ୍କୁ ଯୋଗାଇବା କଷ୍ଟକର ଏବଂ ସମୟ– ସାପେକ୍ଷ ହେଉଛି।

ଓଡ଼ିଶାର ଅଧିକାଂଶ ଦୃଷ୍ଟିହୀନ ଛାତ୍ରୀଛାତ୍ର କଳା ବିଭାଗରେ ପଢ଼ନ୍ତି। ବିଜ୍ଞାନ ବିଭାଗ ପାଇଁ ଏହି ସଂଖ୍ୟା ଶୂନ ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ହାତଗଣତି କିଛି ବିଦ୍ୟାର୍ଥୀ ଅଛନ୍ତି। ସ୍ନାତକ, ସ୍ନାତକୋତ୍ତର ଏବଂ ତା'ଠାରୁ ଉପରେ ଉଚ୍ଚଶିକ୍ଷାରେ କେତେ ସଂଖ୍ୟାରେ ଦୃଷ୍ଟିବାଧିତ ବିଦ୍ୟାର୍ଥୀ ଅଛନ୍ତି ତା'ର ହିସାବ ଉଚ୍ଚଶିକ୍ଷା ବିଭାଗ ପାଖରେ ମଧ୍ୟ ନାହିଁ। ଦୃଷ୍ଟିହୀନ ବିଦ୍ୟାର୍ଥୀ ସଂଘ ଅନୁଯାୟୀ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ୨୦୦ ଏବଂ ରମାଦେବୀ ବିଶ୍ୱବିଦ୍ୟାଳୟରେ ପ୍ରାୟ ୬୦ ଜଣ ଦୃଷ୍ଟିହୀନ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି, ଯଦିଓ ବ୍ରେଲି ପ୍ରିଣ୍ଟିଂ ସୁବିଧା କେବଳ ରେଭେନ୍‌ଶାରେ ରହିଛି। ବ୍ରହ୍ମପୁରସ୍ଥିତ ରାଜ୍ୟର ଏକମାତ୍ର ବ୍ରେଲି ଛାପାଖାନା କେବଳ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପୁସ୍ତକ ଯୋଗାଇବାକୁ ସକ୍ଷମ । ଏଥିରୁ ଅନୁମାନ କରାଯାଇପାରିବ ସେହି ଦୃଷ୍ଟିବାଧିତଙ୍କର ଭବିଷ୍ୟତ କେଉଁ ଦିଗକୁ ଗତି କରୁଛି।

ସାମାଜିକ କର୍ମୀଙ୍କ ମୁତାବକ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ବିଚାରଯୋଗ୍ୟ ସଂଖ୍ୟକ ଦୃଷ୍ଟିହୀନ ବିଦ୍ୟାର୍ଥୀ ରହିଛନ୍ତି। ଏଣୁ ନୂତନ ଶିକ୍ଷାନୀତି ଅନୁସାରେ ଏମାନଙ୍କ ପାଇଁ ଆବଶ୍ୟକ ବ୍ରେଲି ପୁସ୍ତକ ଏବଂ ଶ୍ରାବ୍ୟ ପୁସ୍ତକ(ଅଡିଓ ବୁକ୍ସ ) ଯୋଗାଇ ଦିଆଯିବା ପାଇଁ ଶିକ୍ଷା ବିଭାଗ ଦାୟିତ୍ୱ ନିଅନ୍ତୁ। କେବଳ ଡିଗ୍ରୀ ପାଇଁ ପାଠ୍ୟପୁସ୍ତକ ବ୍ୟତିରେକେ ତାଙ୍କର ସାଧାରଣଜ୍ଞାନ ବୃଦ୍ଧି ଏବଂ ମନୋରଞ୍ଜନ ପାଇଁ ମଧ୍ୟ ବ୍ରେଲି ଅକ୍ଷରରେ ଗପ, କାହାଣୀ, ବଡ଼ଲୋକଙ୍କ ଜୀବନୀ ସହ କ୍ରିୟାତ୍ମକ ପୁସ୍ତକଗୁଡ଼ିକ ଛପାଯାଉ। ଶିକ୍ଷା ପାଇଁ ସମସ୍ତଙ୍କର ସମାନ ଅଧିକାର ଥିବା ଦେଶରେ ଓଡ଼ିଆ ଦୃଷ୍ଟିବାଧିତ ପିଲା ଏଥିରୁ ବଞ୍ଚିତ ହେବା ଆମ ଶିକ୍ଷା ବ୍ୟବସ୍ଥାର ଏକ ବଡ଼ ତ୍ରୁଟି ବୋଲି କହିହେବ।

ଭାରତୀୟ କବି ସୁର ଦାସ, ଲେଖକ ତଥା ସାମ୍ବାଦିକ ବେଦ ମେହତା, ଫ୍ରାନ୍ସର ଲୁଇସ ବ୍ରେଲି, ଆମେରିକାର ହେଲେନ କେଲର୍ ଦୃଷ୍ଟିବାଧିତ ହୋଇଥିଲେ ମଧ୍ୟ ସମଗ୍ର ବିଶ୍ୱକୁ ଆଲୁଅ ଦେଖାଇଛନ୍ତି। ସେମାନଙ୍କ ଭଳି ସାଧନା, ପ୍ରଚେଷ୍ଟା ଓ ଅଭ୍ୟାସର ଆବଶ୍ୟକତା ତ ରହିଛି; ମାତ୍ର ପୁସ୍ତକ ଭଳି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବସ୍ତୁର ଅଭାବକୁ ପୂରଣ କରାଯାଇ ପାରିଲେ, ସେହି ଦୃଷ୍ଟିବାଧିତ ପିଲାଙ୍କ ପାଇଁ ଏହା ସର୍ବଶ୍ରେଷ୍ଠ ଆଶୀର୍ବାଦ ହେବ।

ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ବାଉଁଶରେ ସାଇକେଲ ତିଆରି ହେବା ଓ ରାସ୍ତାରେ ଗଡ଼ିବା ନିଶ୍ଚିତ ଭାବେ ଏକ ଅଜବ ଘଟଣା ଭଳି ଲାଗୁଥିଲେ ମଧ୍ୟ ଏଭଳି ସାଇକେଲ ଚଢ଼ିବାକୁ ପାଇବେ। ବିହାର ସମସ୍ତିପୁର ନିବାସୀ ଅମରେଶ କୁଶସ୍ୱା ଏହି ସାଇକେଲ ତିଆରି କରିଛନ୍ତି। ସେ ବିଭିନ୍ନ କମ୍ପାନୀ ଦ୍ୱାରା ବଜାରକୁ ଆସୁଥିବା ଲୁହାସାଇକେଲର ମଡେଲକୁ ଦେଖି ବାଉଁଶରେ ସେଭଳି ସାଇକେଲ ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ନିଜସ୍ୱ ଉଦ୍ୟମ ଓ ଜ୍ଞାନକୌଶଳ ଉପଯୋଗ କରି ମାତ୍ର ୨୫ ଦିନରେ ବାଉଁଶରେ ସାଇକେଲ ତିଆରି ଶେଷ କରିଛନ୍ତି। ଏହି ସାଇକେଲର ମୂଲ୍ୟ ରଖାଯାଇଛି ୫୦୦ ଟଙ୍କା। ଏହାକୁ ସେ ୧୫ ଅଗଷ୍ଟରେ ଲଞ୍ଚ କରିଥିଲେ। ଏହି ସାଇକେଲର ଟାୟାର ରବର ହୋଇଥିବାବେଳେ ଆଉ ସବୁ ପାର୍ଟ୍ସ ବାଉଁଶରେ ନିର୍ମିତ। ନାମୀଦାମୀ କମ୍ପାନୀଗୁଡ଼ିକ ଦ୍ୱାରା ନିର୍ମିତ ସାଇକେଲ ମୂଲ୍ୟ ପାଖାପାଖି ୧୦,୦୦୦ ଟଙ୍କା ହୋଇଥିବାରୁ ଗରିବ ଲୋକେ ବାଉଁଶ ସାଇକେଲ ସହଜରେ କଣିପାରିବେ ବୋଲି କୁହନ୍ତି ଅମରେଶ। ଏବେ ଏହି ସାଇକେଲ ଦେଖିବାକୁ ବିହାରର ବିଭିନ୍ନ ଅଞ୍ଚଳରୁ ଲୋକେ ତାଙ୍କ ଘରକୁ ଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୯ ଡିସେମ୍ବର ୧୯୭୫**

- ଆନ୍ତର୍ଜାତିକ ରେଡ୍‌କ୍ରସ ସଂସ୍ଥାର କାର୍ଯ୍ୟାବଳୀ ବିଶ୍ୱଶାନ୍ତି ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଉପାଦାନ ହୋଇଥିବାରୁ ଏ ଦିଗରେ ଅଧିକରୁ ଅଧିକ ସହଯୋଗ ଲାଗି ଭାରତ ଓ ସୋଭିଏତ୍ ରୁଷ ମଧ୍ୟରେ ରେଡ୍‌କ୍ରସ ରାଜିନାମା ସ୍ୱାକ୍ଷରିତ।
- ବଙ୍ଗଳାଦେଶରୁ ଭାରତକୁ ୨୦ ହଜାର ଟନ୍ ଝୋଟ ପରିବହନ କରିବା ସଂକ୍ରାନ୍ତ ଏକ ରାଜିନାମା କେନ୍ଦ୍ର ଆନ୍ତଃଜଳପଥ ପରିବହନ କର୍ପୋରେଶନ ମଧ୍ୟରେ ସ୍ୱାକ୍ଷରିତ ହୋଇଛି।

## ଚିରନ୍ତନୀ

ତାହାରି କୁନ୍ତଳ ଧୋଇ
ସିନ୍ଧୁଜଳ ନୀଳ ହୋଇ
ତାହାରି କ୍ରନ୍ଦନ ପ୍ରତି
ଲହରୀରେ ଡାକେ
କେଉଁ ଦୂର ମାୟା–ଚକ୍ରବାଳେ!
(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବେ ନିଷ୍ଠୁରତା ନିରୋଧ ଆଇନକୁ ଫୁ

ମହାଶୟ,

ଓଡ଼ିଶାରେ ଗୋ ସମ୍ପଦର ବିକାଶ ପାଇଁ ନୂଆ ସରକାର ଅନେକ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ନେଇ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ସହ ନୂଆ ଗୋଶାଳା ପ୍ରତିଷ୍ଠା ପାଇଁ ଯୋଜନା ହାତକୁ ନିଆଯାଇଥିଲେ ମଧ୍ୟ ପୂର୍ବପରି ଗୋଚାଲାଣ ବଢୁଛି। ଏ ଚାଲାଣ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁ ନାହିଁ। ଗୋଚାଲାଣବେଳେ କେତେକ ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ବିଗିଡ଼ି ଯାଉଛି। କାରଣ ଗୋଚାଲାଣ କରୁଥିବାବେଳେ କେତେଜଣ ସମାଜସେବୀ ଏହାକୁ ବିରୋଧ କରୁଛନ୍ତି। ସେମାନେ ଏହାର ରାକେଟ୍‌କୁ ପ୍ରତିରୋଧ କରୁଥିବାରୁ ଭୟଙ୍କର ମାଡ଼ଗୋଳ ହେବା ସହ ପରିସ୍ଥିତି ସଙ୍ଗିନ ହୋଇଯାଉଛି। କେତେକ କ୍ଷେତ୍ରରେ ଅକାରଣରେ ଜୀବନ ମଧ୍ୟ ଚାଲି ଯାଉଛି। ଓଡ଼ିଶାରେ ଗୋ ହତ୍ୟା ନିରୋଧ ଆଇନ ଅଛି, କିନ୍ତୁ ବାସ୍ତବରେ ତାହାକୁ କ୍ରିୟାନ୍ୱିତ କରାଯାଇନାହିଁ। ଯଦିଓ ଏହି ଆଇନ କଠୋର ନୁହେଁ ତଥାପି ଯାହା ଅଛି ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ କିଛି ମାତ୍ରାରେ ଏଭଳି ବେଆଇନ କାର୍ଯ୍ୟରେ ଅଙ୍କୁଶ ଲାଗିପାରନ୍ତା। ସରକାର ତୁରନ୍ତ ଏହି ଆଇନକୁ କଠୋର କରିବା ସହ ସେଥିପ୍ରତି ଗୁରୁତ୍ୱ ଦେଇ ସଂଶୋଧନ ଆଣନ୍ତୁ।

**– ଯୁଧିଷ୍ଠିର ମହାରଣା, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଉତ୍ତର ପ୍ରଦେଶରୁ ଆଉ ଜଣେ ଗିରଫ

## କେନ୍ଦ୍ରୀୟ ଅଧିକାରୀଙ୍କ ଆକାଉଣ୍ଟରୁ ୬୭ ଲକ୍ଷ ଗାଏବ ମାମଲା

ରାଉରକେଲା,୨୮।୧୨
(ସଙ୍ଗୀତା ଜେନା)

ରାଉରକେଲାରେ ରହୁଥିବା ଜଣେ କେନ୍ଦ୍ରୀୟ ବରିଷ୍ଠ ଅଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬୭.୭୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ରାଉରକେଲା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେବେନ୍ଦ୍ର ପ୍ରତାପ ମୌର୍ଯ୍ୟ। ଏହି ଘଟଣାରେ ବର୍ଷକ ମଧ୍ୟରେ ମୋଟ୍ ୧୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଠକେଇ ର୍ୟାକେଟ୍ କାମ୍ବୋଡିଆରୁ ନିୟନ୍ତ୍ରଣ କରାଯାଉଛି ବୋଲି ଶନିବାର ରାଉରକେଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଆଇଜି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି।

ଆଇଜି ରାୟ ଆହୁରି କହିଥିଲେ, ଗତବର୍ଷ ସାଇବର ଥାନାରେ ହୋଇଥିବା ମାମଲାର ତଦନ୍ତ ଜାରି ରହିଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୧୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ନିକଟରେ ରାଉରକେଲା ଏସ୍‌ପିଙ୍କୁ ଉକ୍ତ ମାମଲାର ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତ ଭାରତ ଆସିଥିବା ସୂଚନା ମିଳିଥିଲା। ତାଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏମ୍ଏଚ୍ଏର ଇଣ୍ଡିଆନ୍ ସାଇବର କ୍ରାଇମ୍ କୋର୍ଡିନେଶନ ସେଣ୍ଟର (ଆଇଫୋରସି) ଓ ରାଜ୍ୟ କ୍ରାଇମ ବ୍ରାଞ୍ଚର ସାଇବର ବିଶେଷଜ୍ଞଙ୍କ ସହାୟତାରେ ଏହାର ଠାବ କରାଯାଇଥିଲା। ଉତ୍ତରପ୍ରଦେଶରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶେଷରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ତାଙ୍କଠାରୁ ୧୦ ସେଲ୍‌ଫୋନ୍, ୮ ପେନ୍ ଡ୍ରାଇଭ, ୧୪ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ, ନେପାଳ, ଆମେରିକା, କାମ୍ବୋଡିଆର ମୁଦ୍ରା, ୨୨ ହଜାର ଟଙ୍କା, ୧୪ ପାସପୋର୍ଟ, ଚେକ୍ ବୁକ୍, ଆଧାରକାର୍ଡ, ପ୍ରିଣ୍ଟିଂ ମେଶିନ, ୱାଇଫାଇ ରାଉଟର, ୮ ଜାତୀୟ ଏବଂ ଅନ୍ତର୍ଜାତୀୟ ସିମ୍‌କାର୍ଡ ଜବତ ହୋଇଛି। ନକଲି ଆପ୍ ଜରିଆରେ ସାଧାରଣ ଲୋକଙ୍କୁ ଅଧିକ ଉପାର୍ଜନ ପ୍ରଲୋଭନ ଦେଖାଇ ଠକେଇ ହେଉଥିଲା ବୋଲି ଜଣାପଡ଼ିଛି। ବିଭିନ୍ନ ରାଜ୍ୟର ୮ଶହରୁ ଊର୍ଦ୍ଧ୍ୱ ଯୁବକ ବିଦେଶରେ ସାଇବର ଗ୍ୟାଙ୍ଗରେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଫସାଇ ଓ ଧମକ ଦେଇ ରଖାଯାଇଛି। ଏହି ମାମଲାରେ ଆହୁରି ୧୮/୧୯ଜଣ ସମ୍ପୃକ୍ତ ଅଛନ୍ତି ବୋଲି ଆଇଜି ରାୟ କହିଥିଲେ। ସେହିପରି ଏସ୍‌ପି ନିତେଶ ୱାଧୱାନୀ କହିଥିଲେ, ଏପରି ମାମଲାରେ ଅଧିକ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି। ତେବେ ମାଷ୍ଟରମାଇଣ୍ଡକୁ ଧରିବା ସମ୍ଭବ ହୋଇନାହିଁ। ଅଭିଯୋଗକାରୀଙ୍କ ଭଳି ଅନେକ ସାଧାରଣ ବର୍ଗର ଲୋକ ମଧ୍ୟ ଏପରି ଠକେଇର ଶିକାର ହୋଇଛନ୍ତି। ତଦନ୍ତ ଜାରି ରହିଛି ବୋଲି ଏସ୍‌ପି କହିଥିଲେ।

ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୩୦ ତାରିଖରେ ରାଉରକେଲାରେ ରହୁଥିବା ଜଣେ କେନ୍ଦ୍ରୀୟ ବରିଷ୍ଠ ଅଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬୭.୭୦ ଲକ୍ଷ ଟଙ୍କା ଠକେଇ ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ରାଉରକେଲା ପୋଲିସ ଏକ ମାମଲା (ନଂ.୨୯/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ଛତିଶଗଡ଼ର ଭିଲାଇ ଓ ରାୟପୁରରୁ ପ୍ରଥମ ପର୍ଯ୍ୟାୟରେ ୬ ଜଣଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାରେ ପ୍ରାୟ ୧୫ ଜଣ ଗିରଫ ହୋଇସାରିଥିବା ବେଳେ ଶନିବାର ରାଉରକେଲା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରିବାରେ ସଫଳ ହୋଇଛି।

# ଗିରଫ ହେଲେ ଇଞ୍ଜିନିୟର ସ୍ୱାମୀ

## ମହିଳା ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ମାମଲା

ଭୁବନେଶ୍ୱର,୨୮।୧୨
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଇନଫୋସିଟି ଥାନା ଅନ୍ତର୍ଗତ କଳାରାହାଙ୍ଗ ଅଞ୍ଚଳରେ ରହୁଥିବା ମହିଳା ସଫ୍ଟୱେର ଇଞ୍ଜିନିୟର ତପୋଶ୍ୱିନୀ ମିଶ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୋଲିସ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରିଛି। ଏଥିସହ ଥାନାରେ ଅଟକ ଥିବା ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଦେବଗଡ଼ର ବିଶ୍ୱାସ ସମ୍ପଦ ଶତପଥୀ(୩୦)। ବିଶ୍ୱାସ ମଧ୍ୟ ଜଣେ ସଫ୍ଟୱେର ଇଞ୍ଜିନିୟର ହୋଇଥିବାବେଳେ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ୨୦୨୧ରେ ପୁରୀ ଅଞ୍ଚଳର ତପୋଶ୍ୱିନୀଙ୍କୁ ବୈଦିକ ରୀତିରେ ବିବାହ କରି କଳାରାହାଙ୍ଗସ୍ଥିତ


ବିଶ୍ୱାସ ସମ୍ପଦ ଶତପଥୀ

ଏକ ଘରେ ଭଡ଼ାରେ ରହି ଆସୁଥିଲେ। ତପୋସିନୀଙ୍କ ମା'ଙ୍କ ଅଭିଯୋଗ ଓ ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ବିଶ୍ୱାସ ଅଧିକ ଯୌତୁକ ଲାଗି ତାଙ୍କ ସ୍ତ୍ରୀଙ୍କ ଉପରେ ଚାପ ପକାଇବା ସହ ନିର୍ଯ୍ୟାତନା ଦେଇଆସୁଥିଲେ। ଚଳିତ ମାସ ୨୫ ତାରିଖରେ ବିଶ୍ୱାସ ଫୋନ୍ ପେ' ଭର୍ଚୁଆଲ ଗୋଲ୍ଡ ବଣ୍ଡରୁ ୧୦ ହଜାର ଟଙ୍କା ଉଠାଇ ତାଙ୍କ ପୋଷା କୁକୁରକୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇଥିଲେ। ଅପରାହ୍ନ ପ୍ରାୟ ୪ ଟାରେ ଘରକୁ ଫେରି ତପୋଶ୍ୱିନୀଙ୍କୁ ୨୩୦୦ ଟଙ୍କା ଫେରାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ବିଶ୍ୱାସ ଗାଳିଗୁଲଜ କରିବାରୁ ତପୋଶ୍ୱିନୀ ଘରୁ ବାହାରି ଯାଇଥିଲେ। ଏହାର କିଛି ସମୟ ପରେ ବିଶ୍ୱାସ ମଧ୍ୟ ଘରୁ ବାହାରକୁ ଚାଲି ଯାଇଥିଲେ। କିଛି ସମୟ ପରେ ବିଶ୍ୱାସଘରକୁ ଫେରି ଛାତ ଉପରକୁ ଯାଇ ତାଙ୍କର ଜଣେ ବନ୍ଧୁଙ୍କ ସହିତ କଥା ହୋଇଥିଲେ। ରାତି ପ୍ରାୟ ସାଢେ ୮ଟାରେ ଘର ଭିତରକୁ ଯାଇ ତପୋଶ୍ୱିନୀ ଓଢଣୀରେ ଝୁଲୁଥିବା ଦେଖି ଚିତ୍କାର କରିଥିଲେ। ପଡୋଶୀମାନେ ପହଞ୍ଚି ତପୋଶ୍ୱିନୀଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା।

# ୮ ଆନ୍ତଃ ଜିଲ୍ଲା ବାଇକ୍ ଚୋର ଗିରଫ: ୬ ବାଇକ୍ ଜବତ

କୁଚିଣ୍ଡା,୨୮।୧୨(ବିରଞ୍ଚି ଦର୍ଶୀ)



ଏସ୍‌ଡିପିଓ ଅମିତାଭ ପଣ୍ଡାଙ୍କ ଦ୍ୱାରା ଗିରଫ ଆନ୍ତଃଜିଲା ବାଇକ୍ ଚୋର।

ସମ୍ବଲପୁର ଜିଲା ମହୁଲପାଲି ଥାନା ପୋଲିସ ଆନ୍ତଃଜିଲା ବାଇକ୍ ଚୋର ଗ୍ୟାଙ୍ଗ୍‌ର ୮ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ବଲପୁର ଜିଲା ଜମନକିରା ଥାନା ଟିକିଲିପଡ଼ାର ଅନ୍ତର୍ଯ୍ୟାମୀ ସେଠ୍ ଓରଫ ଜପୁନ, ଲବଣିକାନ୍ତ ଖଡ଼ିଆ, କୁଚିଣ୍ଡା ଥାନା ଚନ୍ଦନିମାଳର ନରେନ୍ଦ୍ର ବିନ୍ଧାଣି ଓ ମହୁଲପାଲି ଥାନା ରେଙ୍ଗାଲବେଡ଼ାର ଅରବିନ୍ଦ ଡୁଙ୍ଗ୍‌ଡୁଙ୍ଗ, ସୁନ୍ଦରଗଡ଼ ଜିଲା ତଳସରା ଥାନା ଦୁଧିଆନାଳର ଦେବାଶିଷ କୁଜୁର, ରାମପୁରର ସନ୍ଦୀପ ଟପ୍ପୋ, ବିଶାଳ କୁମାର ମାଝି, ସାଗବାହାଲର ସିଦ୍ଧାନ୍ତ ଲାକ୍ରା। ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଅଭିଯୁକ୍ତଙ୍କଠାରୁ ୬ଟି ବାଇକ୍ ଜବତ କରିଛି। ଏହି ଘଟଣାରେ ଅନ୍ୟ ଜଣେ ଫେରାର ଅଛନ୍ତି। ଶନିବାର ଏନେଇ ମହୁଲପାଲି ଥାନାରେ ଏକ ଖବରଦାତା ସମ୍ମିଳନୀରେ କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ପଣ୍ଡାଙ୍କ ସୂଚନା ଅନୁସାରେ, ମହୁଲପାଲି ଥାନା ପାଣ୍ଡିଆଡିପା ଗ୍ରାମର ରୋଶନ ଜୟପୁରିଆଙ୍କ ଏକ ବାଇକ(ନଂ. ଓଡି ୧୫ ୱାଇ ୦୪୮୮) ଗତ ୧୩ ତାରିଖ ରାତିରେ ତାଙ୍କ ଘର ବାରଣ୍ଡାରୁ ଚୋରିହୋଇ ଯାଇଥିଲା। ବହୁ ଖୋଜାଖୋଜି ପରେ ନ ପାଇବାରୁ ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ଡିପୁପଡ଼ା, ଗୋଛରା, କେଶାଇବାହାଲ, କୁସୁମୀ ଆଦି ଅଞ୍ଚଳରୁ ବାଇକ୍ ଚୋରି ସମ୍ପର୍କରେ ଥାନାରେ ରିପୋର୍ଟ ହୋଇଥିଲା। ଏହି ଅଭିଯୋଗ ପରେ ପୋଲିସ ଏହାକୁ ଅଧିକ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଏସ୍‌ଡିପିଓ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। କୁସୁମୀ ଅଞ୍ଚଳର ଜଣଙ୍କ ଘରେ ଏକ ଚୋରି ବାଇକ୍ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗଠିତ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ସେଠାରୁ ରୋଶନଙ୍କ ଚୋରି ବାଇକ୍ ଜବତ କରାଯାଇଥିଲା। ସେଠାରୁ ସଂଗୃହୀତ ସୂଚନା ଆଧାରରେ ବାଇକ୍ ଚୋରିର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଟିକିଲିପଡ଼ାର ଅନ୍ତର୍ଯ୍ୟାମୀ ଓ ଲବଣିକାନ୍ତଙ୍କୁ ପୋଲିସ ଗିରଫ କରିଥିଲା। ଉଭୟଙ୍କୁ ଜେରା ପରେ ଅନ୍ୟ ୬ ଆନ୍ତଃଜିଲା ବାଇକ୍ ଚୋରଙ୍କ ପାଖରେ ପହଞ୍ଚିଥିଲା ପୋଲିସ। ସୂଚନା ଯେ, ଗିରଫ ଅନ୍ତର୍ଯ୍ୟାମୀ ଓ ଲବଣିକାନ୍ତ ଚୋରି ଘଟଣାରେ ପୂର୍ବରୁ ଗିରଫ ହୋଇ ଝାରସୁଗୁଡ଼ା ଜେଲରେ ଥିଲେ। କିଛିଦିନ ତଳେ ସେମାନେ ଜାମିନରେ ଆସିଥିଲେ।

# ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ: ୪ ଗିରଫ

ଦେବଗଡ଼,୨୮।୧୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ପୋଲିସ ପକ୍ଷରୁ ରାତି ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ଥାନାଞ୍ଚଳର ରେଙ୍ଗାଲବେଡା ଛକରୁ ୨ଟି ବେଆଇନ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ କରିଛି। ଏଥିସହ ଭ୍ୟାନରୁ ୨ଟି ବାଛୁରି ସମେତ ୧୪ଟି ଗୋରୁ ଉଦ୍ଧାର କରି ଏହି ଘଟଣାରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫମାନେ ହେଲେ ନୟାଗଡ଼ ଜିଲା ସଦର ଥାନା ଖେଦପଡ଼ା ଗ୍ରାମର


ଗିରଫ ୪ଜଣ।

ପ୍ରଦୀପ ଚୌଧୁରୀ (୪୬), ନୟାଗଡ଼ ଜିଲା ସଦର ପଥରିପଡ଼ା ଗ୍ରାମର ଜଳଧର ପ୍ରଧାନ (୪୦), ନୟାଗଡ଼ ଥାନା ଇଟାମାଟି ଥାନା ବାଉଁଶିଆପଡ଼ା ଗ୍ରାମର ମାନସ କୁମାର ସେଠୀ (୪୦) ଓ ନୟାଗଡ଼ ଜିଲା ସଦର ଥାନା ଖେଦପଡ଼ା ଗ୍ରାମର ନବ କିଶୋର ପାତ୍ର (୩୦)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ବିଳମ୍ବିତ ରାତିରେ ରିଆମାଳ ଥାନା ଏଏସ୍ଆଇ ସରୋଜ କୁମାର ପ୍ରଧାନ ସଦଳବଳେ ପାଟ୍ରୋଲିଂ କରୁଥିବା ବେଳେ ୨ଟି ପିକଅପ୍ ଭ୍ୟାନ୍ ଯୋଗେ ଗୋରୁ ଚୋରାଚାଲାଣ ହେଉଥିବା ସୂଚନା ପାଇଥିଲେ। ସୂଚନା ଆଧାରରେ ସେମାନେ ରେଙ୍ଗାଲବେଡା ଛକରେ ଛକି ରହିଥିବା ବେଳେ ରାତ୍ରି ପ୍ରାୟ ୨ଟାରେ ଉକ୍ତ ରାସ୍ତା ଦେଇ ୨ଟି ପିକଅପ୍ ଭ୍ୟାନ୍ ଅଟକାଇଥିଲେ। ହେଲେ ଉକ୍ତ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଦ୍ୱୟର ଚାଳକ ଅଟକିବା ପରିବର୍ତ୍ତେ ଦ୍ରୁତଗତିରେ ଫେରାର ହେବାକୁ ଉଦ୍ୟମ କରିଥିଲେ। ତେବେ ଦୀର୍ଘ ସମୟର କସରତ ପରେ ପୋଲିସ ଉକ୍ତ ପିକଅପ୍ ଭ୍ୟାନ ଦ୍ୱୟକୁ ଅଟକାଇଥିଲା। ଯାଞ୍ଚ ସମୟରେ ଭ୍ୟାନ ମଧ୍ୟରେ ୨ଟି ବାଛୁରି ସମେତ ୧୪ଟି ଗୋରୁ ମୁମୂର୍ଷୁ ଓ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା।

# ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

## ୨ ନାବାଳକ ଅଟକ

ନାକଟିଦେଉଳ, ୨୮।୧୨
(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅଞ୍ଚଳରେ ଜଣେ ୭ ବର୍ଷର ନାବାଳିକା ଗଣବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ୬ ଦିନ ତଳେ ଏଭଳି ସମ୍ବେଦନଶୀଳ ଘଟଣା ଘଟିଥିଲେ ହେଁ ଶନିବାର ଥାନାରେ ଅଭିଯୋଗ ପରେ ଘଟଣା ସାମ୍ନାକୁ ଆସିଛି। ପୀଡ଼ିତାଙ୍କ ମା'ବାପା ନାକଟିଦେଉଳ ଥାନାରେ କରିଥିବା ଅଭିଯୋଗ ପରେ ପୋଲିସ ୨ଜଣ ୧୪ ବର୍ଷୀୟ ନାବାଳକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

ପ୍ରାପ୍ତ ସୂଚନା ଅନୁସାରେ, ପ୍ରଥମ ଶ୍ରେଣୀରେ ପଢୁଥିବା ସମ୍ପୃକ୍ତା ନାବାଳିକା ଜଣଙ୍କ ଗାଁଦାଣ୍ଡରେ ଖେଳୁଥିବା ବେଳେ ଅଭିଯୁକ୍ତ ନାବାଳକଦ୍ୱୟ ତାଙ୍କୁ ସେଠାରୁ କୌଶଳକ୍ରମେ ଡାକିନେଇ ବଳାତ୍କାର କରିଥିଲେ। ଦୁଇଦିନ ତଳେ ପୀଡ଼ିତା ନାବାଳିକା ଅସୁସ୍ଥତା ଅନୁଭବ କରିଥିଲେ। ତଳିପେଟ ଭୀଷଣ ଦରଜ ହେବା ସହ ଚାଲିବାରେ କଷ୍ଟ ଅନୁଭବ କରିଥିଲେ। ମା'ଙ୍କ ପଚରାଉଚରା ପରେ ସେ ସବୁକଥା କହିଥିଲେ। ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ୧୦ମ ଶ୍ରେଣୀରେ ପଢୁଥିବା ଥିବା ବେଳେ ଅନ୍ୟ ଜଣେ ପାଠ ଛାଡ଼ି ଘରେ ରହୁଥିଲେ। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେରଙ୍କୁ ଏ ନେଇ ପଚାରିବାରୁ ଥାନାରେ ମାମଲା ରୁଜୁ ହେଲା ପରେ ସମସ୍ତ ସୂଚନା ଦିଆଯିବ ବୋଲି କହିଛନ୍ତି।

# ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ଦେବଗଡ଼,୨୮।୧୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ତଥା ତିଲେଇବଣି ଫାଣ୍ଡି ଅନ୍ତର୍ଗତ ପ୍ରଭାଶୁଣୀ–ତିଲେଇବଣି ରାସ୍ତାରେ ଶନିବାର ଏକ ବାଇକ୍ ଦୁର୍ଘଟଣାରେ ୨ଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟାରେ ପ୍ରଭାଶୁଣି ଗ୍ରାମର ସଞ୍ଜୟ ଏକ୍କା (୧୯) ଓ ସୁରାଜ ଟପ୍ପୋ(୧୮) ଏକ ବାଇକ୍ ଯୋଗେ ତିଲେଇବଣୀ ପଟୁ ନିଜ ଗ୍ରାମକୁ ଫେରୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ପ୍ରଭାଶୁଣୀ–ତିଲେଇବଣି ରାସ୍ତା ଉପରକୁ ଛିଟିକି ପଡିଥିଲେ। ଫଳରେ ସଞ୍ଜୟଙ୍କ ମୁଣ୍ଡ ଏବଂ ମୁହଁରେ ଗଭୀର ଆଘାତ ହୋଇଥିଲା। ଅନୁରୂପ ଭାବେ ସୁରାଜଙ୍କ ଜଙ୍ଘ ଭାଙ୍ଗିଯିବା ସହ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସଞ୍ଜୟ ଏବେ ମଧ୍ୟ ସେଠାରେ ଚିକିତ୍ସାଧୀନ ଥିବାବେଳେ ସୁରାଜଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

नालको NALCO
National Aluminium Company Limited
(A Government of India Enterprise)
Smelter & Power Complex, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY
WALK-IN-INTERVIEW Advt. No.14240301
Walk-in-interview for engagement of Homeopathy Doctor on retainership basis to be held on **09.01.2025 at Training Centre, S&P Complex, Nalconagar, Angul**. For details, please visit 'career' section in www.nalcoindia.com.
GM(IE)-Rectt.

Directorate of Tourism,
Government of Jharkhand
MDI Building, 2nd floor, HEC Campus, Dhurwa, Ranchi-04 Tele Fax:0651-2331828
Email:dirjharhandtourism@gmail.com/jtdcltd@gmail.com
Ref.No.:- 1430/2024 Date: 28/12/2024
SHORT TENDER NOTICE
**Tender for the Selection of an Agency(ies) for operation and maintenance of boats for adventure water sports at Tilaiya Dam, Chandil Dam, Getalsud, Maithan Dam, Massanjore Dam and Dhurwa Dam at Jharkhand.**
The Jharkhand Tourism Development Corporation Limited (JTDCL), Government of Jharkhand (GoJ) undertaking intends to invite RFP for Selection Of An Agency(ies) for operation and maintenance of boats for adventure water sports at Tilaiya Dam, Chandil Dam, Getalsud, Maithan Dam, Massanjore Dam and Dhurwa Dam at Jharkhand.
The detailed RFP document can be downloaded from the website https://tourism.jharkhand.gov.in and submit their Applications.
The application Due date is on or before **15/01/2025 at 11:00 hours.**
All subsequent notifications, changes and amendments will be posted only on the above website.
Sd/-
Deputy Director
PR 343067 (Tourism, Art Culture Sports And Youth Affairs )24-25*D

ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଚୋରକୁ ଧରିବ ଗଣ୍ଡିରେ**
**ନାରୀ କି ଧରିବ ଖଟରେ।**

ସାଧାରଣତଃ ଚୋରକୁ ଧରି ବାନ୍ଧିଲେ ସେ ଚେଙ୍କ ପାଇଥାଏ ବା ହେଜି ପାରିଥାଏ। ସେହିପରି ସ୍ତ୍ରୀକୁ ଶଯ୍ୟାରେ ଶୋଇବା ବେଳେ ତା' ମନକୁ ନେଲେ ସେ ନିମ୍ନକୁ ଖସିଯାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚାଷୀ ଖାଏ ବାସି ପଖାଳ**
**ବେପାରୀ ଖାଏ ମଣ୍ଡା**
**ଘୋଡ଼ା ଶୋଇବାକୁ ବଛାଳି ଲୋଡ଼ା**
**ପଙ୍କରେ ଗଡ଼ଇ ପଣ୍ଡା।**

ଚାଷୀ ଅହରହ ଖଟି ତା'ର ଜମିରେ ଶସ୍ୟ ଉତ୍ପାଦନ କରିଥାଏ। କିନ୍ତୁ ଚାଷୀର ଏହି ଉତ୍ପାଦିତ ଶସ୍ୟକୁ ବେପାରୀମାନେ କମ୍ ଦାମ୍‌ରେ ନେଇ ତାହାକୁ ଅଧିକ ଦାମ୍‌ରେ ବିକ୍ରି କରି ଆନନ୍ଦରେ ଚଳିଥାଏ, ଅଥଚ ଚାଷୀ ଯେଉଁ ଗରିବକୁ ସେଇ ଗରିବ ହୋଇ ରହିଥାଏ। ପଣ୍ଡା ମଇଁଷି ଖଟି ମାଲିକକୁ ଫଳ ଦିଏ ଅଥଚ ସେ ଶୁଏ ପଙ୍କରେ କିନ୍ତୁ ଘୋଡ଼ା କେବଳ ମାଲିକକୁ ବୋହିନିଏ ଅଥଚ ସେ ଶୁଏ ଘୋଡ଼ାଶାଳରେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୩ ମହିଳା କ୍ୟାଡର ମାଓବାଦୀ ଗିରଫ

ମାଲକାନଗିରି, ୨୮।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଗୁଣ୍ଡାବାଡ଼ା ଗ୍ରାମ ନିକଟରୁ ଓଡ଼ିଶା ପୋଲିସ ଓ ଡିଭିଏଫ୍ ବାହିନୀ ମିଳିତ ଉଦ୍ୟମରେ ୮ ଲକ୍ଷ ପୁରସ୍କାର ଘୋଷିତ ୩ ମହିଳା କ୍ୟାଡର ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ମାଲକାନଗିରି ଜିଲା ଜଡାମ୍ବ ଥାନା ଧାକଡପଦର ଗ୍ରାମର ୪ ଲକ୍ଷ ପୁରସ୍କାର ଘୋଷିତ ସ୍ୱପ୍ନା ଓରଫ ଚନ୍ଦ୍ରମା ଖିଲ, ୨ ଲକ୍ଷ ପୁରସ୍କାର ଘୋଷିତ ବବିତା ଓରଫ କମଳା ଖିଲ ଓ ସୁନିତା ଖିଲ ରହିଛନ୍ତି। ଶନିବାର ଏକ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଡିଆଇଜି ନୀତିଶେଖର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ପୋଲିସ ଓ ଡିଭିଏଫ୍ ବାହିନୀ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଗୁଣ୍ଡାବାଡ଼ା ଗ୍ରାମ ନିକଟରେ ସର୍ଚ୍ଚ ଅପରେଶନ ସମୟରେ ଉକ୍ତ ୩ ଜଣ ମହିଳାଙ୍କ ଉପରେ ସନ୍ଦେହକରି ସେମାନଙ୍କୁ ଗିରଫ କରିଥିଲେ। ପଚରାଉଚୁରା କରିବାରୁ ସେମାନେ ସେମାନେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ। ସ୍ୱପ୍ନା ୨୦୧୮ରେ ଆନ୍ଧ୍ର–ଓଡ଼ିଶା ବୋର୍ଡର ସ୍ପେଶାଲ ଜୋନାଲ କମିଟିରେ ପାର୍ଟିସଦସ୍ୟା ଭାବେ ଯୋଗଦେଇଥିଲେ। ସେ ମାଲକାନଗିରି ଜିଲା ଜଡାମ୍ବ ଥାନା ଅଣ୍ଡାପାଲ୍ଲୀ, ମୁଦୁଲିପଡ଼ା ଥାନା ଅନ୍ତର୍ଗତ ଗୋଇଗୁଡା, କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ ଘୋଡ଼ାବେଡ଼ା, ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ତୁଲସୀ ଅଞ୍ଚଳ ଜାଜଭଟା, ଟେମ୍ରୁପାଲ୍ଲୀ ପଞ୍ଚାୟତ ଦଲଦଲି ନିକଟରେ


ଗିରଫ ୩ ମହିଳା ମାଓବାଦୀ।

ପୋଲିସ– ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ସମୟରେ ସାମିଲ ଥିଲେ।

ସେହିପରି ସୁନିତା ମାଥିଲି ଥାନା ତୁଲସୀ ଅଞ୍ଚଳ ଜାଜଭଟା, ଦଲଦଲି ଓ ଛତିଶଗଡ ସୁକ୍‌ମା ଜିଲା କୁକାନାର ଥାନା ପୁରାଡାବା ଅଞ୍ଚଳରେ ପୋଲିସ–ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ସମ୍ପୃକ୍ତ ଥିଲେ। ସ୍ୱପ୍ନା ଆନ୍ଧ୍ର–ଓଡ଼ିଶା ବୋର୍ଡର ସ୍ପେଶାଲ ଜୋନାଲ କମିଟି ମିଲିଟାରି ପ୍ଲାଟୁନ୍ ଗୁମ୍ମା ଅଞ୍ଚଳରେ କାର୍ଯ୍ୟ କରୁଥିବା ବେଳେ ବବିତା ଓ ସୁନିତା ଉଦୟଙ୍କ ଅଙ୍ଗରକ୍ଷକ ଭାବେ ପାର୍ଟି ସଦସ୍ୟା ହୋଇ କାର୍ଯ୍ୟ କରୁଥିଲେ। ଏହି ୩ ଜଣଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଥିବା ସେ କହିଛନ୍ତି।

GOVERNMENT OF ODISHA — No. O-995
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH
At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com
No. Tender Online RWCCESNG-15 of 2024-25 — Letter No. 2808 — Date: 19.12.2024
e-Procurement NOTICE
1. Type of the Work : Roads (MMSY Improvement to existing RD Roads)
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column-4 of the Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2024-25 | 30.12.2024 11.00 A.M. | 18.01.2025 5.00 P.M. | 17.01.2025 5.00 P.M. | 20.01.2025 11.00 A.M. | Will be intimated separately |

Further details can be seen from the website www.tendersodisha.gov.in.
OIPR-25133/11/0028/2425 — Sd./- Chief Construction Engineer (I/C), Rural Works Circle, Sundargarh

GOVERNMENT OF ODISHA — e-mail: serw_ctc@yahoo.com
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK
No. Tender Online RWC - 22/2024 — Letter No. — Date:
No. O-999:
e-Procurement NOTICE
1. Name of the Work : Construction of Road Works.
2. Class of Contractor :
a) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
b) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
c) Estimated cost more than Rs.20.00 lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the Column-7 of the Annexure
4. Detail Projects : As per Annexure attached
5. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC - 22/24 | 02.01.2025 at 11.30 A.M. | 22.01.2025 upto 05.00 P.M. | 22.01.2025 upto 02.00 P.M. | 24.01.2025 at 11.30 A.M. | Will be intimated later |

Further details can be seen from the website www.tendersodisha.gov.in.
OIPR-25097/11/0010/2425 — Sd./- Chief Construction Engineer, Rural Works Circle, Cuttack

कार्यालय अधीक्षण अभियंता
लोक निर्माण विभाग, बिलासपुर मंडल, बिलासपुर
ई-प्रोक्यूरमेंट निविदा सूचना
Portal: http://eproc.cgstate.gov.in
छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई-पंजीयन में पंजीकृत ठेकेदार हेतु सरल क्र. 1 से 3 हेतु दिनांक 07.01.2025 तक एवं सरल क्र. 4 से 11 हेतु दिनांक 13.01.2025 तक निविदा आमंत्रित की जाती है:-

| क्र. | नि.आ.सु. क्र./दिनांक | कार्य का नाम | लागत (लाख में) |
|---|---|---|---|
| 1 | 299 | लो.नि.वि. हाईकोर्ट उपसंभाग क्र.-1 बिलासपुर के अंतर्गत आवासीय एवं गैर आवासीय भवनों में ए.आर. का कार्य। द्वितीय आमंत्रण। संभाग क्र. 2, बिलासपुर। | 45.00 |
| 2 | 300 | लोक निर्माण विभाग, उपसंभाग क्र. 2 कटघोरा अंतर्गत मार्गों में विशेष मरम्मत, मजबूतीकरण एवं चोड़ीकरण तथा पुल - पुलियों का विशेष मरम्मत कार्य। द्वितीय आमंत्रण। कोरबा संभाग। | 25.00 |
| 3 | 301 | मुख्यमंत्री शासकीय अस्पताल रूपांतरण कोष अंतर्गत जिला चिकित्सालय रायगढ़ के गायनिक रोग विभाग खंड के जीर्णोद्धार कार्य। द्वितीय आमंत्रण। रायगढ़ संभाग। | 200.00 |
| 4 | 302 | वेयर हाउस रोड विधिक सेवा मार्ग, बिलासपुर स्थित शासकीय आबासगृह क्र. ई-4 में बाउण्ड्रीवाल निर्माण कार्य, कुटुम्ब न्यायालय बिलासपुर परिसर में अधिवक्ताओं/पक्षकारों के लिए शौचालय निर्माण कार्य एवं कंटीजोंसी मद अंतर्गत् अधीक्षण अभियंता, लोक निर्माण विभाग (वि/यां) बिलासपुर के कक्ष में वॉल पेनेलिंग कार्य। प्रथम आमंत्रण। संभाग क्र. 1. बिलासपुर। | 25.64 |
| 5 | 303 | जिला बिलासपुर के तारबहार से नगपुरा मार्ग लंबाई 1.80 कि.मी. निर्माण कार्य। प्रथम आमंत्रण। संभाग क्र. 1, बिलासपुर। | 130.33 |
| 6 | 304 | डी.पी. विप्र महाविधालय भवन परिसर बिलासपुर के द्वितीय तल में प्रस्तावित क्लास रूम (भाग बी) कार्य। प्रथम आंमत्रण। संभाग क्र. 1, बिलासपुर। | 30.18 |
| 7 | 305 | ग्राम पंचायत पतुरियाडांड विकासखण्ड पोड़ीउपरोड़ा के करहिया नाला पर स्लेब कलवर्ट का निर्माण कार्य। प्रथम आमंत्रण। कोरबा संभाग। | 40.02 |
| 8 | 306 | जिला रायगढ़ के टिनमिनी पहुंच मार्ग लंबाई 2.00 कि.मी. निर्माण कार्य। प्रथम आमंत्रण। रायगढ संभाग। | 162.82 |
| 9 | 307 | जिला रायगढ़ के हाईस्कूल पंचपारा पहुंच मार्ग लंबाई 0.70 कि.मी. निर्माण कार्य। प्रथम आंमत्रण। रायगढ संभाग। | 70.79 |
| 10 | 308 | जिला रायगढ के ठाकुरपाली पहुंच मार्ग लंबाई 2.00 कि.मी. निर्माण कार्य। प्रथम आमंत्रण। रायगढ संभाग। | 190.06 |
| 11 | 309 | गसकीय पॉलीटेक्निक भवन, रायगढ़ में लघुमूल गौण कार्य एवं अनुरक्षण कार्य। प्रथम आंमत्रण। रायगढ़ संभाग। | 30.69 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सकते है।
स्वा./-अधीक्षण अभियंता
लो.नि.वि., बिलासपुर मण्डल, बिलासपुर
G-242504889/2

**ମାନସିକ ବିକୃତ ବ୍ୟକ୍ତିଙ୍କ ଆକ୍ରମଣରେ ୩ ଗୁରୁତର**

ଥୁଆମୂଳ ରାମପୁର,(ଦୁର୍ଗା କାର୍ତ୍ତି): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଞ୍ଚଳରେ ଶନିବାର ଜଣେ ମାନସିକ ବିକୃତ ବ୍ୟକ୍ତିଙ୍କ ଆକ୍ରମଣରେ ୩ ଗୁରୁତରରେ ହୋଇଛନ୍ତି। ସୂଚନା ମୁତାବକ ବିରିକୋଟ ଗ୍ରାମ ପଞ୍ଚାୟତ ବଇଙ୍ଗ ଡେଙ୍ଗୁଲାପଡା ଗ୍ରାମର ନାଏକ (୪୫), ଅନିଲ ନାଏକ (୨୫) ଓ କ୍ରିଷ୍ଣା ନାଏକ (୭) କୌଣସି କାମରେ ରାୟଗଡ଼ା ଯାଇ ବାଇକ୍‌ରେ ଫେରୁଥିବା ବେଳେ ତୁମେରପଦର ଗ୍ରାମ ନିକଟରେ ଜଣେ ମାନସିକ ବିକୃତ ବ୍ୟକ୍ତି ସେମାନଙ୍କୁ ଟେକା ପଥରମାଡ଼ କରିଥିଲେ। ଫଳରେ ସମସ୍ତେ ଗୁରୁତର ହୋଇପଡ଼ିଥିଲେ।

## ସଂକ୍ଷେପରେ

### ଫସଲ କ୍ଷୟକ୍ଷତି: ତହସିଲ ଅଫିସରେ ଦାବିପତ୍ର ଦେବ ସଚେତନ କୃଷକ ମଞ୍ଚ

କୋକସରା,୨୮।୧୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): ଗତ ୨୪ ଓ ୨୫ ତାରିଖରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କୋକସରା ବ୍ଲକରେ ବ୍ୟାପକ ଖରିଫ ଧାନ ଫସଲ କ୍ଷୟକ୍ଷତି ହୋଇଛି। ଧାର କରଜ କରି ଚାଷୀମାନେ ଚାଷ କରିଥିବା ବେଳେ ଅମଳ ବେଳକୁ ଅଦିନିଆ ବର୍ଷା ସେମାନଙ୍କ ଦୁଖଃକୁ ଦ୍ୱିଗୁଣିତ କରିଛି। ବର୍ଷାରେ ଗୁଣବତ୍ତା ହରାଇଥିବା ଧାନକୁ ଚାଷୀ କେମିତି ବିକ୍ରି କରି ବିଭିନ୍ନ ବ୍ୟାଙ୍କ, ଫାଇନାନ୍ସ କମ୍ପାନୀ, ମହାଜନୀ ଋଣ ପରିଶୋଧ କରିବେ ସେ ନେଇ ଚିନ୍ତାରେ ରହିଛନ୍ତି। ଏପରି ସମୟରେ ସଚେତନ କୃଷକ ମଞ୍ଚ ଚାଷୀଙ୍କ ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇ ଆଗକୁ ବାହାରିଛି। ଆସନ୍ତା ୩୧ ତାରିଖରେ ମଞ୍ଚ ପକ୍ଷରୁ ଶତାଧିକ କ୍ଷତିଗ୍ରସ୍ତ ଚାଷି ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ମଞ୍ଚର ସଭାପତି ଶିବ ପ୍ରସାଦ ପ୍ରଧାନୀ ସୂଚନା ଦେଇଛନ୍ତି।

### ଗାଧୋଇବାକୁ ଯାଇ ଘରକୁ ଫେରିଲେନି ଯୁବକ

**ହୃଦ୍‌ଘାତରେ ମୃତ୍ୟୁ ସନ୍ଦେହ**

ମୁରିବାହାଲ,୨୮।୧୨(ଶ୍ରୀବତ୍ସ ବେହେରା): ମୁରିବାହାଲ ଥାନା ହଳଦୀ ଗ୍ରାମ ପଞ୍ଚାୟତ ଯୁଗୀରଥା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଶନିବାର ସକାଳ ପ୍ରାୟ ସାଢେ ୯ଟାରେ ଗ୍ରାମରେ ଥିବା ବନ୍ଧକୁ ଗଦାଧର ବାଗ (୪୫) ଗାଧେଇବା ପାଇଁ ଯାଇଥିଲେ। ଏହି ସମୟରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଟିଟିଲାଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃତ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଲୋକଙ୍କ ପାଖକୁ ଯାଇ କାମ କରିବାକୁ ଆହ୍ୱାନ

ପାଟଣାଗଡ଼,୨୮।୧୨ (ସଚ୍ଚିଦାନନ୍ଦ ମହାକୁର): ପାଟଣାଗଡ ଏନଏସିସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ପୂର୍ବତନ ପାଟଣାଗଡ ବିଧାୟକ ସରୋଜ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ପାଟଣାଗଡ ବ୍ଲକ ଅଧ୍ୟକ୍ଷ ନିଳକାନ୍ତ ବାଗ, ଉପାଧ୍ୟକ୍ଷା ଲକ୍ଷ୍ମୀ ମାଝୀ,ଏନଏସି ଅଧ୍ୟକ୍ଷା ମାନସୀ ବିଶାଳ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମେହେର, ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଉପାଧ୍ୟକ୍ଷ ସୁଖିରାମ ଷାଣ୍ଡ ଯୋଗ ଦେଇଥିଲେ। ବିଜେଡି ଯୁବନେତା ସୁକୁମାର ବାରିକ,ମହିଳା ନେତ୍ରୀ ବିଦ୍ୟୁସ୍ମିତା ମହାକୁର , ଖପ୍ରାଖୋଲ ବ୍ଲକ ବିଜେଡି ସଭାପତି ରମେଶ ପ୍ରଧାନ, ପାଟଣାଗଡ ବ୍ଲକ ସରପଞ୍ଚ ସଂଘର ସଭାପତି ଦନାର୍ଦ୍ଦନ ସାହୁ,ଗଣ୍ଡାରାମ ବେହେରା,ପ୍ରଦିପ ପୁରୋହିତ, ସୁରଜିତ ମେହେର,କୁମୁତ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମେହେର ଦଳର କର୍ମକର୍ତ୍ତାମାନଙ୍କୁ ଲୋକଙ୍କ ପାଖକୁ ଯାଇ ବିଜେଡିର ଜନହିତକର କାର୍ଯ୍ୟ ସମ୍ପର୍କରେ ଅବଗତ କରିବା ସହ ସେମାନଙ୍କ କାମ କରିବାକୁ ପରାମର୍ଶ ଦେଇଥିଲେ। ଆଇନଜୀବୀ ଇନ୍ଦୁ ଭୂଷଣ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଣ୍ଡାରାମ ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତିନୋଟି ବ୍ଲକର ଦଳୀୟ ଜିଲ୍ଲା ପରିଷଦ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର, କାଉନସିଲରଙ୍କ ସମେତ ଅଞ୍ଚଳର ଶତାଧିକ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ନାରୀ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ସୂତ୍ରଧର

ଭବାନୀପାଟଣା, ୨୮।୧୨ (ଉତ୍ତମ କୁମାର ଦାଶ)



କବୟିତ୍ରୀ ଐଶ୍ୱର୍ଯ୍ୟା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

**କଳାହାଣ୍ଡି ଲେଖିକା ସଂଘର ୨୪ତମ ବାର୍ଷିକ ଉତ୍ସବ**

ନାରୀ ଅସୀମ ଶକ୍ତିର ଅଧିକାରିଣୀ। ସେ ଏକାଧାରାରେ ଜନନୀ, ଭଗିନୀ ଓ ଜାୟାର କାର୍ଯ୍ୟ ତୁଲାଇବାରେ ସକ୍ଷମ। ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ସୂତ୍ରଧର ହେଉଛି ନାରୀ। ଏକା ସାଙ୍ଗରେ ସେ ଘରେ ତଥା ବାହାରେ ନିଜ କର୍ମକ୍ଷେତ୍ରରେ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇପାରିଥାଏ। ଶନିବାର ଭବାନୀପାଟଣା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ବ୍ରଜବିହାରଠାରେ ଅନୁଷ୍ଠିତ କଳାହାଣ୍ଡି ଲେଖିକା ସଂଘର ୨୪ତମ ବାର୍ଷିକ ଉତ୍ସବରେ ଅତିଥିଗଣ ଏହି ମତ ପ୍ରକାଶ କରିଛନ୍ତି। ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ସାରଳା ପୁରସ୍କାରପ୍ରାପ୍ତ ତଥା ସଂସ୍କୃତିବିତ୍ ଜୟନ୍ତ କୁମାର ବେହେରା, ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରିଣୀ ଶୁଭସ୍ମିତା ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକନନ୍ଦ ମହାନନ୍ଦ ଓ ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା. ନିବେଦିତା ସାହୁ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନର ସ୍ନେହଲତା ଷଡ଼ଙ୍ଗୀ ଦୀପ ପ୍ରଜ୍ୱଳନ କରିଥିବାବେଳେ ସବିତା ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସଂଘର ମୁଖପତ୍ର 'କଳ୍ପିତା' ଉନ୍ମୋଚିତ ହୋଇଥିଲା। ସମ୍ପାଦିକା କଳ୍ପନା ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ସାହିତ୍ୟ କ୍ଷେତ୍ରରେ ସଂଘର ପୂର୍ବତନ ସଭାପତି 'ଚାରୁଲତା ମହାନ୍ତି ପ୍ରଦତ୍ତ ସମ୍ମାନ' ସଂଘମିତ୍ରା କାନୁନଗୋଙ୍କୁ, ସାହସିକତା କ୍ଷେତ୍ରରେ 'ଗିରୀଶ କୁମାର ପ୍ରଦତ୍ତ ପ୍ରତିମା ସ୍ମୃତି ସମ୍ମାନ' ଯମୁନା ପଣ୍ଡାଙ୍କୁ ଓ କବୟିତ୍ରୀ କ୍ଷେତ୍ରରେ 'ସ୍ନେହଲତା ବେହେରା ପ୍ରଦତ୍ତ ସମ୍ମାନ' ଐଶ୍ୱର୍ଯ୍ୟା ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଜ୍ଞାପଟ ଶିଳ୍ପୀ ଭାବେ ଗାୟତ୍ରୀ ନାଏକଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବନଶ୍ରୀ ଦାସ ପରିଚାଳନା କରିଥିବାବେଳେ ସହ ସମ୍ପାଦିକା ସୁମତି ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଆନନ୍ଦିନୀ ପାତ୍ର, କାଜଲ ମହାରଣା, ରଚିତ ମେହେର, ପ୍ରାଞ୍ଜଳ ଠାକୁର, ପ୍ରତାପ ପଣ୍ଡା ପ୍ରମୁଖ ସହାୟତା କରିଥିଲେ।

## ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଜବତ: ହତ୍ୟା ଅଭିଯୋଗ

ଟିଟିଲାଗଡ଼,୨୮।୧୨ (ଶରତ ମିଶ୍ର)

ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ସିଣ୍ଡୁଲ ଗ୍ରାମ ପାଖ ରେଳଧାରଣା ନିକଟରୁ ଜଣେ ମହିଳାଙ୍କ ମୃତଦେହ ଶନିବାର ପୋଲିସ ଜବତ କରିଛି। ମୃତକ ହେଲେ ପୁରିବାହାଲ ବ୍ଲକ ଅନ୍ତର୍ଗତ କ୍ରିପାପଡ଼ା ଗ୍ରାମର କୁମରମଣି ରଣାଙ୍କ ସ୍ତ୍ରୀ କନକ ରଣା (୨୭)। ତେବେ କନକଙ୍କୁ ହତ୍ୟା କରାଯାଇଥିବା ବାପଘର ପକ୍ଷରୁ ଟିଟିଲାଗଡ଼ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଶୁକ୍ରବାର ରାତିରେ କନକ ଓ କୁମରମଣିଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ସ୍ୱାମୀଙ୍କ ବୟାନ ଅନୁସାରେ ଝଗଡ଼ା ପରେ ରାତିରେ କନକ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ଏନେଇ କ୍ରିପାପଡ଼ା ଗ୍ରାମର କନକଙ୍କ ବାପା ତହସିଲ ରଣା କହିଛନ୍ତି, ପୂର୍ବରୁ ସ୍ୱାମୀ ସ୍ତ୍ରୀ ଝଗଡ଼ା ହେଲେ ତାଙ୍କ ଝିଅ ଫୋନ କରି ଜଣାଉଥିଲେ। ହେଲେ ଶୁକ୍ରବାର ରାତିରେ ହୋଇଥିବା କଳିଗୋଳ ନେଇ ଝିଅ ଫୋନ କରି ଜଣାଇ ନ ଥିଲେ। ତାଙ୍କ ଝିଅକୁ ହତ୍ୟା କରି ରାତି ଭିତରେ ଘର ପାଖରେ ଥିବା ରେଳ ଧାରଣାରେ ପିଙ୍ଗି ଦିଆଯାଇଥିବା ତହସିଲ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ତଦନ୍ତ ଜାରି ରହିଥିବା ଆଇଆଇସି ବିଶ୍ୱଜିତ୍ ମହାବୋଧ କହିଛନ୍ତି। ଅନ୍ୟପକ୍ଷରେ ରେଳଧାରଣାରୁ ମୃତଦେହ ଜବତ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଟିଟିଲାଗଡ଼ ଝିଆପି ଥାନା ଅଧିକାରୀ ବିଜୟ ଭୋଇ କହିଛନ୍ତି।

# କ୍ଷତିପୂରଣ ରାଶି ନ ମିଳିଲେ ଆନ୍ଦୋଳନ

ନୂଆପଡ଼ା,୨୮।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅନ୍ତର୍ଗତ ଧରମପୁରଠାରୁ ହାତିସରା ଗାଁ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ଓ ସେତୁ ନିର୍ମାଣ ହୋଇଛି। ରାସ୍ତା ନିର୍ମାଣ ହେବାର ବର୍ଷେ ବିତିଯାଇଥିଲେ ମଧ ଚାଷୀଙ୍କୁ କ୍ଷତିପୂରଣ ମିଳିନାହିଁ। ଚାଷୀମାନେ ବାରମ୍ବାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦୌଡ଼ି ନୟାନ୍ତ ହୋଇଗଲେଣି। ଏପରି କି ଉପଜିଲାପାଳ ଭୀମସେନ ଶବରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୂଚନା ଅନୁସାରେ ରାସ୍ତା କାର୍ଯ୍ୟରେ ତରବୋଡ ପଞ୍ଚାୟତ ଧରମପୁର ଓ ଦର୍ଲିପଡା ପଞ୍ଚାୟତ ହାତିସରା ଗାଁର ପାଖାପାଖି ୩୦ ଜଣ ଚାଷୀଙ୍କ ଜମିଯାଇଛି। ଜମିର ଉଭୟ ପାର୍ଶ୍ୱରେ ମାଟି ପୋତିହୋଇଥିବାରୁ ଚାଷ କାର୍ଯ୍ୟରେ ବାଧା ଉପୁଜୁଛି। ଏହାକୁ ନେଇ ଚାଷୀମାନେ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ ସୁଫଳ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଚାଷୀ ଏକଜୁଟ ହୋଇ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରଘୁ ବନଛୋର, ପ୍ରତାପ କଟା, ଗୋବର୍ଦ୍ଧନ ମାଝି, ତ୍ରିଲୋଚନ ମାଝି, ଗୟାରାମ ବନଛୋର, ଉତ୍ତମ ଖର୍ସେଲ, ଲେବାକାନ୍ତ ବନଛୋର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## କେସିଙ୍ଗାରେ କଂଗ୍ରେସର ବନ୍ଦ ପାଳନ

କେସିଙ୍ଗା,୨୮।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଚାଷୀଙ୍କ ଅମଳ ଧାନର ଉଚିତ ମୂଲ୍ୟ ପ୍ରଦାନ ଓ ଧାନ କଟ୍‌ନି ଛଟ୍‌ନି ବନ୍ଦ ଦାବିରେ ଶନିବାର କେସିଙ୍ଗା କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଛି। କେସିଙ୍ଗା ନଗର କଂଗ୍ରେସ ସଭାପତି ସୁଭାଷ ଚନ୍ଦ୍ର ଜୈନଙ୍କ ନେତୃତ୍ୱରେ ୨୬ନଂ. ଜାତୀୟ ରାଜପଥକୁ ସକାଳ ୫ଟାରୁ ବସ୍‌ଷ୍ଟାଣ୍ଡ ନିକଟରେ ଅବରୋଧ କରାଯାଇଥିଲା। କର୍ମକର୍ତ୍ତାମାନେ ଦର୍ଶାଇଥିଲେ, କୁଇଣ୍ଟାଲ ପିଛା ୭ କେଜିରୁ ଅଧିକ ଧାନ କଟାଯାଉଛି। ଧାନମଣ୍ଡିରେ କୌଣସି ସୁବିଧା ନାହିଁ। ଖୋଲା ଆକାଶ ତଳେ ଶହ ଶହ କୁଇଣ୍ଟାଲ ଧାନ ପଡ଼ିରହିଛି। ବିଳମ୍ବରେ ମଣ୍ଡି ଖୋଲିଥିବାରୁ ଟୋକନ୍ ସମୟସୀମା ବୃଦ୍ଧି, ଚାଷୀଙ୍କ ଋଣ ଛାଡ଼ ଓ ଫସଲ ବୀମା ଦିଆଯାଉ ବୋଲି ଦାବି କରିଥିଲେ। ସଦର ବିଧାୟକ ସାଗର ଚରଣ ଦାସଙ୍କ ଆହ୍ୱାନକ୍ରମେ ବନ୍ଦ ପାଳନ କରାଯାଇଥିଲା। ଏଥିରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରାମରାଲ ସୁନାନୀ, କଂଗ୍ରେସ ବ୍ଲକ୍ ସଭାପତି ରାହାସ ସାହୁ, କାଉନସିଲର ରୋହିତ ଜୈନ, ପ୍ରତାପ ବାଗ, ହେମରାଜ ସାହା ପ୍ରମୁଖ ସାମିଲ ହୋଇଥିଲେ।

## ଝରିଆଲ ଓ ବେଲପଡା ଧାନମଣ୍ଡିରେ ଅବ୍ୟବସ୍ଥା



ବେଲପଡା ମଣ୍ଡି।

କଣ୍ଟାବାଞ୍ଜି,୨୮।୧୨(ଗୁରୁଦୟାଲ ହଂସ)

**ଖୋଲା ଆକାଶତଳେ ଚାଷୀଙ୍କ ଧାନ**

ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ଝରିଆଲ ଓ ବେଲପଡା ମଣ୍ଡିରେ ନା ନା ଅବ୍ୟବସ୍ଥା ଲାଗି ରହିଛି। ଚାଷୀ ମଣ୍ଡିକୁ ଧାନ ବିକ୍ରୟ ପାଇଁ ଆଣୁଥିବା ବେଳେ ଅଧିକାଂଶ ସମୟରେ ମଣ୍ଡିରେ ପ୍ୟାକ୍ସ ସମ୍ପାଦକ କିମ୍ବା ମିଲର୍ସଙ୍କ ଅନୁପସ୍ଥିତି ଦେଖିବାକୁ ମିଳୁଛି। ଫଳରେ ମଣ୍ଡିରେ କାର୍ଯ୍ୟରତ ଡିଇଓ(ଡାଟା ଏଣ୍ଟ୍ରି ଅପରେଟର)ଙ୍କ ମନମାନୀ ହେଉଥିବା ଅଭିଯୋଗ ହେଉଛି। ଏପରି କି ସମ୍ପାଦକଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ୪ ରୁ ୫ କେଜି ଲେଖାଏ କଟ୍‌ନି ଛଟ୍‌ନି କରାଯାଉଥିବା ବେଳେ ରେଜିଷ୍ଟରରେ ତାହା ଉଲ୍ଲେଖ କରାଯାଉନାହିଁ। ପ୍ରକାଶ ଯେ, ଝରିଆଲ ଧାନମଣ୍ଡିରେ କାର୍ଯ୍ୟରତ ସମ୍ପାଦକ ଝରିଆଲ, ମୁଣ୍ଡପଦର ଓ ଦେଢଗାଁ ଏପରି ୩ଟି ମଣ୍ଡିର କାର୍ଯ୍ୟ ତୁଲାଉଛନ୍ତି। ଫଳରେ କୌଣସି ମଣ୍ଡିକୁ ସଠିକ୍ ସମୟ ଦେଇ ପାରୁନାହାନ୍ତି। ଯଦ୍ୱାରା ତିନି ଧାନମଣ୍ଡି ଡିଇଓଙ୍କ ଭରସାରେ ଚାଲିଛି। ଚାଷୀମାନେ ମଣ୍ଡିକୁ ଧାନ ଦେବାକୁ ଆସି ଠିକ ସମୟରେ ସେମାନଙ୍କ ଏଣ୍ଟ୍ରି ନ ହେବାରୁ ଦିନ ଦିନ ମଣ୍ଡିରେ ପଡି ରହୁଥିବା ଅଭିଯୋଗ ହେଉଛି। ଝରିଆଲ ମଣ୍ଡିରେ ଚାଷୀର ଧାନ ସୁରକ୍ଷିତ ରଖିବା ପାଇଁ ମଣ୍ଡି ସାମ୍ନାରେ କୌଣସି ଟେଣ୍ଟ ବନ୍ଧା ଯାଇନାହିଁ। ଫଳରେ ଚାଷୀମାନେ ଖୋଲା ଆକାଶ ତଳେ ଧାନକୁ ରଖିବା ପାଇଁ ବାଧ୍ୟ ହେଉଛନ୍ତି। ସେହିପରି ବେଲପଡା ଧାନମଣ୍ଡିର ଅବସ୍ଥା ମଧ ଅନୁରୂପ। ଖୋଲା ଆକାଶ ତଳେ ଧାନ ପଡି ରହୁଥିବା ବେଳେ କାର୍ଯ୍ୟରତ ସମ୍ପାଦକ ମଣ୍ଡିକୁ ନିୟମିତ ଆସୁ ନ ଥିବାରୁ ଚାଷୀମାନେ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଚାଷୀ ମହଲରେ ଦାବି ହେଉଛି।

# ୭ମ ବର୍ଷରେ ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ

ବେହେରା,୨୮।୧୨(ଭୂପେଶ ତିୱାରୀ)



ଦେବଦେବୀଙ୍କ ସହ ମଶାଲକୁ ମଞ୍ଚରେ ପ୍ରଦର୍ଶନ କରାଯାଉଛି।

**ଆକର୍ଷଣ ସାଜିଛି କଳାହାଣ୍ଡି ରାଜ ଦରବାର ଆକୃତିର ମଞ୍ଚ**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ହାଇସ୍କୁଲ ପଡିଆଠାରେ ୭ତମ ଦଣ୍ଡପାଟ ଧନୁଯାତ୍ରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମଧ୍ୟାହ୍ନ ସମୟରେ ବେହେରା ଦନ୍ତେଶ୍ୱରୀ ମନ୍ଦିରରେ ଦେବୀଙ୍କ ପୂଜନ ସହ ପୂର୍ବରୁ ଆମନ୍ତ୍ରିତ ଗୋତମୁଣ୍ଡାର ସର୍ବମଙ୍ଗଳାଙ୍କ ଲାଠି, ଧଅଁରପୁର ହାଟ ଗୋଷିଆଣୀଙ୍କ ଲାଠି, ସାଗାହାଲିର ଦେବୀ ଭଟକେନ ଲାଠି, ବେହେରାର ବୁଢ଼ାରଜା ଦେବଙ୍କ ଲାଠି ସହ ଏକ ଭବ୍ୟ ମଶାଲ ଯାତ୍ରା ଗ୍ରାମ୍ୟ ପରିକ୍ରମା କରାଇ ଉତ୍ସବ ପଡ଼ିଆରେ ସ୍ଥାପିତ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ଡହଗାଁ ଗୋନ୍ତିଆ ତଥା ଦଣ୍ଡପାଟର ମାଫିଦାର ସ୍ୱର୍ଗତ ଗଜାନନ ପୂଜାରୀଙ୍କ ବଂଶଜ ବଳରାମ ପୂଜାରୀ ବିଶିଷ୍ଟ ଅତିଥି, ମୁଖ୍ୟ ଅତିଥି ଭାବରେ ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ମୁଖ୍ୟବକ୍ତା ଭାବରେ ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ଜୟନ୍ତପୁର ଗୋନ୍ତିଆ ଯୁବରାଜ ନାଏକ, ବେହେରା ଗୋନ୍ତିଆ ମଣିଭଦ୍ର ନାଏକ, ଧଅଁରପୁର ଗୋନ୍ତିଆ ସୁରେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ସନ୍ଧ୍ୟାରେ ଉଗ୍ରସେନଙ୍କ ଗାଦିଚ୍ୟୁତ, ଦେବକୀ-ବାସୁଦେବ ବିବାହ ଓ କଂସଙ୍କ ରାଜ୍ୟାଭିଷେକ ମଞ୍ଚସ୍ଥ ହୋଇଥିଲା। ଆୟୋଜକ କମିଟି ସଭାପତି ବିନ୍ଦୁସାର ବିଶି, ଉପସଭାପତି ଉପେନ୍ଦ୍ର ନାଏକ, ସମ୍ପାଦକ ଲଳିତ ବାଣୁଆ, କୋଷାଧ୍ୟକ୍ଷ ବାଳକୃଷ୍ଣ ବିଶି ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ମହୋତ୍ସବ ଆସନ୍ତା ଜାନୁଆରୀ ୩ ପର୍ଯ୍ୟନ୍ତ ଚାଲୁ ରହିବ। ଚଳିତ ବର୍ଷ କଳାହାଣ୍ଡି ରାଜ ଦରବାର ଆକୃତିର ରଙ୍ଗମଞ୍ଚ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

## ଟେନିସ୍ ବଲ କ୍ରିକେଟ: ମେଦିନୀପୁର ବିଜୟୀ

ଭବାନୀପାଟଣା,୨୮।୧୨(ଉତ୍ତମ କୁମାର ଦାଶ)

ଭବାନୀପାଟଣା ବ୍ଲକର ମେଦିନୀପୁର ହାଇସ୍କୁଲ ପଡିଆଠାରେ ଶନିବାର ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଥୁଆପଦର ଓ ମେଦିନୀପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ମେଦିନୀପୁର ବିଜୟୀ ହୋଇଥିଲା। ମେଦିନୀପୁର କ୍ରିକେଟ ଆସୋସିଏଶନ ପକ୍ଷରୁ ଏହା ଆୟୋଜନ କରାଯାଉଛି। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ପ୍ରଦୀପ କୁମାର ଦାସ ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳକୁ ଆୟୋଜକ କମିଟି ପକ୍ଷରୁ ନିତିନ କୁମାର ସିଂ, ଆଲୋକ କୁମାର ନନ୍ଦ, ସୁମିତ କୁମାର ପଟ୍ଟନାୟକ, ଦୀପକ କୁମାର ସାହୁ, ଯଶୋବନ୍ତ ପଟ୍ଟନାୟକ (ଡିସ୍କୁ), ସୁରେଶ ଶବର, ରୁପଧର ସାହୁ ପ୍ରମୁଖ ସହଯୋଗ କରୁଛନ୍ତି।

## କେସିଏସ୍‌ଏ କ୍ରିକେଟ: ଖଡ଼ିଆଳ-ବଲାଙ୍ଗୀର ଫାଇନାଲରେ

ଖଡ଼ିଆଳ,୨୮।୧୨ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲ୍ଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ୨୧ତମ କେସିଏସ୍‌ଏ କ୍ରିକେଟ ଟୁର୍ନାମେଣ୍ଟ ଚାଲୁରହିଛି। ଶନିବାର ଚତୁର୍ଥ ଦିନରେ ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ କେସିଏସ୍‌ଏ ଖଡିଆଳ ଓ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ କେସିଏସ୍‌ଏ ଦଳ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୨୪୯ ରନ କରିଥିଲା। ଜବାବରେ ନବରଙ୍ଗପୁର ୭ ଉଇକେଟ ହରାଇ ୨୨୧ ରନ କରିଥିଲା। ୨୮ ରନରେ କେସିଏସ୍‌ଏ ଖଡିଆଳ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୋନପୁର ଓ ବଲାଙ୍ଗୀର ମଧ୍ୟରେ ହୋଇଥିବା ବେଳେ ବଲାଙ୍ଗୀର ବିଜୟୀ ହୋଇଛି। ରବିବାର ଖଡ଼ିଆଳ ଓ ବଲାଙ୍ଗୀର ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ମ୍ୟାଚରେ ଅତିଥି ଭାବରେ ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ, କେସିଏସ୍‌ଏ ସଭାପତି ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ପୂର୍ବତନ ଖେଳାଳି ଶିକ୍ଷକ ଭାରତ ଭୂଷଣ ଖମାରୀ ଯୋଗଦେଇଥିଲେ।

## ପ୍ରତିଶ୍ରୁତି ମିଳିଲା, ହଟିଲା ରାସ୍ତାରୋକୋ



କୋକସରା,୨୮।୧୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲ୍ଲା ଆମପାଣି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ମହାଜନଗୁଡ଼ା ଶିଉନି ମଧ୍ୟରେ ଶୁକ୍ରବାର ଅଜଣା ଗାଡ଼ି ଧକ୍କାରେ କେନ୍ଦୁଡ଼ଙ୍ଗରି ଗ୍ରାମର ଧବଳେଶ୍ୱର ବାଗଙ୍କ ମୃତ୍ୟୁ ହୋଇଥିଲା। ଶନିବାର କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର, ପରିଜନ ମହାଜନଗୁଡ଼ା ଛକରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଭବାନୀପାଟଣା ଜୟପୁର ମଧ୍ୟରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ଆମପାଣି ଆଇଆଇସି ବିଜୟଲକ୍ଷ୍ମୀ ହିକ୍କା ପହଞ୍ଚି ବୁଝାଶୁଝା କରିଥିଲେ ମଧ କୌଣସି ସମାଧାନ ହୋଇ ନ ଥିଲା। ପରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ବରାଡ଼ଙ୍ଗା ସମିତି ସଭ୍ୟ ଗୁପ୍ତେଶର ବାଗ ପହଞ୍ଚି ଆଲୋଚନା କରିଥିଲେ। ତହସିଲଦାର ରେଡ୍‌କ୍ରସ୍‌ରୁ ୩୦ ହଜାର ସହ ଏନ୍‌ଏଫ୍‌ବିଏସ୍‌ରୁ ୨୦ ହଜାର, ବୀମା ରାଶି ଓ ମୃତକଙ୍କ ୩ ପୁଅଙ୍କୁ ପାଠପଢ଼ା ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଧାନ ବିକ୍ରି ପାଇଁ ବହୁ ଚାଷୀଙ୍କୁ ମିଳିନି ଟୋକନ

ସଇଁତଲା,୨୮।୧୨ (ରାଖାଲ ପ୍ରସାଦ ଶତପଥୀ)

**ପ୍ରତ୍ୟେକ ମଣ୍ଡିରେ ୫ ରୁ ୭ କେଜି କଟନି ଛଟନି ବାଧ୍ୟତାମୂଳକ**

ସଇଁତଲା ବ୍ଲକ ଅଞ୍ଚଳରେ ଅଦ୍ୟାବଧି ବହୁ ଚାଷୀଙ୍କ ନିକଟକୁ ଧାନ ବିକ୍ରୟ ପାଇଁ ଟୋକନ ଆସିନାହିଁ। ଆଉ କେତେକ ଚାଷୀ ଟୋକନ ପାଇଥିବା ବେଳେ ସେମାନଙ୍କ ଧାନ ବିକ୍ରୟ ପାଇଁ ତାରିଖ ଜାଣି ପାରୁନାହାନ୍ତି। ଫଳରେ ଚାଷୀ ଧାନ ବିକ୍ରୟ କରିବାରେ ଅସୁବିଧା ଭୋଗୁଛି। କେତେକ ଚାଷୀ ମଣ୍ଡିକୁ ଧାନ ଆଣି ବିକ୍ରୟ କରିବାକୁ ରଖିଥିବା ବେଳେ ଅଖାବସ୍ତା ଆବଶ୍ୟକତା ଅନୁଯାୟୀ ମିଳି ପାରୁ ନ ଥିବାରୁ ଜରିବସ୍ତାରେ ଧାନ ଦେଲେ ମିଲର୍ସ ଧାନ ନେବାକୁ ମନା କରୁଥିବା ଦେଖିବାକୁ ମିଳିଛି। ଚାଷୀ ମଣ୍ଡିକୁ ଧାନ ଆଣିବା ପୂର୍ବରୁ ପ୍ୟାକ୍ସକୁ ଯାଇ ସେଠାରୁ ଅଖାବସ୍ତା ପ୍ରତି ୨୦ ଟଙ୍କା ଦେଇ କିଣି ଆଣୁଛି। ଜଣେ ଜଣେ ଚାଷୀ ସାହୁକାରଙ୍କଠାରୁ ଟଙ୍କା ଆଣି ଧାନ ବିକ୍ରୟ କରିବାକୁ ଅଖାବସ୍ତା କ୍ରୟ କରୁଛନ୍ତି। ରାଜ୍ୟ ସରକାର ଚାଷୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପ୍ରତ୍ୟେକ ମଣ୍ଡିରେ ଜଣେ ଜଣେ ଗୁଣବତ୍ତା ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି। ସଇଁତଲା ବ୍ଲକରେ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ କରୁଥିବା ବେଳେ ସେମାନେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୫ ରୁ ୭ କେଜି କଟ୍‌ନି ଛଟ୍‌ନି କରାଯିବ ବୋଲି କହି ଧାନ କିଣୁଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ କରିବା ସ୍ଥାନରେ ଉପସ୍ଥିତ ରହିବା ବଦଳରେ ପୁରୁଷମାନେ ରହି ଧାନ କ୍ରୟ କରୁଛନ୍ତି। ଯଦି ଏଥିରେ ଚାଷୀ ରାଜି ନ ହୁଏ ତେବେ ଧାନ ଏଫଏକ୍ୟୁ ମାନର କି ନୁହେଁ ତାହା ଯାଞ୍ଚ କରାଯିବ ବୋଲି କୁହାଯାଉଛି। ଯେଉଁ ଚାଷୀ ଏଥିରେ ରାଜି ହେଲା ତାର ଧାନ ସେହିଦିନ ହିଁ ମଣ୍ଡିରେ ବିକ୍ରୟ ହେଉଛି। ଅନ୍ୟପକ୍ଷରେ ମଣ୍ଡିରେ ପ୍ରଥମେ ଦଲାଲଙ୍କ ଧାନ ବିକ୍ରୟ ହେଉଥିବା ଦେଖିବାକୁ ମିଳୁଛି। ସେହିପରି ପ୍ରତ୍ୟେକ ମଣ୍ଡି କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଧାନର ମାନ ପରୀକ୍ଷା କରିବାକୁ ଗୁଣବତ୍ତା ଅଧିକାରୀଙ୍କୁ ନିଯୁକ୍ତ କରିବା କଥା। କିନ୍ତୁ କେଉଁ ମଣ୍ଡିରେ ଧାନର ମାନ ପରୀକ୍ଷା କରିବାକୁ କିଏ ନିଯୁକ୍ତି ପାଇଛନ୍ତି ତାହା ଯୋଗାଣ ବିଭାଗର ଅଧିକାରୀଙ୍କୁ ମଧ ଅଜଣା। ଏ ବିଷୟରେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରିନାହିଁ।

## ୭ମ ମା' ଚଣ୍ଡିକପ୍ ଫୁଟବଲ ଟୁର୍ନାମେଣ୍ଟ: ଜରାସିଂହା ଚାମ୍ପିୟନ

ଦେଓଗାଁ,୨୮।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଅନ୍ତର୍ଲା ଖେଳପଡିଆଠାରେ ଚାଲିଥିବା ସପ୍ତମ ମା' ଚଣ୍ଡିକପ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ନକଟାସର ଓ ଜରାସିଂହା ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଜରିଆରେ ୪-୩ ଗୋଲରେ ଜରାସିଂହା ଦଳ ବିଜେତା ହୋଇ ଚାମ୍ପିୟନ ହୋଇଥିଲା। ଖେଳକୁ ରାଧାକାନ୍ତ ବାଗ, ବିମ୍ବାଧର ନାଗ, ଶୁଭେନ୍ଦୁ ପ୍ରମୁଖ ପରିଚାଳନା କରିଥିଲେ। ସଭାପତି ସୁରେଶ ବାଗଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖାମାରି,ସମ୍ମାନିତ ଅତିଥି ଭାବେ ଏମପି ପ୍ରତିନିଧି ପୁରୁଷୋତ୍ତମ ସାହୁ, ବନ୍ଧପଡା ଫାଣ୍ଡି ଅଧିକାରୀ ପଞ୍ଚାନନ ନେଗୀ, ବରିଷ୍ଠ ବିଜେଡି ନେତା ଶୁଶିଳ କୁମାର ଚାନ୍ଦ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର ତଥା ରଘୁନାଥ ଯାଦବ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କୃତ କରିଥିଲେ। ସମ୍ପାଦକ ସନ୍ତୋଷ ଭୋଇ, ଲକ୍ଷ୍ମଣ ବାଗ, ମା' ଚଣ୍ଡି ଫୁଟବଲ କ୍ଲବ ସଦସ୍ୟ ସହଯୋଗ କରିଥିଲେ।



ବିଜେତା ଦଳ ସହ ଅତିଥିଗଣ।

# 'ବଲାଙ୍ଗୀରରେ ଧାନକିଣା ପାଲଟିଛି ପ୍ରହସନ'

ବଲାଙ୍ଗୀର,୨୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର କୋଶଲୀ କିଶାନ ସଭା ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି।

ବଲାଙ୍ଗୀର କୋଶଲୀ କିଶାନ୍ ସଭା ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶନିବାର ଖବରଦାତା ସମ୍ମିଳନୀ କରାଯାଇଥିଲା। ଚାଷୀନେତା ଆକାଶ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ସରକାରଙ୍କ ଧାନକିଣା ନୀତି ଏବଂ ଅବ୍ୟବସ୍ଥାକୁ କଡା ସମାଲୋଚନା କରାଯାଇଥିଲା। ଚାଷୀନେତା ମିଶ୍ର କହିଥିଲେ, ସରକାର ମୂଳରୁ ଚାଷୀ ଓ ଜନସାଧାରଣଙ୍କୁ ମିଛ କଥା କହିଆସୁଛନ୍ତି। ପ୍ରଥମେ ଚାଷୀ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ଏମଏସ୍‌ପି ପାଇବେ ବୋଲି କହିଥିଲେ। ଏବେ ଧାନ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପିରେ ଶହେ ଟଙ୍କା ବୃଦ୍ଧି କରାଯାଇଛି ଏବଂ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ କରାଯାଉଛି ବୋଲି କହୁଛନ୍ତି। ଏହା ଚାଷୀଙ୍କୁ ଖୋଲାଖୋଲି ପ୍ରତାରଣା ବୋଲି କହିଛନ୍ତି। ସେ ଆହୁରି କହିଥିଲେ, ଚଳିତବର୍ଷ ଡିସେମ୍ବର ୨ ତାରିଖରୁ ଧାନକିଣା ଆରମ୍ଭ ହୋଇଥିବା କୁହାଯାଇଥିଲେ ମଧ ବାସ୍ତବରେ ଡିସେମ୍ବର ୨୨ରୁ ୨୪ ତାରିଖ ଭିତରେ ଜିଲ୍ଲାର ମଣ୍ଡିଗୁଡିକରେ ଧାନକିଣା ଆରମ୍ଭ ହୋଇଛି। ବିଳମ୍ବରେ ଧାନକିଣା ଯୋଗୁ ବହୁ ଛୋଟ ଏବଂ ନାମମାତ୍ର ଚାଷୀ ସେମାନଙ୍କ ଧାନକୁ କୁଇଣ୍ଟାଲ ପିଛା ୧୨ଶହରୁ ୧୪ଶହ ଟଙ୍କାରେ ବେପାରୀଙ୍କୁ ବିକ୍ରି କରିଦେଇ ସାରିଲେଣି ବୋଲି କହିଥିଲେ। ଏବେ ଅଧିକାଂଶ ଚାଷୀ ଧାନ କମ୍ ଦରରେ ବିକ୍ରି କରିଦେଇଥିବାରୁ ଏମ୍‌ଏସ୍‌ପି ଏବଂ ସରକାରୀ ଇନ୍‌ପୁଟ ସହାୟତା ପାଇବାରୁ ବଞ୍ଚିତ ହେବେ ବୋଲି କହିଥିଲେ। ଏହାସହିତ ସରକାର ଚାଷୀଙ୍କୁ ଅଖାବସ୍ତା ଓ ଜରିବସ୍ତାରେ ଧାନ ଆଣିବା ଏବଂ ବିକିବା ନାଁରେ ହଇରାଣ କରୁଛନ୍ତି। ଜିଲ୍ଲାର କିଛି ମଣ୍ଡିରେ ଜରି ବସ୍ତାରେ ଧାନ ଆଣିଲେ ମଧ କିଣା ଯାଉଥିବା ବେଳେ ଅଧିକାଂଶ ମଣ୍ଡିରେ କେବଳ ଅଖାବସ୍ତାରେ ଧାନକିଣା ଯିବ ବୋଲି କୁହାଯାଉଛି। ଏହା ସହିତ ଚାଷୀଙ୍କୁ ବିଳମ୍ବରେ ଟୋକନ୍ ଦିଆଯାଇଛି ଏବଂ ଦିଆଯାଇଥିବା ଟୋକନ୍‌ରେ ଉଲ୍ଲିଖିତ ଧାନ ବିକ୍ରିର ପରିମାଣ କମାଇ ଦିଆଯାଇଛି ବୋଲି ଅଭିଯୋଗ କରିଥିଲେ। ଏହି ସମସ୍ୟା ଯୋଗୁ ଚାଷୀମାନେ ସେମାନଙ୍କ ଉପାର୍ଜିତ ସମସ୍ତ ଧାନକୁ ମଣ୍ଡିରେ ବିକ୍ରି କରିପାରୁନାହାନ୍ତି। ଏଣୁ ଚାଷୀମାନେ ଏକର ପିଛା ୧୩ କୁଇଣ୍ଟାଲ ଧାନ ବିକ୍ରି କରିବା ନୀତିରେ ସେମାନଙ୍କ ଧାନ ବିକ୍ରି କରି ବଳକା ଧାନକୁ କେଉଁଠି ବିକିବେ ଚିନ୍ତାରେ ପଡିଛନ୍ତି। ଅଧିକାଂଶ ଚାଷୀ ବାଧ୍ୟହୋଇ କମ୍ ଦରରେ ଦଲାଲ, ମଧ୍ୟସ୍ଥି ଓ ବେପାରୀଙ୍କ ହାତକୁ ଧାନ ଟେକି ଦେଇଛନ୍ତି। ମିଲର୍ସମାନେ କୁଇଣ୍ଟାଲ ପିଛା ୪ରୁ ୫ କେଜି କଟନି କରୁଛନ୍ତି। ଚାଷୀଙ୍କୁ ୩୧ଶହ ଟଙ୍କାର ଏମଏସ୍‌ପି ପ୍ରଦାନ, ଚାଷୀଙ୍କ ଧାନ ୩୧ଶହ ଟଙ୍କା ଦରରେ କିଣିବା ଏବଂ କଟନିଛଟନି ବନ୍ଦ କରିବାକୁ ଚାଷୀନେତା ମିଶ୍ର ନିବେଦନ କରିଛନ୍ତି। ନହେଲେ ଆଗାମୀ ୧୦ ଦିନରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଚାଷୀନେତା ରାଧାକାନ୍ତ ନାୟକ, ପ୍ରଶାନ୍ତ ଭୋଇ, କୌସ୍ତୁଭ ସାହୁ ଓ ବୀରେନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## କାଣଲପୁର ମାର୍କେଟ ୟାର୍ଡରେ ମଣ୍ଡି ଉଦ୍‌ଘାଟିତ

ବାଉଁଶୁଣୀ,(ଦେବାଶିଷ ନେପାକ): ଶନିବାର ପୂର୍ବାହ୍ନରେ ବୌଦ୍ଧ ବ୍ଲକ ମୁଣ୍ଡିପଦର ପ୍ୟାକ୍ସ କାଣଲପୁର ମାର୍କେଟ ୟାର୍ଡଠାରେ ଖରିଫ ଧାନ କ୍ରୟ ମଣ୍ଡି ଉଦ୍‌ଘାଟିତ ହୋଇଛି। ମୁଣ୍ଡିପଦର ପ୍ୟାକ୍ସର ସଭାପତି ହେମାନନ୍ଦ ଦାଶ ପୂଜାର୍ଚ୍ଚନା କରି ମଣ୍ଡି ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ୟାକ୍ସର ସମ୍ପାଦକ ରୋହିତାଶ୍ୱ ପଣ୍ଡା, ସହକାରୀ ସମ୍ପାଦକ ଆନନ୍ଦ କୁମାର ପଟ୍ଟନାୟକ, ମଣ୍ଡି ନୋଡାଲ ଅଫିସର ରବି ନାରାୟଣ ଦାଶ, ଆରଏମସି ପ୍ରତିନିଧି ଆଲୋକ କୁମାର ପ୍ରଧାନ, ଉମାକାନ୍ତ ପ୍ରଧାନଙ୍କ ସମେତ ମୁଣ୍ଡିପଦର ଓ ତାଲସରଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ।

# ଧାନ କିଣାବିକାରେ ଚାଲିଛି ଫଲ୍ସ ଏଣ୍ଟ୍ରି

**ବରଗଡ଼,୨୮।୧୨(ପ୍ରେମାନନ୍ଦ ଖମାରୀ)**


ବରଗଡ଼ ବ୍ଲକ କଲାପାଣି ମଣ୍ଡିରେ ପଡ଼ିରହିଥିବା ଧାନ।

- ଚାଷୀଙ୍କୁ ମିଳୁନି ବିକ୍ରିଧାନର ଉଚିତ ପ୍ରାପ୍ୟ
- ଧାନକିଣାରେ କମିଶନି କାରବାର ଚର୍ଚ୍ଚା
- ଅଭିଯୋଗ ଆଣିଲା ସଂଯୁକ୍ତ କୃଷକ ସଙ୍ଗଠନ
- ଫୋନ ଉଠାଉ ନାହାନ୍ତି ଯୋଗାଣ ଅଧିକାରୀ

ଆଉ ୩ଦିନ ପରେ ନବବର୍ଷ ପାଦ ଥାପିବ। ଜାନୁୟାରୀ ପହିଲାରୁ ହୀରାକୁଦ ଜଳଭଣ୍ଡାରରୁ କେନାଲକୁ ପାଣି ଛାଡ଼ିବ। ପାଣି ଆସିଲେ ଚାଷୀମାନେ ରବି ଚାଷକାର୍ଯ୍ୟ ଆରମ୍ଭ କରିବେ। କିନ୍ତୁ ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀ ଖରିଫ୍‌ରେ ଅମଳ ଧାନ ବିକ୍ରି କରି ପାରିନାହାନ୍ତି। ଜିଲାର ଚାଷୀମାନେ ଧାନ ଅମଳ କରିଛନ୍ତି। ଅମଳ ଧାନକୁ କିଏ କ୍ଷେତ, ଖଳାକୁ ଆଣିଛନ୍ତି ତ ଆଉ କେହି ଚାଷୀ ଟୋକନରେ ନିର୍ଦ୍ଧାରିତ ଦିବସ ଅନୁସାରେ ବିକ୍ରି ପାଇଁ ବିଭିନ୍ନ ମଣ୍ଡିରେ ଧାନ ଗଦା କରିଛନ୍ତି। କିନ୍ତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାକୁ ୫ସପ୍ତାହ ବିତିଯାଇଥିବା ସତ୍ତ୍ୱେ ଜିଲାରେ ଧାନ ବିକ୍ରିବଟା ସମସ୍ୟା ସମସ୍ୟାରେ ରହିଯାଇଛି। ଟୋକନ ଆଧାରରେ ମଣ୍ଡିକୁ ଆସୁଥିବା ଧାନ ଉଠୁନାହିଁ। ଅଥଚ କଟନୀଛଟନୀରେ ରାଜି ହେଲେ ମଣ୍ଡିକୁ ନ ଆସି ଧାନ ସିଧାସଳଖ କେତେକ ନିର୍ଦ୍ଦିଷ୍ଟ ରାଇସ୍ ମିଲକୁ ଯାଉଛି ଏବଂ ଏଥିରେ ମୋଟାଅଙ୍କର କମିଶନି କାରବାର ଚାଲୁଛି। ସଂଗୃହୀତ କମିଶନି ଟଙ୍କା ମଣ୍ଡିର କିଛି ନିର୍ଦ୍ଦିଷ୍ଟ କର୍ମଚାରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ଏବଂ କେତେକ ଜନପ୍ରତିନିଧିଙ୍କ ମଧ୍ୟରେ ବିଭିନ୍ନ ଅନୁପାତରେ ଭାଗବଣ୍ଟା ହେଉଥିବା ଚାଷୀ ପ୍ରତିନିଧିମାନେ ଅଭିଯୋଗ କରୁଛନ୍ତି।

ଏ ସମ୍ପର୍କରେ ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ସମ୍ପାଦକ ଗୋବିନ୍ଦ ନାଗଙ୍କୁ ପଚାରିବାରୁ ସେ କହିଥିଲେ, ଧାନ କିଣାବିକା ଠିକ୍ ଚାଲିଛି। କିନ୍ତୁ ଧାନ ଉଠାଣରେ ଟିକିଏ ମନ୍ଥରତା ଦେଖାଯାଇଛି। ମଣ୍ଡିକୁ ଧାନ ଆସୁଛି। ମଣ୍ଡିକୁ ଧାନ ଆସି ପଳାଉଛି। କେତେକ ମଣ୍ଡିରେ ଧାନ ଲୋଡ୍, ଅନଲୋଡ୍ ହେଉଛି ଏବଂ କେତେକ ଜାଗାରେ ଷ୍ଟାଣ୍ଡବାୟ ମଧ୍ୟ ଧାନ ପଳାଉଛି। ତେବେ ବରଗଡ଼ ମଣ୍ଡି ସବୁବେଳେ କାହିଁକି ଖାଲି ପଡୁଛି ବୋଲି ପଚାରିବାରୁ ଗୋଦାମରେ ଧାନ ରହିଛି ବୋଲି କହିଥିଲେ। ଅନ୍ୟପଟେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୪୦୫୪୪୭ରେ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ।

ବରଗଡ଼ ଜିଲାରେ ନଭେମ୍ବର ୨୦ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ଅତାବିରା, ବରଗଡ ଏବଂ ପଦ୍ମପୁର ଆରଏମ୍‌ସିର ୨୨୯ ମଣ୍ଡିରେ ଧାନ କିଣାବିକା ଚାଲିଛି। ଚାଷୀମାନେ ନଭେମ୍ବର ମାସ ପହିଲାରୁ ଧାନ ଅମଳ କରିସାରିଥିଲେ ସୁଦ୍ଧା ଟୋକନ କଟକଣା ଯୋଗୁ ଅନେକ ଚାଷୀ ମଣ୍ଡିକୁ ଧାନ ଆଣି ପାରୁନାହାନ୍ତି। ଜିଲାର ବହୁ ଚାଷୀଙ୍କୁ ମିଳିଥିବା ଟୋକନରେ ଧାନର ବିକ୍ରି ଦିବସ ଯଥେଷ୍ଟ ବିଳମ୍ବ ରହିଛି। କଲାପାଣି ଗ୍ରାମର ଚାଷୀ ସୁରେଶ୍ୱ ନେକାଣ୍ଡି କହିଛନ୍ତି, ତାଙ୍କୁ ମିଳିଥିବା ଏକ ଟୋକନରେ ବିକ୍ରି ଦିବସ ଡିସେମ୍ବର ୩୦ରୁ ୨୦୨୫ ଜାନୁୟାରୀ ୨୮ତାରିଖ ପର୍ଯ୍ୟନ୍ତ ରହିଛି। ଆଗରୁ ଏକ ଟୋକନ ମିଳିଥିଲା ଏବଂ ଦୀର୍ଘଦିନ ଅପେକ୍ଷା ପରେ ସେ ତାହା ବିକ୍ରି କରିଥିବା କହିଛନ୍ତି। ଏପରିକି କଟନୀଛଟନୀରେ ରାଜି ହେଲେ ଧାନର ବିନା ଗୁଣମାନ ନିର୍ଦ୍ଧାରଣରେ ସେହି ଧାନକୁ ଉଠାଣ କରାଯାଇ ସିଧାସଳଖ ରାଇସ୍ ମିଲ୍‌କୁ ନିଆଯାଉଛି ଏବଂ ଯେଉଁମାନେ କଟନୀଛଟନୀରେ ରାଜି ନ ହେଲେ ସେହି ଧାନ ଉଠାଯାଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ଜିଲାର ଅନେକ ମଣ୍ଡିକୁ ବସ୍ତାଟିଏ ଧାନ ଆସୁନାହିଁ, କିନ୍ତୁ କମିଶନି କାରବାର ଏବଂ କଟନୀଛଟନୀରେ ସେହି ମଣ୍ଡିରୁ ଧାନ ଉଠାଣ ହେଉଥିବା ନେଇ କାଗଜାତ୍‌ରେ ଉଲ୍ଲେଖ ରହୁଛି ବୋଲି ନେକାଣ୍ଡି ଅଭିଯୋଗ କରିଛନ୍ତି।

ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଜିଲାରେ ଏଥର ୭୪ଲକ୍ଷ କୁଇଣ୍ଟାଲ ଧାନ ଉଠାଣ ଲକ୍ଷ୍ୟ ରଖାଯାଇଛି। ଶୁକ୍ରବାର ସୁଦ୍ଧା ଜିଲାରେ ୭୫ହଜାର ଚାଷୀଙ୍କଠାରୁ ପ୍ରାୟ ୩୫ଲକ୍ଷ କୁଇଣ୍ଟାଲ ଧାନ ଉଠାଯାଇଥିବା ସରକାରୀ ଭାବେ ଉଲ୍ଲେଖ କରାଯାଇଛି। କିନ୍ତୁ ବାସ୍ତବରେ ବ୍ୟତିକ୍ରମ ହୋଇଥିବା ସେ କହିଛନ୍ତି। କଟ୍‌ନୀଛଟ୍‌ନୀରେ ରାଜି ହେଲେ ଚାଷୀଙ୍କ ଧାନ ଉଠାଯାଉଛି। କୁଇଣ୍ଟାଲ ପ୍ରତି ୨ରୁ ୩ କି.ଗ୍ରା ପର୍ଯ୍ୟନ୍ତ ଧାନ କଟନୀଛଟନୀ କରାଯାଉଛି। ଏଥିରେ ଯେଉଁମାନେ ରାଜି ନ ହେଲେ ମଣ୍ଡିରୁ ଧାନ ଉଠାଯାଉନାହିଁ ଏବଂ ଏଫଏକ୍ୟୁ ଆଳ ଦେଖାଯାଉଛି। ଧାନ ସଂଗ୍ରହ ପ୍ରକ୍ରିୟାରେ ଏଭଳି ଦୋମୁହାଁ ନୀତି ପ୍ରତିବାଦରେ ସଂଯୁକ୍ତ କୃଷକ ସଙ୍ଗଠନ ଗୁରୁବାରଠାରୁ ଧାନ ଉଠାଣ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ କରିଛି । ଜିଲାର ପ୍ରତ୍ୟେକ ମଣ୍ଡିରେ ଧାନ ଉଠାଣ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମହାପାତ୍ର ଚେତାବନୀ ଦେଇଛନ୍ତି। ସେହିପରି ଚାଷୀନେତା ନିରଞ୍ଜନ ପ୍ରଧାନ କହିଛନ୍ତି, ଯେଉଁ ଚାଷୀମାନେ ମଧ୍ୟସ୍ଥ ଜରିଆରେ ଧାନ ବିକୁଛନ୍ତି, ସେମାନଙ୍କ ଧାନ ସୁରୁଖୁରୁରେ ଉଠିଯାଉଛି। କିନ୍ତୁ ଯେଉଁମାନେ ବିନା ମଧ୍ୟସ୍ଥରେ ଧାନ ବିକିବା ପାଇଁ ମଣ୍ଡିକୁ ଆସୁଛନ୍ତି, ସେମାନଙ୍କ ଧାନ ମଣ୍ଡିରେ ପଡ଼ିରହିଛି। ଫଳରେ ସେହି ଧାନକୁ ଚାଷୀ ଶୀତ, କାକରରେ ଜଗି ରହୁଛି ଏବଂ ପରବର୍ତ୍ତୀ ଫସଲ ପାଇଁ ପ୍ରସ୍ତୁତ ହୋଇପାରୁନାହିଁ।

## ବରଗଡ଼ ଧନୁଯାତ୍ରା ରାଶି ୧ କୋଟିକୁ ବଢ଼ିଲା

**ଭୁବନେଶ୍ୱର,୨୮।୧୨(ଅନିଲ ଦାସ)**

ଐତିହାସିକ ବରଗଡ଼ ଧନୁଯାତ୍ରା-୨୦୨୫ ଆହୁରି ଲୋକପ୍ରିୟ ହେବ। ଏହି ପାରମ୍ପରିକ ମହାକୁମ୍ଭର ପ୍ରଚାର ପ୍ରସାର, କଳାକାରମାନଙ୍କ ସମ୍ମାନ ସହ ଏହାକୁ ଆହୁରି ଭବ୍ୟ କରିବା ପାଇଁ ରାଜ୍ୟ ସରକାର ଅନୁଦାନ ରାଶି ବଢ଼ାଇଛନ୍ତି। ଏହି ରାଶି ୧୦ ଲକ୍ଷରୁ ବଢ଼ାଇ ୧କୋଟି କରିବା ସହ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ଧନୁଯାତ୍ରାରେ ଅଂଶଗ୍ରହଣ କରିଥିବା ୧୭୦ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏ ସମ୍ମାନ ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ଏକ୍ସ ମାଧ୍ୟମରେ ସୂଚନା ଦିଆଯାଇଛି।

ଧନୁଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ବିଶେଷଜ୍ଞ କମିଟି ଗଠନ କରାଯିବ। ଧନୁଯାତ୍ରା ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ ପାଇଁ ସମର୍ପିତ ୱେବ୍‌ସାଇଟ୍ ନିର୍ମାଣ କରାଯିବ। ଏଲ୍‌ଇଡି ପରଦା ମାଧ୍ୟମରେ ପ୍ରଥମ ଥର ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଧନୁଯାତ୍ରାର ସିଧାପ୍ରସାରଣ କରାଯିବ। ପୂର୍ବ ବର୍ଷଗୁଡ଼ିକରେ ଧନୁଯାତ୍ରାରେ ଅଂଶଗ୍ରହଣ କରିଥିବା କଳାକାର ଓ ସେମାନଙ୍କ ପରିବାରବର୍ଗଙ୍କୁ ସମ୍ମାନ ଏବଂ ସମ୍ବର୍ଦ୍ଧନା ପ୍ରଦାନ କରାଯିବ।

## ମେଧାବୀ ଛାତ୍ରୀଙ୍କୁ କ୍ରିଷ୍ଣା ବିକାଶର ସହାୟତା


କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ସହାୟତା ରାଶି ପ୍ରଦାନ କରୁଛନ୍ତି।

**ବରଗଡ଼,୨୮।୧୨(ପ୍ରେମାନନ୍ଦ ଖମାରୀ)**

କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଦାଶରୀ ମୁରଲୀ କ୍ରିଷ୍ଣା ମେଧାବୀ ଛାତ୍ରୀ ସୁମିତ୍ରା କରନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଶୁଭକାମନା ଜଣାଇଛନ୍ତି। ପ୍ରକାଶଥାଉକି, ବରଗଡ଼ ଜିଲା ବାଞ୍ଜିବାହାଲି ଗ୍ରାମର ଦୁର୍ଯ୍ୟୋଧନ କରନଙ୍କ ଝିଅ ସୁମିତ୍ରା ସର୍ବଭାରତୀୟ ସ୍ତରରେ ମୋଟ୍ ୬ଟି ସିଟ୍ ମଧ୍ୟରୁ ଗୋଟିଏ ଅଳଙ୍କୃତ କରି ଆଇଆଇଟି, ବମ୍ବେରେ ଅର୍ଥନୀତିରେ ଡକ୍ଟରେଟ୍ (ପିଏଚ୍‌ଡି) କରିବାକୁ ମନୋନୀତ ହୋଇଛନ୍ତି। ଚେୟାରମ୍ୟାନ ଦାଶରୀ ମୁରଲୀ କ୍ରିଷ୍ଣା ସୁମିତ୍ରା କରନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ପ୍ରବେଶିକା ଫି ୪୭ ହଜାର ୩୫୦ଟଙ୍କାର ସହାୟତା ରାଶି ପ୍ରଦାନ କରି ଏହା ବରଗଡ଼ ଜିଲା ପାଇଁ ଏକ ଗର୍ବର ବିଷୟ ବୋଲି ମତ ଦେଇଛନ୍ତି।

## ଦନ୍ତାପାଲିରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ବାଉଁଶୁଣୀ,୨୮।୧୨(ଦେବାଶିଷ ନେପାକ)**

ଶନିବାର ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦନ୍ତାପାଲିଠାରେ ବ୍ରାହ୍ମଣ ସମାଜ ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ ଗୀତା ଜ୍ଞାନଯଜ୍ଞ ଆରମ୍ଭ ହୋଇଥିଲା ଓ ୧୦୮ ବ୍ରାହ୍ମଣଙ୍କ ଦ୍ୱାରା ବିଷ୍ଣୁ ସହସ୍ର ନାମ ପାଠ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପ୍ରଭାସ ଚନ୍ଦ୍ର ରଥ ଓ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ତୁଲାଇଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ବ୍ରାହ୍ମଣ ସମାଜର ସଦସ୍ୟମାନେ ଯୋଗ ଦେଇଥିଲେ।

## କୋଲକାତା-ଛତିଶଗଡ଼ ଫାଇନାଲ ମୁକାବିଲା



କୋଲକାତାର ପ୍ରଶାନ୍ତ ରଞ୍ଜନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

**ଅମରପାଲି,୨୮।୧୨(ପୀତାମ୍ବର ସାହୁ)**

**୨୮ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କରେ ଚାଲିଥିବା ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପର ଅନ୍ତିମ ସେମି ଫାଇନାଲ ଏନଏନଏସ ପ୍ରୟାଗରାଜ(ୟୁପି)କୁ ହରାଇ ବିରାଟ କ୍ରିକେଟ କ୍ଲବ କୋଲକାତା ବିଜୟୀ ହୋଇ ଫାଇନାଲ ରେ ପ୍ରବେଶ କରିଛି। ମ୍ୟାଚ ଟି-୨୦ ଓ ଟି-୧୦ ଓ ସୁପର -୨ ଫର୍ମାଟରେ ଖେଳାଯାଇଥିଲା। ବିରାଟ କ୍ରିକେଟ କ୍ଲବ କୋଲକାତା ଟସ୍ ଜିଣି ପ୍ରୟାଗରାଜକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପ୍ରୟାଗରାଜ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୨୦ ରନ କରିଥିଲା। ଜବାବରେ କୋଲକାତା ୧୯.୪ ଓଭରରେ ୯ ଉଇକେଟ ହରାଇ ୧୨୧ରନ ସଂଗ୍ରହ କରିଥିଲା। ସେହିପରି ଟି-୧୦ଫର୍ମାଟରେ ପ୍ରୟାଗରାଜ ଦଳ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୩ ଉଇକେଟ ହରାଇ ୧୩୦ ରନ କରିଥିଲା। ଜବାବରେ କୋଲକାତା ଦଳ ୭.୧ଓଭରରେ ୩୮ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର -୨ ଓଭର ହୋଇଥିଲା। ଏଥିରେ ପ୍ରୟାଗରାଜ ୨୦ ରନ କରିଥିବା ବେଳେ କୋଲକାତା ୨୧ରନ କରି ବିଜୟୀ ହୋଇଥିଲା। ମ୍ୟାଚ ପ୍ରାରମ୍ଭରେ ଅଟଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଦଣ୍ଡଧର ପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ପୀତାମ୍ବର ସାହୁଙ୍କ ସଂଯୋଜନା ରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା କ୍ରିକେଟ ସଂଘ ସଭାପତି ରାମ ଶଙ୍କର ସାହୁ, ମୁର୍ଛୁଣ୍ଡି ସମିତିସଭ୍ୟା ରୀତା ଗର୍ଡିଆ, ଶିକ୍ଷକ ରଣଜିତ ମିଶ୍ର, ଜିଲା କ୍ରିକେଟ ସଂଘ ଉପସଭାପତି ବି. ସତ୍ୟନାରାୟଣ ରାଓ, କଦୋଦର ସରପଞ୍ଚ ପ୍ରତିନିଧି ରଞ୍ଜନ ପାଢ଼ୀ ଅତିଥି ଭାବେ ଯୋଗଦେଇ କୋଲକାତା ପ୍ରଶାନ୍ତ ରଞ୍ଜନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ରବିବାର ଫାଇନାଲ ମ୍ୟାଚ କ୍ୟୁସିଆଇ ଛତିଶଗଡ଼ ଓ ବିରାଟ କ୍ରିକେଟ କ୍ଲବ କୋଲକାତା ମଧ୍ୟରେ ହେବ ବୋଲି ଆୟୋଜକ ଙ୍କ ସୂତ୍ର ରୁ ପ୍ରକାଶ।

## ଧାନ ଚୋରି ଅଭିଯୋଗ, ୨ ଦୁର୍ବୃତ୍ତଙ୍କୁ କାବୁ କଲେ ଗ୍ରାମବାସୀ

**ସରଣ୍ଡା, ୨୮।୧୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଥାନା ତଥା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ସିଲାଟ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଜନୈକ ଚାଷୀଙ୍କ ଧାନ ଚୋରି ହୋଇଛି। ଏହି ଘଟଣାରେ ଗ୍ରାମବାସୀ ୨ଜଣଙ୍କୁ ଧରି ଶନିବାର ପୋଲିସ ଜିମା ଦେଇଛନ୍ତି। ଅଭିଯୋଗ ଅନୁସାରେ, ସିଲାଟ ଗ୍ରାମର ଚାଷୀ ସଂସାର ମିର୍ଦ୍ଧା ଚାଷୀଙ୍କ ୩୫ ବସ୍ତା ଧାନ ଚୋରି ହୋଇଥିଲା। ସଂସାର ଏ ନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ସଂସାର ଧାନ ଶୁଖାଇଥିବା କେନାଲ ରାସ୍ତାରେ ଗ୍ରାମବାସୀଙ୍କ ସହ ଲୁଚି ରହିଥିଲେ। ଶୁକ୍ରବାର ରାତି ପ୍ରାୟ ୧ଟାରେ ୩ଜଣ ପୁଣି ଏକ ବାଇକ୍ (ନଂ.ଓଡ଼ି୧୫ୟୁ/୦୪୨୭) ଯୋଗେ ଆସି ସଂସାର ଶୁଖାଇଥିବା ଧାନକୁ ଅଖାରେ ଭର୍ତ୍ତି କରିଥିଲେ। ଏହି ସମୟରେ ପୂର୍ବରୁ ଲୁଚି ରହିଥିବା ଚାଷୀ ଓ ଗ୍ରାମବାସୀ ଚୋରମାନଙ୍କୁ କାବୁ କରିଥିଲେ। ତେବେ ଜଣେ ଚୋର ସେଠାରୁ ଖସି ପଳାଇଥିଲେ। ଖବର ପାଇ ଗୋଡ଼ଭଗା ଫାଣ୍ଡି ପୋଲିସ ଶନିବାର ଘଟଣାସ୍ଥଳରେ ପହଞ୍ଚି ୨ ଚୋରଙ୍କୁ ଅତାବିରା ଥାନାକୁ ନେଇଥିଲେ। ଏ ନେଇ ଅଧିକ ତଦନ୍ତ ଚାଲିଥିବା ଅତାବିରା ଆଇଆଇସି ସୁକୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି ।

## ମନମୋହନ ଜଣେ ଉତ୍ତମ ରାଜନେତା ଥିଲେ



କଂଗ୍ରେସ ନେତୃବୃନ୍ଦ ଡ. ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**ସୋନପୁର,୨୮।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ଜଣେ ଉତ୍ତମ ରାଜନେତା ଥିଲେ। ସେ ଅତ୍ୟନ୍ତ ନମ୍ର ଓ ଦୂରଦୃଷ୍ଟିସମ୍ପନ୍ନ ନେତା ଥିଲେ ବୋଲି ଶନିବାର କଂଗ୍ରେସ ଦଳ ପକ୍ଷରୁ ଆୟୋଜିତ ଶୋକସଭାରେ ମତପ୍ରକାଶ ପାଇଛି। ସୁଧୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏହି ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ବରିଷ୍ଠ ନେତା ଗୌରିଶ୍ୟାମ ପଣ୍ଡା, ମାଧବ କୁମ୍ଭାର, ଜିତେନ୍ଦ୍ର କୁମାର ପଟ୍ଟନାୟକ, ଲବ ସାହୁ, ପ୍ରିୟବ୍ରତ ସାହୁ, ସପ୍ତେଶ୍ୱର ପୃଷ୍ଟି, ରଞ୍ଜିତ ରାଏ, ମହମ୍ମଦ ଇମ୍ରାନ, କୃଷ୍ଣ ବାଘ, ଶେଷଦେବ ମେହେର, ନିମାଇଁ ପାଣିଗ୍ରାହୀ, ରାଜେଶ ମିଶ୍ର, ସଚ୍ଚିଦାନନ୍ଦ ସାହୁ ଓ ଶତ୍ରୁଘ୍ନ ଅମାତ ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ।

## ମନମୋହନ ସିଂହଙ୍କ ବିୟୋଗରେ ଶୋକସଭା

**ତରଭା, ୨୮।୧୨(ମାନଭଞ୍ଜନ ମିଶ୍ର)**

ସ୍ଥାନୀୟ ଏକ ରାଇସ୍ ମିଲ ପରିସର ରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗରେ କାର୍ତ୍ତିକ ନାଗଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଭାରତୀୟ ଅର୍ଥନୀତି ଏକ ଦୋଦୁଲ୍ୟମାନ ପରିସ୍ଥିତିରେ ଗତି କରୁଥିବା ସମୟରେ ମନମୋହନ ଜଣେ ବିଚକ୍ଷଣ ଅର୍ଥନୈତିକ ବିଶାରଦ ଭାବେ ଉକ୍ତ ପରିସ୍ଥିତି କୁ ଆୟତ୍ତ କରିଥିଲେ ବୋଲି ବକ୍ତାମାନେ ମତପୋଷଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେବରିଷ୍ଠ କଂଗ୍ରେସ ନେତା ଶିବକୁମାର ଅଗ୍ରୱାଲ, ରାଜେନ୍ଦ୍ର ଝାଙ୍କର, ପବିତ୍ର ମୋହନ ପଧାନ, ଗଣେଶ ଗୁରୁ, ପ୍ରବୀଣ ସାହୁ, ସୁରୁସିଂ ସୁନା, ନିମେଇ ଚରଣ ପାଣିଗ୍ରାହୀ, ହରି ନନ୍ଦ, ଗୌରୀଶଙ୍କର ଦଳବେହେରାଙ୍କ ସମେତ ଅନେକ କଂଗ୍ରେସ ପ୍ରେମୀ ଉପସ୍ଥିତ ଥିଲେ।

## ସେଭେନ ଷ୍ଟାର କ୍ରିକେଟ: ମହାଦେବପାଲି ଚାମ୍ପିୟନ

**ବିନିକା,୨୮।୧୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଦ୍ଧା ଗ୍ରାମ ଖେଳ ପଡିଆରେ ସେଭେନ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଅନ୍ତର୍ଦ୍ଧା ଓ ମହାଦେବପାଲି ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ମହାଦେବପାଲି ଦଳ ୨୦ ଓଭରରେ ୮୮ ରନ କରିଥିଲା। ଆନ୍ତର୍ଦ୍ଧା ସମସ୍ତ ଉଇକେଟ ହରାଇ ୮୧ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମ୍ୟାନ ଅଫ ଦ ସିରିଜ ଅନ୍ତର୍ଯ୍ୟାମୀ ଭୁଏ, ବେଷ୍ଟ ବ୍ୟାଟସମ୍ୟାନ ଆନନ୍ଦ, ବେଷ୍ଟ ବୋଲର ଦିନେଶ ନାୟକ, ସିକ୍ସ ହିଟର ହିମାଂଶୁ ନାଏକ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥିଭାବେ ଭାଜପା ଯୁବମୋର୍ଚ୍ଚା ମୋର୍ଚ୍ଚା ସମ୍ପାଦକ ପିଙ୍କିଅଗ୍ରୱାଲ, ଜିଲା ମହିଳା ଯୁବ ମୋର୍ଚ୍ଚା ସମ୍ପାଦିକା ସୁରଚି ବେହେରା, ଯୁବମୋର୍ଚ୍ଚା ନଗର ସଭାପତି ଭୁବନେଶ୍ୱର ପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ ।

## ବରପାଲି କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

**ବରପାଲି,୨୮।୧୨(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି କଲେଜର ତ୍ରିଦିବସୀୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ଜୟନ୍ତୀ ଦାଶ, ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସଭାପତି ଡ. ରବୀନ୍ଦ୍ର ଗଡତିଆ ଏବଂ ସମ୍ପାଦକ ଅଧ୍ୟାପକ ସୁବଳ ମେହେର ମଞ୍ଚାସୀନ ଥିଲେ। ଏଥିରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ଡ. ମହାଦେବ ଜୟସ୍ୱାଲ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ବରପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ଥଇତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଦିନେଶ ଗହୀର ଯୋଗଦେଇ ବରପାଲି କଲେଜର ଇତିହାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବାଦ୍ୟଶିଳ୍ପୀ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କୁ ମରଣୋତ୍ତର ଏବଂ ଶବ୍ଦନୃତ୍ୟ ଗୁରୁ ପଦ୍ମଶ୍ରୀ ଭାଗବତ ପଧାନଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହିତ ସ୍ୱାଧୀନତା ସଂଗ୍ରାମୀ ଭାଗିରଥୀ ପଟ୍ଟନାୟକ ଏବଂ ରତ୍ନପ୍ରସୂ ସେବତୀ ସାହୁ ଓ ସୁରୁ ସାହୁଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ସରୋଜ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସହ ସମ୍ପାଦକ ସୁଦାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ଏମ୍‌ପି ପ୍ରଭାସ କୁମାର ସିଂହ, ପୂର୍ବତନ ମନ୍ତ୍ରୀ ରୀତା ସାହୁ ଯୋଗ ଦେଇଥିଲେ। ଅଧ୍ୟାପକ ଉତ୍ତର କୁମାର ଗଡତିଆ, ଡ. ସମ୍ପିତା ପ୍ରଧାନ, ଡ. ବିଶ୍ୱନାଥ ସାହୁ, ମନିଷା ଦାଶ ଏବଂ ସୁଧୀର ଗଡତିଆ ପ୍ରମୁଖ ସହଯୋଗ କରିଥିଲେ।



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିଗଣ।

# ଚାଷୀ-ପ୍ରଶାସନ ଆଲୋଚନା ବିଫଳ

**ଡୁଙ୍ଗୁରିପାଲି, ୨୮।୧୨(ଦୀନବନ୍ଧୁ ସୁନା)**


ଡୁଙ୍ଗୁରିପାଲି-ରାମପୁର ରାସ୍ତାର ପଣ୍ଡକିଟାଲ ଚାରିଛକରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

- ସାରସମାଲ ମଣ୍ଡିରୁ ଉଠୁନି ଧାନ
- ରାସ୍ତାରେ ଧାନ ରଖି ଚାଷୀଙ୍କ ଆନ୍ଦୋଳନ ଦ୍ୱିତୀୟ ଦିନରେ

ସୁବର୍ଣ୍ଣପୁର ଜିଲାରେ ଧାନକିଣା ଚଳିତ ମାସ ୧୦ତାରିଖରୁ ଆରମ୍ଭ ହୋଇଛି। ହେଲେ ଡୁଙ୍ଗୁରିପାଲି ବ୍ଲକ ସାରସମାଲ ମଣ୍ଡିରେ ଧାନ ଉଠୁ ନ ଥିବାରୁ ଚାଷୀଙ୍କ ତୀବ୍ର ଅସନ୍ତୋଷ ଦେଖାଯାଇଛି। ମଣ୍ଡିରେ ମାୟାବର୍ହା ପଞ୍ଚାୟତର ସାଇବାବା ସ୍ୱୟଂ ସହାୟକ ଗୋଷ୍ଠୀ ଅଧିନରେ ଧାନ ବିକ୍ରି କରୁଥିବା ଧାନବସ, ଜୀବନଦାଦର, ମାୟାବର୍ହା, ସାରସମାଲ ଗ୍ରାମର ଶତାଧିକ ଚାଷୀ ଶୁକ୍ରବାରଠାରୁ ରାମପୁର-ବରଗଡ ଜଗନ୍ନାଥ ରୋଡ଼ର ଆନନ୍ଦବଜାର ମଣ୍ଡି ସମ୍ମୁଖ ରାସ୍ତା ଉପରେ ଆନ୍ଦୋଳନ ଜାରି ରଖିଛନ୍ତି। ମଣ୍ଡିରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ରହିଥିବା ବେଳେ ଏଯାଏ ଚାଷୀଙ୍କ ଧାନ ଉଠି ନାହିଁ। ମିଲର୍ସ କଟ୍‌ନି ଛଟନି ନ କରି ଧାନ ନେବା ପାଇଁ ରାସ୍ତା ଉପରେ ଆନ୍ଦୋଳନ ଜାରି ରଖିଛନ୍ତି। ଏହିମଣ୍ଡିରେ ୫୭୩ଜଣ ଚାଷୀଙ୍କ ଧାନ ବିକ୍ରି କରିବା ନେଇ ନାମ ପଞ୍ଜିକରଣ କରିଛନ୍ତି।

ଖବର ପାଇ ସୁବର୍ଣ୍ଣପୁର ଉପଜିଲାପାଳ ସୌମ୍ୟରୂପା ରଥ, ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଯୁଗେଶ୍ୱର ସାଏ, ଏସିଏସଓ ରେବତୀ ସିଂ ନାଏକ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ରାମପୁର ତହସିଲଦାର ବିମଳ କୁମାର ପାତ୍ର, ରାମପୁର ଅତିରିକ୍ତ ତହସିଲଦାର ଆନନ୍ଦ କୁମାର ଦାଶ, ବ୍ଲକ ଯୋଗାଣ ନିରୀକ୍ଷକ ଅଧିକାରୀ ସୁବ୍ରତକୁମାର ପାଣି, ଧାନ କ୍ରୟ କମିଟିର ନୋଡାଲ ବ୍ଲକ କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଲିକ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଏଥିରୁ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଚାଷୀମାନେ କଟନୀ ବନ୍ଦ କରି ଧାନ କିଣିବା ନେଇ ଜିଦ୍ ଧରିଛନ୍ତି। ରାସ୍ତାରୋକୋ ଆନ୍ଦୋଳନରେ ଚାଷୀ ମହନ ଭୋଇ, ରାମ ସାହୁ, ପ୍ରଦୀପ ମାଝୀ, ସୁଦାମ ଦୀପ, ଜନ୍ମ ମେହେର, ହରିପ୍ରିୟା ସାହୁ, ଲଳିତା ନାଏକ, ପଦ୍ମା ସାହୁ, ଲୋଚନା ଚିରଗୁଣ, ଶାନ୍ତି ସାହୁ, ନୁରା ସାହୁଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଛନ୍ତି। ସେହିପରି ବଡ଼କର୍ଲେ ପେଟ୍ଟର ଶତାଧିକ ଚାଷୀ ଶନିବାର ସକାଳ ୭ଟାରୁ ରାମପୁର-ଡୁଙ୍ଗୁରିପାଲି ରାସ୍ତାର ପଣ୍ଡକିଟାଲ ଚାରିଛକ ବସ୍‌ଷ୍ଟାଣ୍ଡରେ ରାସ୍ତାରୋକୋ ଆନ୍ଦୋଳନ ଜାରି ରଖିଛନ୍ତି। ସନ୍ଧ୍ୟାରେ ଜିଲା ପ୍ରଶାସନ ଅଧିକାରୀ, ଜିଲା ଯୋଗାଣ ଅଧିକାରୀ, ବ୍ଲକ ପ୍ରଶାସନ ଅଧିକାରୀ ଉପସ୍ଥିତ ରହି ଚାଷୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ସୂତ୍ର ବାହାରି ପାରିନାହିଁ।

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ରାଜମିସ୍ତ୍ରି ମୃତ

**ରାଉରକେଲା,୨୮।୧୨(ସଙ୍ଗୀତା ଜେନା):** ପାନପୋଷ ରେଳଧାରଣାରେ ଶୁକ୍ରବାର ରାତିରେ ଜଣେ ରାଜମିସ୍ତ୍ରୀ ଏକ ଯାତ୍ରୀବାହୀ ଟ୍ରେନ୍‌ରୁ ଖସି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ରାଜସ୍ଥାନ ଗୁଡୁ ଦେବେଶ(୧୯)। ଘଟଣାସ୍ଥଳରେ ରାଉରକେଲା ଜିଆର୍‌ପି ପହଞ୍ଚି ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୮୩/୨୪) ରୁଜୁ କରିଛି। ଶନିବାର ମୃତକଙ୍କ ପରିବାରବର୍ଗ ଆସିବା ପରେ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ମୃତକ ଖୋର୍ଦ୍ଧାରେ ରାଜମିସ୍ତ୍ରୀ ଭାବେ କାମ କରୁଥିଲେ। ସେ ନିଜ ଘର ରାଜସ୍ଥାନକୁ ଉତ୍କଳ ଏକ୍ସପ୍ରେସରେ ଫେରିବା ସମୟରେ ମଧ୍ୟାହ୍ନରେ ରାଉରକେଲା ନିକଟ ପାନପୋଷରେ ଅଘଟଣର ଶିକାର ହୋଇଥିଲେ।

### ଟଙ୍କା ଚୋରି ଅଭିଯୋଗରେ ୨ ଗିରଫ

**ରାଉରକେଲା,୨୮।୧୨(ସଙ୍ଗୀତା ଜେନା):** ଗତ ୨୩ ତାରିଖରେ ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୭ ଅଞ୍ଚଳରେ ରହୁଥିବା ସରୋଜ ସାହୁ(୫୮)ଙ୍କ ଘର ଝରକା ଭାଙ୍ଗି ମୋବାଇଲ ଫୋନ୍, ଲାପ୍‌ଟପ୍, ଅନ୍ୟ ସାମଗ୍ରୀ ସହିତ ୩୦ରୁ ୪୦ ହଜାର ଟଙ୍କା ନଗଦ ଚୋରି ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୯୬/୨୪) ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାରେ ସମ୍ପୃକ୍ତି ନେଇ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ସେକ୍ଟର ୧୫ର ବିସମିଲା ଖାନ୍ (୨୪) ଏବଂ ସେକ୍ଟର-୧୭ ଅଞ୍ଚଳର ଅମିତ ହରିପାଲ(୧୯)। ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଉଭୟ ଚୋରି କରିଥିବା ସ୍ୱୀକାର କରିଥିବାବେଳେ ସେମାନଙ୍କଠାରୁ କିଛି ପରିମାଣର ଚୋରି ସାମଗ୍ରୀ ଜବତ ହୋଇଛି।

# ପରକୀୟା ପ୍ରୀତି ନୁହେଁ, ସମଲିଙ୍ଗୀ ସମ୍ପର୍କରୁ ହତ୍ୟା

**ବଣାଇଁ,୨୮।୧୨(ପ୍ରଦୀପ ତ୍ରିପାଠୀ)**

ପରକୀୟା ପ୍ରୀତି ନୁହେଁ, ସମଲିଙ୍ଗୀ ସମ୍ପର୍କ ପାଇଁ ୭ମାସର ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱାମୀ ଦେବେନ ବେହେରା ରିମାଣ୍ଡରେ ଆସି ପୋଲିସ ଆଗରେ ସତ ବଖାଣିଛନ୍ତି। ହତ୍ୟା କରିବା ପାଇଁ ଉସକାଉଥିବା ଜଣେ ଶିକ୍ଷକଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦୁଃଖବନ୍ଧୁ ଓରଫ ଦେବାଶିଷ ବଗର୍ତ୍ତି। ଟିକାୟତପାଲି ଥାନାରେ ମାମଲା ନଂ. ୮୭/୨୪ ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତା ଧାରା ୮୦(ଯୌତୁକ ମୃତ୍ୟୁ), ୮୫(ଯୌତୁକ ନିର୍ଯ୍ୟାତନା), ୯୨(ଆସନ୍ନ ଜନ୍ମ ହେବାକୁ ଥିବା ଶିଶୁ ହତ୍ୟା), ୧୦୩ (ହତ୍ୟା), ୬୧(ଅପରାଧିକ ଷଡଯନ୍ତ୍ର), ୨୩୮(ପ୍ରମାଣ ନଷ୍ଟ ବା ମିଥ୍ୟା ସୂଚନା), ୩ (୫) ଏକାଧିକ ସଂଶ୍ଳିଷ୍ଟ ସମେତ ୨୫/୨୭ ଅସ୍ତ୍ରଶସ୍ତ୍ର ଆଇନ ବଳରେ ପୋଲିସ ତଦନ୍ତ ଜାରି ରଖିଛି। ଗିରଫଦାରୀ


ପୋଲିସଙ୍କ ସହ ଗିରଫ ଅଭିଯୁକ୍ତ।

**ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା ଘଟଣା**
- ଗିରଫ ହେଲେ ଶିକ୍ଷକ
- ଗିରଫଦାରି ସଂଖ୍ୟା ୩କୁ ବୃଦ୍ଧି

ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଦେବେନଙ୍କ ଏକ ଘରୋଇ ସ୍କୁଲର ଶିକ୍ଷକଙ୍କ ସହ ୧୦ ବର୍ଷ ହେଲା ସମଲିଙ୍ଗି ସମ୍ପର୍କ ଥିଲା। ବିବାହ ପରେ ମଧ ଏହି ସମ୍ପର୍କ ବଜାୟ ରହିଥିଲା। ଶିକ୍ଷକ ଦେବାଶିଷ ସ୍ତ୍ରୀଙ୍କୁ ହତ୍ୟା କରିବା ପାଇ ଦେବେନଙ୍କୁ ଉସକାଉ ଥିଲେ। ଶେଷରେ ଦେବେନ ତାଙ୍କ ସ୍ତ୍ରୀଙ୍କୁ ଗୁଳି କରି ହତ୍ୟା କରିଥିଲେ। ଘଟଣାରୁ ପ୍ରକାଶ ଯେ, ଡିସେମ୍ବର ୧୧ ତାରିଖ ବିଳମ୍ବିତ ରାତିରେ ଟିକାୟତପାଲି ଥାନା ଅନ୍ତର୍ଗତ ଝିର୍ତ୍ତାପାଲି ଗ୍ରାମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଦେବେନଙ୍କ ଗର୍ଭବତୀ ସ୍ତ୍ରୀ ସାମ୍ୟମୟୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ପ୍ରଥମେ ସାମ୍ୟମୟୀଙ୍କ ସ୍ୱାମୀ ଦେବେନ ଲୁଟେରାମାନେ ଆସି ସୁନା ଚେନ ଲୁଟି ନେବା ପରେ ପ୍ରତିରୋଧ କରିବାରୁ ଗୁଳି କରିଥିବା କହିଥିଲେ। ମାତ୍ର ସାମ୍ୟମୟୀଙ୍କ ପିତା ଏହାକୁ ଏକ ସୁପରିକଳ୍ପିତ ହତ୍ୟା ବୋଲି ଅଭିଯୋଗ କଲା ପରେ ପୋଲିସ ତଦନ୍ତ ଜାରି ରଖି ପରକୀୟା ପ୍ରୀତି ପାଇଁ ଦେବେନ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିବା ପ୍ରକାଶ କରିଥିଲା। ପୋଲିସ ଦେବେନଙ୍କ ସହ ତାଙ୍କୁ ହତ୍ୟାରେ ସହଯୋଗ କରିଥିବା ଅଭିଯୋଗରେ ତାଙ୍କ ସମ୍ପର୍କୀୟ ଭିଣୋଇ ପୋଲିସ ଅଧିକାରୀ ସତ୍ୟନାରାୟଣ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏବେ ରିମାଣ୍ଡରେ ଦେବେନଙ୍କୁ ଆଣି ପଚରା ଉଚୁରା କରିବା ପରେ ଯେଉଁ ତଥ୍ୟ ଆସିଲା ତାହା ସମସ୍ତଙ୍କୁ ଚକିତ କରି ଦେଇଛି।

# ଅଢ଼େଇ ବର୍ଷ ହେଲା ବାଲା ମଡେଲ କାର୍ଯ୍ୟର ଅର୍ଥ ମିଳିନାହିଁ



**ବଡ଼ଗାଁ, ୨୮।୧୨(ଅଶୋକ ଷଡ଼ଙ୍ଗୀ)**

**ଧାରଣା ଦେବାକୁ ଚେତାବନୀ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ବାଲା ମଡେଲ ଗୃହ ନିର୍ମାଣ ୨୦୨୧-୨୨ ମସିହାରେ ହୋଇଥିଲା। ଏହି ବିଭାଗୀୟ କାର୍ଯ୍ୟ ପାଇଁ କେତେକ ବ୍ୟକ୍ତି ଚିପ୍ସ, ବାଲି, ସିମେଣ୍ଟ, ଲୁହ ରଡ, ସେଣ୍ଟ୍ରିଂ ସାମଗ୍ରୀ ଯୋଗାଇ ଦେଇଥିଲେ। ଅଢ଼େଇ ବର୍ଷ ବିତି ଯାଇଥିଲେ ମଧ ସେମାନେ ପ୍ରାପ୍ୟ ପାଇନଥିବାରୁ ଶୁକ୍ରବାର ବିଡିଓ ସୁମତୀ ପଣ୍ଡାଙ୍କୁ ସାକ୍ଷାତ କରି ଶୀଘ୍ର ସାମଗ୍ରୀ ବାବଦ ଅର୍ଥ ଦେବାକୁ ଜଣାଇଥିଲେ। ଏକ ମାସ ମଧରେ ପ୍ରାପ୍ୟ ଅର୍ଥ ପ୍ରଦାନ କରାନଗଲେ ବ୍ଲକ୍ ଅଫିସ ଆଗରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ବଡ଼ଗାଁ ବ୍ଲକର ୩୭ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ବାଲା ମଡେଲ ଗୃହ ନିର୍ମାଣ ହୋଇଛି। ଏହି କାର୍ଯ୍ୟ କରିଥିବା ଓ ଆବଶ୍ୟକ ସାମଗ୍ରୀ ଦେଇଥିବା ବ୍ୟକ୍ତି ମାନେ କାର୍ଯ୍ୟ ଶେଷ କରିଦେଇଥିଲେ ମଧ ତାଙ୍କୁ ଏ ଯାଏଁ ବିଲ ଅର୍ଥ ଦିଆଯାଇନାହିଁ। ଏସମ୍ପର୍କରେ ସେମାନେ ବାରମ୍ବାର ଲିଖିତ ଓ ମୌଖିକ ଜଣାଇ ନିରାଶ ହେବାରୁ ଆନ୍ଦୋଳନ ଚେତାବନୀ ଦେଇଥିବା କହିଛନ୍ତି। ନୀଳମାଧବ ପୁରୋହିତ, ଦେବାଶିଷ ପୁରୋହିତ, ସାରଥୀ ପାଣ୍ଡେ, ବୈକୁଣ୍ଠ ରାଉତ, ସରୋଜ କୁମାର ଦେଓଙ୍କ ଦସ୍ତଖତ ଥିବା ଅଭିଯୋଗ ପତ୍ରରେ ସେମାନେ ଦର୍ଶାଯାଇଛି ଯେ, ବାରମ୍ବାର ଜଣାଇଲେ ମଧ ଡିଏମଏଫ ଏବଂ ଓଏମବିଏଡିସିରୁ ଅର୍ଥ ଆସିନାହିଁ। ଆଗାମୀ ଏକ ମାସ ମଧରେ ପ୍ରାପ୍ୟ ଅର୍ଥ ନ ମିଳିଲେ ସମସ୍ତେ ବ୍ଲକ୍ ଅଫିସ୍ ସମ୍ମୁଖରେ ଧାରଣାରେ ବସିବୁ ବୋଲି ବିଡିଓଙ୍କୁ ସମସ୍ୟା ଜଣାଇ ଲିଖିତ ଅଭିଯୋଗ ପତ୍ର ଦେଲାପରେ ବିଡିଓ ପଣ୍ଡା ଏହାର ସମାଧାନ ପାଇଁ ପଦକ୍ଷେପ ନେବେ କହିଥିଲେ।

# ପାନୀୟ ଜଳ ନାଁରେ ଜହର ବିକ୍ରି

**ରାଉରକେଲା,୨୮।୧୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରରେ ବିନା କମ୍ପାନୀ ଲେବୁଲରେ ପାନୀୟ ଜଳ ଭର୍ତ୍ତି ପ୍ଲାଷ୍ଟିକ୍ ଜାର୍, ବୋତଲ ଆଦି ବିକ୍ରି କରାଯାଉଛି। ସ୍ଥାନୀୟ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏହା ଉପରେ ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ସହରରେ ବେଧଡ଼କ ପ୍ଲାଷ୍ଟିକ୍ ପାଣି ବୋତଲ, ପାଉଚ୍ ଆଦି ବିକ୍ରି ବଢୁଛି।

ରାଉରକେଲା ସହରରେ ଦୈନିକ ବିବାହ, ବ୍ରତ ସମେତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ସବୁ କାର୍ଯ୍ୟକ୍ରମରେ ଲୋକମାନଙ୍କୁ ପ୍ଲାଷ୍ଟିକ୍ ଜାର୍ ଭର୍ତ୍ତି ପାଣି ବିତରଣ କରାଯାଉଛି। ଏହି ପାଣି ଜାର୍‌ଗୁଡ଼ିକରେ ନାଁ ରହୁଛି ମ୍ୟାନୁଫ୍ୟାକ୍‌ଚରିଂ ତାରିଖ ନା ରହୁଛି ଏକ୍ସପାଏରି ତାରିଖ। ଏହାକୁ ବ୍ୟବହାର କରି ଲୋକେ ନାନା ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ ହେଉଛି। ପ୍ରକାଶ ଥାଉକି, ଜଳଜନିତ ସମସ୍ୟା ହେତୁ ସହରରେ କିଡ୍‌ନୀ, କ୍ୟାନସର ଭଳି ବିଭିନ୍ନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହିସବୁ ରୋଗ ପଛରେ ଦୂଷିତ ପାଣି ମୁଖ୍ୟକାରଣ ସାଜୁଥିବା କୁହାଯାଉଛି। ଅନ୍ୟପଟେ ଉପଭୋକ୍ତା ମନ୍ତ୍ରଣାଳୟ ପ୍ଲାଷ୍ଟିକ ବୋତଲ ଭର୍ତ୍ତି ପାଣି ବ୍ୟବହାର ଏକ୍ସପାଏରି ସୀମା ୩ ମାସ ରଖିଛନ୍ତି। ମାତ୍ର ରାଉରକେଲାରେ ପ୍ରସ୍ତୁତ ହେଉଥିବା ପ୍ଲାଷ୍ଟିକ ପାଣି ବୋତଲରେ ଏମ୍‌ଏଫ୍‌ଜି ତାରିଖ ରହୁନି। ଗୋଟିଏ ଇମେଲ ଆଇଡି ଓ କଷ୍ଟମର କେୟାର ନମ୍ବର ସମସ୍ତ ପ୍ଲାଷ୍ଟିକ ବୋତଲରେ ଛାପି ଦିଆଯାଉଛି। ଉକ୍ତ କଷ୍ଟମର କେୟାର ନମ୍ବରରେ ଫୋନ୍ କଲେ କେହି ରିସିଭ କରୁନାହାନ୍ତି।

ସହରର ପ୍ରତ୍ୟେକ ଛକ ଏବଂ ଗଳିକନ୍ଦିରେ ପ୍ଲାଷ୍ଟିକ ବୋତଲ ଭର୍ତ୍ତି ପାଣି ବିକ୍ରି ହେଉଛି। ଉକ୍ତ ବୋତଲଗୁଡ଼ିକୁ ଶୁଷ୍କ ତଥା ଥଣ୍ଡା ଜାଗାରେ ରଖିବାକୁ ନିର୍ଦ୍ଦେଶ ଥିଲେ ମଧ ଦୋକାନୀମାନେ ଖରାରେ ରଖି ବିକ୍ରି କରୁଛନ୍ତି। ସୂର୍ଯ୍ୟକିରଣରେ ବୋତଲର ରାସାୟନିକ ତତ୍ତ୍ୱ ପାଣିରେ ମିଶି କ୍ୟାନସର ଭଳି ରୋଗ ସୃଷ୍ଟି କରୁଛି। ଉଦ୍ୟୋଗୀମାନେ ପାଣି ବିକି କୋଟି କୋଟି ଟଙ୍କା ମୁନାଫା ପାଉଥିବାବେଳେ ସାଧାରଣ ଜନତା ଏହାକୁ ବ୍ୟବହାର କରି ରୋଗ କିଣୁଛନ୍ତି। ସହରରେ ପାଣି ବୋତଲ ଲିଟର ପିଛା ୧୫ରୁ ୨୦ଟଙ୍କାରେ ବିକ୍ରି ହେଉଛି। ଦୈନିକ ଟ୍ରେନ, ବସ୍ ଓ ବିମାନ ଯୋଗେ ୫ରୁ ୬ ହଜାର ଲୋକ ବିଭିନ୍ନ କାମରେ ସହରକୁ ଆସୁଛନ୍ତି। ସେମାନେ ବିଭିନ୍ନ ହୋଟେଲମାନଙ୍କରେ ଖାଇବା ସହ ପ୍ଲାଷ୍ଟିକ ବୋତଲ ପାଣି ବ୍ୟବହରା କରନ୍ତି। ସହରରେ ଦୈନିକ ୩କୋଟି ଟଙ୍କାର ପାଣି ବିକ୍ରି ହେଉଛି। ମାତ୍ର ଏହାସତ୍ତ୍ୱେ ପାଣି ବୋତଲରେ ଲେବୁଲ, କମ୍ପାନୀ ନାମ, ମ୍ୟାନୁଫ୍ୟାକ୍‌ଚରିଂ ଏବଂ ଏକ୍ସପାଏରି ତାରିଖ ନ ରହିବା ଚିନ୍ତାର ବିଷୟ ହୋଇଛି। ଏ ଦିଗରେ ରାଉରକେଲା ମହାନଗର ନିଗମ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ଜଳ ଭଳି ଅତ୍ୟାବଶ୍ୟକ ଜିନିଷ ଉପରେ ଏଭଳି ହେବା ନିଶ୍ଚିତ ଚିନ୍ତାର ବିଷୟ। ପ୍ରଥମେ ତୃଣମୂଳ ସ୍ତରରେ ତଦନ୍ତ କରାଯିବ। ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

### ଲେଡି ଲାୟନର ଶିଶୁ ମହୋତ୍ସବ

**ରାଉରକେଲା,୨୮।୧୨(ଦିନେଶ ମିଶ୍ର)**

ସାମାଜିକ ଅନୁଷ୍ଠାନ ଲେଡି ଲାୟନର ଦୁଇଦିନିଆ ଶିଶୁ ମହୋତ୍ସବ ଝିରପାଣିର ବିଜୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ବନ୍ଦିତା ମହନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମାଜସେବୀ ସୁନିଲ କିଣ୍ଡୋ, କାର୍ତ୍ତିକ ରାଉତ, ବୁଲୁ ପୁହାଣ, ନିହାର ରାୟ, ଅଶୋକ କକ୍କଡ, ସୁନିଲ କାୟଲ, ଜିତେନ୍ଦ୍ର ପ୍ରସାଦ, କମଲ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଛୋଟ ଛୋଟ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଲୀନା ବିଶ୍ୱାଳ, ପୂର୍ଣ୍ଣିମା ମହାନ୍ତି, ନୀଳମ ସାହୁ, ଦୀପ୍ତି ସୁନ୍ଦରରାୟ, ରାହୁଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଛୋଟ ପିଲାମାନଙ୍କ ମଧ୍ୟରେ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏଭଳି କାର୍ଯ୍ୟକ୍ରମ କରାଯାଇଛି ବୋଲି ସମ୍ପାଦକ ସ୍ନେହଲତା ଗନ୍ତାଘରିଆ ସୂଚନା ଦେଇଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ଜିଲା କଂଗ୍ରେସର ଶୋକ


ଶୋକସଭାରେ ଉପସ୍ଥିତ କଂଗ୍ରେସ କର୍ମୀ।

**ସୁନ୍ଦରଗଡ,୨୮।୧୨(ଜୟ ନାରାୟଣ ମେଣ୍ଡୁଲି)**

ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂଙ୍କ ବିୟୋଗରେ ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶପାଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା କଂଗ୍ରେସ କମିଟିର ବରିଷ୍ଠ କର୍ମକର୍ତ୍ତା, କର୍ମୀମାନେ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନାକରି ନିରବ ପ୍ରାର୍ଥନା କରାଯାଇଥିଲା। ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ଡ. ସିଂହ ଦେଶରେ ଉଦାରିକରଣ ଓ ଜଗତୀକରଣ ନୀତିକୁ କାର୍ଯ୍ୟକାରୀ କରି ଦେଶର ଅର୍ଥନୈତିକ ବ୍ୟସ୍ଥାକୁ ସୁଧାରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ବୋଲି କହିଥିଲେ ବଲିଷ୍ଠ କଂଗ୍ରେସ ନେତା ନିମାଇଁ ଚରଣ ନାଏକ,ରାଜକିଶୋର ଷଡ଼ଙ୍ଗୀ,ବେଣୁମାଧବ ତ୍ରିପାଠୀ, ନିର୍ମଳ ନାଏକ, ଅଜିତ ପ୍ରସାଦ, ପର୍ଶୁରାମ ସରାଫପ୍ରଣବ ସିଂହ, ଦେବାଶୀଷ ଦାସ, ନେପାଳ ଚନ୍ଦ୍ର ସାହୁ,ଶୁଭେନ୍ଦୁ ନାଏକ,ବିଶ୍ୱଜୀତ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖି ଦେଶ ଜଣେ ବିଶିଷ୍ଟ ଅର୍ଥନୈତିକ, ବରିଷ୍ଠ ରାଜନେତାଙ୍କୁ ହରାଇଲା ବୋଲି କହିଥିଲେ।

# ଏସ୍‌ଡିପିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ରାଜଗାଙ୍ଗପୁର,୨୮।୧୨(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଏସ୍‌ଡିପିଓ ଡ. ଅଭିଷେକ ପାଣିଗ୍ରାହୀଙ୍କ କୋରାପୁଟ ଜିଲାକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଭାବେ ପଦୋନ୍ନତି ହୋଇ ବଦଳି ହୋଇଛି। ରାଜଗାଙ୍ଗପୁରରେ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ରହି ରାଜଗାଙ୍ଗପୁର, କୁତ୍ରା ଓ ବଡଗାଁ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଆଇନ ଶୃଙ୍ଖଳା ରକ୍ଷା କରିବାରେ ସକ୍ଷମ ହୋଇଥିଲେ। ତାଙ୍କର ବଦଳିକୁ ନେଇ ରାଜଗାଙ୍ଗପୁରର ଗାଙ୍ଗପୁର ସାଂସ୍କୃତିକ ପରିଷଦ,ରାଜଗାଙ୍ଗପୁର ପ୍ରେସ୍ ସଂଘ, ଲାଲାବାବା ମଜାର କମିଟି ପ୍ରମୁଖଙ୍କ ଦ୍ୱାରା ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶନିବାର ଭେଣ୍ଡିଂଜୋନ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏସଡିପିଓ ନିଜ ବକ୍ତବ୍ୟରେ ଏହି ଅଞ୍ଚଳର ଲୋକମାନଙ୍କ ଭଲପାଇବା ସବୁଦିନେ ହୃଦୟରେ ରହିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଥାନାଧିକାରୀ ମନୋରଞ୍ଜନ ପ୍ରଧାନ, ସଂଘର ପ୍ରଫୁଲ୍ଲ ସାହୁ, ବେଣୁଧର ଦାସ,ଉପନଗରପାଳ ମହମ୍ମଦ ଇରଫାନ ,କାଉନସିଲର କୌଶଲ ସିଂ ଓ ଶ୍ୱେତା କୁମାରୀ ପ୍ରମୁଖଙ୍କ ସହ ଅନ୍ୟମାନେ ରହିଥିଲେ।


ଏସ୍‌ଡିପିଓଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଗୋଇଭଙ୍ଗା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

# ଯୋଗଦେଲେ ୧୬ ଟିମ୍


ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା,୨୮।୧୨(ସଙ୍ଗୀତା ଜେନା)**

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ କଲୁଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗୋଇଭଙ୍ଗା ଖେଳ ପଡ଼ିଆରେ ଗୋଇଭଙ୍ଗା ଯୁବଗୋଷ୍ଠୀ ମୁକ୍ତି କ୍ଳବ ପକ୍ଷରୁ ଶନିବାର ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଦ୍ୱିଦିବସୀୟ ଟୁର୍ନାମେଣ୍ଟ ୪୦ ବର୍ଷରେ ପଦାର୍ପଣ କରିଛି। ଏଥିରେ ଅକ୍ଷେଶ୍ୱର ଧାରୁଆ ମୁଖ୍ୟ ଅତିଥି, ମୋତିଲାଲ ମଣ୍ଡଳ, ଜିଲା ପରିଷଦ ସଦସ୍ୟ ବୁଚୁନୁ କୁଜୁର, କଲୁଙ୍ଗା ସମିତି ସଭ୍ୟ ବିରେନ୍ଦ୍ର ଲାଲ, ଆକୁଳ ଚନ୍ଦ୍ର ପ୍ରଧାନ, ସମାଜସେବୀ ଦେବୁ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି କ୍ଳବର କ୍ରୀଡ଼ା ପତାକା ଉତ୍ତୋଳନ କରି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟରେ ଜିଲାର ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଗୋଇଭଙ୍ଗା ଓଲ୍ଡ ବୟଜ୍ ଫୁଟବଲ୍ ଆସୋସିଏଶନ ସଭାପତି ଜାଭିୟାର ଲାକ୍ରା, ବୀର ଚନ୍ଦନ ଦିଲର ଏକ୍କା, ଯୋଗେଶ୍ୱର ମୁଣ୍ଡାରୀ, ଗୋଲାପ ମୁଣ୍ଡାରୀ, ଅମର ବାଡା, ବିଜୟ ଖାଲଖୋ, ପ୍ରେମଚାନ୍ଦ ବାଡା, ଅଜିତ ଟପ୍ପୋ, ଜକିନ୍ ବାର୍ଲା, ସତ୍ୟନାରାୟଣ ଗୋପ, ବୁଚୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଅସିତ୍ ଦାଶ ମଞ୍ଚ ପରିଚାଳନା କରିଥିଲେ। ଜାଭିୟାର ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ରବିବାର ଚୂଡାନ୍ତ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ କପୁର ଚଳଚ୍ଚିତ୍ର ମହୋତ୍ସବ ସ୍ଥଗିତ

**ରାଉରକେଲା,୨୮।୧୨ (ବିପ୍ଳବ ରଞ୍ଜନ ଦାଶ)**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ବିୟୋଗରେ ସାତଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଡିସେମ୍ବର ୩୦ରୁ ଜାନୁୟାରୀ ୪ତାରିଖ ପର୍ଯ୍ୟନ୍ତ ଆରଏସ୍‌ପି ପକ୍ଷରୁ ସିଭିକ୍ ସେଣ୍ଟରରେ ହେବାକୁ ଥିବା ରାଜ କପୁର ଚଳଚ୍ଚିତ୍ର ମହୋତ୍ସବକୁ ସ୍ଥଗିତ ରଖାଯାଇଛି। ଉତ୍ସବର ନୂତନ ତାରିଖ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ଆରଏସ୍‌ପି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶନିବାର ସୂଚନା ପ୍ରଦାନ କରାଯାଇଛି।

# ମନମୋହନ ସିଂଙ୍କୁ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା,୨୮।୧୨(ସଙ୍ଗୀତା ଜେନା)**

ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଶନିବାର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେକ୍ଟର-୨୧ କାର୍ଯ୍ୟାଳୟରେ ଜିଲା ସଭାପତି ରବି ରାୟଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦେବବ୍ରତ ବିହାରୀ, ସାବିର ହୁସେନ୍, ରାମାନନ୍ଦ ଶ୍ରୀଚନ୍ଦନ, ଜ୍ଞାନେନ୍ଦ୍ର ଦାସ, ବିନୋଦ ରାଉତ, ସରୋଜ ଲେଙ୍କା, ଆଶିଷ ମହାନ୍ତି, ଶିବୁ ଦାସ, ସୁନୀଲ ପଟ୍ଟନାୟକ, ରଘୁ ଦାସ, ଦୁସା ନାୟକ, ନଚିକେତା ମହାପାତ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା।

# ମୁକୁଳା ଟ୍ରାନ୍ସଫର୍ମର, ହାତୀ ସୁରକ୍ଷା ନେଇ ପ୍ରଶ୍ନ

**ରାଉରକେଲା,୨୮।୧୨( ସଙ୍ଗୀତା ଜେନା)**

ସୁନ୍ଦରଗଡ଼ ଜିଲା ଓଡ଼ିଶା ସୀମାନ୍ତରେ ଥିବାରୁ ଝାଡ଼ଖଣ୍ଡୀ ହାତୀପଲ ଏଠାକୁ ଚାଲିଆସୁଛନ୍ତି। ତେବେ ମୁକୁଳା ଟ୍ରାନ୍ସଫର୍ମର ଓ ଓହଳି ରହିଥିବା ୧୧ କେଭି ତାର ଯୋଗୁ ହାତୀମାନଙ୍କ ସୁରକ୍ଷା ନେଇ ଆଶଙ୍କା ପ୍ରକାଶ ପାଇଛି। ଚଳିତ ବର୍ଷ ଲାଠିକଟା ବ୍ଲକରେ ଜମିରେ ହାତୀକୁ କରେଣ୍ଟ ଲାଗିବା ଯୋଗୁ ମୃତ୍ୟୁ ହୋଇଥିଲା। ଘଟଣାର ପୁନରାବୃତ୍ତି ନ ହେବା ପାଇଁ ବନ ବିଭାଗ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ମୁକୁଳା ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ତାରଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି କୁହାଯାଇଥିଲା। ହେଲେ ଉକ୍ତ କାର୍ଯ୍ୟ ଅଧାପନ୍ତରିଆ ପଡିରହିଥିବା ଜଣାପଡ଼ିଛି।

ସୁନ୍ଦରଗଡ଼ ଜିଲାର ବିଶ୍ରା, ନୂଆଗାଁ, ହାତୀବାରି, ଲାଠିକଟା, ବିରମିତ୍ରପୁର, ରାଜଗାଙ୍ଗପୁର ସମେତ ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ହଜାର ହଜାର ହେକ୍ଟର ଫସଲ ନଷ୍ଟ ହେଉଛି। ଜଙ୍ଗଲ ହ୍ରାସ ଓ ଖାଦ୍ୟ ପାନୀୟ ଅନ୍ୱେଷଣରେ ହାତୀପଲ ସହରମୁହାଁ ହେଉଥିବାରୁ ଏଭଳି ଧନଜୀବନ ହାନି ହେଉଥିବା ଜଣାପଡିଛି। ବିଶ୍ରା ବ୍ଲକର ଜମସେରା, ଜରେଇକେଲା, କୁକୁଡ଼ାଗେଟ, ବିଜାଡିହି, କୁଣ୍ଡାପୋଷ, ବମ୍ଭୁଆ, ସାନବମ୍ଭୁଆ, ମନକୋ, ନୂଆଗାଁ ବ୍ଲକର ଲୁକୁମ୍‌ବେଡ଼ା, ବଡ଼ଜଙ୍ଘ୍ରା, କର୍କଟନାଶା ଓ ପକେରମା ଆଦି ପଞ୍ଚାୟତର କୁନ୍ଦୁରୁଗେଟୁ, ପାଇନ୍ଦା, ତାବଜା, ଖରିଜୋର ଓ ପଟବ ସମେତ ଲାଠିକଟା ବ୍ଲକର ସୁଇଡ଼ିହି, କନରସୁଆଁ, ମୁଣ୍ଡାଜୋର, ରାମଯୋଡ଼ି, ହାତୀବନ୍ଧା, ବଲାଣି, କୁଚେଇତା, ଡଲାକୁଦର, ଏରଗେଡ଼ା ଆଦି ଅଞ୍ଚଳରେ ହାତୀ ଚଲାପଥ ରହିଛି। ଝାଡ଼ଖଣ୍ଡ ସଂଲଗ୍ନ ଓଡ଼ିଶାର ଏହି ଅଞ୍ଚଳମାନଙ୍କରେ ଧାନକଟା ସମୟରେ ହାତୀପଲ ଫସଲ ଓ ଦେଶୀମଦ ପାଇଁ ବିଚରଣ କରିଥାନ୍ତି। ହାତୀଙ୍କୁ ବିଦ୍ୟୁତ୍ ଆଘାତରୁ ବଞ୍ଚାଇବା ପାଇଁ ବିଦ୍ୟୁତ୍ ତାରଗୁଡ଼ିକ କଭର କଣ୍ଡକ୍ଟର, ଖୁଣ୍ଟଗୁଡ଼ିକ ସୁଉଚ୍ଚ କରିବା, ମୁକୁଳା ଟ୍ରାନ୍ସଫର୍ମରଗୁଡ଼ିକୁ ପାଚେରି ଦ୍ୱାରା ସୁରକ୍ଷିତ ରଖିବା, ଖୋଲା ତାରକୁ କେବୁଲ ଦ୍ୱାରା ଆଚ୍ଛାଦିତ କରାଯାଇଥାଏ। ବିଶ୍ରା ବ୍ଲକରେ ୧୦କିମି କଭର କଣ୍ଡକ୍ଟର, ୧୫୦ ବିଦ୍ୟୁତ୍ ଖୁଣ୍ଟକୁ ସୁଉଚ୍ଚ କରାଯିବା ସହ ୨୪ କି.ମି କେବୁଲ କରାଯାଇଛି। ୨୫ଟି ମୁକୁଳା ଟ୍ରାନ୍ସଫର୍ମରରେ ପାଚେରି ନିର୍ମାଣ କରାଯାଇଛି। ବଳକା ୧୦/୨୦ଟିରେ ପାଚେରର ନିର୍ମାଣ ହୋଇପାରିନାହିଁ। ଅନୁରୂପ ଭାବେ ଲାଠିକଟା ଅଞ୍ଚଳରେ ୧୫ଟି ମୁକୁଳା ଟ୍ରାନ୍ସଫର୍ମରର ପାଚେରି ନିର୍ମାଣ ହୋଇଛି। ୧୫ କିମି ପର୍ଯ୍ୟନ୍ତ ୧୧ କେଭି ତାରକୁ କଭର୍ କଣ୍ଡକ୍ଟର, ୧୫୦ଟି ସୁଉଚ୍ଚ ଖୁଣ୍ଟ, ୩୫ କିମି ଖୋଲାତାରକୁ ବନ୍ଦ କରାଯାଇଛି।


ବିଶ୍ରା ବ୍ଲକରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମର।

ଏ ସମ୍ପର୍କରେ ବିଶ୍ରା ଫରେଷ୍ଟ ରେଞ୍ଜର ଅସିତ୍ ପଟ୍ଟନାୟକଙ୍କୁ ପଚାରାଯିବାରୁ ହାତୀ ସୁରକ୍ଷାକୁ ଦୃଷ୍ଟିରେ ରଖି ବନାଞ୍ଚଳରେ ଝୁଲୁଥିବା ବିପଜ୍ଜନକ ତାର, ମୁକୁଳା ଟ୍ରାନ୍ସଫର୍ମରରେ ପାଚେରି ନିର୍ମାଣ ଚିହ୍ନଟ କରିବା ପାଇଁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପଟ୍ଟନାୟକ କହିଥିଲେ। ସେହିପରି ଟାଟା ପାୱାରର ବିଶ୍ରା ବ୍ଲକ ଏସ୍‌ଡ଼ିଓ ରାଜେଶ ପାଣ୍ଡେଙ୍କୁ ପଚରାଯିବାରୁ ସେ କହିଲେ, ଉଭୟ ବନ ଏବଂ ବିଦ୍ୟୁତ୍ ବିଭାଗର ଯୁଗ୍ମ ଯାଞ୍ଚ କରାଯାଇ ବିପଜ୍ଜନକ ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର ଚିହ୍ନଟ କରାଯାଇଛି। ନିରାକରଣ କାର୍ଯ୍ୟ ଜାରି ରହିଛି ଏବଂ ଅନେକ ଟ୍ରାନ୍ସଫର୍ମରରେ ପାଚେରି ପାଇଁ ପ୍ରସ୍ତାବ ଦିଆଯାଇଛି। ତେବେ ଚଳିତ ଥର ହାତୀ କୋଏଲ ନଦୀ ନିକଟ ତଥା କୁଣ୍ଡାପୋଷରେ ଅଧିକ ବିଚରଣ କରୁଥିବା ଅନୁଧ୍ୟାନ କରାଯାଇଛି। ହାତୀ ଆସିବା ସୂଚନା ମିଳିବା ପରେ ତୁରନ୍ତ ବିଦ୍ୟୁତ୍ ସେବା ବନ୍ଦ କରାଯାଉଛି ବୋଲି ପାଣ୍ଡେ କହିଥିଲେ। ଅନୁରୂପ ଭାବେ ମୁକୁଳା ଟ୍ରାନ୍ସଫର୍ମରରେ ପାଚେରି ନିର୍ମାଣ କରାଯାଉଛି। ପାଚେରି ହୋଇ ନ ଥିବା ଟ୍ରାନ୍ସଫର୍ମର ଗୁଡ଼ିକରେ ଜମି ବିବାଦ ରହିଛି। ବିଭାଗ ପକ୍ଷରୁ ହାତୀ ବିଚରଣ କରୁଥିବା ଅଞ୍ଚଳରେ ପାଟ୍ରୋଲିଂ କରାଯାଉଛି ବୋଲି ପାଣ୍ଡେ କହିଥିଲେ।

## ସଂକ୍ଷେପରେ

### ରାସ୍ତାରୁ ମୃତଦେହ ଜବତ

ରେଢାଖୋଲ,୨୮।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ଚାରମାଳ ପୋଲିସ ଶନିବାର ରେଢାଖୋଲ ବ୍ଲକ ସାଗଝୁରୀ ମାଷ୍ଟରପଡା ଛକ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଜୁଜୁମୁରା ଥାନା ମରମଜୋରୀ ଗ୍ରାମର ମଲ୍ଲୀଖା ମଲ୍ଲିକ(୫୦)। ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବୋଲି ଚାରମାଳ ଥାନା ଅଧିକାରୀ ସଞ୍ଜୟ ସାହୁ କହିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନି କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି।ତେବେ ଏହା ଏକ ହତ୍ୟାକାଣ୍ଡ ନା ଦୁର୍ଘଟଣା ସେ ନେଇ ପୋଲିସ ତଦନ୍ତ ଚଳାଇଛି। ମୃତକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଦେଖାଯାଇଛି। ମୃତ ମଲ୍ଲୀଖାଙ୍କ ସ୍ତ୍ରୀର ଦେହାନ୍ତ ହୋଇଥିବା ବେଳେ ତାଙ୍କର ଏକ କନ୍ୟା ସନ୍ତାନ ରହିଛି।

### ମ୍ୟୁନିସିପାଲିଟି ପକ୍ଷରୁ ଉଠା ଦୋକାନୀ ଉଚ୍ଛେଦ

ଝାରସୁଗୁଡ଼ା,୨୮।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରରେ ଦେଖାଦେଉଥିବା ଟ୍ରାଫିକ ସମସ୍ୟା ଦୃଷ୍ଟିରେ ରଖି ମ୍ୟୁନିସିପାଲିଟି ପକ୍ଷରୁ ଉଠା ଦୋକାନୀମାନଙ୍କୁ ଶନିବାର ଉଚ୍ଛେଦ କରାଯାଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶରେ ଜିଲାପାଳଙ୍କ ଅଫିସଠାରୁ ଏସ୍‌ପି ଅଫିସ ରାସ୍ତା ପାର୍ଶ୍ୱରେ ଥିବା ଉଠା ଦୋକାନୀମାନଙ୍କୁ ଝାରସୁଗୁଡ଼ା ମ୍ୟୁନିସିପାଲିଟି ପକ୍ଷରୁ ଉଚ୍ଛେଦ କରାଯାଇଛି। ବାରମ୍ବାର ପ୍ରଶାସନର ତାଗିଦ ସତ୍ତ୍ୱେ ଉଠା ଦୋକାନୀମାନେ ଶୁଣୁ ନ ଥିଲେ। ଯାହାଦ୍ୱାରା ଟ୍ରାଫିକ ସମସ୍ୟା ଦେଖାଯାଉଥିଲା। ଝାରସୁଗୁଡା ଜିଲା ପ୍ରତିଷ୍ଠା ଦିବସ ଓ ଦୁଲଦୁଲିକୁ ନେଇ ଆଗକୁ ଉଚ୍ଛେଦ ପ୍ରକ୍ରିୟା ଚାଲୁ ରହିବ ବୋଲି ମ୍ୟୁନିସିପାଲିଟି ପକ୍ଷରୁ କୁହାଯାଇଛି।

### କୁଦୋପାଲିରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପାଇଁ ପ୍ରସ୍ତୁତି ଚୂଡାନ୍ତ

ସମ୍ବଲପୁର,୨୮।୧୨(ଭବାନୀ ଶଙ୍କର ଭୋଇ)

ଓଡ଼ିଶାର ଜାଲିଆନାୱାଲାବାଗ କୁହାଯାଉଥିବା କୁଦୋପାଲିରେ ଆଗାମୀ ୩୦ତାରିଖରେ ବଳିଦାନ ଦିବସ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ମୁଖ୍ୟ ଅତିଥି ଭାବେରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଯୋରଦାର ପ୍ରସ୍ତୁତି ଚାଲିଛି। ଉପଜିଲାପାଳ ଡ ପୁଷ୍ପାଞ୍ଜଳି ପଣ୍ଡା ଶନିବାର କୁଦୋପାଲି ଯାଇ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଥିଲେ। ଶୁକ୍ରବାର ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର୍‌, ମହାନଗର କମିଶନର ବେଦଭୂଷଣ, ପୂର୍ତ୍ତ ବିଭାଗ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ କୁଦୋପାଲି ଘାଟିରେ ଚାଲିଥିବା ନିମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ। କୁଦୋପାଲି ଐତିହାସିକ ସ୍ଥଳୀ ସହ ଇଂରେଜ ଗୁଳିରେ କୁଦୋପାଲି ଗାଁର ମନ୍ଦିର ନିକଟରେ ବୀର ଛବିଲ ସାଏ ସହୀଦ ହୋଇଥିବା ସ୍ଥାନ ମଧ୍ୟ ପରିଦର୍ଶନ କରି କାର୍ଯ୍ୟକ୍ରମ ପାଇଁ ଆୟୋଜନ ବୁଲି ଦେଖିଥିଲେ। ଆଗାମୀ ୩୦ ତାରିଖ ବଳିଦାନ ଦିବସ କାର୍ଯ୍ୟକ୍ରମରେ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଓ ବହୁ ମାନ୍ୟଗଣ୍ୟ ଅତିଥିଭାବେ ସାମିଲ ହେବେ। ଏଥିପୂର୍ବରୁ ରବିବାର ଅପରାହ୍ନରେ କୁଦୋପାଲିର ଇତିହାସକୁ ନେଇ କେନ୍ଦ୍ର ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ଇତିହାସ ପୁସ୍ତକକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସମ୍ବଲପୁର ତପସ୍ୱିନୀ ହଲରେ ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଛି।

### ଆୟକର ସଚେତନତା ଶିବିର

ଝାରସୁଗୁଡ଼ା,୨୮।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବେହେରାମାଲସ୍ଥିତ ଆୟକର ଭବନରେ ଶନିବାର ଆୟକର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆୟକର ଅଧିକାରୀ କଳ୍ପତରୁ ସାମଲ ଏଥିରେ ଅଧକ୍ଷତା କରି ଆୟକର ଅଧିନିୟମ ୧୯୬୧ ବିଷୟରେ ଆଲୋଚନା କରିଥିଲେ। ସରକାରୀ ହୁଅନ୍ତୁ ବା ବେସରକାରୀ ଯଦି ବେତନ ଭୋଗୀ କର୍ମଚାରୀ ଅଟନ୍ତି ତାଙ୍କ ପାଇଁ ଆୟକର ବିଭାଗର କେଉଁ ନିୟମ ରହିଛି ତାହା ବୁଝାଇଥିଲେ। ଗତ ଦିନରେ ହୋଇଥିବା ବେନିୟମ ଆୟକର ଛାଡ଼ ତଥା ଆୟକର ଫାଙ୍କିବା ପାଇଁ ବିଭିନ୍ନ ଆୟକରଦାତାଙ୍କ ଦ୍ୱାରା ଆପଣା ଯାଉଥିବା ନିୟମ ବର୍ହିଭୁତ କାର୍ଯ୍ୟ ସମ୍ବନ୍ଧରେ ଆୟକର ଅଧିକାରୀ ଆଲୋକପାତ କରିଥିଲେ। ଆୟକର ଫାଙ୍କିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଥିଲା। ଜିଲାର ବହୁ ସରକାରୀ ଓ ବେସରକାରୀ କର୍ମଚାରୀ ଯୋଗଦେଇଥିଲେ। ଆୟକର ନିରୀକ୍ଷକ ଆଲୋକ କୁମାର ମିସ୍ତ୍ରୀ ଏବଂ କର ସହାୟିକା ବର୍ଷା ଗୁପ୍ତା ସହଯୋଗ କରିଥିଲେ।

# ତୋର ଝୁମକା, ହୋ ପାହୋମ, ପୁରଥିନୁ ସରଗ ମଞ୍ଚସ୍ଥ

**ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା**

ସମ୍ବଲପୁର,୨୭।୧୨(ବି.ଶଙ୍କର)

ଯୁବ ଉଦୟନ ଅନୁଷ୍ଠାନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୭ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଶନିବାର ରାତିରେ ତୋର ଝୁମକା, ହୋ ପାହୋମ, ପୁରଥିନୁ ସରଗ ନାଟକ ମଞ୍ଚସ୍ଥ ହୋଇଯାଇଛି। ସମ୍ବଲପୁର ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚଠାରେ ଅନ୍ତିମ ରଜନୀରେ ଝାରସୁଗୁଡା ଜିଲା ବେଲପାହାଡ ମିରର ଥିଏଟର କଳାକାରମାନେ ପ୍ରଥମ ନାଟକ ତୋର ଝୁମକା ମଞ୍ଚସ୍ଥକରିଥିଲେ। ଡ. ସୁଭାଷ ଚନ୍ଦ୍ର ପ୍ରଧାନ ଚରନା ଓ ନିର୍ଦ୍ଦେଶନା ଦେଇଥିଲେ। ଡ. ଶ୍ୟାମ ସୁନ୍ଦର ପାଣ୍ଡେ ମଞ୍ଚ ସଜେଇଥିଲେ । ସେହିପରି ସୁନ୍ତୋଷ ସାହୁ ଆଲୋକ ସଂପାତ, ଗୌରୀ ଶଙ୍କର କୁମ୍ଭାର ସଙ୍ଗୀତ ଗାନ ଏବଂ ବିନୟ ପ୍ରଧାନ ସଙ୍ଗୀତ ପରିଚାଳନା କରିଥିଲେ। ପ୍ରେମର ସଂଜ୍ଞା ଅନନ୍ୟ ଓ ନିଆରା। ଭିନ୍ନ ସ୍ଥାନ ଓ ବ୍ୟକ୍ତି ବିଶେଷଙ୍କ ମତରେ ପ୍ରେମର ସଂଜ୍ଞାଟି ଭିନ୍ନ ଅର୍ଥରେ ବ୍ୟବହାର ହୋଇଥାଏ। ଏପରି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ଦ୍ୱିତୀୟ ନାଟକ ଭବାନୀପାଟଣା ସ୍ଥିତ କାରୁଣ୍ଡ କଳାମଞ୍ଚ କକ୍ଷରୁ ହୋଇଥିଲା । ପ୍ରଦୀପ ଡି ମାଝିଙ୍କ ଚରନା ଓ ନଳିନୀକାନ୍ତଙ୍କ ନିର୍ଦ୍ଦେଶନା ଏବଂ ଦେବେନ୍ଦ୍ର ବାଗ ଓ ଅଜୟ ଗୋପାଳ ସଙ୍ଗୀତ ନିର୍ଦ୍ଦେଶନାର କଳାକାରମାନେ ନାଟକ ହୋ ପାହୋମ ମଞ୍ଚନ କରିଥିଲେ। ବାସ୍ତବବାଦୀ ଦୁନିଆରେ ମଣିଷ ନିଜର ଭୌତିକ ସୁଖ ପାଇଁ ଦିନ ରାତି ଅନ୍ୟାୟ, ଅତ୍ୟାଚାର ଓ ଦୁର୍ନୀତି କରି ଚାଲିଛି। କିନ୍ତୁ ଶେଷରେ ନିଃସହାୟ ରହିବାକୁ ବାଧ ହୋଇଥିବା କଥାବସ୍ତୁ ନାଟକରେ ପ୍ରତିଫଳିତ ହୋଇଥିଲା। ବରଗଡ ଜିଲା ଭଟଲି କେଶଇପାଲି ମୁନ ଲାଇଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳାକାରମାନେ ପୁରଥିନୁ ସରଗ ନାଟକ ମଞ୍ଚସ୍ଥ କରିଥିଲେ। ନାଟ୍ୟକାର ଚୂଡାମଣୀ ରଥ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ପାରିବାରିକ ସମ୍ପର୍କକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ମା'କୁ ପୃଥିବୀ ଏବଂ ବାପାଙ୍କୁ ସ୍ୱର୍ଗ ସହ ତୁଳନା କରାଯାଇଛି। ମା'ବାପାଙ୍କ ସେବା ବିନା ଜୀବନ ବୃଥା ବୋଲି ନାଟକରେ ବାର୍ତ୍ତା ଦିଆଯାଇଛି। ଆୟୋଜକ ଅନୁଷ୍ଠାନର ଅଭିଷେକ ମିଶ୍ରଙ୍କ ପରିଚାଳନାରେ କଳାକାରଙ୍କୁ ପୁରସ୍କାର କାର୍ଯ୍ୟକ୍ରମ ହୋଇଥିଲା। ନାଟ୍ୟ ନିର୍ଦ୍ଦେଶକ ଓ ମଞ୍ଚ ଅଭିନେତା ସନ୍ତୋଷ ମିଶ୍ର ଓ ଡ.ପରେଶ ଚନ୍ଦ୍ର ଦାନୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ ।



ଭବାନୀପାଟଣା କାରୁଣ୍ଡ କଳାମଞ୍ଚ ପ୍ରଯୋଜିତ ନାଟକ ହୋ ପାହୋମ ।

# ମେକାନ ଧାନବାଦ-ଇଷ୍ଟକୋଷ୍ଟ ରେଲ୍‌ୱେ ଖୋର୍ଦ୍ଧା ଫାଇନାଲ ଆଜି

**ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ**




ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

ଦେବଗଡ଼,୨୮।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେଉଥିବା ୩୪ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବାମଣ୍ଡା କ୍ରିକେଟ କ୍ଲବ ଦେବଗଡ଼ ବନାମ ମେକାନ ଧାନବାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ଦେବଗଡ଼କୁ ୧ ଉଇକେଟରେ ପରାସ୍ତ କରି ଧାନବାଦ ଦଳ ଫାଇନାଲରେ ପ୍ରବେଶ କରିଛି। ଦେବଗଡ଼ ଦଳ ଟସ୍ ଜିଟି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ଉଇକେଟ୍ ହରାଇ ୧୬୮ ରନ୍ କରିଥିଲା। ଏହାର ଜବାବରେ ଧାନବାଦ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୬୯ ରନ କରି ବିଜୟୀ ହୋଇଥିଲେ। ମ୍ୟାଚ୍‌ରେ ଅମ୍ପାୟର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋର ଭାବେ ରୋମି ନାୟକ ଓ ରିତିକ୍ ଦେହୁରୀ ଏବଂ ବେଣୁଧର ଗଡନାଏକ ଓ ରମାକାନ୍ତ ପ୍ରଧାନ ଧାରାବିବରଣି ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଧାନବାଦ ଦଳର ମନୁ ସିଂହଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। କ୍ଲବ ସଭାପତି ପ୍ରଣବ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା ବିଜେଡି ସଭାପତି ଚିତ୍ତରଞ୍ଜନ ପ୍ରଧାନ ଓ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉପସଭାପତି ଅଶୋକ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସତ୍ୟ ନାରାୟଣ ପାଣି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ ଉପସଭାପତି ସୁଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ମେକାନ ଧାନବାଦ ବନାମ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି।

# ଇଲେକ୍ଟ୍ରିକାଲ ଦଳ ଚାମ୍ପିୟନ

**ରେଲୱେ ଆନ୍ତଃ ବିଭାଗୀୟ ଫୁଟ୍‌ବଲ**




ରେଲୱେ ଫୁଟ୍‌ବଲ୍ ପ୍ରତିଯୋଗିତାର ଚାମ୍ପିୟନ ଇଲେକ୍ଟ୍ରିକାଲ ଦଳ।

ସମ୍ବଲପୁର,୨୮।୧୨(ପ୍ରମୋଦ ବହିଦାର)

ପୂର୍ବତଟ ରେଳବାଇ କ୍ରୀଡ଼ା ସଙ୍ଗଠନ ସମ୍ବଲପୁର ଆନୁକୂଲ୍ୟରେ ଆୟୋଜିତ ରେଳବାଇ ଆନ୍ତଃ ବିଭାଗୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ରେଳବାଇ ଷ୍ଟାଡିୟମରେ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ସମ୍ମାନିତ ଅତିଥିଭାବେ ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଙ୍ଗଠନ ଉପାଧକ୍ଷା ରୁବିକା ସିଂ ଯୋଗଦେଇ କୃତି କ୍ରୀଡ଼ାବିତଙ୍କୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚ ରେଳବାଇ ଇଞ୍ଜିନିୟରିଂ ଦଳ ଓ ଇଲେକ୍ଟ୍ରିକାଲ ଦଳ ମଧ୍ୟରେ ହୋଇଥିଲା। ଟାଇବ୍ରେକର ୪-୩ ଗୋଲରେ ଇଲେକ୍ଟ୍ରିକାଲ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆୟୋଜିତ ପରୁସ୍କାର ବିରତଣ ଉତ୍ସବରେ ଅତିଥିମାନେ ହରିଶ ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ, ସୌରଭ ବିଶ୍ୱାଳ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ, ସର୍ବାଧିକ ଗୋଲ ସ୍କୋରର ସରୋଜ ପ୍ରଧାନ ଏବଂ ସର୍ବଶ୍ରେଷ୍ଠ ଗୋଲକିପର ଭାବେ ଖୋକା ଦାସଙ୍କୁ ପୁରସ୍କୃତ କରିଥିଲେ।

# ସାମାନ୍ୟ ବଚସାରୁ ଛୁରା ମାଡ଼, ୪ ଆହତ

ବ୍ରଜରାଜନଗର,୨୮।୧୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବ୍ଲକ ଓରିଏଣ୍ଟ ଥାନା ଅନ୍ତର୍ଗତ ହନୁମାନ ନଗର ଅଞ୍ଚଳରେ ପୂର୍ବ ଶତ୍ରୁତାରୁ ବଚସା ଓ ପରେ ଛୁରା ମାଡ଼ରେ ୪ଜଣ ଆହତ ହୋଇଛନ୍ତି । ପୋଲିସ ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ମଣ୍ଡଳୀୟ ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୁଚନା ଅନୁଯାୟୀ ଓପିଏମ୍ କଲୋନୀର ସାଜନ ସିଂ (୨୫) ସହିତ ଲାମାଟିବାହାଲର ବାଣ୍ଟି ପ୍ରସାଦ (୪୮)ଙ୍କ ବଚସା ହୋଇଥିଲା। ବାଣ୍ଟି ସଜନଙ୍କୁ ମାଡ଼ ମାରିଥିଲେ। ପରେ ସଜନ ଘରକୁ ଆସି ଏକ ମାରଣାସ୍ତ୍ର ନେଇ ହନୁମାନ ନଗର ଛକଠାରେ ବାଣ୍ଟିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଏଥିରେ ବାଣ୍ଟିଙ୍କ ସାନଭାଇ ସୁରଜ (୨୭) ପ୍ରତିରୋଧ କରିବାରୁ ତାକୁ ଆକ୍ରମଣ କରିଥିଲେ। ସେମାନେ ଛୁରୀ ଦ୍ୱରା ପାଲଟା ଆକ୍ରମଣରେ ସଜନ ଆହତ ହୋଇଥିଲେ। ଏମାନଙ୍କୁ ଛଡାଇ ବାକୁ ଯାଇ ବିଟୁ ସିଂହ(୨୦) ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଓରିଏଣ୍ଟ ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

# ଶିକ୍ଷାବିତ୍ ପ୍ରଫେସର ସୁଦର୍ଶନ ପୂଜାରୀଙ୍କ ପରଲୋକ

ସମ୍ବଲପୁର,୨୮।୧୨(ବି.ଶଙ୍କର)

ବିଶିଷ୍ଟ ଶିକ୍ଷାବିତ, ପ୍ରାବନ୍ଧିକ, ବକ୍ତା ଏବଂ ଗବେଷକ ପ୍ରଫେସର ସୁଦର୍ଶନ ପୂଜାରୀଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ଅସୁସ୍ଥତା ଅନୁଭବ କରିବାରୁ ସ୍ଥାନୀୟ ନର୍ସିଂ ହୋମରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କ ପାର୍ଥିବ ଶରୀରକୁ ସମ୍ବଲପୁର ସହର ଗୋବିନ୍ଦଟୋଲାସ୍ଥିତ ବାସଭବନକୁ ଅଣାଯାଇଥିଲା। ଏହି ସମୟରେ ପ୍ରଫେସର ପୂଜାରୀଙ୍କ ବଡ଼ ଭାଇ ପ୍ରଫେସର ପଞ୍ଚାନନ ପୂଜାରୀ, ଧର୍ମପତ୍ନୀ ଶାନ୍ତା ପୂଜାରୀ, ଝିଅ ଜିଜ୍ଞାସା, ନାତୁଣୀ ବାଗ୍ମୀ ବରେଣ୍ୟା ଏବଂ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରଫେସର ସୁଦର୍ଶନ ପୂଜାରୀଙ୍କ ଘରେ ପହଞ୍ଚି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ । ସମ୍ବଲପୁର ମହାନଗର ନିଗମ ମନ୍ଦଲିଆ ସ୍ଥିତ ରାଜଘାଟଠାରେ ପୂଜାରୀଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି । ଝିଅ ପ୍ରଫେସର ଜିଗିସା ମୁଖାଗ୍ନି ଦେଇଥିଲେ।

ବରଗଡ଼ ଜିଲା ଲୁପୁରସିଂହା ଗ୍ରାମର ମୂଳ ନିବାସୀ ପୂଜାରୀ ରେମଣ୍ଡାରେ ମଧ୍ୟ ଇଂରାଜୀ ଏବଂ ଜର୍ଜ ହାଇସ୍କୁଲରୁ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରୁ ପି.ୟୁ, ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ଦର୍ଶନଶାସ୍ତ୍ରରେ ସ୍ନାତକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୭୩ରେ ତାଳଚେର ମହାବିଦ୍ୟାଳୟରୁ ଅଧାପନା ଜୀବନ ଆରମ୍ଭ କରି ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଅଧକ୍ଷ ଭାବେ ଅବସର ଗ୍ରହଣ କରିଥିଲେ । ସେ ଓଡ଼ିଶା ଶିକ୍ଷା ବିକାଶ ସମିତି ସଭାପତି ଦାୟିତ୍ୱରେ ରହିଥିଲେ। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାଉନସିଲ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏକାଡ଼େମିକ ମେମ୍ବର ଥିଲେ। ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ଓ ଜାତୀୟସ୍ତରର ଦର୍ଶନଶାସ୍ତ୍ର ସଙ୍ଗଠନଗୁଡିକ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା ।



ପ୍ରଫେସର ସୁଦର୍ଶନ ପୂଜାରୀ।

ଏଥିସହ ବିଭିନ୍ନ ସଙ୍ଗଠନ ସହ ଜଡିତ ରହିଥିଲେ। ତରୁଣ ଲେଖକମାନଙ୍କୁ ଆକୁଣ୍ଠ ପ୍ରୋତ୍ସାହନ ଓ ମାର୍ଗଦର୍ଶନ କରିଥିବା ପ୍ରଫେସର ପୂଜାରୀଙ୍କ ସମ୍ପାଦନାରେ ଅନେକ ସଙ୍କଳନ ଓ ପୁସ୍ତକ ପ୍ରକାଶ ପାଇଛି । ଡ. ଏ.ପି.ଜେ କଲାମ ରାଷ୍ଟ୍ରପତି ଥିବା ସମୟରେ ପ୍ରଫେସର ପୂଜାରୀଙ୍କୁ ରାଷ୍ଟ୍ରପତି ଭବନକୁ ନିମନ୍ତ୍ରିତ କରାଯାଇଥିଲା । ତାଙ୍କ ରଚିତ ପୁସ୍ତକ ଜୀବନ ଚିତ୍ର ଏବଂ ଏକ ସଂକଳନ ଆମେ ଆଗେଇବା ଓ ଅନ୍ୟାନ୍ୟ ଉନ୍ମୋଚିତ ହୋଇଥିବା ବେଳେ କେତେକ ପାଣ୍ଡୁଲିପି ପ୍ରକାଶ ଅପେକ୍ଷାରେ ରହିଛି ।

# ପଞ୍ଚପାଲି ବ୍ରଦର୍ସ ଟୁର୍ନାମେଣ୍ଟ: ପଞ୍ଚପାଲି ଟିମ୍ ଚାମ୍ପିୟନ

ଦେବଗଡ଼,୨୮।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ନୂଆଡିହି ପଞ୍ଚାୟତ ପଞ୍ଚପାଲି ଗ୍ରାମରେ ପଞ୍ଚପାଲି ବ୍ରଦର୍ସ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୮ଟି ଦଳକୁ ନେଇ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଟାଇଁସର ଦଳକୁ ପରାସ୍ତ କରି ପଞ୍ଚପାଲି ଦଳ ଚାମ୍ପିୟନ ହୋଇଛି। ପଞ୍ଚପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୦୨ ରନ ସଂଗ୍ରହ କରିଥିଲା। ଜବାବରେ ୧୦୩ ରନର ବିଜୟ ଲକ୍ଷ ନେଇ ଟାଇଁସର ଦଳ ଖେଳ ଆରମ୍ଭ କରିଥିବା ବେଳେ ସମସ୍ତ ଉଇକେଟ ହରାଇ ମାତ୍ର ୭୦ ରନ କରିବା ସହିତ ପରାଜିତ ହୋଇଥିଲା।



ଚାମ୍ପିୟନ ଟିମ୍ ଖେଳାଳିଙ୍କ ସହ ଅତିଥିବୃନ୍ଦ।

ଫାଇନାଲ ମ୍ୟାଚ୍‌କୁ ଭରତ ବାବୁ ଓ ସିକୁ ପ୍ରଧାନ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ସାହୁ, ରାଜୁ ନାଏକ, କ୍ରିଷ୍ଣା ନାଏକ ପ୍ରମୁଖ ସ୍କୋରିଂ ଏବଂ ଧାରାବିବରଣି ପ୍ରଦାନ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ ମଞ୍ଚାସୀନ ରହି ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ରାଜେଶ ସାହୁ ଏବଂ ମ୍ୟାନ ଅଫ୍ ଦି ସିରିଜ ଭାବେ କୁନା କୁମୁରାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପିଙ୍କୁ ପ୍ରଧାନ, ଲିକୁ ସାହୁ, ଅଜୟ କୁମୁରା, ବିଶ୍ୱନାଥ ସାହୁ, ନିତେଶ ପ୍ରଧାନ, ଜଗନ୍ନାଥ ସାହୁ ପ୍ରମୁଖ ଖେଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# କେନ୍ଦ୍ରୀୟ, ରାଜ୍ୟ ଯୋଜନା କାର୍ଯ୍ୟକାରୀ କର

**ଉପଖଣ୍ଡ ସ୍ତରୀୟ କୃଷିଯନ୍ତ୍ରପାତି ମେଳା**

କୁଚିଣ୍ଡା,୨୮।୧୨(ବିରଞ୍ଚି ଦର୍ଜା)

କୁଚିଣ୍ଡା କଲେଜ ପଡିଆରେ ଚାଲିଥିବା ଉପଖଣ୍ଡ ସ୍ତରୀସ୍ତରୀୟ କୃଷିଯନ୍ତ୍ରପାତି ପ୍ରଦର୍ଶନୀ ମେଳାର ଶନିବାର ଦ୍ୱିତୀୟ ଦିବସ କୃଷି ପାଠଶାଳାରେ କୃଷି ଜିଲା ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। କୃଷି ପାଠଶାଳାରେ ବାମରା, କୁଚିଣ୍ଡା ଓ ଜମନକିରା ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀ ଅଂଶଗ୍ରହଣ କରିଥିଲେ। କୁଚିଣ୍ଡା ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ ପ୍ରସନ୍ନ କୁମାର ସାମଲ ପ୍ରାଣୀସମ୍ପଦ, ଦୁଗ୍ଧ ଉତ୍ପାଦନ, କୃତ୍ରିମ ପ୍ରଜନନ, ଅଧିକ ଦୁଗ୍ଧ ଉତ୍ପାଦନକାରୀ ଗାଈ ମହିଷାଦି ପାଳନ କରି କେନ୍ଦ୍ରୀୟ ଓ ରାଜ୍ୟ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରିଥିଲେ। କୁଚିଣ୍ଡା ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ କିଶୋର ବେହେରା ସମନ୍ୱିତ ଉଦ୍ୟାନ କୃଷି ଦାରା ଚାଷୀମାନେ କିଭଳି ଅଧିକ ଲାଭବାନ ହେବେ କହିଥିଲେ। ବ୍ଲକ ମତ୍ସ୍ୟ ଅଧିକାରୀ କୌଶଲ୍ୟା ରୋହିଦାଶ ଅତ୍ୟାଧୁନିକ ପ୍ରଣାଳୀରେ ମାଛଚାଷ କରି ସରକାରଙ୍କଠାରୁ ମିଳୁଥିବା ରିହାତି ନେବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଦେବଗଡ ଜିଲା ଅତିରିକ୍ତ କୃଷିଯନ୍ତ୍ରୀ ଦିବ୍ୟଲୋଚନ ସାହୁ ଏବଂ ଏପିକଲ ସମ୍ବଲପୁର ଜିଲା ସଂଯୋଜକ ଗୋପବନ୍ଧୁ ଗଡନାୟକ ଯୋଗଦେଇ କୃଷି ଓ କୃଷକର ଉନ୍ନତି ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୃଷି ଅଧିକାରୀ ଗଗନ ସହଯୋଗ କରିଥିଲେ।

# ମହେଶ୍ୱରୀ କ୍ରିକେଟ: ସରାପାଲି ଚାମ୍ପିୟନ

ନାକଟିଦେଉଳ,୨୮।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଉପରମୁଣ୍ଡା ଗ୍ରାମର ମହେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଗତ ୨୩ ତାରିଖଠାରୁ ଚାଲିଥିବା ମହେଶରୀ କପ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଶିମିଳିପାଳ ଏବଂ ସରାପାଲି ମଧ୍ୟରେ ହୋଇଥିଲା। ଟସ୍ ଜିଣି ଶିମିଳିପାଳ ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ କରିଥିଲା। ଜବାବରେ ସରାପାଲି ଦଳ ୧୬ ଓଭରରେ ୭ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରି ଚମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ସରାପାଲିର ଚୈତନ୍ୟ ବାରିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଶିମିଳିପାଳର ସୌରଭ ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ନେତ୍ରାନନ୍ଦ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନୀଳାମ୍ବର ସାହୁ, ସମ୍ମାନିତ ଅତିଥିଭାବେ ବଞ୍ଚାଗୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁ, ବନାଞ୍ଚଳ ଅଧିକାରୀ ଧିରେନ କୁମାର ସାହୁ, ସମାଜସେବୀ ରମେଶ କୁମାର ପ୍ରଧାନ, କୃଷି କ୍ଷେତ୍ର ଅଧିକାରୀ ଶରତ କୁମାର ବାରିକ, ଗ୍ରାମ୍ୟ କମିଟି ସମ୍ପାଦକ ଧୀରେନ୍ଦ୍ର ରାଉଳ ଏବଂ ଶିକ୍ଷକ ହୁସେନ କୁମାର ସାହୁ ଯୋଗଦେଇ ବିଜେତା ଏବଂ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ମହେଶରୀ କ୍ରିକେଟ କ୍ଲବର ନିଗମାନନ୍ଦ ସାହୁ, ସୌମ୍ୟ ରଞ୍ଜନ ରାଉଳ, ୱାରିସ ପ୍ରଧାନ, ସିପୁନ ରାଉଳ, ଦେବାଶିଷ ସାହୁ ଏବଂ ରଜତ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ଘଟଣା ବହୁଳ ଥିଲା ୨୦୨୪। ଏହି ବିଦାୟୀ ବର୍ଷରେ ଆପରାଧିକ କାର୍ଯ୍ୟକଳାପ ବେଶ୍ ବୃଦ୍ଧି ପାଇଛି। କେଉଁଠି ପୁଅ ବାପାଙ୍କୁ ହତ୍ୟା କରିଛି ତ ଆଉ କେଉଁଠି ସ୍ୱାମୀ ସ୍ତ୍ରୀଙ୍କୁ ଏବଂ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କୁ ହତ୍ୟା କରିଥିବା ଘଟଣା ନଜରକୁ ଆସିଛି। ଏଥିସହିତ ଅପରାଧର ସ୍ୱରୂପ ବଦଳିଛି ଏହି ବିଦାୟୀ ବର୍ଷରେ। ସାଇବର ଅପରାଧଠାରୁ ଆରମ୍ଭ କରି କ୍ରିପ୍ଟୋ କରେନ୍ସି ନାମରେ ହୋଇଛି ବ୍ୟାପକ ଠକେଇ। ଏପରି କି ପରିବାର ପ୍ରତିପୋଷଣ କରିବାକୁ ସୁଦୂର ମହାରାଷ୍ଟ୍ରରୁ ଆସିଥିବା ଏକ ଯାଯାବର ଗୋଷ୍ଠୀର ୫ଜଣଙ୍କୁ ଅନ୍ୟ ଏକ ଯାଯାବର ଗୋଷ୍ଠୀ ହତ୍ୟା କରିବାକୁ ମଧ୍ୟ ପଛାଇ ନାହାନ୍ତି**

## ଥାନାରେ ଆର୍ମି ଅଫିସର, ବାନ୍ଧବୀଙ୍କୁ ନିର୍ଯାତନା

ସେପ୍ଟେମ୍ବର ୧୪ ରାତିରେ ଯୁବକଙ୍କ ଦୁର୍ବ୍ୟବହାର ଶିକାର ହୋଇ ଆର୍ମି ଅଫିସର ଓ ବାନ୍ଧବୀ ଭରତପୁର ଥାନା ଯାଇଥିଲେ। ସେଠାରେ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ହେଲେ ପୋଲିସ ଓଲଟା ଏକ ମାମଲା ରୁଜୁ କରି ବାନ୍ଧବୀଙ୍କୁ ଗିରଫ କରିଥିଲା। ତେବେ ପରେ ଏହି ଘଟଣା ଭିନ୍ନ ମୋଡ଼ ନେବା ସହ ରାଜ୍ୟ ତଥା ଦେଶରେ ବଡ଼ ଚର୍ଚ୍ଚାର ପ୍ରସଙ୍ଗ ହୋଇଥିଲା। ଏହି ଘଟଣାରେ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସହ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତଭାର ଦେବା ସହ ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଏବେ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଶନର ଘଟଣାର ତଦନ୍ତ କରୁଛି।








## ଡିଜିପି ସମ୍ମିଳନୀକୁ ଭଣ୍ଡୁର କରିବାକୁ ପନ୍ନୁଙ୍କ ଧମକ

ଭୁବନେଶ୍ୱରରେ ସର୍ବଭାରତୀୟ ୫୯ତମ ଡିଜିପି ସମ୍ମିଳନୀ ଚାଲିଥିବାବେଳେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ତଥା ଶିଖ୍ ଫର୍ ଜଷ୍ଟିସ୍‌ର ମୁଖ୍ୟ ଗୁରୁପତ୍‌ୱନ୍ତ ସିଂ ପନ୍ନୁ ନାଁରେ ଆସିଥିବା ଧମକ୍‌ପୂର୍ଣ୍ଣ ମେଲ୍‌କୁ ନେଇ ଚର୍ଚ୍ଚାର ବିଷୟ ସୃଷ୍ଟି ହୋଇଥିଲା। କେତେଜଣ ସାମ୍ବାଦିକଙ୍କୁ ମେଲ୍ ଆସିଥିଲା। ମେଲ୍‌ରେ ଡିସେମ୍ବର ୧ ଡି–ଡେ' ବୋଲି ଘୋଷଣା କରାଯିବା ସହ ଉକ୍ତଦିନ ଭୁବନେଶ୍ୱର ବିମାନ ବନ୍ଦରକୁ ଉଡ଼ାଣ କରନ୍ତୁ ନାହିଁ ବୋଲି ଚେତାବନୀ ଦିଆଯାଇଥିଲା। ଏଥିସହ ହିନ୍ଦୁ ଆତଙ୍କବାଦୀ ମୋଦି ଭୁବନେଶ୍ୱରକୁ ଏକ ଆତଙ୍କୀ ସହରରେ ପରିଣତ କରିଛନ୍ତି ବୋଲି କୁହାଯିବା ସହ ସମ୍ମିଳନୀକୁ ଭଣ୍ଡୁର କରିବାକୁ ଆହ୍ୱାନ ଦିଆଯାଇଥିଲା।




## ଋଣ ଚାପରୁ ବାପାଙ୍କୁ ହତ୍ୟା

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ରଙ୍ଗମାଟିଆସ୍ଥିତ ଏକ ଆପାର୍ଟମେଣ୍ଟରେ ସୁନୀଲ ଚୌଧୁରୀଙ୍କୁ ଜୁଲାଇ ୩ ରାତିରେ ଉଚ୍ଚଶିକ୍ଷିତ ପ୍ରଫେସର ପୁଅ ଅନିରୁଦ୍ଧ ଚୌଧୁରୀ ଛୁରୀ ଭୁଷି ହତ୍ୟା କରିଥିଲେ। ଅନିରୁଦ୍ଧ ବିଦେଶରେ ଏଲ୍‌ଏଲ୍‌ଏମ୍ ପଢ଼ିଥିଲେ ମଧ୍ୟ ସାର୍ଟିଫିକେଟ୍ ପାଇ ନ ଥିଲେ। ସେ ପଟିଆସ୍ଥିତ ଏକ କଲେଜରେ ଅଧ୍ୟାପକ ଭାବେ ଚାକିରି କରିବା ସହ ସ୍ତ୍ରୀଙ୍କ ସହ ରହୁଥିଲେ। ହେଲେ ସାର୍ଟିଫିକେଟ୍ ଦାଖଲ କରି ନ ପାରି ଚାକିରି ଛାଡ଼ି ଦେଇଥିଲେ। ସେପଟେ ସେ ୨୭ ଲକ୍ଷ ଟଙ୍କାର ଲୋନ୍ ଆଣିଥିବା ବେଳେ ଏଥିପାଇଁ ଅଧିକ ଟଙ୍କା କିସ୍ତି ଦେଉଥିବାରୁ ଚାପରେ ଥିଲେ। ଏପରି ସ୍ଥିତିରେ ସ୍ତ୍ରୀ ମଧ୍ୟ ତାଙ୍କୁ ଛାଡି ବାପଘରକୁ ପଳାଇଥିଲେ। ଏହାପରେ ବାପା ରହୁଥିବା ଫ୍ଲାଟକୁ ଆସି ଅନିରୁଦ୍ଧ ରହୁଥିଲେ। ଋଣ ଶୁଝିବା ପାଇଁ ଟଙ୍କା ଦେବାକୁ ବାପା ସୁନୀଲ ମନା କରିବା ସହ ଜମି ମଧ୍ୟ ବିକ୍ରି ପାଇଁ ଅନୁମତି ଦେଇ ନ ଥିଲେ। ଫଳରେ ଅନିରୁଦ୍ଧ ବାପାଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ।



## ଦେହ ବ୍ୟବସାୟରୁ ବାଂଲାଦେଶୀ ନାବାଳିକା ଉଦ୍ଧାର

ବାଂଲାଦେଶରୁ ନାବାଳିକାଙ୍କୁ ଓଡ଼ିଶା ଆଣି ଦେହ ବ୍ୟବସାୟରେ ନିୟୋଜିତ କରାଯାଉଥିବା କାରନାମା ନଭେମ୍ବର ୨୩ ତାରିଖରେ ଧରାପଡ଼ିଥିଲା। ନାବାଳିକାଙ୍କୁ ଭାରତରେ ଚାକିରି ଦେବାର ଲୋଭ ଦେଖାଇ ଦୁଇ ଜଣ ଦଲାଲ ପଶ୍ଚିମବଙ୍ଗ ଆଣିଥିଲେ। ସେମାନେ ବାଂଲାଦେଶ ସୀମାରେ ନାବାଳିକାଙ୍କୁ ବେଆଇନ ଭାବେ ସୀମା ପାର୍ କରାଇଥିଲେ। କୋଲ୍‌କାତାରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଦଲାଲମାନେ ଚାକିରି ଦେବା ବଦଳରେ ଦେହ ବ୍ୟବସାୟରେ ନିୟୋଜିତ କରିଥିଲେ। ପରେ ଭୁବନେଶ୍ୱର ଆଣିଥିଲେ। ସେଠି ନାବାଳିକାଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରିବା ସହିତ କଟକ ଗୋପାଳପୁରକୁ ଆଣିଥିଲେ। ମାତ୍ର ସେଠାରେ ପାଟିତୁଣ୍ଡ ହେବା ପରେ ନାବାଳିକା ଥାନାରେ ଫେରାଦ ହୋଇଥିଲେ। ପୀଡ଼ିତାଙ୍କ ବୟାନ ଆଧାରରେ ୪ ଜଣ ଦଲାଲ ଲିଟନ ଦାସ, ମୌସୁମୀ ନାୟକ, ବାବୁ ଦାସ, ଗୋପୀ ଓ ମାୟାଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଥିଲା।

## କ୍ରିପ୍ଟୋ ନାଁରେ ଠକିନେଲେ ୧୫ କୋଟି

ବଲାଙ୍ଗୀର ସହରରେ କ୍ରିପ୍ଟୋକରେନ୍ସି ନାଁରେ ଏକ ବଡ଼ଧରଣର ଠକେଇ ଗ୍ୟାଙ୍ଗ୍ ଧରାପଡ଼ିବା ଘଟଣା ସାମ୍ନାକୁ ଆସିବା ପରେ ଜିଲାରେ ହଇଚଇ ସୃଷ୍ଟି ହୋଇଥିଲା। ଅଭିଯୁକ୍ତମାନେ ୱେବ୍‌ସାଇଟ୍ ଖୋଲି ସେମାନଙ୍କ ନିକଟରେ ୧୦୦୦ କୋଟିର 'ଡାଏକନ୍ ଟୋକନ୍' କ୍ରିପ୍ଟୋକରେନ୍ସି ଉପଲବ୍ଧ ଥିବା ଦର୍ଶାଇଥିଲେ। ଏପରି କି 'ଡାଏଫିନେକ୍ସ' ନାଁରେ ଏକ ନକଲି କ୍ରିପ୍ଟୋ ଏକ୍ସଚେଞ୍ଜ ମଧ୍ୟ ବିକଶିତ କରିଥିଲେ। ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ମାଗଣାରେ ଥାଇଲାଣ୍ଡ, ଗୋଆ ଏବଂ ଦୁବାଇ ଟୁର୍ ପ୍ୟାକେଜ୍ ଅଫର୍ ସମେତ ଅନେକ ଲୋଭ ଦେଖାଉଥିଲେ। ଏଭଳି କାରବାର ପାଇଁ ସେମାନେ ୬୦୦ ଏଜେଣ୍ଟଙ୍କୁ ନିଯୁକ୍ତ କରିଥିଲେ। ପୋଲିସ ଧରିବାବେଳକୁ ସେମାନେ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ସାରିଥିଲେ। ଏହି ଘଟଣାରେ ମାଷ୍ଟରମାଇଣ୍ଡ ପ୍ରଶାନ୍ତ ମେହେରଙ୍କ ସମେତ ୭ ଅଭିଯୁକ୍ତ ଗିରଫ ହୋଇଥିଲେ।





## ସାଇବର ଠକ ନେଇଗଲେ ୭୫.୮୬ କୋଟି

ବର୍ଷ ଆରମ୍ଭରୁ ଶେଷ ଯାଏ ଚିନ୍ତା ବଢ଼ାଇଥିଲେ ସାଇବର ଅପରାଧୀ। ରାଜଧାନୀ ଭୁବନେଶ୍ୱରରୁ ଜାନୁଆରୀରୁ ଅକ୍ଟୋବର ମାସ ମଧ୍ୟରେ ସାଇବର ଠକ ବିଭିନ୍ନ କୌଶଳ ଆପଣାଇ ଲୋକଙ୍କଠାରୁ ୭୫ କୋଟି ୮୬ ଲକ୍ଷ ୨୪ ହଜାର ୪୪୯ କୋଟି ଟଙ୍କା ଠକି ନେଇଥିଲେ। ଏହି ୧୦ ମାସରେ ଭୁବନେଶ୍ୱର ସାଇବର ହେଲ୍ପ ଡେସ୍କକୁ ୪ ହଜାର ୧୩୬ ଠକେଇ ଅଭିଯୋଗ ଆସିଥିଲା। ସାଇବର ପୋଲିସ ତଦନ୍ତ କରି ୧୩ କୋଟି ୬୧ ଲକ୍ଷ ୭୪ ହଜାର ୬୪୩ ଟଙ୍କା ବ୍ଲକ୍ କରିଥିବା ବେଳେ ୩୧ ଜଣ ଠକଙ୍କୁ ଗିରଫ କରିଥିଲା।

## ଯାଯାବର ପରିବାରର ୫ ଜଣଙ୍କୁ ହତ୍ୟା ୬ ଗିରଫ

ପେଟପାଟଣା ପାଇଁ ସୁଦୂର ମହାରାଷ୍ଟ୍ରରୁ ଆସି ସୁନ୍ଦରଗଡ଼ ସଦର ଥାନା ରହୁଥିବା ଏକ ଯାଯାବର ପରିବାରର ୫ଜଣଙ୍କୁ ଶୋଇଥିବା ଅବସ୍ଥାରେ ହତ୍ୟା କରାଯାଇଥିଲା। ଅକ୍ଟୋବର ୨୯ ତାରିଖ ବିଳମ୍ବିତ ରାତିରେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କରମଡିହି ଗୀତାପଡ଼ାରେ ସଙ୍ଘଟିତ ଏହି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ଏଥିରେ ଉକ୍ତ ପରିବାରର ୪ ଜଣ ଆହତ ହୋଇଥିବାବେଳେ ୩ଜଣଙ୍କୁ ଆକ୍ରମଣକାରୀମାନେ ଅପହରଣ କରି ନେଇଥିଲେ। ପରକୀୟା ପ୍ରୀତିକୁ ନେଇ ଅନ୍ୟ ଏକ ଯାଯାବର ଗୋଷ୍ଠୀର କେତେଜଣ ଏହି କାଣ୍ଡ ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ପୋଲିସ ଏ ନେଇ ତଦନ୍ତ କରି ହତ୍ୟାକାଣ୍ଡର ମାସକ ଭିତରେ ଅନ୍ୟ ଏକ ଯାଯାବର ଗୋଷ୍ଠୀର ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



## କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ: ତେଲଙ୍ଗାନାରୁ ଜଣକୁ ଗିରଫ କଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁରର ଜଣେ ବରିଷ୍ଠ ନାଗରିକଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ସାଇବର ଠକେଇ ମାମଲାରେ ନଭେମ୍ବର ୨୮ ତାରିଖରେ କ୍ରାଇମବ୍ରାଞ୍ଚ ଜଣେ ଅଭିଯୁକ୍ତଙ୍କୁ ତେଲଙ୍ଗାନାର ନିଜାମାବାଦରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛନ୍ତି ଅବଦୁଲ ସଲିମ (୩୩)। ନିଜକୁ ଟ୍ରାଇ ଏବଂ ମୁମ୍ବାଇ ସାଇବର କ୍ରାଇମ୍ ଡିଭିଜନ ପୋଲିସ ଭାବେ ପରିଚୟ ଦେବା ସହ ଗିରଫ କରିବାର ଧମକ ଦେଇ ଠକମାନେ ଏତେ ପରିମାଣର ଟଙ୍କା ଠକେଇ କରିଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ ଫୋନ, ୩ଟି ସିମ୍ କାର୍ଡ, ସାଉଦି ଆରବର ସିମ୍‌କାର୍ଡ, ପାସ୍‌ବୁକ, ପାସ୍‌ପୋର୍ଟ, ଆଧାର କାର୍ଡ, ପାନ୍ କାର୍ଡ, ଡେବିଟ୍ କାର୍ଡ ଓ କ୍ରେଡିଟ୍ କାର୍ଡ ଜବତ ହୋଇଛି। ଅଭିଯୁକ୍ତ ସଲିମ୍‌ଙ୍କ ନାମରେ ୧୩ରୁ ଅଧିକ ମାମଲାରେ ସମ୍ପୃକ୍ତି ଥିବା ତଦନ୍ତରୁ ଜଣାଯାଇଛି।


## ଅନ୍ତର୍ଜାତୀୟ ଫେକ୍ କଲ ସେଣ୍ଟର

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ବଳଭଦ୍ରପୁରସ୍ଥିତ କୋକିଳା କାଞ୍ଚନ ଟାୱାର ଆପାର୍ଟମେଣ୍ଟରେ ଫ୍ଲାଟ୍‌କୁ ଭଡ଼ାରେ ନେଇ ୬ ବଙ୍ଗୀୟ ଯୁବକ ଅନ୍ତର୍ଜାତୀୟ ଫେକ କଲ୍‌ସେଣ୍ଟର ଚଳାଇଥିଲେ। ଅକ୍ଟୋବର ୧୬ରେ ଭୁବନେଶ୍ୱର ସାଇବର ପୋଲିସ ଚଢ଼ଉ କରି ୬ଜଣଙ୍କୁ ଗିରଫ କରିଥିଲା ଠକମାନେ ମାକାଫି ଏବଂ ନୋର୍ଟନ୍ ଆଣ୍ଟିଭାଇରସ୍ ସବ୍‌ସ୍କ୍ରାଇବର୍ ଥିବା ଗ୍ରାହକମାନଙ୍କୁ କଷ୍ଟମର୍ କେୟାର ଅଧିକାରୀ ବୋଲି ପରିଚୟରେ ଫସାଉଥିଲେ। ଗ୍ରାହକଙ୍କୁ ବିଭିନ୍ନ ସମସ୍ୟା ଥିବା ଜଣାଇ ପ୍ରଥମେ ଫେକ୍ ମେଲ୍ ପଠାଇ ନମ୍ବର ଦେଉଥିଲେ। ଉକ୍ତ ନମ୍ବରକୁ ଗ୍ରାହକମାନେ କଲ୍ କରିବା ପରେ ଠକମାନେ ତାଙ୍କ ସବ୍‌ସ୍କ୍ରିପ୍ସନ୍ ଆଦି ଆଳରେ ଫସାଉଥିଲେ। କଲ୍ ଆସିବା ପରେ ତାହା ସ୍କାଇପ୍ ଓ ଭିଓଆଇପି କଲ୍‌କୁ ବଦଳି ଯାଉଥିଲା। ପରେ ଠକମାନେ ଗ୍ରାହକଙ୍କ ଲାପଟପ୍ ଓ କମ୍ପ୍ୟୁଟରକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରି ନେଇ ଟଙ୍କା ଦାବି କରି ଆଣୁଥିଲେ।



## ଧରାପଡ଼ିଲା ସିମ୍‌ବକ୍ସ ନେଟୱର୍କ

ଲକ୍ଷ୍ମୀସାଗର ଥାନା ମହାଦେବ ନଗରସ୍ଥିତ ଏକ କୋଠାରେ ଅଗଷ୍ଟ ୧୬ରେ ସାଇବର ଅପରାଧର ବଡ଼ ନେଟୱର୍କ ଠାବ ହୋଇଥିଲା। ଅପରାଧୀମାନେ ଏକାଧିକ ସିମ୍ ବକ୍ସ ରଖି ଦେଶବିଦେଶକୁ କଲ୍ ଓ ବଲ୍‌କ ମେସେଜ୍ କରୁଥିଲେ। ମାଷ୍ଟରମାଇଣ୍ଡ ବାଂଲାଦେଶର ଅଶାଦ୍ଦୁର ଜମାନ୍‌ଙ୍କ ନିର୍ଦ୍ଦେଶରେ କାମ କରୁଥିବା ପଶ୍ଚିମବଙ୍ଗର ରାଜୁ ମଣ୍ଡଳଙ୍କୁ ପୋଲିସ ଗିରଫ କରିବା ସହ ୭ ସିମ୍‌ବକ୍ସ ଜବତ କରିଥିଲା। ଏଥିସହ ରାଜୁଙ୍କୁ ରିମାଣ୍ଡରେ ଆଣି ପୋଲିସ କଟକ କଲ୍ୟାଣୀନଗର ବୃନ୍ଦାବନ ଭବନସ୍ଥିତ ଭଡ଼ାଘରୁ ଆଉ ୫ଟି ସିମ୍ ବକ୍ସ ଓ ବହୁ ସିମ୍ କାର୍ଡ ଜବତ କରିଥିଲା। ପରେ ରାଞ୍ଚି ସହରସ୍ଥିତ ମୌଲାନା ଆଜାଦ୍ କଲୋନୀର ଏକ ଭଡ଼ା ଘରୁ ଆଉ ୫ଟି ସିମବକ୍ସ ଓ ଅନ୍ୟାନ୍ୟ ସରଞ୍ଜାମ ଆଦି ଜବତ ହୋଇଥିଲା। ହେଲେ ମାଷ୍ଟରମାଇଣ୍ଡ ଅଶାଦ୍ଦୁରଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇ ନ ଥିଲା।



## ବଳାତ୍କାର ପୀଡ଼ିତାଙ୍କୁ ଖଣ୍ଡ ଖଣ୍ଡ ହାଣିଲେ

ପ୍ରତିଶୋଧପରାୟଣ ହୋଇ ଜଣେ ମଣିଷ କେତେ ହିଂସ୍ର ହୋଇଯାଏ ଡିସେମ୍ବର ୧୧ ତାରିଖରେ ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା ଝାରସୁଗୁଡ଼ାରେ। ଜେଲରୁ ଜାମିନରେ ବାହାରିବା ପରେ ଅଭିଯୁକ୍ତ କୁନୁ କିଷାନ୍ ଜଣେ ବଳାତ୍କାର ପୀଡ଼ିତାଙ୍କୁ ଜଘନ୍ୟଭାବେ ହତ୍ୟା କରିଥିଲେ। ସେତିକିରେ କ୍ରୋଧ ଥମି ନ ଥିଲା ଯେ, ହତ୍ୟା ପରେ ଶରୀରକୁ ଖଣ୍ଡ ଖଣ୍ଡ କରି ବିଭିନ୍ନ ନଦୀ, ନାଳରେ ପକାଇ ଦେଇଥିଲେ। ଅଭିଯୁକ୍ତ କିଷାନଙ୍କୁ ଝାରସୁଗୁଡ଼ା ଟାଉନ ଥାନା ପୋଲିସ ଗିରଫ କରିଥିଲା। ସିନ୍ ରିକ୍ରିଏଶନ ପରେ ହତ୍ୟା ଘଟଣା ଉପରୁ ପରଦା ହଟାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ରାଉରକେଲା ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି।

## ବିମାନବନ୍ଦର ନିକଟରୁ ବିପୁଳ ସୁନା ଓ ରୁପା ଜବତ

ଭୁବନେଶ୍ୱର ବିମାନବନ୍ଦର ନିକଟରୁ ଅଗଷ୍ଟ ୨୬ରେ ଲଜିଷ୍ଟିକ୍ ଭ୍ୟାନ୍‌ରୁ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର(ସିଟି ଆଣ୍ଡ୍ ଜିଏସ୍‌ଟି) ୫୦ କେଜି ସୁନା ଓ ୨୦୦ କେଜି ଜବତ କରିଥିଲା। ଏହି ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଇ–ୱେ ବିଲ୍‌ରେ ୮୭ କେଜି ସୁନା ଥିବା ଉଲ୍ଲେଖ ଥିବାବେଳେ ବାକ୍ସ ଖୋଲିଲା ପରେ ସେଥିରୁ ୩୦ କେଜି ସୁନା ବାହାରିଥିବା କୁହାଯାଇଥିଲା। ରୁପାର ଇ–ୱେ ବିଲ୍‌ରେ ୨କୁଇଣ୍ଟାଲ ଉଲ୍ଲେଖ ଥିବାବେଳେ ବାକ୍ସ ଖୋଲିବା ପରେ ଦେଢ଼ କୁଇଣ୍ଟାଲ ମିଳିଥିଲା। ଇ–ୱେ ବିଲ୍ ଏବଂ ଓଜନର ପାର୍ଥକ୍ୟକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଏହା ଚୋରା ଚାଲାଣ ହେଉଥିବା କୁହାଯାଇଥିଲା।

## ଓଡ଼ିଆ ଯୁବତୀଙ୍କୁ ବିବାହ ପାଇଁ ଧର୍ମ ପରିବର୍ତ୍ତନର ଚାପ


ଜଗତ୍‌ସିଂହପୁର ଜିଲା ରାହାମା ଅଞ୍ଚଳର ହିନ୍ଦୁ ଯୁବତୀଙ୍କୁ ଲଭ୍ ଜିହାଦ୍‌ର ଜାଲରେ ଫସାଇ ଦେବାକୁ ଉଦ୍ୟମ କରି କଶ୍ମୀରର ମୁସଲମାନ ଯୁବକ ସମୀର ମନ୍‌ସୁରୀ ଭୁବନେଶ୍ୱର ମହିଳା ଥାନା ପୋଲିସ ଦ୍ୱାରା ନଭେମ୍ବର ୮ରେ ଗିରଫ ହୋଇଥିଲେ। ଧର୍ମ ପରିଚୟ ଲୁଚାଇ ଯୁବତୀଙ୍କୁ ସମୀର ଫ୍ରି ଫାୟାର ଗେମ୍‌ରେ ଫସାଇ ଜୋରଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ଅନ୍ତରଙ୍ଗ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ବ୍ଲାକ୍‌ମେଲ କରିଥିଲେ। ସମୀର ଓଡ଼ିଶା ଆସିଥିବା ବେଳେ ପୋଲିସ ଜାଲରେ ପଡ଼ିଥିଲେ।

## କୋଟିଏ ଟଙ୍କା ଲୋଭରେ ନିଜକୁ ଅପହରଣ

ଭାଇଙ୍କଠାରୁ କୋଟିଏ ଟଙ୍କା ଠକି ନେବାକୁ ସ୍ୱାମୀ ପରିତ୍ୟକ୍ତା ମହିଳା ସ୍ମୃତିରେଖା ପାଣି ନିଜକୁ ଅପହରଣ କରାଯିବାର ନାଟକ ରଚିଥିଲେ। ହେଲେ ପ୍ରେମିକା ସହ ଫେରାର ବେଳେ ପୋଲିସ ଯାଞ୍ଚରେ ଫସି ଯାଇଥିଲେ। ଚନ୍ଦକା ପୋଲିସ ଜୁନ ୨୧ରେ ସ୍ମୃତିରେଖାଙ୍କ ସହ ପ୍ରେମିକ ତଥା ରାଜସ୍ଥାନର ପ୍ରଦୀପ କୁମାର ଓ ତାଙ୍କ ବନ୍ଧୁ ଦେବୀ ଲାଲ୍‌ଙ୍କୁ ଗିରଫ କରିଥିଲା। ସ୍ମୃତିରେଖା ଫ୍ୟାଶନ ଡିଜିଆଇନର ହୋଇଥିବା ବେଳେ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପରେ ବାପଘର ଗୋଠପାଟଣାସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ସାନ ଭାଇ ଶୁଭାଶିଷ ବେଙ୍ଗାଲୁରୁରେ ରହୁଥିବା ବେଳେ ଭଲ ଟଙ୍କା ମଧ୍ୟ ରୋଜଗାର କରନ୍ତି। ତେଣୁ ତାଙ୍କଠାରୁ ଟଙ୍କା ହାତେଇବା ପାଇଁ ସ୍ମୃତିରେଖା ଅପହରଣର ନାଟକ ରଚିଥିଲେ।

ଆଉ ମାତ୍ର ଦୁଇ ଦିନ ପରେ ଆମ ଗହଣରୁ ବିଦାୟ ନେବ ବର୍ଷ-୨୦୨୪। ଏହି ବର୍ଷ ମଧ୍ୟରେ 'ଆଗାମୀ ଆଶା' ପୃଷ୍ଠାରେ ପ୍ରକାଶ ପାଇଥିବା ବିଭିନ୍ନ ପ୍ରସଙ୍ଗ ମଧ୍ୟରୁ ନିର୍ବାଚିତ କେତେକ ଯୁବ ପ୍ରତିଭା ଏବଂ ବିଷୟବସ୍ତୁ ସମ୍ପର୍କରେ...

# ଦିଗନ୍ତ



ଅନୁରାଧା

## ନୀହାରିକା ତ୍ରିପାଠୀ



ନୀହାରିକା

ଅନ୍ୟର ସେବା ତାଙ୍କୁ ଆନନ୍ଦଦିଏ। ଅସହାୟ ଲୋକଙ୍କ ମୁଖରେ ଟିକିଏ ହସ ଦେଖିଲେ ସେ ଖୁସି ହୁଅନ୍ତି। ଏହି ସେବାକାର୍ଯ୍ୟକୁ ଜୀବନର ବ୍ରତ ଭାବେ ବାଛି ନେଇଛନ୍ତି ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ବାସୁଦେଇପୁର ଗ୍ରାମର ସଂଯୁକ୍ତା ଏବଂ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସାନ ଝିଅ ନୀହାରିକା। ବର୍ତ୍ତମାନ ଶ୍ରୀକ୍ଷେତ୍ରରେ ଜଣେ ଯୁବ ସାମାଜିକ କର୍ମୀ ଭାବେ ସେ ବେଶ୍ ଜଣାଶୁଣା। ପାଠପଢ଼ା ସମୟରୁ ପରିବେଶ ସୁରକ୍ଷା, ସମାଜସେବା, ସ୍ୱଚ୍ଛତା ଅଭିଯାନ, ରକ୍ତଦାନ, ବୃକ୍ଷରୋପଣ ପ୍ରତି ତାଙ୍କର ବିଶେଷ ଆଗ୍ରହ ବଢ଼ିଥିଲା। ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ସେ ଜଡ଼ିତ ହୋଇ ସେବାମୂଳକ କାର୍ଯ୍ୟକ୍ରମରେ ଯୋଗଦାନ କରି ଜଣେ ଯୁବ ସାମାଜିକ କର୍ମୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ଜଣେ ମେଧାବୀ ଛାତ୍ରୀ ହେବା ସହ ସଫଳ କ୍ରୀଡ଼ାବିତ୍ ମଧ୍ୟ। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସେ ପୁରୀ ଜିଲା ତରଫରୁ ଆନ୍ତଃ ରାଜ୍ୟ କ୍ରୀଡ଼ାରେ ଅଂଶ ଗ୍ରହଣ କରି ଅନେକ ପଦକ ହାସଲ କରି ଜିଲାକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ଜଣେ ସଫଳ କଳାକାର ଭାବେ ନିଖୁଣ ଅଭିନୟ ପାଇଁ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ବର୍ତ୍ତମାନ ପୁରୀର ଅଗ୍ରଣୀ ସାମାଜିକ ସଙ୍ଗଠନ 'ଉର୍ଜାବାନ ଓଡ଼ିଶା'ର ସମ୍ପାଦିକା ଅଛନ୍ତି ନୀହାରିକା। ସେହିପରି ଅସହାୟ ପିଲାଙ୍କୁ ସାହାଯ୍ୟ କରିବା, ରକ୍ତଦାନ ଶିବିର ଆୟୋଜନ ସହ ଅନେକଥର ନିଜେ ରକ୍ତଦାନ କରିବା ଭଳି କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି। ଘୋଷଯାତ୍ରାରେ ନିଜ ଅନୁଷ୍ଠାନର ଯୁବ ସାଥୀମାନଙ୍କୁ ଏକତ୍ରିତ କରି ଭକ୍ତଙ୍କ ଉପରେ ଜଳସିଞ୍ଚନ, ଶୁଖିଲା ଖାଦ୍ୟ, ପାଣି ଓ ସରବତ ବଣ୍ଟନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତେବେ ଏଭଳି ସମାଜଧର୍ମୀ କାର୍ଯ୍ୟ ଲାଗି ନୀହାରିକା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି।

## ସୌମ୍ୟରଞ୍ଜନ ବେହେରା

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ବଜାର ସାହି ଅଞ୍ଚଳର ମା' ସରସ୍ୱତୀ ଏବଂ ବାପା ହରିଶ୍ଚନ୍ଦ୍ର ବେହେରାଙ୍କ ପୁଅ ସୌମ୍ୟରଞ୍ଜନ। ଓଡ଼ିଶୀ ଓ ବିଭିନ୍ନ କ୍ଲାସିକାଲ୍ ନୃତ୍ୟ ହେଉ ଅବା ନିଖୁଣ ଅଭିନୟ ଚାତୁରୀରେ ସେ ବାନ୍ଧି ରଖନ୍ତି ଦର୍ଶକଙ୍କୁ। ମାତ୍ର ୫ ବର୍ଷ ବୟସରୁ ନିଜ ଗାଁରେ ଅନୁଷ୍ଠିତ ସରସ୍ୱତୀ ପୂଜା ଉତ୍ସବରୁ ନୃତ୍ୟ ଆରମ୍ଭ କରି ବର୍ତ୍ତମାନ ସେ ଯାଇ ପହଞ୍ଚି ପାରିଛନ୍ତି ରାଜ୍ୟସ୍ତରୀୟ ଉତ୍ସବରେ, ଯେଉଁଥିପାଇଁ ସେ ୫୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି। କେବଳ ନୃତ୍ୟ ଓ ଅଭିନୟ ନୁହେଁ, ପାଠପଢ଼ାରେ ମଧ୍ୟ ସେ ଖୁବ୍ ଭଲ। ଏହା ବ୍ୟତୀତ ବିଦ୍ୟାଳୟ ଏନ୍‌ସିସିରେ ବି ସେ ହାସଲ କରିଛନ୍ତି 'ଏ' ସାର୍ଟିଫିକେଟ। ବିଦ୍ୟାଳୟ ଓ ଜିଲାସ୍ତରୀୟ ସୁରଭି ଶିଶୁ ମହୋତ୍ସବରୁ ଆରମ୍ଭ କରି ସିମୁଳିଆ ମହୋତ୍ସବ, ଭଦ୍ରକ ଜିଲା ମହୋତ୍ସବ, ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଶିଶୁ ପ୍ରତିଭା ମହୋତ୍ସବରେ 'ନୃତ୍ୟ ସମ୍ମାନ', ୨୦୧୮ ମସିହାରେ ଭଦ୍ରକରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ମଞ୍ଚସ୍ଥ ନାଟକ 'ମାଟି ଲଣ୍ଡନ' ଓ ୨୦୧୯ରେ ମଞ୍ଚସ୍ଥ ନାଟକ 'ମଞ୍ଚ ପାଗଳ' ପାଇଁ 'ଅଭିନୟ କଳିକା ସମ୍ମାନ'ରେ ସମ୍ମାନିତ ହୋଇଥିଲେ। ଏହା ବ୍ୟତୀତ ସେ ଜୀ ସାର୍ଥକ ଟିଭି, ତରଙ୍ଗ ଟିଭି, ସିଦ୍ଧାର୍ଥ ଟିଭିରେ ପ୍ରସାରିତ ବିଭିନ୍ନ ରିୟଲିଟି ଶୋ'ରେ ଅଂଶଗ୍ରହଣ କରି ଅନୁଷ୍ଠିତ 'ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ'ରେ ମଧ୍ୟ ଭାଗ ନେଇଥିଲେ। ଯେକୌଣସି ଚରିତ୍ରକୁ ସଙ୍ଗେ ସଙ୍ଗେ ଉପସ୍ଥାପନ କରିବାର କୌଶଳ ପାଇଁ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଗତ ମାଟ୍ରିକ୍ ଓ +ଦୁଇ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ସୌମ୍ୟ ଜଣେ ପ୍ରସିଦ୍ଧ କଳାକାର ହେବାର ଲକ୍ଷ୍ୟ ରଖିଛନ୍ତି।



ସୌମ୍ୟରଞ୍ଜନ

## ମାଧବ ସାହୁ

ଗଞ୍ଜାମ ଜିଲା ବେଲଗୁଣ୍ଠାରେ ରହୁଥିବା ଚନ୍ଦ୍ରମା ଏବଂ ବାଉରୀବନ୍ଧୁ ସାହୁଙ୍କ ପୁଅ ମାଧବ। ପେସାରେ ସେ ଜଣେ ଇଞ୍ଜିନିୟର ହେଲେ ମଧ୍ୟ ନିଶା ତାଙ୍କର ମଡେଲିଂ। ଆଉ ଯାହା ତାଙ୍କୁ ଆଜି ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ଗତ ଜାନୁଆରୀ ୬ରେ ଦିଲ୍ଲୀଠାରେ ଏମ୍‌ଡିସି ଗ୍ଲୋବ ପକ୍ଷରୁ ଆୟୋଜିତ ମିଷ୍ଟର ଆଣ୍ଡ ମିସ୍ ଏମ୍‌ଡିସି ଗ୍ଲୋବ୍-୨୦୨୪ ପ୍ରତିଯୋଗିତାର ବିଜୟୀ ହୋଇ ମିଷ୍ଟର ଇଣ୍ଡିଆ ମୁକୁଟ ହାସଲ କରି ସେ ଓଡ଼ିଶା ପାଇଁ ଗୌରବ ଆଣିଦେଇଛନ୍ତି। ସେଠାରେ ସେ ଭାରତ ସମେତ ଫିଲିପାଇନ୍ସ, ୟୁଏସ୍, ଇଂଲଣ୍ଡ, ଅଷ୍ଟ୍ରେଲିଆ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ଭଳି ଦେଶରୁ ଅଂଶଗ୍ରହଣ କରିଥିବା ୬୦ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ବିଜୟ ମୁକୁଟ ହାସଲ କରିଥିଲେ। ମାଧବ ୨୦୧୯ରେ ମଧ୍ୟ ମିଷ୍ଟର ଓଡ଼ିଶା ଇଣ୍ଟରନ୍ୟାଶନାଲ୍ ପ୍ରତିଯୋଗିତାରେ ବିଜୟୀ ପାରିଛନ୍ତି। ସେ କେବଳ ମଡେଲିଂ ଦୁନିଆରେ ସଫଳ ନୁହନ୍ତି, ବରଂ ଅନେକ ଓଡ଼ିଆ ଆଲ୍‌ବମ୍‌ରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଛନ୍ତି। ସେହିପରି ତରଙ୍ଗ ଚ୍ୟାନେଲରେ ପ୍ରସାରିତ 'ରଖିଲେ ସିଏ ମାରିବ କିଏ' ଧାରାବାହିକରେ ନିଜ ନିଖୁଣ ଅଭିନୟର ଯାଦୁ ଦେଖାଇ ଘରେ ଘରେ ତାଙ୍କର ପରିଚୟ ସୃଷ୍ଟି କରିଛନ୍ତି।



ମାଧବ

## ରାଜକମଲ ମହାପାତ୍ର



ରାଜକମଲ

ପୃଥିବୀର ବିଭିନ୍ନ ୩୭ଟି ଦେଶର ୧୬୦ରୁ ଊର୍ଦ୍ଧ୍ୱ ସ୍ଥାନ ବୁଲି ଫଟୋ ଉଠାଇଛନ୍ତି ସେ। ୧୧ବର୍ଷର ଅଭିଜ୍ଞତା ମଧ୍ୟରେ ସେ ପ୍ରିୟଙ୍କା ଚୋପ୍ରା, ରିହାନା, ରାଜକୁମାର ରାଓ, ନୟନତାରାଙ୍କ ଭଳି ଭାରତର ବିଭିନ୍ନ ଫିଲ୍ମ ସେଲିବ୍ରିଟିଠାରୁ ଆରମ୍ଭ କରି ଅନନ୍ତ ଅମ୍ବାନୀ, ବିଭିନ୍ନ କ୍ରୀଡ଼ାବିତ୍‌ଙ୍କ ବିବାହ ଉତ୍ସବରେ ଫଟୋ ସୁଟ୍ କରି ଅନେକ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ସେ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଣା ଅଞ୍ଚଳର ଅବସର ବାୟୁସେନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଓ କମଳିନୀଙ୍କ ବଡ଼ ପୁଅ ରାଜକମଲ। ୨୦୦୭ରୁ ୨୦୦୯ ପର୍ଯ୍ୟନ୍ତ ହାଇଦ୍ରାବାଦର ଏକ ମଲ୍ଟି ନ୍ୟାଶନାଲ୍ କମ୍ପାନୀ (ଏମ୍‌ଏନ୍‌ସି)ରେ ଚାକିରି କରିଥିଲେ। ପାଠ ପଢ଼ିବା ସମୟରୁ ହିଁ ଫଟୋଗ୍ରାଫି ପ୍ରତି ଏକ ଭିନ୍ନ ଆକର୍ଷଣ ରହିଥିଲା। ତେଣୁ ୨୦୧୦ରେ ହାଇଦ୍ରାବାଦରେ ଅନୁଷ୍ଠିତ ଜିଭିକେ-୧ ଫ୍ୟାଶନ-ଶୋରେ ଫଟୋ ଉଠାଇ ସେ ୮ହଜାର ଟଙ୍କା ପୁରସ୍କାର ପାଇଥିଲେ। ଧୀରେ ଧୀରେ ଏହି ନିଶା ତାଙ୍କୁ ସଫଳତାର ମାର୍ଗ ଦେଖାଇଲା। ୨୦୧୩ରେ ବମ୍ବେର 'ଷ୍ଟୋରିଜ୍ ବାଏ ଯୋଶେଫ ରାଧିକ' ନାମକ ଏକ ଅନ୍ତର୍ଜାତୀୟ ଫଟୋ ସଂସ୍ଥାରେ ଯୋଗ ଦେଲେ। ଦେଶର ବିଭିନ୍ନ ସହରର ରାସ୍ତା ପାର୍ଶ୍ୱରେ ଏସିଆନ ପେଣ୍ଟସ, ମସାବା ବ୍ରାଣ୍ଡ ଲୁଗା କମ୍ପାନୀ ପରି ବିଭିନ୍ନ ନାମୀଦାମୀ କମ୍ପାନୀର ବିଜ୍ଞାପନ ଫଟୋ ରାଜକମଲ ମଧ୍ୟ ଉଠାଇଛନ୍ତି। ବିଭିନ୍ନ କର୍ପୋରେଟ୍ ହାଉସ୍ ବିଜ୍ଞାପନ ସହିତ ସେଲିବ୍ରିଟିଙ୍କ ବିବାହ ଫଟୋ ସେ ସୁଟ୍ କରିଥାଆନ୍ତି। ପରିବେଶ ଓ ପ୍ରକୃତିକୁ ଭଲ ପାଉଥିବା ବ୍ୟକ୍ତି ହିଁ ଜଣେ ଫଟୋଗ୍ରାଫର ହୋଇପାରିବେ ବୋଲି ସେ କୁହନ୍ତି। ଯୁବପିଢ଼ି ଫଟୋଗ୍ରାଫିକୁ କ୍ୟାରିୟର କରିପାରିଲେ ଉଭୟ ନାମ ଓ ଭଲ ଆୟ କରିପାରିବେ ବୋଲି ମତବ୍ୟକ୍ତ କରିଛନ୍ତି ରାଜକମଲ।

## ଅନୁରାଧା ପାଣିଗ୍ରାହୀ

ପେସାରେ ସେ ଜଣେ ଡାକ୍ତର, ହେଲେ ନିଶା ହେଉଛି ସଙ୍ଗୀତ। ପିଲାଟି ଦିନରୁ ସମୟର ସଦୁପଯୋଗ, ଦୃଢ଼ ଇଚ୍ଛା ଏବଂ ନିଷ୍ଠା ତାଙ୍କୁ ଆଜି ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ଖାଲି ସଙ୍ଗୀତ ନୁହେଁ, ସେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ ଅଭିନେତ୍ରୀ ଭାବେ ମଧ୍ୟ ବେଶ୍ ଜଣାଶୁଣା। ତେବେ ଏହି ବହୁମୁଖୀ ପ୍ରତିଭା ଜଣଙ୍କ ହେଉଛନ୍ତି ସଂଧ୍ୟାରାଣୀ ଏବଂ ଅନିଲ ପାଣିଗ୍ରାହୀଙ୍କ ଝିଅ ଅନୁରାଧା। ସଙ୍ଗୀତ, ନୃତ୍ୟ, ଅଭିନୟ ପ୍ରତି ପିଲାଟି ଦିନରୁ ତାଙ୍କର ଖୁବ୍ ଆଗ୍ରହ ଥିଲା। ମାତ୍ର ୯ ବର୍ଷ ବୟସରେ ସଙ୍ଗୀତ ସହ ଓଡ଼ିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଚଳିତବର୍ଷ ହାଇଦ୍ରାବାଦଠାରେ ହୋଇଥିବା ଇଣ୍ଡିଆନ୍ ଆଇଡଲ୍ ସିଜନ-୩ (ତେଲଗୁ)ରେ ଜଣେ ଓଡ଼ିଆ ଝିଅ ହୋଇ ତେଲଗୁ ଶୋ'ରେ ଅଂଶଗ୍ରହଣ କରି ଟପ୍-୧୮ରେ ରହି ଚର୍ଚ୍ଚାକୁ ଆସିଥିଲେ। ଏହା ସହ ତେଲଗୁ ଚଳଚ୍ଚିତ୍ର 'ଶୁଭ ଲଗ୍ନମ୍'ରେ ମୁଖ୍ୟ ଭୂମିକାରେ ଅଭିନୟ କରି ତେଲଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ପାଦ ଥାପି ପ୍ରଶଂସା ସାଉଁଟିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ଅନେକ ଜାତୀୟ ସ୍ତରୀୟ ରିଆଲିଟି ଶୋ'ରେ ଭାଗ ନେଇସାରିଛନ୍ତି। ଅଭିନୟ କ୍ଷେତ୍ରରେ ମଧ୍ୟ ସେ ଦର୍ଶକଙ୍କ ମନ ଜିଣି ପାରିଛନ୍ତି। ପ୍ରଥମେ 'ପ୍ରେମରେ ରଖିଛି ଶହେରୁ ଶହେ' ଫିଲ୍ମରୁ ଡେବ୍ୟୁ କରିବା ପରେ ସେ ଆଉ ପଛକୁ ଫେରିନାହାନ୍ତି। ଏହାପରେ ସେ ଦିଲ୍‌ରେ ଅଛି ତୋରି ନାଁ, ହିସିଲ, ଡିଅର ପୁରୁଷ, ପୋଲିସ ବାବୁ-୨ ଭଳି କେତେକ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରି ପ୍ରଶଂସିତ ହୋଇଛନ୍ତି। ଭବିଷ୍ୟତରେ ସିଙ୍ଗିଙ୍ଗ୍ ଏବଂ ଆକ୍ଟିଂ ଜାରି ରଖିବା ସହିତ ଜଣେ ଡାକ୍ତର ଭାବେ କେବଳ ବଡ଼ ବଡ଼ ସହରରେ ଥିବା ଡାକ୍ତରଖାନା ନୁହେଁ, ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରୋଗୀସେବା କରିବା ଲକ୍ଷ୍ୟ ବୋଲି ସେ ପ୍ରକାଶ କରନ୍ତି।

## ଲିନୁ ନାୟକ

ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ମା' ଖୁଲଣା ଏବଂ ବାପା ଲକ୍ଷ୍ମଣ ନାୟକଙ୍କ ଝିଅ ଲିନୁ। ତୁଳସୀ ଦୁଇପତ୍ରରୁ ବାସିଲା ପରି ପିଲାବେଳୁ ପରିବେଶ ସୁରକ୍ଷା, ପରୋପକାର, ଅସହାୟଙ୍କୁ ସହଯୋଗ ପାଇଁ ସେ ସର୍ବଦା ଯତ୍ନଶୀଳ। ଛାତ୍ରୀ ଜୀବନରେ ପରିବେଶ ସୁରକ୍ଷା, ସହପାଠୀଙ୍କୁ ପାଠପଢ଼ାରେ ସହଯୋଗ, ଦରଦୀ ବନ୍ଧୁ ଭାବେ ବିପଦରେ ସହଭାଗୀ ହୋଇ ଠିଆ ହେବା କାର୍ଯ୍ୟ ପରବର୍ତ୍ତୀ ସମୟରେ ଯେପରି ନିଶାରେ ପରିଣତ ହୋଇଥିଲା। କଲେଜ ପଢ଼ା ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ଏକତ୍ରିତ କରିବା ଏବଂ ସେମାନେ କିଭଳି ପାଠ ପଢ଼ିବେ, ସ୍କୁଲ ଯିବେ, ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ, ନିଜେ ଆତ୍ମନିର୍ଭରଶୀଳ ହେବେ ତା' ଉପରେ କାମ କରିବା ଆରମ୍ଭ କରିଥିଲେ। ମାତ୍ର ୧୬ ବର୍ଷ ବୟସରେ ରୋଜଗାରକ୍ଷମ ହୋଇ ପାରିଥିଲେ ଏବଂ କଲେଜ ପଢ଼ା ଖର୍ଚ୍ଚ ସହ ପରିବାରର ଦାୟିତ୍ୱ ଭାର କାନ୍ଧକୁ ନେଇଥିଲେ। ଜଣେ ସଚେତନ ନାଗରିକଭାବେ ସମାଜ ପ୍ରତି ଥିବା କର୍ତ୍ତବ୍ୟ, ଦାୟିତ୍ୱକୁ ନିଭାଇବା ପାଇଁ ସ୍ଥିର କରି ନିଜକୁ ସମାଜସେବାରେ ନିୟୋଜିତ କରିବା ସହ ସାମ୍ବାଦିକତା କ୍ଷେତ୍ରରେ ପାଦ ଥାପିଥିଲେ। ସାମାଜିକ ଅନୁଷ୍ଠାନ 'ସାହିଭାଇ'ର ସଦସ୍ୟ ଭାବେ ଗଛ ଲଗାଇବା, ରକ୍ତଦାନ, ସ୍ୱଚ୍ଛତା କାର୍ଯ୍ୟକ୍ରମ, ମେଡିକାରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ମିଳିବା ଦିଗରେ କାମ କରିବାରେ ବ୍ରତୀ ହୋଇ ଅନ୍ୟ ପାଇଁ ସେ ଉଦାହରଣ ପାଲଟିଲେ।



ଲିନୁ

# ୫୦୦୦ ବୃତ୍ତିଧାରୀଙ୍କ ମଧ୍ୟରେ ୧୨୦ ଓଡ଼ିଆ ଛାତ୍ରୀଛାତ୍ର

ମୁମ୍ବାଇ,୨୮।୧୨

ରିଲାଏନ୍ସ ଫାଉଣ୍ଡେସନର ବହୁ ପ୍ରତୀକ୍ଷିତ ଛାତ୍ରବୃତ୍ତିର ଫଳାଫଳ ଶନିବାର ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଏପରିକି ଫାଉଣ୍ଡେସନ ପକ୍ଷରୁ ଅଣ୍ଡର ଗ୍ରାଜୁଏଟ (ୟୁଜି/ସ୍ନାତକ) ଛାତ୍ରବୃତ୍ତି ପାଇଁ ସମଗ୍ର ଭାରତରୁ ୫,୦୦୦ ୟୁଜି ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଧୀରୁଭାଇ ଅମ୍ବାନୀଙ୍କ ୯୨ତମ ଜୟନ୍ତୀ ଅବସରରେ ରିଲାଏନ୍ସ ଫାଉଣ୍ଡେସନର ଅଣ୍ଡରଗ୍ରାଜୁଏଟ ଛାତ୍ରବୃତ୍ତି ପାଇଁ ମନୋନୀତ ଛାତ୍ରଛାତ୍ରୀଙ୍କ ଏକ ବିସ୍ତୃତ ତାଲିକା ନିକଟରେ ପ୍ରକାଶ ପାଇଛି। ସେହିଭଳି ୨୦୨୪-୨୫ ଶିକ୍ଷାବର୍ଷର ଅଣ୍ଡର ଗ୍ରାଜୁଏଟ ଛାତ୍ରବୃତ୍ତି ଅଧୀନରେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ମିଳିବ। ଏହି ଛାତ୍ରବୃତ୍ତି ପାଇଁ ୧ ଲକ୍ଷରୁ ଅଧିକ ସ୍ନାତକ ଛାତ୍ରଛାତ୍ର ଆବେଦନ କରିଥିଲେ।

# କାଳିମେଳାରେ ୟାମାହା ଶୋ'ରୁମ୍ ଉଦ୍‌ଘାଟିତ

ମାଲକାନଗିରି,୨୮।୧୨(ଦୁର୍ଯ୍ୟୋଧନ ପାତ୍ର)




ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ସଦର ମହକୁମାରେ ୟୁ ମୋଟର୍ସ ଦ୍ୱାରା ଶନିବାର ୟାମାହା ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମି ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏ ନେଇ ମାଡକାମି କହିଛନ୍ତି, କାଳିମେଳା ବ୍ଲକରେ ୟାମାହାର କୌଣସି ଶୋ' ରୁମ୍ ନ ଥିବାବେଳେ ଗ୍ରାହକମାନେ ୟାମାହା ଗାଡି ଉପରେ ଆଗ୍ରହ ଦେଖାଉଥିଲେ। ଏହି ଅଞ୍ଚଳରେ ୟାମାହାର ଚାହିଦା ବୃଦ୍ଧି ପାଉଥିବାବେଳେ ଗ୍ରାହକମାନେ ମାଲକାନଗିରି କିମ୍ବା ଜୟପୁରରୁ ଗାଡି କିଣୁଥିଲେ। ବର୍ତ୍ତମାନ କାଳିମେଳାରେ ଏହି ଶୋ ରୁମ୍ ଖୋଲିବା ଯୋଗୁ ଗ୍ରାହକମାନଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ଏଥିସହ ବର୍ତ୍ତମାନ ୟାମାହାର କୌଣସି ଦୁଇଚକିଆ ଗାଡି କିଣିବା ପାଇଁ ଅନ୍ୟ ସ୍ଥାନକୁ ଯିବାକୁ ପଡିବ ନାହିଁ ବୋଲି ମାଡକାମୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୟୁ ମୋଟର୍ସ ମାଲିକ ଉମାଶଙ୍କର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଘରୋଇକରଣ ନୀତିକୁ ବିରୋଧ

## ଏଆଇପିଏନବିଓଏର ଆଞ୍ଚଳିକ ସମ୍ମିଳନୀ

ଭୁବନେଶ୍ୱର,୨୮।୧୨ (ଅଭୟ ଦାଶ)

ଅଲ୍ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏସନ (ଏଆଇପିଏନ୍‌ବିଓଏ)ର ଭୁବନେଶ୍ୱର ଅଞ୍ଚଳ (ସର୍କଲ) ପକ୍ଷରୁ ଏକ ଦିବିଦିଆ ଆଞ୍ଚଳିକ ସମ୍ମିଳନୀ (ଓଡ଼ିଶା ରାଜ୍ୟ) ଶନିବାର ଭୁବନେଶ୍ୱରର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ)ର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ଭୁବନେଶ୍ୱର ସର୍କଲ ଅନ୍ତର୍ଗତ ବିଭିନ୍ନ ଶାଖାରୁ ବହୁ ଅଧିକାରୀ ତଥା ରାଜ୍ୟର ଅନ୍ୟାନ୍ୟ ସର୍କଲରୁ ସଂଘର ସଦସ୍ୟମାନେ ଯୋଗଦେଇଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ରାଜେଶ କୁମାର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏପରିକି ଉକ୍ତ କାର୍ଯ୍ୟକ୍ରମ ଅବସରରେ ସେ ଭୁବନେଶ୍ୱର ଅଞ୍ଚଳ ଅନ୍ତର୍ଗତ ଅଧିକାରୀମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏଥିରେ ଓଡ଼ିଶା ରାଜ୍ୟ ସର୍କଲ ସେକ୍ରେଟାରି ତଥା ରାଜ୍ୟ ସହ ସାଧାରଣ ସମ୍ପାଦକ ବୈଜୟନ୍ତ ସାହୁ ଯୋଗଦେଇ ଅଧିକାରୀମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିବା ସହ ଉପସ୍ଥିତ ସଦସ୍ୟମାନଙ୍କୁ ଏକଜୁଟ ହୋଇ ରହିବା ପାଇଁ ଅନୁରୋଧ କରିଥିଲେ। ଏପରିକି ବ୍ୟାଙ୍କ ଘରୋଇକରଣ ନୀତିକୁ ଘୋର ବିରୋଧ କରିବା ସହ ଆଗାମୀ ଦିନରେ ସଂଘ ଜୋର୍‌ଦାର ଲଢ଼େଇ କରିବ।

---

## ODISHA SPACE APPLICATIONS CENTRE (ORSAC)

Dept. of Science & Technology, Govt. of Odisha
Plot No.45/48, Jayadev Vihar, Near Gopabandhu Academy of Administration, Unit-16, Bhubaneswar-751023

**Tender Ref. No. 11/2024**

**No.CAD-2025** : Sealed tenders are invited from interested eligible System Integrators and IT Vendors for purchase of Laptops (MacBook Pro) items for Scientific & Official use in Odisha Space Applications Centre (ORSAC). For details please visit Website : http://www.odisha.gov.in and ORSAC Website : https://orsac.odisha.gov.in or ORSAC for the tender papers.

OIPR-28007/11/0003/2425 CHIEF EXECUTIVE

---

## REQUEST FOR PROPOSAL FOR "OPERATION & MANAGEMENT OF INTEGRATED PACK HOUSE (IPH) AT GOVINDPUR, DHENKANAL ON LEASE"

**RFP No.-3, Dt.26.12.2024**

**No.L-128** : Managing Director, Dhenkanal Fruits & Vegetables Marketing Company Limited (DFVMCL)-cum- Director of Horticulture, Govt. of Odisha, invites sealed proposals from eligible bidders for "Operation & Management of Integrated Pack House (IPH) at Govindpur, Dhenkanal on Lease". The detailed RFP document can be downloaded from the website **https://tendersodisha.gov.in/ www.odihort.nic.in** from **27.12.2024**. The proposal complete in all respect must reach the undersigned through online only latest by **10.01.2025** up to 5:00 PM. The last Date for Submission of Proposal is **10.01.2025** up to 5.00 P.M. **MD DFVMCL - cum - Director of Horticulture, Govt. of Odisha reserves the right to accept or reject any application and to annul the process at any time, without any liability and assigning any reason thereof.**

Sd./- Nikhil Pavan Kalyan, IAS
MD DFVMCL-cum-Director of Horticulture
Krushi Bhawan, Gopabandhu Marg
Bhubaneswar, Odisha, Pin No: 751001
e-mail: Supportdho.od@nic.in

OIPR-01038/11/0003/2425

---

idco | ODISHA NEW OPPORTUNITIES — No.CAD-2005

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, BHUBANESWAR

Tender Call Notice No.-H.O./P&C/EST/E-2539/01/2023/36107 Dated : 24.12.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Value of work (Approx.) | Period of Completion |
|---|---|---|---|
| 1 | Detailed Design, Drawing, Construction, Installation of Required machinary & equipment, Testing & Commissioning of STP of different Capacities including 5 years of O&M at Workers Hostels of IDCO at Different Locations in Odisha on Turnkey Basis package - 2 | Rs. 3.39 Crores | 06 (Six) Calendar Months |

**1. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C) IDCO, IDCO Towers, Bhubaneswar-751022 | Bid ID. No. P&C/ EST/E-35/2024-25 | 17:00 Hours of 31.12.2024 | 17.00 Hours of 16.01.2025 |

**Further details can be seen from the e-procurement portal www.tendersodisha.gov.in**. Corrigendum or addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO Website www.idco.in

Sd./- Chief General Manager (P&C) IDCO, Bhubaneswar

OIPR-14003/11/0089/2425

---

## TENDER CALL NOTICE FOR SUPPLY OF LABORATORY INSTRUMENTS, EQUIPMENTS & MANNEQUINS

Notice No. 544/ Date. 26.12.2024/

**No.E-624** : Sealed tenders are invited from different bidders having valid GST registration & license for supply of Laboratory instruments, equipments & mannequin as per the specification given by Principal Tutor, ANM Training Centre, Dhenkanal. The detailed terms & conditions along with list of the Laboratory instruments, equipments & mannequin are available on the website dhenkanal.nic.in which may be downloaded for reference. Interested parties may submit their offers in sealed covers super-scribing as "Tender for Supply of Lab. Instrument, equipment & mannequin in reference to Advertisement No. dt. to the undersigned through courier/registered post/speed post only, which should reach on or before 5.30 P.M. of dt.16.01.2025 positively and will be opened on 17.01.2025 at 11.00 A.M. by District Purchase Committee at office of the CDM & PHO Dhenkanal in presence of the participants, who wish to attend the Tender opening meeting in case of any bid amendment and clarification, responsibility lies with the bidders to collect the same from the website. The Principal Tutor, ANMTC, Dhenkanal shall have no responsibility for any delay/ omission on part of the bidder. The Tender paper will be rejected if the bidders any clause or annexure of the bid document downloaded from the website. The undersigned reserves the right to reject any or all the Tender without assigning any reason thereof.

Sd./- Principal Tutor, ANM Training Centre, Dhenkanal

OIPR-10265/11/0002/2425

---

## Government of Odisha
## Office of the Superintending Engineer, Rural Works Division-II, Dhenkanal Kamakhyanagar

No.O-988

E-Mail : rw.kamakhyanagar@yahoo.co.in

**e-procurement Notice No. 16 / Road Work / 2024-25**

| | | | |
|---|---|---|---|
| 1 | Name of the work | : | Road Works |
| 2 | Total No. of Works | : | 19 (Ninteen) Nos. |
| 3 | Tender Cost | : | Rs. 5.04 to 16.81 lakhs (approx) |
| 4 | Class of Contractor | : | "C" & "D" Class |
| 5 | Period of Completion | : | 1 to 2 calendar months |
| 6 | Availability of Tender online for bidding | : | 30.12.2024 at 11.00 A.M. to 06.01.2025 up to 5.00 P.M. |
| 7 | Last Date & Time of seeking tender clarification | : | 05.01.2025 up to 4.00 P.M. |
| 8 | Date & Time of opening of Tender | : | 07.01.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer
R.W. Division-II, Dhenkanal
Kamakhyanagar

OIPR-25094/11/0018/2425

---

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ–ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର–୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)

No.O-1062:

**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/18-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 18-2024-25/BPR | Road Works under MMSY-TRIP | 11 Nos. | From Rs.288.41 Lakhs to Rs.801.18 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/18-2024-25/BPR | 31.12.2024 at 10.00 A.M. | 15.01.2025 upto 5.30 P.M. |

**(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.**
**(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.**
**Further details & Corrigendum if any can be seen from the website:- www.tendersodisha.gov.in**

OIPR-25071/11/0031/2425 **Sd./- Chief Construction Engineer, R.W.Circle, Berhampur**

---

## ODISHA PUBLIC SERVICE COMMISSION CUTTACK

**NOTICE**

**No.7611 / P.S.C., Dt.27.12.24**
**1E-48-2024-25 (DR-III)**

**No.D-220:** It is for information of all concerned that the Commission has decided to conduct the written examination for recruitment to the post of **Assistant Soil Conservation Officer**, Group-B of Odisha Soil Conservation Service under Department of Agriculture & Farmers' Empowerment, pursuant to Advertisement No.01 of 2024-25 on **09.02.2025 (Sunday)** at **Bhubaneswar & Cuttack zone** as per the following programme.

| Date | Forenoon session | Afternoon Session |
|---|---|---|
| | 10.00 A.M. to 11.30 A.M. (10.00 A.M. to 12.00 Noon for PwD Candidates) | 01.30 P.M. to 03.00 P.M. (01.30 P.M. to 03.30 P.M. for PwD candidates) |
| 09.02.2025 (Sunday) | Paper -I (MCQ Pattern) | Paper-II (MCQ Pattern) |

The concerned candidates are advised to visit the website of O.P.S.C. **http://www.opsc.gov.in** regularly for further updates.

OIPR-12002/11/0115/2425 **Sd./- Secretary**

---

## ODISHA HYDRO POWER CORPORATION LTD.
### (A GOVT. OF ODISHA UNDERTAKING)

CIN: U40101OR1995SGC003963
REGD OFFICE: OHPC Corporate Office, Bhoi Nagar, Janpath, Bhubaneswar-751022
Phone:91-0674-2542983, 2542802, 2545526, 2542826
E-mail: ohpc.co@gmail.com, website:www.ohpcltd.com
No.OHPC:TECH:C&P:35/2023-24/ 10962 Date:23.12.2024

**NOTICE INVITING TENDER No.-27/2024-25**

**No.CAD-2003:** Sealed tenders are invited in two parts i.e. (i) Techno Commercial bid & (ii) Price Bid in separate sealed envelopes from eligible Reputed Firms/ Distributors / Suppliers fulfilling the eligibility criteria as per terms and conditions of the tender for the following work.

| Description of Work | Cost of tender paper (Non-refundable) in Rs. | EMD |
|---|---|---|
| Supply & Installation of Fabric & Laundry items for OHPC Training Hostel at Patia, BBSR | (Rs.6000.00+ 18% GST) = Rs.7,080.00 | Rs.25000.00 |

For details of the tender documents, terms & conditions and corrigendum etc. please visit our website www.ohpcltd.com from Dt.31.12.2024.

OIPR-04012/11/0026/2425 **Sd./- C & P Head**

---

## ODISHA STATE HEALTH & FAMILY WELFARE SOCIETY
## DEPTT. OF HEALTH & FAMILY WELFARE, GOVT. OF ODISHA

Annex Building of SIH&FW, Nayapalli, Unit - 8, Bhubaneswar - 751012, District: Khordha (Odisha)
Land Line No.: (0674) 2392480/88, E-mail Id: hrdnrhm1@gmail.com

**Advt. No. 36/2024** **CONTRACTUAL APPOINTMENT** **Date: 28.12.2024**

No. E-628: Applications are invited from eligible candidates for filling up of the following position under National Health Mission, Odisha on contractual basis with monthly remuneration as noted and subject to renewal as per the terms and conditions of OSH&FW Society. The position is purely temporary and co-terminus with the scheme. Lower age limit for the position is 21 years as on Dtd.01.12.2024.

| Sl. No. | Name of the Position | No. of Vacancy/ies | Remuneration (in Rs.) Performance Incentive & other allowances as admissible |
|---|---|---|---|
| 01 | District Accounts Manager | 02 | Rs.54,253/- + P.I |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age & selection procedure, ToR etc. Online application form will be available from **30.12.2024 to 10.01.2025 by 11.59 P.M. Last date for receipt of the System Generated Application duly signed by the candidate along with self attested copies of all supportive documents is 21.01.2025 (by 5.30 P.M.)**.
The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.

Sd./- Mission Director, NHM
Member Secretary, OSH&FWS, Odisha

OIPR-10084/11/0026/2425

---

## OFFICE OF THE DIVISIONAL FOREST OFFICER, JEYPORE FOREST DIVISION

No.MM-384

Phone / Fax - 06854-251147, Cell - 94370-55034,
email-dfo.jeypore@odisha.gov.in
No. 234/1F (Accts) / 2024, Dated, Jeypore, the 24 - December 2024

**INVITATION FOR BIDS**

Bid Identification No. online

The Divisional Forest Officer, Jeypore on behalf of Governor of Odisha invites percentages rate bids in Single cover system in Online Mode

| | | |
|---|---|---|
| 1 | Nature of work | Building works (Civil + EI + PH) |
| 2 | No. of works | 4 (Four) Nos |
| 3 | Bid cost | 6000/- |
| 4 | Class of Contractor | "C" & "D" class |
| 5 | Date & Time of availability of the Tender documents | 29.12.2024 to 07.01.2025 |
| 6 | Last date & time of receipt of bids in portal | 07.01.2025 at 4.00 P.M. |
| 7 | Date of opening of Bid | 08.01.2025 at 11.00 A.M. |
| 8 | The bidders have to participate in Online bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Divisional Forest Officer,
Jeypore Forest Division

OIPR-08171/11/0001/2425

---

## ODISHA PUBLIC SERVICE COMMISSION, CUTTACK
## 19, DR. P. K. PARIJA ROAD, CUTTACK - 753001

**NOTICE**

No.7594/P.S.C., Dt. 27.12.2024
(DR-IV) (2PH-05—2024-25)

**No.D-219** : The Written Examination for recruitment to the posts of Assistant Analytical Chemist, pursuant to Advertisement No. 09 of 2023-24 shall be conducted as per the following programme.

| Date | Time | Paper/Subject |
|---|---|---|
| 12.01.2025 (Sunday) | 10.00 A.M. to 01.00 P.M. (10.00 A.M. to 02.00 P.M. for PwD candidates) | Paper-I<br>(i) English<br>(ii) Chemistry (Master's Degree Level)<br>(iii) General knowledge Aptitude Test<br>(iv) Food Safety Act, Rules & Regulations |

The list of Examination Centres are given below :

| Sl. No. | Name of the Examination Centres |
|---|---|
| 1 | Institute of Professional Studies & Research (IPSAR), Campus-I, C.D.A, Sector-6, Cuttack-753014 |
| 2 | Saraswati Shishu Vidya Mandir, Sector - 9, Markatnagar, Cuttack-14, Pin No. - 753014 |
| 3 | Saraswati Shishu Vidya Mandir, Tulasipur, Chahata Nagar (Mahanadi Ring Road), Cuttack - 753008 |

The candidates admitted are required to download their **"Admission Certificates" and "Instructions to candidates"** from website of the Commission at www.opsc.gov.in from **06.01.2025 onwards**.

OIPR-12002/11/0114/2425 **Sd./- Secretary**

---

## OFFICE OF THE EXECUTIVE ENGINEER RURAL WORKS DIVISION, BARGARH

No.O-956

Email: rd_bgh@yahoo.co.in, Gmail: rwd.bgh@gmail.com

**e-Procurement Notice No.ONLINE-BGH-13 OF 2024-25**

| | | | |
|---|---|---|---|
| 1 | Name of the Work | : | Road works during 2024-25 in the district of Bargarh |
| 2 | EMD | : | @1 % of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date and Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-13 OF 2024-25 | 02.01.2025 at 11.00 A.M. | 13.01.2025 upto 5.00 P.M. | 13.01.2025 upto 4.00 P.M. | 15.01.2025 at 11.00 A.M. |

Further details can be seen from the website www.tendersorissa.gov.in.

OIPR-25062/11/0013/2425 **Sd./- Executive Engineer, R.W.Division, Bargarh**

---

## BHUBANESWAR DEVELOPMENT AUTHORITY

Akash Shova Building, Sachivalaya Marg
Bhubaneswar

Ref No. 35751/BDA Dated: 27.12.24
Estt(Store)-36/2024

**"ADVERTISEMENT FOR PROCUREMENT OF OFFICE STATIONERIES, PRINTING MATERIALS, COMPUTER PAPER & COMPUTER CONSUMABLES FOR THE YEAR 2024-25"**

No. CAD-2024: Bhubaneswar Development Authority (BDA) invites sealed quotations/tenders from the intending supplier/ printing press/co-operative stores/manufacturers in the prescribed forms as available in the BDA website **bda.gov.in** or from BDA office on deposit of non-refundable fees of Rs.1180/- towards the cost of the tender paper.
The detailed tender documents will be available in the BDA website from **31.12.2024 to 17.01.2025**. The last date of submission of sealed quotations/tender is **17.01.2025** by 4.00 P.M. Applicants are requested to send their sealed quotations/ tenders as per the prescribed forms through Speed Post/Regd. Post with AD.
BDA has the right to accept/reject any application without assigning any reason thereof.

Sd./- Secretary
Bhubaneswar Development Authority

OIPR-13033/11/0205/2425

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION : TITILAGARH

No.O-968

E-Mail ID : eerw_titilagarh@yahoo.co.in

**e Procurement Notice**
**IFB IDENTIFICATION NO. SETIG-online-07/2024-25**

| | | | |
|---|---|---|---|
| 1 | Name of work | : | Road works |
| 2 | Total no. of works | : | 14 (Fourteen) nos. |
| 3 | Approximate Estimated Cost | : | Varies from Rs. 5.88 to 32 lakhs |
| 4 | Time for completion | : | 01 (One) calendar month |
| 5 | Mode of Submission of tender | : | Tender should be submitted online in www.tenders.ori.nic.in |
| 6 | Other details are as follow | : | As per TCN No. SETIG-online-07/2024-25 |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Superintending Engineer, R.W. Divn., Titilagarh | SETIG-online-07/2024-25 | 30.12.2024 at 11.00 A.M. | 08.01.2025 upto 5.00 P.M. | 07.01.2025 to 11.00 A.M. | 09.01.2025 at 11.00 A.M. |

- Further details can be seen from the website www.tenders.ori.nic.in.
- Any Corrigendum/Addendum will be displayed in the above e tender website only.

Sd./- Additional Chief Engineer
R.W. Division, Titilagarh

OIPR-25078/11/0009/2425

---

See Career Appointment on every Wednesday & Saturday

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE : KEONJHAR

No.O-1010

**e-Procurement Notice for Bridge Work under SBY**
**Identification No.NCB-23/RWCKJR/2024-25**
**email: se_nerwkjr@rediffmail.com**
**No.3852/ Date: 23.12.24**

1. Name of the Work: Construction of bridge work under SBY in the District of Keonjhar. 2. No. of Work: 01 (One) No. 3. Estimated Cost: As per Annexure in NIT. 4. Class of Contractor (Eligible): As per Annexure in NIT. 5. Period of Completion: As per Annexure in NIT. 6. Other details :-

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-23/ RW-CKJR/2024-25 | Dt.31.12.24 at 11.00 A.M. | Dt.15.01.25 upto 5.00 P.M. | Dt.13.01.25 upto 5.00 P.M. | Dt.16.01.25 at 11.00 A.M. | Will be intimated later |

- Further details can be seen from the Website : www.tendersorissa.gov.in

OIPR-25177/11/0031/2425 **Sd./- Chief Construction Engineer, R.W.Circle, Keonjhar**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାରାଦୀପ: ନୂଆବର୍ଷ ହୋର୍ଡିଂରୁ ବିଜେଡି ଅଦୃଶ୍ୟ

ପାରାଦୀପ, ୨୮।୧୨(ଶରତ ରାଉତ)

ଆଉ ୩ ଦିନ ପରେ ୨୦୨୪ ବର୍ଷ ଶେଷ ହେବ ଏବଂ ନୂତନ ବର୍ଷ ଆରମ୍ଭ ହେବ। ଏଥିପାଇଁ ଚାରିଆଡ଼େ ନବବର୍ଷ ଶୁଭେଚ୍ଛା ବ୍ୟାନର, ହୋର୍ଡିଂ ଆଦି ଲାଗିଗଲାଣି। ନେତା, କର୍ମୀ, ସଂଘ, ବିଭିନ୍ନ ସଙ୍ଗଠନ, ବ୍ୟବସାୟିକ ପ୍ରତିଷ୍ଠାନ ଆଦି ପକ୍ଷରୁ ସହରର ଛକ ଜାଗାରେ ହୋର୍ଡିଂ ଲଗାଯାଇଛି। କିନ୍ତୁ ଚଳିତଥର ଏପରି ହୋର୍ଡିଂ ତାଲିକାରେ ବିଜୁ ଜନତା ଦଳ ଓ କର୍ମୀ ଅଦୃଶ୍ୟ ଥିବା ଦେଖିବାକୁ ମିଳୁଛି। ଜଗତ୍‌ସିଂହପୁର ଜିଲା ପାରାଦୀପ ବନ୍ଦର ସହରର କୌଣସି ଛକରେ ବିଜେଡି ନେତା, କର୍ମୀ କିମ୍ବା ଦଳର ପତାକା ଥିବା ହୋର୍ଡିଂ ଲାଗିନାହିଁ। ହୋର୍ଡିଂ ମଧ୍ୟରେ ସର୍ବାଧିକ ଭାଜପା ନେତା, କର୍ମୀଙ୍କ ଥିବାବେଳେ କଂଗ୍ରେସ ଓ ବିଭିନ୍ନ ୟୁନିୟନ ନେତାଙ୍କ ଫଟୋ ରହିଛି। ଏପରିକି ଗତ ଦୁଇ ଦିନ ତଳେ ବିଜେଡିର ପ୍ରତିଷ୍ଠା ଦିବସ ବେଳେ ମଧ୍ୟ ସେପରି ହୋର୍ଡିଂ ପ୍ରଚାର ନ ଥିଲା। ଗତ ୨୪ ବର୍ଷ ଧରି ବିଜେଡି ରାଜ୍ୟ ଶାସନରେ ଥିଲା। ସେତେବେଳେ ପ୍ରତି ନବବର୍ଷ ସମୟରେ ସମସ୍ତ ଛକ ବଜାରରେ ସର୍ବାଧିକ ବିଜେଡି ନେତା, କର୍ମୀଙ୍କ ହୋର୍ଡିଂ ଦେଖିବାକୁ ମିଳୁଥିଲା। ୨୦୨୪ ନିର୍ବାଚନରେ ବିଜେଡି ପରାଜୟ ହେବା ପରଠାରୁ କର୍ମୀଙ୍କ ମଧ୍ୟରେ ନୈରାଶ୍ୟଭାବ ଦେଖାଦେଇଛି। ଏପରିକି ସେମାନେ ଏପର୍ଯ୍ୟନ୍ତ ପରାଜୟ ଗ୍ଲାନିରୁ ମୁକୁଳି ପାରି ନ ଥିବା ଚର୍ଚ୍ଚା ହେଉଛି। ଶାସକ ଦଳ ବିରୋଧରେ ସେପରି ଆକ୍ରମଣାତ୍ମକ ରଣନୀତି ଏପର୍ଯ୍ୟନ୍ତ ହୋଇନାହିଁ। ଆଞ୍ଚଳିକ ସ୍ଥାନରେ ମଧ୍ୟ ଲୋକଙ୍କ ସମସ୍ୟା ନେଇ ପ୍ରଶାସନ ନିକଟରେ ସେପରି ଦାବି ଦେଖିବାକୁ ମିଳୁନାହିଁ। ଏଭଳି ସ୍ଥିତିରେ ବିଜେଡି ନେତାମାନେ ଅଜ୍ଞାତବାସରେ ଥିବା ପରି ଅନୁଭବ କଲେଣି କର୍ମୀ। ଏହାର ପ୍ରତିଫଳନ ନବବର୍ଷ ହୋର୍ଡିଂରେ ଦେଖିବାକୁ ମିଳିଛି।

ଏ ସମ୍ପର୍କରେ ପାରାଦୀପ ବିଜେଡି ନଗର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କୁହନ୍ତି, ବ୍ୟକ୍ତିଗତ ଭାବେ ମୁଁ କୌଣସି ଇଂରାଜୀ ନବବର୍ଷରେ ହୋର୍ଡିଂ ଲଗାଏ ନାହିଁ। କିନ୍ତୁ କର୍ମୀମାନେ ଲଗାଇଥାନ୍ତି। ଚଳିତବର୍ଷ ନିର୍ବାଚନରେ ପରାଜୟ ଯୋଗୁ ହୁଏତ ସେମାନେ ହତୋତ୍ସାହିତ ହୋଇଥାଇପାରନ୍ତି।



ପାରାଦୀପ ବ୍ୟାଙ୍କଲେନ୍ ଛକରେ ଭାଜପା ଓ ଅନ୍ୟାନ୍ୟ ସଙ୍ଗଠନ ପକ୍ଷରୁ ଲଗାଯାଇଥିବା ହୋର୍ଡିଂ।




ମଧୁବନସ୍ଥିତ ମାଉସୀ ମା' ମନ୍ଦିର ଛକରେ ଲଗାଯାଇଥିବା କଂଗ୍ରେସ ହୋର୍ଡିଂ।

# ଭବାନୀପାଟଣାରେ କଂଗ୍ରେସର ୧୨ଘଣ୍ଟିଆ ବନ୍ଦ



ଭବାନୀପାଟଣା ସହରର ପିପଲ ନାଳ ଉପରେ କଂଗ୍ରେସର ରାସ୍ତାରୋକୋ।

## ଧାନ କଟ୍‌ନି ବନ୍ଦ ଦାବି

ଭବାନୀପାଟଣା,୨୮।୧୨ (ଉତ୍ତମ କୁମାର ଦାଶ)

ଚାଷୀଙ୍କୁ ଧାନର ଉଚିତ ମୂଲ୍ୟ ପ୍ରଦାନ ସହ କଟ୍‌ନି ବନ୍ଦ ଦାବିରେ ଶନିବାର ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀଙ୍କ ପକ୍ଷରୁ ୧୨ ଘଣ୍ଟିଆ ଭବାନୀପାଟଣା ବନ୍ଦ ପାଳିତ ହୋଇଛି। ବିଧାୟକ ସାଗର ଚରଣ ଦାସ ପୂର୍ବରୁ ବନ୍ଦ ଡାକରା ଦେଇଥିଲେ। ତଦନୁଯାୟୀ ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ଭବାନୀପାଟଣା ସଦର ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀମାନେ ଭବାନୀପାଟଣା ସହର ବିଶ୍ୱବିଦ୍ୟାଳୟ ଛକ ନିକଟ ପିପଲ ନାଳ, ଘୋଡାଘାଟ ଛକ ଓ ନକଟିଗୁଡା ଛକଠାରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଏହି ସମୟ ମଧ୍ୟରେ ଯାନବାହନ ଓ ସହରର ଦୋକାନ ବଜାର ବନ୍ଦ ରହିଥିଲା।

ବିଧାୟକ ଦାସ କହିଛନ୍ତି, ଓଡ଼ିଶାରେ ଦଳ ସରକାରକୁ ଆସିଲେ ଧାନ କଟ୍‌ନି ବନ୍ଦ କରାଯିବ ବୋଲି ନିର୍ବାଚନ ସମୟରେ ଭାଜପା କହିଥିଲା। ଏବେ ଭାଜପା ଶାସନକୁ ଆସିବା ପରେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫ରୁ ୭କେଜି ଧାନ କଟ୍‌ନି କରାଯାଉଛି। ଭାଜପା ନେତାଙ୍କ ଇସାରାରେ ମିଲର୍ସମାନେ ମନଇଚ୍ଛା ଧାନ କାଟୁଛନ୍ତି। ଭାଜପାର ଡବଲ ଇଞ୍ଜିନ ସରକାର ରାଜ୍ୟ ଓ କେନ୍ଦ୍ରରେ ବିଫଳ ହୋଇଛି ବୋଲି ବିଧାୟକ ଦାସ ଅଭିଯୋଗ କରିଛନ୍ତି। ଏହି ବନ୍ଦ ପାଳନ ସମୟରେ ପିପଲ ନାଳ ଛକଠାରେ ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ପ୍ରମୁଖ ଉପସ୍ଥିତ ଥିଲେ। ନକଟିଗୁଡା ଛକରେ ଜିଲା ଉପସଭାପତି ଧନୁର୍ଦ୍ଧର ଗହୀରଙ୍କ ନେତୃତ୍ୱରେ ରାସ୍ତା ଅବରୋଧ କରାଯାଇଥିଲା। ସେହିପରି କେସିଙ୍ଗା ସହରରେ ମଧ୍ୟ ଏହି ବନ୍ଦ ପାଳନ କରାଯାଇଥିଲା।




D-2422


# ରାୟଗଡ଼ା ଭାଜପା ଜିଲା ସଭାପତି ପାଇଁ ଚାଲିଛି ଲବି

## ନିର୍ବାଚନ ବଦଳରେ ଚୟନ ସମ୍ଭାବନା ଅଧିକ

ରାୟଗଡ଼ା,୨୮।୧୨(ଆଶିଷ ରଞ୍ଜନ ପଣ୍ଡା)

ଭାଜପାର ରାଜ୍ୟ ସଭାପତିଠାରୁ ଜିଲା ସଭାପତି ପର୍ଯ୍ୟନ୍ତ ବିଭିନ୍ନ ପ୍ରକ୍ରିୟାରେ ନିର୍ବାଚନ ହୋଇଥାଏ। ହେଲେ ରାୟଗଡ଼ା ଜିଲାରେ ଜିଲା ସଭାପତି ପାଇଁ ନିର୍ବାଚନ ବଦଳରେ ରାଜ୍ୟ ନେତୃବୃନ୍ଦଙ୍କ ଦ୍ୱାରା ସଭାପତି ଚୟନ କରାଯିବା ସମ୍ଭାବନା ଅଧିକା ଥିବା ନେଇ କର୍ମୀ ମହଲରେ ଆଲୋଚନା ହେଉଛି। ଭାଜପା ଉଭୟ କେନ୍ଦ୍ର ଓ ରାଜ୍ୟରେ ଶାସନ ଗାଦିରେ ରହିଥିବାରୁ ଜିଲା ସଭାପତି ପଦବୀ ପାଇଁ ଆଶାୟୀମାନେ ଜୋରଦାର ଲବି ଚଳାଇଛନ୍ତି। ଏହି କ୍ରମରେ କେତେଜଣ ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ନଜରକୁ ଆସିଛି। ବର୍ତ୍ତମାନର ଜିଲା ସଭାପତି ଶିବ ପଟ୍ଟନାୟକଙ୍କୁ କିଛି କର୍ମୀ ପୁନର୍ବାର ଜିଲା ସଭାପତି ଭାବେ ଚାହୁଁଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସମ୍ପାଦକ କାଳିରାମ ମାଝି, ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲ୍ଲାକା, ୱାଇ.ଗଣପତି, ଭିକାରୀ ନାହାକ, ଜିଲା ଉପସଭାପତି ପଦ୍ମନାଭ ଦାସ ଓ ସାଧାରଣ ସମ୍ପାଦକ ଗୋପୀ ଆନନ୍ଦ ମଧ୍ୟ ଆଶାୟୀ ଥିବା ଜଣାପଡ଼ିଛି। ତେବେ ଏ ସମସ୍ତଙ୍କୁ ବାଦ୍ ଦେଲେ ପୂର୍ବତନ ଜିଲା ସଭାପତି ଶିବଶଙ୍କର ଉଲ୍ଲାକା ରାଜ୍ୟ ନେତୃବୃନ୍ଦଙ୍କ ଗୁଡ୍‌ବୁକ୍‌ରେ ରହିଥିବା ଯୋଗୁ ତାଙ୍କୁ ମଧ୍ୟ ଜିଲା ସଭାପତି ପଦ ମିଳିବା ନେଇ ଚର୍ଚ୍ଚା ଚାଲିଛି। ତାଙ୍କ କାର୍ଯ୍ୟକାଳ ସମୟରେ ଜିଲାରେ ଭାଜପା ୪ଟି ଜିଲା ପରିଷଦ ଦଖଲ କରିଥିଲା। ସମ୍ଭବତଃ ଉପରୋକ୍ତ ଆଶାୟୀଙ୍କ ମଧ୍ୟରୁ ଜଣେ ସଭାପତି ଚୟନ ହେବେ। ରାଜ୍ୟର କୌଣସି ମନ୍ତ୍ରୀ ଓ ନେତା ଆସିଲେ ସମସ୍ତେ ବେଶ୍ ସକ୍ରିୟ ହେଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଦୁଇ ଦିନ ଧରି ରାୟଗଡା ଗସ୍ତରେ ଆସିଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ସମସ୍ତ ଆଶାୟୀ ନିଜର ଦମ୍ ଦେଖାଇବାରେ ଲାଗିଥିଲେ। ଏ ନେଇ ଜିଲା ସଭାପତି ଶିବ ପଟ୍ଟନାୟକଙ୍କୁ ପଚାରିବାରୁ ଦଳ ଯାହା ନିଷ୍ପତ୍ତି ନେବ ସେହି ଆଧାରରେ କାର୍ଯ୍ୟ ଚାଲିବ। ଦଳରୁ ମିଳିଥିବା ସୂଚନା ପ୍ରକାରେ ସଭ୍ୟ ସଂଗ୍ରହ ଅଭିଯାନ ଶେଷ ହେବାପରେ ବୁଥ୍ ସଭାପତି ନିର୍ବାଚନ ସରିଲା। ଡିସେମ୍ବର୨୨ରେ ରାୟଗଡ଼ା ଜିଲାର ୨୫ଟି ମଣ୍ଡଳ ସଭାପତି ପାଇଁ ନିର୍ବାଚନ ହୋଇଥିଲା। ତେବେ ମାତ୍ର ୧୧ଟି ମଣ୍ଡଳରେ ହିଁ ସଭାପତି ଚୟନ ହେଲା। ବଳକା ୧୪ଟି ମଣ୍ଡଳରେ ସଭାପତି ଚୟନ ହୋଇନାହିଁ। ମଣ୍ଡଳ ସଭାପତି ପଦବୀ ପାଇଁ ଯେଉଁ ମାନଦଣ୍ଡ ରହିଛି ତାହା ମଧ୍ୟ ପୂରଣ ହୋଇ ନ ଥିଲା। ଫଳରେ ମଣ୍ଡଳ ସଭାପତି ପଦବୀ ପାଇଁ ଯୋଗଦେଇଥିବା ନିର୍ବାଚନ ଅଧିକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ଫେରି ଯାଇଥିଲେ। ମୁଖ୍ୟତଃ ପ୍ରତ୍ୟେକ ମଣ୍ଡଳରେ ୨୫ ଜଣ ଲେଖାଏ ସକ୍ରିୟ ସଦସ୍ୟ ରହିବା କଥା। କିନ୍ତୁ ଭାଜପାର ୨୫ଟି ମଣ୍ଡଳରେ ୬୨୫ ଜଣ ସକ୍ରିୟ ସଦସ୍ୟ ଦଳକୁ ମିଳିଲେ ନାହିଁ। ଅନ୍ୟପକ୍ଷେ ଶାସକ ଦଳର ସଦସ୍ୟ ହେବା ପାଇଁ ଅନେକ ଆଗ୍ରହୀ ଥିବାବେଳେ ରାୟଗଡା ଜିଲାରେ ଭାଜପାକୁ ସକ୍ରିୟ ସଦସ୍ୟ ମିଳିଲେ ନାହିଁ। ଦଳର ଏଭଳି ସ୍ଥିତି ପାଇଁ ଖୋଦ୍ ଜିଲାର ନେତା ଦାୟୀ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ରଖିଛନ୍ତି। ସଂଗଠନ କାର୍ଯ୍ୟ ଯେଉଁଭଳି ହେବା କଥା ତାହା ନ କରି ଦଳୀୟ ନେତାମାନେ ନିଜ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଥିବାରୁ ଏଭଳି ବିପର୍ଯ୍ୟୟ ସୃଷ୍ଟି ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। କେବଳ ସେତିକି ନୁହେଁ ସମଗ୍ର ରାଜ୍ୟରେ ରାୟଗଡ଼ା ହିଁ ଏକମାତ୍ର ଜିଲା, ଯେଉଁଠି ଭାଜପାର ଜଣେ ମଧ୍ୟ ଜିଲା ପରିଷଦ ସଭ୍ୟ ନାହାନ୍ତି।

# ୩୦ରେ ବର୍ଷା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବେ ନବୀନ

ଭୁବନେଶ୍ୱର,୨୮।୧୨(ଅନିଲ ଦାସ)

ଆସନ୍ତା ୩୦ ତାରିଖରେ ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଗଞ୍ଜାମ ଜିଲା ଗସ୍ତରେ ଯିବେ। ଏହି ଅବସରରେ ସେ ଅଦିନିଆ ବର୍ଷା କ୍ଷତିଗ୍ରସ୍ତ ଗଞ୍ଜାମର ହିଞ୍ଜିଳି, ଶେରଗଡ଼, କବିସୂର୍ଯ୍ୟନଗର, ଆସିକା ଓ ଖଲ୍ଲିକୋଟ ଆଦି ସ୍ଥାନରେ କ୍ଷତିଗ୍ରସ୍ତ ଚାଷ ଅଞ୍ଚଳ ବୁଲି ଦେଖିବେ। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିବେ। ଫସଲ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିବେ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

# ଜାନୁଆରୀ ୬ରେ ବିକ୍ଷୋଭ କରିବ ବିଜୁ ଛାତ୍ର ଜନତା ଦଳ

## ଦରଦାମ ବୃଦ୍ଧିକୁ ବିରୋଧ

ଭୁବନେଶ୍ୱର,୨୮।୧୨(ଅନିଲ ଦାସ)

ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ବିରୋଧରେ ବିଜୁ ଛାତ୍ର ଜନତା ଦଳ ଆସନ୍ତା ୬ ତାରିଖରେ ବିକ୍ଷୋଭ କରିବ ବୋଲି କହିଛି। ଶନିବାର ଶଙ୍ଖଭବନଠାରେ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଦଳର ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା, ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସଙ୍କ ସମେତ ରାଜ୍ୟ କର୍ମକର୍ତ୍ତା ଓ ବିଭିନ୍ନ କ୍ୟାମ୍ପସ୍‌ର ଛାତ୍ରନେତାମାନେ ଯୋଗ ଦେଇଥିଲେ। ଓଡ଼ିଶାର କୋଣ ଅନୁକୋଣରୁ ଛାତ୍ରମାନେ ଆସି ଓଡ଼ିଶାର ସ୍ୱାର୍ଥ ପାଇଁ ରାସ୍ତାରେ ଲଢ଼େଇ କରିବାକୁ ତ୍ରିପାଠୀ ଆହ୍ୱାନ ଦେଇଛନ୍ତି। ସେହିଭଳି ଶାନ୍ତିଶୃଙ୍ଖଳାରେ ଛାତ୍ରମାନେ ଆସି କାର୍ଯ୍ୟକ୍ରମକୁ କିଭଳି ସଫଳ କରିବେ ସେ ବିଷୟରେ ଦେବୀ ପ୍ରସାଦ ମିଶ୍ର ପରାମର୍ଶ ଦେଇଛନ୍ତି। ବିଜେଡି ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବାକୁ ଉପସ୍ଥିତ ଥିବା କର୍ମକର୍ତ୍ତାମାନଙ୍କୁ ପ୍ରଣବ ପ୍ରକାଶ କହିଛନ୍ତି। ଛାତ୍ରମାନେ ପୂରା କାର୍ଯ୍ୟକ୍ରମକୁ କିଭଳି ସଫଳ କରାଇବେ ସେ ବିଷୟରେ ସଞ୍ଜୟ ଦାସବର୍ମା ମତ ରଖିଥିଲେ।

ବିଜେଡି ଅଭିଯୋଗ କରିଛି ଯେ, ଡବଲ ଇଞ୍ଜିନ ସରକାରରେ ଖାଦ୍ୟ, ବସ୍ତ୍ର ଓ ଔଷଧ ଭଳି ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦରଦାମ ଆକାଶଛୁଆଁ ହୋଇଛି। ରାଜ୍ୟବାସୀ ଅତିଷ୍ଠ ହେଲେଣି। ରାଜ୍ୟ ଭାଜପା ସରକାର ନିଦାବିଷ୍ଟ ସାଜିଛି। ରାଜ୍ୟବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଜୁ ଜନତା ଦଳ ଏହି ଗଣବିକ୍ଷୋଭର ଡାକରା ଦେଇଛି। ଏହି ଗଣବିକ୍ଷୋଭରେ ବିଜୁ ଛାତ୍ର ଜନତା ଦଳର ୫ ହଜାର ଛାତ୍ରୀଛାତ୍ର ସାମିଲ ହୋଇ ନବୀନବାବୁଙ୍କ ନେତୃତ୍ୱରେ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ କରିବେ ବୋଲି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କୁହାଯାଇଛି।

ଏହି ପ୍ରସ୍ତୁତି ବୈଠକରେ ଦଳର ବରିଷ୍ଠ ନେତାଙ୍କ ସହ ଛାତ୍ର ବିଜେଡିର ରାଜ୍ୟ କର୍ମକର୍ତ୍ତା ରାଜେଶ ରାଜ ସ୍ୱାଇଁ, ବିଶ୍ୱପ୍ରତାପ ସାହୁ, ମିକୁ ପ୍ରଧାନ, ଈପ୍ସିତା ସାହୁ, ପ୍ରଦୋଷ ପରିଡ଼ା, ଦେବସ୍ମିତା ଦାସ, ଅରୂପ ଶ୍ରୀଚନ୍ଦନ, ବିଜୟଲକ୍ଷ୍ମୀ ଦାସ, ସ୍ୱାଗତିକା ମହାନ୍ତି, ସୌମ୍ୟ ରଞ୍ଜନ ମହାପାତ୍ର, ସୁବାସ ସାହୁ, ଅସିତ ଦାସ, ରଞ୍ଜିତ ନାୟକ, ଦେବୀ ପ୍ରସାଦ ରାଉତରାୟଙ୍କ ସମେତ ବହୁ ଛାତ୍ର ନେତା ଉପସ୍ଥିତ ରହି ନିଜର ମତ ପ୍ରଦାନ ରଖିଥିଲେ।


# Classified Everyday

0674-2580101, 9692975378



MATRIMONIAL

GROOM WANTED

Wanted Doctor, Engineer, Officers groom for beatutiful Gopal girl, 24, 5'4", BPT. "SUNASANSAR", 9937512659. D-2382



REAL ESTATE

SALE

Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987. D-76220

Official space & shops (BMC & RERA approved) for sale in a prime location of BBSR. For details please contact: 7605932509. D-2319

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914. D-76223

Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769. D-2373

4 BHK luxurious flat for sale at Unit-3, Kharavelanagar, back side of Ram Mandir. Handover within 2 months. Please contact: 9438362399. D-2395

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011. D-2412

Gharabari converted plots available near Hitech Square, Sundarpada, Bhubaneswar. For more details contact- 9437054765, 9853035888. D-2411

Triplex, 10 years old, in Bomikhal, Bhubaneswar inside Gated Community at reasonable price. Call- 8917520527. D-2375

ଅରଡ଼ରେ ଘରବାରି ପ୍ଲଟ୍ ମିଳୁଛି। ତ୍ରିନାଥ ବଜାରଠାରୁ 5Km. ଦୂରତାରେ ସୁଲଭ priceରେ ପ୍ଲଟ୍ ମିଳେ- 7205626277. D-2379

(A) Commercial plot, facing to NH Road, Nakhara to Niali NH 10000 sqft., 3 sides road, (B) Residential plot near Petal English Medium School 1250 sqft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452. D-76405




Newly open Spa positively Health benefit with expert. Contact: 7847834544. D-2365

AFFIDAVIT

I, Urmi Agrawal, W/o Subham Agrawal, R/o At- Balaji Green, P.O.- Budharaja, Dist.- Sambalpur- 768004, Odisha declare by this affidavit No.9893 dated 21.12.24 before the Notary Public, Sambalpur. That after marriage I have changed my name from Urmi Ashish Panchal to Urmi Agrawal. That both the names is one and same person. D-2413

I, Chhatar Singh Baid, S/o Late Ratan Lal Baid, Professorpada, P.O.- A.D. Market, P.S.- Mangalabag, Cuttack - 753012, Odisha, declare by this Affidavit No.- 2725, dtd. 27.12.2024, have changed my name Chhatar Mal Baid for all future purposes. Chhatar Singh Baid & Chhatar Mal Baid is one & same person. D-2415

By virtue of an affidavit sworn before Notary Public, Cuttack, Sl. No.-10,419 I Brijesh Kumar Nayak, S/o Fakir Mohan Nayak, At- Dakshinadandi, P.O.- Madanpur, P.S.- Rajnagar, Kendrapara - 754246 hereby declare that my son's actual name is Ashutosh Nayak as per his Birth Certificate. But in Aadhaar Card his name mentioned as Aditya Kumar Nayak. Now onwards my son shall be known as Ashutosh Nayak for all purpose. D-2416

By virtue of an affidavit sworn before the Executive Magistrate, Deogaon, dated 18.12.24, I, Sudhir Dharua, R/o Village- Gaddwar, P.O./P.S.- Deogaon, Dist.- Balangir, declare that in my Son's Aadhaar card his name has been mentioned as Manaranjan Dharua instead of Ranjan Dharua. That I have changed his name from Manaranjan Dharua to Ranjan Dharua for all purposes. D-2410

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Khordha, dated 27.12.2024, I Kalim Khan, Address: At- Totapada, P.O.- Panabaraj, P.S./Dist.- Khordha, State - Odisha, PIN- 752056, declare that I have changed my daughter's name from Asifa Noor to Ayra Khan. Henceforth, she shall be known as Ayra Khan for all purposes. Kalim Khan D-2418

By virtue of an affidavit sworn before Executive Magistrate, Panchpir, dated 05.11.2024, I, Kunirani Naik, Address: Village- Ankalpada, P.O.- Rutisila, P.S.- Pandapada, Dist.- Keonjhar, Odisha - 758014 declare that I have changed my name from Susanti Naik to Kunirani Naik. Henceforth, I shall be known as Kunirani Naik for all purposes. (Kunirani Naik) D-2417

By virtue of an affidavit No.1472 dated 11.07.2023 sworn before the Notary Public, Sunabeda Koraput declare that my actual name is LAXMI NAYAK which is true and correct as recorded in my Aadhaar Card (xxxx xxxx 8687). My name wrongly mentioned as LAKSHMI NAYAK on my NALCO Medical Card. That both names relate to the same and one person and I will be known as "LAXMI NAYAK" for all purposes. D-2419

LOST

I, Raziya Khatun, Co-recorded tenant of Khata No. 237/961, Plot No. 206/2393, KISSAM-GHARBARI, Mouza- Nuaamlipali, Sundargarh, Odisha, reports the loss of her Sale Deed on 15.12.2024. Certificate No.: IN-OD 05336312678984V Unique Doc Ref.: SUBIN-ODODSHCIL 01073872710460 90V. Finder please contact: Raziya Khatun, D/o- Mohammad Hanif, Resident of Regent Market, P.S.- Sundargarh Town, Sundargarh, Odisha. D-2420

ମୁଁ ଆଲୋକ କୁମାର ଦାସ, ଆଡମିନ୍ ଆସିଷ୍ଟାଣ୍ଟ, ମାଇ ନେଷ୍ଟ ଆସେଟ୍ସ ପ୍ରାଇଭେଟ୍ ଲିମିଟେଡ୍, ପ୍ଲଟ୍ ନଂ.୧୯୯, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା– ୭୫୧୦୧୬, ମୋର ମୂଳ ବିକ୍ରୟ ପତ୍ର (ଡକ୍ୟୁମେଣ୍ଟ ନଂ. ୭୧୩/୨୦୦୧, ତାରିଖ: ୧୦ ମେ ଏପ୍ରିଲ ୨୦୦୧) ଏବଂ ଦୁଇଟି ଆର୍‌ଓଆର୍ (ଖତିଆନ ନଂ.୨୯୮/୬୭୧ ଏବଂ ୨୯୮/୬୭୪, ମୌଜା– ଦେଉଳିପଟ୍ଣା) ଚନ୍ଦ୍ରଶେଖରପୁର ଅଞ୍ଚଳରେ ହଜିଯାଇଛି। ସର୍ବୋତ୍ତମ ଚେଷ୍ଟା କରିବା ସତ୍ତ୍ୱେ ଏହାକୁ ଖୋଜି ପାଇନି। ଯଦି କାହାର ହାତକୁ ଲାଗେ, ଦୟାକରି ଉପରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରନ୍ତୁ। ଧ–୨୪୨୧

Your classified advertisement published in Dharitri will be listed free in Dharitri online edition: dharitriepaper.in

# ହକି ଇଣ୍ଡିଆ ଲିଗ୍ ଉଦ୍‌ଘାଟିତ



ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ରାଉରକେଲା,୨୮।୧୨(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ପ୍ରଥମ ଥର କରି ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ମ୍ୟାଚ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଭବାନୀ ଶଙ୍କର ଭୋଇ, ରୋହିତ ଯୋଶେଫ ତିର୍କୀ, ସାରଦା ପ୍ରସାଦ ନାୟକ, ରାଜନ ଏକ୍କା, ଲକ୍ଷ୍ମଣ ମୁଣ୍ଡା, ଦୁର୍ଗାଚରଣ ତନ୍ତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମ୍ୟାଚ ଆରମ୍ଭରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ହକି ଇଣ୍ଡିଆ ଲିଗ୍‌ର ପ୍ରଥମ ମ୍ୟାଚ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଶୁଟ୍‌ଆଉଟ୍‌ରେ ୪-୨ ଗୋଲରେ ଗୋନାସିକାକୁ ହରାଇ ବିଜୟ ଯାତ୍ରା ଆରମ୍ଭ କରିଛି। ମ୍ୟାଚର ୫ମ ମିନିଟ୍‌ରେ ଦିଲ୍ଲୀ ଦଳର ଡୋମେନେ ଟୋମାସ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟ

### ଶୁଟ୍‌ଆଉଟ୍‌ରେ ଦିଲ୍ଲୀର ବିଜୟ ଯାତ୍ରା ଆରମ୍ଭ

କ୍ୱାର୍ଟର ଶେଷ ଭାଗରେ ଅର୍ଥାତ୍ ୨୬ତମ ମିନିଟ୍‌ରେ ଗୋନାସିକାର ୱାକର ଷ୍ଟୁଆନ ଏପ ଫିଲ୍‌ଡ ଗୋଲ ଦେଇ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ୩୫ତମ ମିନିଟ୍‌ରେ ଗୋନାସିକା ଦଳର ଭିକ୍ଟର ଚାର୍ଲେଟ୍ ଦ୍ୱିତୀୟ ଗୋଲ୍ ମାରି ଦଳକୁ ୨-୧ରେ ଆଗୁଆ ରଖିଥିଲେ। ପୁଣି ଥରେ ଦିଲ୍ଲୀ ଦଳ ପ୍ରତ୍ୟାବର୍ତ୍ତନ କରି ଗୋନାସିକା ଉପରେ ଚାପ ପକାଇ ଖେଳର ତୃତୀୟ କ୍ୱାର୍ଟର୍ସର ୩୯ ମିନିଟ୍‌ରେ ଡୋମେନେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ମ୍ୟାଚ୍‌କୁ ଡ୍ର କରି ଦେଇଥିଲେ। ଖେଳ ଶେଷ ସୁଦ୍ଧା ମ୍ୟାଚ ୨-୨ ଗୋଲରେ ବରାବର ରହିଥିଲା। ଫଳାଫଳ ପାଇଁ ଶୁଟ୍‌ଆଉଟ ପଦ୍ଧତିର ସହାୟତା ନିଆଯାଇଥିଲା।



ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବ।

## ଭୁବନେଶ୍ୱରରେ ଜାତୀୟ ର୍‍ୟାଙ୍କିଙ୍ଗ୍ ପିକଲବଲ

ପୁରୁଣା ଭୁବନେଶ୍ୱର, ୨୮।୧୨ (ସୁବାସ ଚନ୍ଦ୍ର ପ୍ରଧାନ)

ଓଡିଶା ପିକଲବଲ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଆର୍‌ୱାଇପି ଜାତୀୟ ର୍‍ୟାଙ୍କିଙ୍ଗ୍ ପିକଲବଲ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଜାନୁଆରୀ ୩ରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏପର୍ଯ୍ୟନ୍ତ ବିହାର, ଝାଡ଼ଖଣ୍ଡ, ମହାରାଷ୍ଟ୍ର, କର୍ନାଟକ, ପଶ୍ଚିମବଙ୍ଗ ଆଦି ୧୩ଟି ରାଜ୍ୟରୁ ପ୍ରାୟ ୨୦୫ ପ୍ରତିଯୋଗୀ ଭାଗ ନେବାପାଇଁ ସ୍ପଷ୍ଟ କରିଛନ୍ତି ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ମହିଳା ଡବଲ୍ସ, ସିଙ୍ଗଲ୍ସ ଏବଂ ପୁରୁଷ ଡବଲ୍ସ, ସିଙ୍ଗଲ୍ସ ଏବଂ ମିକ୍ସ ଡବଲ୍ସରେ ୧୪, ୩୦, ୪୦, ୫୦ ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ହେବାକୁଥିବା ପ୍ରତିଯୋଗିତା ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରତିଯୋଗିତା ପ୍ଲାଷ୍ଟିକ ବଲରେ ଖେଳାଯିବ ବୋଲି ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ହଂସପାଳଠାରେ ଆୟୋଜିତ ଏହି ସମ୍ମିଳନୀରେ ଅନୁଷ୍ଠାର ଅନମୁଲ୍ ଦାସ, ଆଦିତ୍ୟ ପାତ୍ର, ଶକ୍ତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ହାଇୱେ ହୋଣ୍ଡା ଏବଂ ନଖରା ନିକଟବର୍ତ୍ତୀ ଗ୍ରାଣ୍ଡ ଆବାସ ଆଦି ୨ଟି ଭେନ୍ୟୁରେ ଖେଳାଯିବ ବୋଲି ସେ କହିଛନ୍ତି।

## ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଶନିବାର ଆରମ୍ଭ ହୋଇଛି। ନୟାପଲ୍ଲୀସ୍ଥିତ ରାଜ୍ୟ କ୍ରୀଡ଼ା ବିଭାଗର ପୁରୁଣା ଭବନରେ ଏହାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାର ମ୍ୟାଚ ରବିବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ।

## ଆଦିତ୍ୟଙ୍କୁ ସ୍ୱର୍ଣ୍ଣ, ରୌପ୍ୟ

ଭୁବନେଶ୍ୱର, ୨୮।୧୨(ତପନ ସ୍ୱାଇଁ)

ପାୱାର ଗେମ୍‌ରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ଆଥଲେଟ୍ ପାର୍ବତୀ ସେଠୀଙ୍କ ପୁଅ ଆଦିତ୍ୟ କୁମାର ବେହେରା ଛୋଟବେଳୁ ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଡିଏଭିର ଷ୍ଟାଣ୍ଡାର୍ଡ-୭ରେ ପଢୁଥିବା ଆଦିତ୍ୟ ବାର୍ଷିକ ସ୍ପୋର୍ଟ୍ସ



ମିଟ୍‌ରେ ଡିସ୍‌କସ୍‌ରେ ସ୍ୱର୍ଣ୍ଣ ଓ ଶଟ୍‌ପୁଟ୍‌ରେ ରୌପ୍ୟ ପଦକ ହାସଲକରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ଆଦିତ୍ୟ ଆଗକୁ ମା'ଙ୍କ ଖେଳକୁ ଅନୁସରଣ କରି ଦିନେ ଦେଶ ପାଇଁ ପଦକ ଆଣିବା ଆଶା ରଖିଛନ୍ତି। ମା' ପାର୍ବତୀ ମଧ୍ୟ ପୁଅ ପାଠ ସହ ଖେଳରେ ପାରଙ୍ଗମ ହୋଇପାରିବ ବୋଲି ଆଶା ରଖିଛନ୍ତି।

## ସ୍ୱସ୍ତି ୨୦୨୪ର ଶ୍ରେଷ୍ଠ ସାଇକ୍ଲିଷ୍ଟ



ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ବର୍ଷ ଶେଷ ଭାଗରେ ଓଡ଼ିଶା ପାଇଁ ଶୁଭ ଖବର ନେଇ ଆସିଛନ୍ତି ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ୨୦୨୪ର ଶ୍ରେଷ୍ଠ ସାଇକ୍ଲିଷ୍ଟ ବିବେଚିତ ହୋଇ ସେ ରାଜ୍ୟକୁ ଗର୍ବିତ କରିଛନ୍ତି। ଚଳିତ ବର୍ଷ ଜାତୀୟ ଓ ଖେଲୋ ଇଣ୍ଡିଆ ପ୍ରତିଯୋଗିତାକୁ ମିଶାଇ ସ୍ୱସ୍ତି ୩୦ରୁ ଉର୍ଦ୍ଧ୍ୱ ପଦକ ହାସଲ କରିଛନ୍ତି। ଏପରି ସଫଳତା ପାଇଁ ସେ ନିଜ କୋଚ୍ ଓ ସପୋର୍ଟ ଷ୍ଟାଫମାନଙ୍କ ସହ ପରିବାର, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ, ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ସାଇକ୍ଲିଂ ଆସୋସିଏଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ କିଟ୍‌କୁ ଶ୍ରେୟ ଦେଇଛନ୍ତି। ବର୍ଷ ସାରା ସ୍ୱସ୍ତିଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ନଭେମ୍ବରରେ ଚେନ୍ନାଇରେ ଅନୁଷ୍ଠିତ ୭୬ତମ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ବିରଳ ସଫଳତା ଲାଭ କରିଥିଲେ। ପ୍ରତିଯୋଗିତାରେ ପ୍ରଥମଥର ପାଇଁ ୪ କିଲୋମିଟର ଟିମ୍ ପର୍ଶ୍ୟୁଟ ମହିଳା ଏଲିଟ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିବା ଓଡ଼ିଶା ଦଳର ସେ ସଦସ୍ୟ ଥିଲେ। ଅନ୍ୟ ୩ ସଦସ୍ୟା ଥିଲେ ବର୍ଷାରାଣୀ ବାରିକ, ଖୋଇରୋମ ରେଜିୟା ଦେବୀ ଓ ଉର୍ମିଳା ବେହେରା। ଟିମ୍ ସ୍ପ୍ରିଣ୍ଟରେ ସ୍ୱସ୍ତି, ବର୍ଷାରାଣୀ ଓ ରେଜିୟା ଦେବୀଙ୍କୁ ନେଇ ଗଠିତ ଦଳ ବ୍ରୋଞ୍ଜ ପଦକ ପାଇଥିଲା। ଓମନିଅମ ଇଭେଣ୍ଟରେ ସେ ପ୍ରଭାବୀ ପ୍ରଦର୍ଶନ କରି ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। କେବଳ ସେତିକି ନୁହେଁ ୩ କିଲୋମିଟର ବ୍ୟକ୍ତିଗତ ପର୍ଶ୍ୟୁଟରେ ୪:୧୩.୦୬୭ ସେକେଣ୍ଡ ନେଇ ରୌପ୍ୟ ଏବଂ କେଇରିନ୍ ରେସ୍‌ରେ ବ୍ରୋଞ୍ଜ ପଦକ ମଧ୍ୟ ଜିତିଥିଲେ। ତାଙ୍କର ଏହି ପ୍ରଦର୍ଶନ ଯୋଗୁ ଓଡ଼ିଶା ଏହାର ସାଇକ୍ଲିଂ ଇତିହାସରେ ପ୍ରଥମଥରପାଇଁ ରନରଅପ୍ ଟ୍ରଫି ହାସଲ କରିଥିଲା। କେବଳ ସେତିକି ନୁହେଁ ଅଗଷ୍ଟରେ ହରିୟାଣାର ସୋନିପତଠାରେ ଅନୁଷ୍ଠିତ ନର୍ଥ ଜୋନ୍ (ରୋଡ୍ ଇଭେଣ୍ଟ) ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ, ସେପ୍ଟେମ୍ବରରେ ଅମୃତସରଠାରେ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ ଆଦି ଆହୁରି ଅନେକ ପ୍ରତିଯୋଗିତାରେ ସେ ଚମକ ଦେଖାଇଥିଲେ।

# ନୀତୀଶଙ୍କ ଶତକ ସମ୍ମାନ ରଖିଲା

ମେଲବୋର୍ନ, ୨୮।୧୨

ଯୁବ ବ୍ୟାଟର ନୀତୀଶ କୁମାର ରେଡ୍ଡୀଙ୍କ ପ୍ରଥମ ଶତକ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଚାଲିଥିବା ଚତୁର୍ଥ ଟେଷ୍ଟରେ ଭାରତର ସମ୍ମାନ ରଖିଛି। ବର୍ଷା ଓ ଆଲୋକ ଅଭାବ ଯୋଗୁ ଅଧଘଣ୍ଟା ପୂର୍ବରୁ ତୃତୀୟ ଦିବସ ଖେଳ ବନ୍ଦ ରହିବା ବେଳକୁ ଭାରତ ପ୍ରଥମ ଇନିଂସରେ ୯ ଉଇକେଟ ହରାଇ ୩୫୮ ରନ ସଂଗ୍ରହ କରିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୭୪ ରନ କରିଥିବାରୁ ଭାରତ ଆହୁରି ୧୧୬ ରନ ପଛରେ ରହିଛି।

### ଶତକୀୟ ଭାଗୀଦାରି

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୬୪/୫ରୁ ଖେଳ ଆରମ୍ଭ କରିଥିଲା ଭାରତ । ଫଲୋଅନ ଆଶଙ୍କା ଥିବାରୁ ସତର୍କତାର ସହିତ ବ୍ୟାଟିଂ କରିଥିଲେ ନୀତୀଶ ଓ ୱାଶିଂଟନ ସୁନ୍ଦର। ୮ମ ଉଇକେଟରେ ଦୁହିଁଙ୍କ ମୂଲ୍ୟବାନ ଶତକୀୟ ଭାଗୀଦାରି ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲା। ଇତିମଧ୍ୟରେ ଉଭୟ ନୀତୀଶ ଓ ସୁନ୍ଦର ଅର୍ଦ୍ଧଶତକ ପୂରଣ କରିଥିଲେ। ୧୩୫ ବଲ୍‌ରୁ ୧୧୨ ରନର ଭାଗୀଦାରି ଗଢ଼ିବା ପରେ ସୁନ୍ଦର ଠିକ୍ ୫୦ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ନୀତୀଶ କିନ୍ତୁ ନିଜ ଇନିଂସକୁ ସ୍ମରଣୀୟ କରିଥିଲେ। ହାସଲ କରିଥିଲେ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ। ୧୭୧ଟି ବଲ୍‌ର ସମ୍ମୁଖୀନ ହୋଇ ସେ ପ୍ରଥମଥର ପାଇଁ ମ୍ୟାଜିକ ତିନିଅଙ୍କ ସ୍ପର୍ଶ କରିଥିଲେ। ଏହା ମଧ୍ୟରେ ୧୦ ଚୌକା ଓ ୧ ଛକା ସାମିଲ ଥିଲା। ଯଶପ୍ରୀତ୍ ବୁମ୍‌ରା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ସେତେବେଳକୁ ନୀତୀଶ ୯୯ ରନରେ ଅପରାଜିତ ରହିଥିଲେ। ମାତ୍ର ଏହି ଓଭରର ଅବଶିଷ୍ଟ ୩ଟି ବଲ୍‌କୁ ମହମ୍ମଦ ସିରାଜ ସଫଳତା ସହ ଖେଳିବାରୁ ନୀତୀଶଙ୍କ ପାଇଁ ଶତକ ପୂରଣର ସୁଯୋଗ ଆସିଥିଲା। ସ୍କଟ୍ ବୋଲାଣ୍ଡ ବୋଲିଂ କରିଥିବା ପରବର୍ତ୍ତୀ ଓଭରର ପ୍ରଥମ ବଲ୍‌ରୁ ରନ୍ ଆସି ନ ଥିବାବେଳେ ଦ୍ୱିତୀୟ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଅପିଲ ହୋଇଥିଲା। ମାତ୍ର ଅମ୍ପାୟର ତାହାକୁ ଗ୍ରହଣ କରି ନ ଥିଲେ। ତୃତୀୟ ବଲ୍‌କୁ ଚୌକାରେ ପରିଣତ କରି ସମ୍ପୂର୍ଣ୍ଣ ଷ୍ଟାଇଲରେ ଶତକ ପୂରଣ କରିଥିଲେ ନୀତୀଶ। ଅଷ୍ଟ୍ରେଲିଆ ମାଟିରେ ଭାରତର ତୃତୀୟ ସର୍ବକନିଷ୍ଠ ବ୍ୟାଟର (୨୧ ବର୍ଷ ୨୧୬ ଦିନ) ଭାବେ ସେ ଟେଷ୍ଟ ଶତକ ହାସଲ କରିଥିଲେ। ତାଙ୍କ ପୂର୍ବରୁ ସଚିନ ତେନ୍ଦୁଲକର ୧୯୯୨ରେ ସିଡ୍‌ନୀରେ ୧୮ ବର୍ଷ ୨୫୬ ଦିନ ଓ ରିଷଭ ପନ୍ତ ସିଡ୍‌ନୀରେ ୨୦୧୯ରେ ୨୧ ବର୍ଷ ୯୨ ଦିନରେ ଶତକ ଅର୍ଜନ କରିଥିଲେ। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ନୀତୀଶ ୧୦୫ ଓ ସିରାଜ ୨ ରନରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ୍ କମିନ୍ସ ଓ ସ୍କଟ୍ ବୋଲାଣ୍ଡ ୩ଟି ଲେଖାଏ ଓ ନାଥାନ ଲିୟନ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୭୪। ଭାରତ ପ୍ରଥମ ଇନିଂସ: ୩୫୮/୯

**ମେଲବୋର୍ନ ଟେଷ୍ଟ**

(ନୀତୀଶ ରେଡ୍ଡୀ-୧୦୫*, ଯଶସ୍ୱୀ ଜୟସ୍ୱାଲ-୮୨, ୱାଶିଂଟନ ସୁନ୍ଦର-୫୦, ସ୍କଟ୍ ବୋଲାଣ୍ଡ-୩/୫୭, ପ୍ୟାଟ୍ କମିନ୍ସ-୩/୮୬, ନାଥାନ ଲିୟନ-୨/୮୮)।



ନୀତିଶ କୁମାର ରେଡ୍ଡୀ

### ତୃତୀୟ ଦିବସରେ ରେକର୍ଡ ୮୩,୦୭୩ ଦର୍ଶକ

ଭାରତ-ଅଷ୍ଟ୍ରେଲିଆ ଚତୁର୍ଥ କ୍ରିକେଟ ଟେଷ୍ଟର ତୃତୀୟ ଦିବସ ଖେଳକୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ(ଏମ୍‌ସିଜି)ରେ ରେକର୍ଡ ୮୩,୦୭୩ ଦର୍ଶକ ଉପଭୋଗ କରିଛନ୍ତି। କୌଣସି ବକ୍ସିଂ ଡେ' ଟେଷ୍ଟର ତୃତୀୟ ଦିବସରେ ଏତେସଂଖ୍ୟକ ଦର୍ଶକ ହେବା ଏହା ପ୍ରଥମ। ଓଭରଅଲ୍ ଦେଖିବାକୁ ଗଲେ ଏମ୍‌ସିଜିରେ ୧୯୩୭ ଜାନୁଆରୀରେ ଅନୁଷ୍ଠିତ ଟେଷ୍ଟର ତୃତୀୟ ଦିବସରେ ସର୍ବାଧିକ ୮୭,୭୯୮ ଦର୍ଶକ ମ୍ୟାଚ୍ ଦେଖିଥିଲେ। ସେତେବେଳେ କିମ୍ବଦନ୍ତୀ ଡନ୍ ବ୍ରାଡ୍‌ମ୍ୟାନ ୫୬ ରନ୍‌ରେ ଅପରାଜିତ ରହିଥିଲେ। ଏହାପରେ ଏଠାରେ ଅନୁଷ୍ଠିତ କୌଣସି ଟେଷ୍ଟର ତୃତୀୟ ଦିବସରେ ଏତେସଂଖ୍ୟକ ଦର୍ଶକ ଆସିବା ଏହା ପ୍ରଥମ। ଚଳିତ ଟେଷ୍ଟକୁ ଏପର୍ଯ୍ୟନ୍ତ ୨୫୫,୪୬୨ ଦର୍ଶକ ଉପଭୋଗ କରିଛନ୍ତି। ୨୦୧୩ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଏମ୍‌ସିଜିରେ ଅନୁଷ୍ଠିତ ବକ୍ସିଂ ଡେ' ଟେଷ୍ଟକୁ ସର୍ବାଧିକ ୨୭୧,୮୬୫ ଦର୍ଶକ ଉପଭୋଗ କରିଥିଲେ।

## ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଜୟପୁରରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୂର୍ବ ମ୍ୟାଚରେ ଉତ୍ତରାଖଣ୍ଡକୁ ୭୫ ରନରେ ହରାଇଥିବା ଓଡ଼ିଶା ଶନିବାର ମଣିପୁରକୁ ୯ ଉଇକେଟରେ ପରାସ୍ତ କରିଛି। ମଣିପୁର ୪୦ ଓଭରରେ ୧୦୦ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଓଡ଼ିଶା ୨୦ ଓଭରରେ ୧ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରି ନେଇଥିଲା। ସ୍ୱସ୍ତିକ ସାମଲ ୫୦ ଓ ଅଧିନାୟକ ସନ୍ଦିପ ପଟ୍ଟନାୟକ ୨୪ ରନକରି ଅପରାଜିତ ରହିଥିଲେ। ପୂର୍ବରୁ ତାପସ ଦାସ ଓ ରାଜେଶ ମହାନ୍ତି ଚମତ୍କାର ବୋଲିଂ କରି ମଣିପୁର ଇନିଂସକୁ ୧୦୦ ରନରେ ସୀମିତ ରଖିଥିଲେ। ତାପସ ୧୦ ଓଭରରେ ୪ ମେଡେନ ନେବାସହ ମାତ୍ର ୧୭ ରନ ଦେଇ ୪ଟି ଏବଂ ରାଜେଶ ୯ ଓଭରରେ ୩ ମେଡେନ ସହିତ ୧୪ ରନ ଦେଇ ୩ ଉଇକେଟ ନେଇଥିଲେ। ପ୍ରୟାସ ସିଂ, ଜାମଲା ମହାପାତ୍ର ଓ କାର୍ତ୍ତିକ ବିଶ୍ୱାଳ ଅନ୍ୟ ୩ଟି ଉଇକେଟ ନେଇଥିଲେ। ଚମତ୍କାର ବୋଲିଂ ପାଇଁ ତାପସ ଦାସ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ମଣିପୁର ପକ୍ଷରୁ ବସିର ରହମନ ସର୍ବାଧିକ ୨୦ ରନ କରିଥିଲେ। ନିଜର ପ୍ରଥମ ୨ ମ୍ୟାଚରେ ଯଥାକ୍ରମେ ଗୋଆ ଓ ଆସାମଠାରୁ ହାରିଥିବା ଓଡ଼ିଶା ଲଗାତର ୨ ବିଜୟ ଫଳରେ ୪ ମ୍ୟାଚରୁ ୮ ପଏଣ୍ଟ ପାଇ ଗ୍ରୁପ୍ 'ଏ' ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଗୁଜରାଟ ୧୬ ପଏଣ୍ଟ ସହିତ ଏହି ଗ୍ରୁପ୍‌ର ଶୀର୍ଷରେ ରହିଛି।

**ବିଜୟ ହଜାରେ ଟ୍ରଫି**

## କିଟ୍ ବିଶ୍ୱବିଦ୍ୟାଳୟକୁ ୨ ପଦକ

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଯୋଗାସନ ଚାମ୍ପିୟନଶିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ ୨ଟି ପଦକ ହାସଲ କରିଛି। ପାରମ୍ପରିକ ବ୍ୟକ୍ତିଗତ ମହିଳା ବର୍ଗରେ ସ୍ୱର୍ଣ୍ଣ ଓ ଦଳଗତ ବର୍ଗରେ ବ୍ରୋଞ୍ଜ ପଦକ ପାଇଛି ଏହି ବିଶ୍ୱବିଦ୍ୟାଳୟ। ଏଥିସହ ପଦକ ହାସଲକାରୀମାନେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କିଟ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଯୋଗାସନ ଭାରତର ମହାସଚିବ ଜୟଦୀପ ଆର୍ଯ୍ୟ, କିଟ୍‌ର ପ୍ରୋ ଭାଇସ୍ ଚାନ୍‌ସେଲର ଦେବାଶିଷ ବନ୍ଦୋପାଧ୍ୟାୟ ଓ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗ ଦେଇଥିଲେ।

## ଟିମ୍ 'ଡି'ରେ ଓଡ଼ିଶାର ସୁଶ୍ରୀ

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ ସିଜନ ଅନ୍ତର୍ଗତ ସିନିୟର ମହିଳା ଦିନିକିଆ ଚ୍ୟାଲେଞ୍ଜର୍ସ ଟ୍ରଫି ଚେନ୍ନାଇରେ ଜାନୁଆରୀ ୫ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ୪ଟି ଦଳ ଅଂଶଗ୍ରହଣ କରୁଥିବାବେଳେ ଟିମ୍ 'ଡି'ରେ ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ସ୍ଥାନ ପାଇଛନ୍ତି। ଚ୍ୟାଲେଞ୍ଜର୍ସ ଟ୍ରଫି ପାଇଁ ମନୋନୀତ ହୋଇଥିବାରୁ ସୁଶ୍ରୀଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ୫ ତାରିଖରେ ଟିମ୍ 'ଡି' ଏହାର ପ୍ରଥମ ମ୍ୟାଚ ଟିମ୍ 'ସି' ସହିତ ଖେଳିବ।



ସୁଶ୍ରୀ ଦିବ୍ୟଦର୍ଶିନୀ

**ମହିଳା ଦିନିକିଆ ଚ୍ୟାଲେଞ୍ଜର୍ସ ଟ୍ରଫି**

ଏହାପରେ ୯ରେ ଟିମ୍ 'ଇ', ୧୧ରେ ଟିମ୍ 'ବି' ଓ ୧୩ରେ ଟିମ୍ 'ଏ' ସହିତ ମୁକାବିଲା କରିବ। ସୁଶ୍ରୀ ଜାଗୃତି କ୍ରିକେଟ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ସମ୍ପ୍ରତି ଓଡ଼ିଶା ଦଳର ଅଧିନାୟିକା ଥିବା ସୁଶ୍ରୀ ଚଳିତ ସିଜନରେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଚମତ୍କାର ପ୍ରଦର୍ଶନ କରି ଗୋଟିଏ ଶତକ (୧୦୨*) ଓ ୨ଟି ଅର୍ଦ୍ଧଶତକ ସହ ୩୦୯ ରନ କରିଛନ୍ତି। ଏହା ବ୍ୟତୀତ ସେ ୧୬ଟି ଉଇକେଟ ମଧ୍ୟ ନେଇଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ନୀତୀଶଙ୍କ ଶତକ ସମ୍ମାନ ରଖିଲା

## ମେଲବୋର୍ନ ଟେଷ୍ଟ

(ନୀତୀଶ ରେଡ୍ଡୀ-୧୦୫*, ଯଶସ୍ୱୀ ଜୟସ୍ୱାଲ-୮୨, ୱାଶିଂଟନ ସୁନ୍ଦର-୫୦, ସ୍କଟ୍ ବୋଲାଣ୍ଡ-୩/୫୭, ପ୍ୟାଟ୍ କମିନ୍ସ-୩/୮୬, ନାଥାନ ଲିୟନ-୨/୮୮)।

ମେଲବୋର୍ନ, ୨୮।୧୨

ଯୁବ ବ୍ୟାଟର ନୀତୀଶ କୁମାର ରେଡ୍ଡୀଙ୍କ ପ୍ରଥମ ଶତକ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଚାଲିଥିବା ଚତୁର୍ଥ ଟେଷ୍ଟରେ ଭାରତର ସମ୍ମାନ ରଖିଛି। ବର୍ଷା ଓ ଆଲୋକ ଅଭାବ ଯୋଗୁ ଅଧଘଣ୍ଟା ପୂର୍ବରୁ ତୃତୀୟ ଦିବସ ଖେଳ ବନ୍ଦ ରହିବା ବେଳକୁ ଭାରତ ପ୍ରଥମ ଇନିଂସରେ ୯ ଉଇକେଟ ହରାଇ ୩୫୮ ରନ ସଂଗ୍ରହ କରିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୭୪ ରନ କରିଥିବାରୁ ଭାରତ ଆହୁରି ୧୧୬ ରନ ପଛରେ ରହିଛି।

### ଶତକୀୟ ଭାଗୀଦାରି

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୬୪/୫ରୁ ଖେଳ ଆରମ୍ଭ କରିଥିଲା ଭାରତ । ଫଲୋଅନ ଆଶଙ୍କା ଥିବାରୁ ସତର୍କତାର ସହିତ ବ୍ୟାଟିଂ କରିଥିଲେ ନୀତୀଶ ଓ ୱାଶିଂଟନ ସୁନ୍ଦର। ୮ମ ଉଇକେଟରେ ଦୁହିଁଙ୍କ ମୂଲ୍ୟବାନ ଶତକୀୟ ଭାଗୀଦାରି ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲା। ଇତିମଧ୍ୟରେ ଉଭୟ ନୀତୀଶ ଓ ସୁନ୍ଦର ଅର୍ଦ୍ଧଶତକ ପୂରଣ କରିଥିଲେ। ୧୩୫ ବଲ୍‌ରୁ ୧୧୨ ରନର ଭାଗୀଦାରି ଗଢ଼ିବା ପରେ ସୁନ୍ଦର ଠିକ୍ ୫୦ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ନୀତୀଶ କିନ୍ତୁ ନିଜ ଇନିଂସକୁ ସ୍ମରଣୀୟ କରିଥିଲେ। ହାସଲ କରିଥିଲେ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ। ୧୭୧ଟି ବଲ୍‌ର ସମ୍ମୁଖୀନ ହୋଇ ସେ ପ୍ରଥମଥର ପାଇଁ ମ୍ୟାଜିକ ତିନିଅଙ୍କ ସ୍ପର୍ଶ କରିଥିଲେ। ଏହା ମଧ୍ୟରେ ୧୦ ଚୌକା ଓ ୧ ଛକା ସାମିଲ ଥିଲା। ଯଶପ୍ରୀତ୍ ବୁମ୍‌ରା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ସେତେବେଳକୁ ନୀତୀଶ ୯୯ ରନରେ ଅପରାଜିତ ରହିଥିଲେ। ମାତ୍ର ଏହି ଓଭରର ଅବଶିଷ୍ଟ ୩ଟି ବଲ୍‌କୁ ମହମ୍ମଦ ସିରାଜ ସଫଳତା ସହ ଖେଳିବାରୁ ନୀତୀଶଙ୍କ ପାଇଁ ଶତକ ପୂରଣର ସୁଯୋଗ ଆସିଥିଲା। ସ୍କଟ୍ ବୋଲାଣ୍ଡ ବୋଲିଂ କରିଥିବା ପରବର୍ତ୍ତୀ ଓଭରର ପ୍ରଥମ ବଲ୍‌ରୁ ରନ୍ ଆସି ନ ଥିବାବେଳେ ଦ୍ୱିତୀୟ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଅପିଲ ହୋଇଥିଲା। ମାତ୍ର ଅମ୍ପାୟର ତାହାକୁ ଗ୍ରହଣ କରି ନ ଥିଲେ। ତୃତୀୟ ବଲ୍‌କୁ ଚୌକାରେ ପରିଣତ କରି ସମ୍ପୂର୍ଣ୍ଣ ଷ୍ଟାଇଲରେ ଶତକ ପୂରଣ କରିଥିଲେ ନୀତୀଶ। ଅଷ୍ଟ୍ରେଲିଆ ମାଟିରେ ଭାରତର ତୃତୀୟ ସର୍ବକନିଷ୍ଠ ବ୍ୟାଟର (୨୧ ବର୍ଷ ୨୧୬ ଦିନ) ଭାବେ ସେ ଟେଷ୍ଟ ଶତକ ହାସଲ କରିଥିଲେ। ତାଙ୍କ ପୂର୍ବରୁ ସଚିନ ତେନ୍ଦୁଲକର ୧୯୯୨ରେ ସିଡ୍‌ନୀରେ ୧୮ ବର୍ଷ ୨୫୬ ଦିନ ଓ ରିଷଭ ପନ୍ତ ସିଡ୍‌ନୀରେ ୨୦୧୯ରେ ୨୧ ବର୍ଷ ୯୨ ଦିନରେ ଶତକ ଅର୍ଜନ କରିଥିଲେ। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ନୀତୀଶ ୧୦୫ ଓ ସିରାଜ ୨ ରନରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ୍ କମିନ୍ସ ଓ ସ୍କଟ୍ ବୋଲାଣ୍ଡ ୩ଟି ଲେଖାଏ ଓ ନାଥାନ ଲିୟନ ୨ଟି ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୭୪।
ଭାରତ ପ୍ରଥମ ଇନିଂସ: ୩୫୮/୯



ନୀତୀଶ କୁମାର ରେଡ୍ଡୀ

### ତୃତୀୟ ଦିବସରେ ରେକର୍ଡ ୮୩,୦୭୩ ଦର୍ଶକ

ଭାରତ-ଅଷ୍ଟ୍ରେଲିଆ ଚତୁର୍ଥ କ୍ରିକେଟ ଟେଷ୍ଟର ତୃତୀୟ ଦିବସ ଖେଳକୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ(ଏମ୍‌ସିଜି)ରେ ରେକର୍ଡ ୮୩,୦୭୩ ଦର୍ଶକ ଉପଭୋଗ କରିଛନ୍ତି। କୌଣସି ବକ୍ସିଂ ଡେ’ ଟେଷ୍ଟର ତୃତୀୟ ଦିବସରେ ଏତେସଂଖ୍ୟକ ଦର୍ଶକ ହେବା ଏହା ପ୍ରଥମ। ଓଭରଅଲ୍ ଦେଖିବାକୁ ଗଲେ ଏମ୍‌ସିଜିରେ ୧୯୩୭ ଜାନୁଆରୀରେ ଅନୁଷ୍ଠିତ ଟେଷ୍ଟର ତୃତୀୟ ଦିବସରେ ସର୍ବାଧିକ ୮୭,୭୯୮ ଦର୍ଶକ ମ୍ୟାଚ୍ ଦେଖିଥିଲେ। ସେତେବେଳେ କିମ୍ବଦନ୍ତୀ ଡନ୍ ବ୍ରାଡ୍‌ମ୍ୟାନ ୫୬ ରନ୍‌ରେ ଅପରାଜିତ ରହିଥିଲେ। ଏହାପରେ ଏଠାରେ ଅନୁଷ୍ଠିତ କୌଣସି ଟେଷ୍ଟର ତୃତୀୟ ଦିବସରେ ଏତେସଂଖ୍ୟକ ଦର୍ଶକ ଆସିବା ଏହା ପ୍ରଥମ। ଚଳିତ ଟେଷ୍ଟକୁ ଏପର୍ଯ୍ୟନ୍ତ ୨୫୫,୪୬୨ ଦର୍ଶକ ଉପଭୋଗ କରିଛନ୍ତି। ୨୦୧୩ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଏମ୍‌ସିଜିରେ ଅନୁଷ୍ଠିତ ବକ୍ସିଂ ଡେ’ ଟେଷ୍ଟକୁ ସର୍ବାଧିକ ୨୭୧,୮୬୫ ଦର୍ଶକ ଉପଭୋଗ କରିଥିଲେ।

# ସ୍ୱସ୍ତି ୨୦୨୪ର ଶ୍ରେଷ୍ଠ ସାଇକ୍ଲିଷ୍ଟ



ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ବର୍ଷ ଶେଷ ଭାଗରେ ଓଡ଼ିଶା ପାଇଁ ଶୁଭ ଖବର ନେଇ ଆସିଛନ୍ତି ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ୨୦୨୪ର ଶ୍ରେଷ୍ଠ ସାଇକ୍ଲିଷ୍ଟ ବିବେଚିତ ହୋଇ ସେ ରାଜ୍ୟକୁ ଗର୍ବିତ କରିଛନ୍ତି। ଚଳିତ ବର୍ଷ ଜାତୀୟ ଓ ଖେଲୋ ଇଣ୍ଡିଆ ପ୍ରତିଯୋଗିତାକୁ ମିଶାଇ ସ୍ୱସ୍ତି ୩୦ରୁ ଊର୍ଦ୍ଧ୍ୱ ପଦକ ହାସଲ କରିଛନ୍ତି। ଏପରି ସଫଳତା ପାଇଁ ସେ ନିଜ କୋଚ୍ ଓ ସପୋର୍ଟ ଷ୍ଟାଫମାନଙ୍କ ସହ ପରିବାର, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ, ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ସାଇକ୍ଲିଂ ଆସୋସିଏଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ କିଟ୍‌କୁ ଶ୍ରେୟ ଦେଇଛନ୍ତି। ବର୍ଷ ସାରା ସ୍ୱସ୍ତିଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ନଭେମ୍ବରରେ ଚେନ୍ନାଇରେ ଅନୁଷ୍ଠିତ ୭୬ତମ ଟ୍ରାକ୍ ଟାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ବିରଳ ସଫଳତା ଲାଭ କରିଥିଲେ। ପ୍ରତିଯୋଗିତାରେ ପ୍ରଥମଥର ପାଇଁ ୪ କିଲୋମିଟର ଟିମ୍ ପର୍ଶ୍ୟୁଟ ମହିଳା ଏଲିଟ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିବା ଓଡ଼ିଶା ଦଳର ସେ ସଦସ୍ୟ ଥିଲେ। ଅନ୍ୟ ୩ ସଦସ୍ୟା ଥିଲେ ବର୍ଷାରାଣୀ ବାରିକ, ଖୋଇରୋମ ରେଜିୟା ଦେବୀ ଓ ଉର୍ମିଳା ବେହେରା। ଟିମ୍ ସ୍ପ୍ରିଣ୍ଟରେ ସ୍ୱସ୍ତି, ବର୍ଷାରାଣୀ ଓ ରେଜିୟା ଦେବୀଙ୍କୁ ନେଇ ଗଠିତ ଦଳ ବ୍ରୋଞ୍ଜ ପଦକ ପାଇଥିଲା। ଓମନିଅମ ଇଭେଣ୍ଟରେ ସେ ପ୍ରଭାବୀ ପ୍ରଦର୍ଶନ କରି ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। କେବଳ ସେତିକି ନୁହେଁ ୩ କିଲୋମିଟର ବ୍ୟକ୍ତିଗତ ପର୍ଶ୍ୟୁଟରେ ୪:୧୩.୦୬୭ ସେକେଣ୍ଡ ନେଇ ରୌପ୍ୟ ଏବଂ କେଇରିନ୍ ରେସ୍‌ରେ ବ୍ରୋଞ୍ଜ ପଦକ ମଧ୍ୟ ଜିତିଥିଲେ। ତାଙ୍କର ଏହି ପ୍ରଦର୍ଶନ ଯୋଗୁ ଓଡ଼ିଶା ଏହାର ସାଇକ୍ଲିଂ ଇତିହାସରେ ପ୍ରଥମଥରପାଇଁ ରନରଅପ୍ ଟ୍ରଫି ହାସଲ କରିଥିଲା। କେବଳ ସେତିକି ନୁହେଁ ଅଗଷ୍ଟରେ ହରିୟାଣାର ସୋନିପତଠାରେ ଅନୁଷ୍ଠିତ ନର୍ଥ ଜୋନ୍ (ରୋଡ୍ ଇଭେଣ୍ଟ) ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ, ସେପ୍ଟେମ୍ବରରେ ଅମୃତସରଠାରେ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ ଆଦି ଆହୁରି ଅନେକ ପ୍ରତିଯୋଗିତାରେ ସେ ଚମକ ଦେଖାଇଥିଲେ।

# ଭୁବନେଶ୍ୱରରେ ଜାତୀୟ ର୍‍ୟାଙ୍କିଙ୍ଗ୍ ପିକଲବଲ

ପୁରୁଣା ଭୁବନେଶ୍ୱର, ୨୮।୧୨
(ସୁବାସ ଚନ୍ଦ୍ର ପ୍ରଧାନ)

ଓଡିଶା ପିକଲବଲ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଆର୍‌ୱାଇପି ଜାତୀୟ ର୍‍ୟାଙ୍କିଙ୍ଗ୍ ପିକଲବଲ ଟୁର୍ଣ୍ଣାମେଣ୍ଟ ହେବାକୁ ଯାଉଛି। ଜାନୁଆରୀ ୩ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏପର୍ଯ୍ୟନ୍ତ ବିହାର, ଝାଡ଼ଖଣ୍ଡ, ମହାରାଷ୍ଟ୍ର, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଆଦି ୧୩ଟି ରାଜ୍ୟରୁ ପ୍ରାୟ ୨୦୫ ପ୍ରତିଯୋଗୀ ଭାଗ ନେବାପାଇଁ ସ୍ପଷ୍ଟ କରିଛନ୍ତି ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ମହିଳା ଡବଲ୍ସ, ସିଙ୍ଗଲ୍ସ ଏବଂ ପୁରୁଷ ଡବଲ୍ସ, ସିଙ୍ଗଲ୍ସ ଏବଂ ମିକ୍ସ ଡବଲ୍ସରେ ୧୪, ୩୦, ୪୦, ୫୦ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ହେବାକୁଥିବା ପ୍ରତିଯୋଗିତା ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରତିଯୋଗିତା ପ୍ଲାଷ୍ଟିକ ବଲରେ ଖେଳାଯିବ ବୋଲି ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ହଂସପାଳଠାରେ ଆୟୋଜିତ ଏହି ସମ୍ମିଳନୀରେ ଅନୁଷ୍କାର ଅନମୁଲ୍ ଦାସ, ଆଦିତ୍ୟ ପାତ୍ର, ଶକ୍ତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ହାଇୱେ ହୋଣ୍ଡା ଏବଂ ନଖରା ନିକଟବର୍ତ୍ତୀ ଗ୍ରାଣ୍ଡ ଆବାସ ଆଦି ୨ଟି ଭେନ୍ୟୁରେ ଖେଳାଯିବ ବୋଲି ସେ କହିଛନ୍ତି।

# ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଶନିବାର ଆରମ୍ଭ ହୋଇଛି। ନୟାପଲ୍ଲୀସ୍ଥିତ ରାଜ୍ୟ କ୍ରୀଡ଼ା ବିଭାଗର ପୁରୁଣା ଭବନରେ ଏହାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାର ମ୍ୟାଚ ରବିବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ।

# ଆଦିତ୍ୟଙ୍କୁ ସ୍ୱର୍ଣ୍ଣ, ରୌପ୍ୟ

ଭୁବନେଶ୍ୱର, ୨୮।୧୨(ତପନ ସ୍ୱାଇଁ)

ପାୱାର ଗେମ୍‌ରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ଆଥଲେଟ୍ ପାର୍ବତୀ ସେଠୀଙ୍କ ପୁଅ ଆଦିତ୍ୟ କୁମାର ବେହେରା ଛୋଟବେଳୁ ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଡିଏଭିର ଷ୍ଟାଣ୍ଡାର୍ଡ-୭ରେ ପଢୁଥିବା ଆଦିତ୍ୟ ବାର୍ଷିକ ସ୍ପୋର୍ଟ୍ସ



ମିଟ୍‌ରେ ଡିସ୍‌କସ୍‌ରେ ସ୍ୱର୍ଣ୍ଣ ଓ ଶଟ୍‌ପୁଟ୍‌ରେ ରୌପ୍ୟ ପଦକ ହାସଲକରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ଆଦିତ୍ୟ ଆଗକୁ ମା’ଙ୍କ ଖେଳକୁ ଅନୁସରଣ କରି ଦିନେ ଦେଶ ପାଇଁ ପଦକ ଆଣିବା ଆଶା ରଖିଛନ୍ତି। ମା’ ପାର୍ବତୀ ମଧ୍ୟ ପୁଅ ପାଠ ସହ ଖେଳରେ ପାରଙ୍ଗମ ହୋଇପାରିବ ବୋଲି ଆଶା ରଖିଛନ୍ତି।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

## ବିଜୟ ହଜାରେ ଟ୍ରଫି

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଜୟପୁରରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୂର୍ବ ମ୍ୟାଚରେ ଉତ୍ତରାଖଣ୍ଡକୁ ୭୫ ରନରେ ହରାଇଥିବା ଓଡ଼ିଶା ଶନିବାର ମଣିପୁରକୁ ୯ ଉଇକେଟରେ ପରାସ୍ତ କରିଛି। ମଣିପୁର ୪୦ ଓଭରରେ ୧୦୦ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଓଡ଼ିଶା ୨୦ ଓଭରରେ ୧ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରି ନେଇଥିଲା। ସ୍ୱସ୍ତିକ ସାମଲ ୫୦ ଓ ଅଧିନାୟକ ସନ୍ଦିପ ପଟ୍ଟନାୟକ ୨୪ ରନକରି ଅପରାଜିତ ରହିଥିଲେ। ପୂର୍ବରୁ ତାପସ ଦାସ ଓ ରାଜେଶ ମହାନ୍ତି ଚମତ୍କାର ବୋଲିଂ କରି ମଣିପୁର ଇନିଂସକୁ ୧୦୦ ରନରେ ସୀମିତ ରଖିଥିଲେ। ତାପସ ୧୦ ଓଭରରେ ୪ ମେଡେନ ନେବାସହ ମାତ୍ର ୧୭ ରନ ଦେଇ ୪ଟି ଏବଂ ରାଜେଶ ୯ ଓଭରରେ ୩ ମେଡେନ ସହିତ ୧୪ ରନ ଦେଇ ୩ ଉଇକେଟ ନେଇଥିଲେ। ପ୍ରୟାସ ସିଂ, ଜାମଲା ମହାପାତ୍ର ଓ କାର୍ତ୍ତିକ ବିଶ୍ୱାଳ ଅନ୍ୟ ୩ଟି ଉଇକେଟ ନେଇଥିଲେ। ଚମତ୍କାର ବୋଲିଂ ପାଇଁ ତାପସ ଦାସ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ମଣିପୁର ପକ୍ଷରୁ ବସିର ରହମନ ସର୍ବାଧିକ ୨୦ ରନ କରିଥିଲେ। ନିଜର ପ୍ରଥମ ୨ ମ୍ୟାଚରେ ଯଥାକ୍ରମେ ଗୋଆ ଓ ଆସାମଠାରୁ ହାରିଥିବା ଓଡ଼ିଶା ଲଗାତର ୨ ବିଜୟ ଫଳରେ ୪ ମ୍ୟାଚରୁ ୮ ପଏଣ୍ଟ ପାଇ ଗ୍ରୁପ୍ ‘ଏ’ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଗୁଜରାଟ ୧୬ ପଏଣ୍ଟ ସହିତ ଏହି ଗ୍ରୁପ୍‌ର ଶୀର୍ଷରେ ରହିଛି।

# ସୌମ୍ୟ, ସ୍ୱପ୍ନିଲ ଅଗ୍ରଣୀ

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ସେଣ୍ଟ ଜୋସେଫ ହାଇସ୍କୁଲ ପରିସରରେ ଚାଲିଥିବା ଖୋର୍ଦ୍ଧା ଜିଲା ଚେସ୍ ଚାମ୍ପିୟନଶିପ୍‌ରେ ଶନିବାର ୭ମ ରାଉଣ୍ଡ ଖେଳ ଶେଷସୁଦ୍ଧା ଦ୍ୱିତୀୟ ସିଡ୍ ସୌମ୍ୟ ରଞ୍ଜନ ମିଶ୍ର ଓ ଡାର୍କ ହର୍ସ ସ୍ୱପ୍ନିଲ ପ୍ରିୟଦର୍ଶନୀ ୬.୫ ପଏଣ୍ଟ ପାଇ ଯୁଗ୍ମ ଅଗ୍ରଣୀ ହାସଲ କରିଛନ୍ତି। ଟପ୍ ସିଡ୍ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କ ସମେତ ୬ ଖେଳାଳି ୬ ପଏଣ୍ଟ ଲେଖାଏ ପାଇ ମିଳିତ ଭାବେ ଦ୍ୱିତୀୟରେ ରହିଛନ୍ତି। ୫.୫ ପଏଣ୍ଟରେ ୭ ଖେଳାଳି ରହିଛନ୍ତି।

# ସର୍ବଭାରତୀୟ କରାଟେ

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ୧୪ଶ ସର୍ବଭାରତୀୟ ଓପନ କରାଟେର ତୃତୀୟ ଦିବସରେ ୨୯ଟି ଇଭେଣ୍ଟ ଅନୁଷ୍ଠିତ ହୋଇଛି। ବିଭିନ୍ନ ବର୍ଗରେ ହୋଇଥିବା ପ୍ରତିଯୋଗିତାଗୁଡ଼ିକରେ କରାଟେକାମାନେ ନିଜ କୌଶଳ ପ୍ରଦର୍ଶନ କରିଛନ୍ତି। ଭାଜପାର ଦୁଇ ବରିଷ୍ଠ ନେତା ସମୀର ମହାନ୍ତି ମୁଖ୍ୟ ଅତିଥି ଓ ଜଗନ୍ନାଥ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ କରାଟେକାଙ୍କୁ ପୁରସ୍କୃତ କରିଥିଲେ। ରବିବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# କିଟ୍ ବିଶ୍ୱବିଦ୍ୟାଳୟକୁ ୨ ପଦକ

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଯୋଗାସନ ଚାମ୍ପିୟନଶିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ ୨ଟି ପଦକ ହାସଲ କରିଛି। ପାରମ୍ପରିକ ବ୍ୟକ୍ତିଗତ ମହିଳା ବର୍ଗରେ ସ୍ୱର୍ଣ୍ଣ ଓ ଦଳଗତ ବର୍ଗରେ ବ୍ରୋଞ୍ଜ ପଦକ ପାଇଛି ଏହି ବିଶ୍ୱବିଦ୍ୟାଳୟ। ଏଥିସହ ପଦକ ହାସଲକାରୀମାନେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କିଟ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଯୋଗାସନ ଭାରତର ମହାସଚିବ ଜୟଦୀପ ଆର୍ଯ୍ୟ, କିଟ୍‌ର ପ୍ରୋ ଭାଇସ୍ ଚାନ୍‌ସେଲର ଦେବାଶିଷ ବନ୍ଦୋପାଧ୍ୟାୟ ଓ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗ ଦେଇଥିଲେ।

# ଟିମ୍ ‘ଡି’ରେ ଓଡ଼ିଶାର ସୁଶ୍ରୀ

## ମହିଳା ଦିନିକିଆ ଚ୍ୟାଲେଞ୍ଜର୍ସ ଟ୍ରଫି

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ ସିଜନ ଅନ୍ତର୍ଗତ ସିନିୟର ମହିଳା ଦିନିକିଆ ଚ୍ୟାଲେଞ୍ଜର୍ସ ଟ୍ରଫି ଚେନ୍ନାଇରେ ଜାନୁଆରୀ ୫ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ୪ଟି ଦଳ ଅଂଶଗ୍ରହଣ କରୁଥିବାବେଳେ ଟିମ୍ ‘ଡି’ରେ ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ସ୍ଥାନ ପାଇଛନ୍ତି। ଚ୍ୟାଲେଞ୍ଜର୍ସ ଟ୍ରଫି ପାଇଁ ମନୋନୀତ ହୋଇଥିବାରୁ ସୁଶ୍ରୀଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ୫ ତାରିଖରେ ଟିମ୍ ‘ଡି’ ଏହାର ପ୍ରଥମ ମ୍ୟାଚ ଟିମ୍ ‘ସି’ ସହିତ ଖେଳିବ।



ସୁଶ୍ରୀ ଦିବ୍ୟଦର୍ଶିନୀ

ଏହାପରେ ୯ରେ ଟିମ୍ ‘ଇ’, ୧୧ରେ ଟିମ୍ ‘ବି’ ଓ ୧୩ରେ ଟିମ୍ ‘ଏ’ ସହିତ ମୁକାବିଲା କରିବ। ସୁଶ୍ରୀ ଜାଗୃତି କ୍ରିକେଟ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ସମ୍ପ୍ରତି ଓଡ଼ିଶା ଦଳର ଅଧିନାୟିକା ଥିବା ସୁଶ୍ରୀ ଚଳିତ ସିଜନରେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଚମତ୍କାର ପ୍ରଦର୍ଶନ କରି ଗୋଟିଏ ଶତକ (୧୦୨*) ଓ ୨ଟି ଅର୍ଦ୍ଧଶତକ ସହ ୩୦୯ ରନ କରିଛନ୍ତି। ଏହା ବ୍ୟତୀତ ସେ ୧୬ଟି ଉଇକେଟ ମଧ୍ୟ ନେଇଛନ୍ତି।

# ରାଜ୍ୟସ୍ତରୀୟ ବାଳିକା ହ୍ୟାଣ୍ଡବଲ ଉଦ୍‌ଘାଟିତ

ବ୍ରହ୍ମପୁର, ୨୮।୧୨
(ସ୍ୱାଧୀନ ଶେଖର ପାଢ଼ୀ)

ସ୍ଥାନୀୟ ଖଲ୍ଲିକୋଟ କଲେଜ ଖେଳ ପଡ଼ିଆରେ ଶନିବାର ୩୦ତମ ରାଜ୍ୟସ୍ତରୀୟ ବାଳିକା ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ରାଜ୍ୟ ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ ଗଞ୍ଜାମ ଜିଲା ହ୍ୟାଣ୍ଡବଲ ଆସୋସିଏଶନ ପକ୍ଷରୁ ହେଉଥିବା ଏହି ୨ ଦିନିଆ ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଟିମ ଅଂଶ ଗ୍ରହଣ କରିଛନ୍ତି। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ରୂପେ ଜିଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ, ରାଜ୍ୟ ହ୍ୟାଣ୍ଡ ବଲ ସଂଘ ସଂପାଦକ ମାନସ କୁମାର ସିଂ, ସମାଜିକ କର୍ମୀ ଲଳିତ ମଙ୍ଗରାଜ, ରେଫରୀ ଚେୟାରମେନ ଜିତୁ ପାଣି ଉପସ୍ଥିତ ଥିଲେ। ପ୍ରଥମ ଦିନ ୧୬ଟି ମ୍ୟାଚ ହୋଇଥିଲା। ସେଥିମଧ୍ୟରୁ ଗଞ୍ଜାମ, ଯାଜପୁର, ପୁରୀ ଓ କେନ୍ଦୁଝର ଟିମ୍ ସେମି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ରବିବାର ଅପରାହ୍ନରେ ଫାଇନାଲ ମ୍ୟାଚରେ ବିଜୟୀ ଦଳକୁ ପୁରସ୍କୃତ କରାଯିବ ବୋଲି ଗଞ୍ଜାମ ଜିଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ ସୂଚନା ଦେଇଛନ୍ତି। ଏଥିରେ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥ, ରାଜ୍ୟ ହ୍ୟାଣ୍ଡ ବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ସିତେନ୍ଦ୍ର ଦାସ, ଜିଲା କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ସାଙ୍ଗଠନିକ ସମ୍ପାଦକ, କୋଷାଧ୍ୟକ୍ଷ ଡାକ୍ତର ମନୋଜ କୁମାର ପାତ୍ରଙ୍କ ସମେତ ସମସ୍ତ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ।



ରାଜ୍ୟସ୍ତରୀୟ ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ଅବସରରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଜିଲାର ଖେଳାଳି।

# ଫାଇନାଲରେ ୟୁନିଟ୍-୬

## ସତ୍ୟବ୍ରତ ସ୍ମାରକୀ ଫୁଟ୍‌ବଲ


ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

କ୍ଲବ-୭୩ ଆନୁକୂଲ୍ୟରେ ୟୁନିଟ୍-୧ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୨୨ତମ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ୟୁନିଟ-୬ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ୟୁନିଟ-୬ ଦଳ ୪-୧ ଗୋଲରେ ଗାଲାଣ୍ଟ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୁନୀଲ ସୋରେନ ୧୬ ଓ ୯୦+୫ ମିନିଟରେ ୨ଟି ଏବଂ ରାକେଶ ସାହୁ ୫୬ ଓ ତିଷ୍ଣୁ ସାମଲ ୭୯ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗାଲାଣ୍ଟ କ୍ଲବର ସୋନୁ ନାଏକ ୮୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଶ୍ରେଷ୍ଠ ଖେଳାଳି ବିବେଚିତ ସୁନୀଲ ସୋରେନଙ୍କୁ କ୍ଲବ-୭୩ର ସିନିୟର ଫୁଟବଲ ଖେଳାଳି ଅଶୋକ କୁମାର ରାଉତରାୟ ୫୦୦୦ ଟଙ୍କାର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ-୭୩ ସଭାପତି ଲଳିତେନ୍ଦୁବିଦ୍ୟାଧର ମହାପାତ୍ର, ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ରାଜେଶ ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ରେଫରି ଜ୍ୟୋତି ରଞ୍ଜନ ସ୍ୱାଇଁ, ସୁବ୍ରତ ପୁରୋହିତ, ଦେବରାଜ ସ୍ୱାଇଁ ଓ ଆଶୀର୍ବାଦ କାନୁନ୍‌ଗୋ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ସୁଶାନ୍ତ ଚନ୍ଦ୍ର ମହାନ୍ତି। ପ୍ରକାଶ ଯୋଗ୍ୟ ଯେ, ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ୟୁନିଟ୍-୬ ଅବିନାଶ ସାମଲଙ୍କ ହ୍ୟାଟ୍ରିକ ବଳରେ ଫୁଲବାଣୀ ଫୁଟବଲ ଏକାଡେମୀକୁ ୬-୧ ଗୋଲରେ ଏବଂ ଇଣ୍ଡିପେଣ୍ଡେଣ୍ଟ ୧-୦ ଗୋଲରେ ସନ୍‌ରାଇଜ୍ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। କିଶୋର କ୍ଲବ ଓ ଇଣ୍ଡିପେଣ୍ଡେଣ୍ଟ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେଉଛି।



ସୁନୀଲ ସୋରେନଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ


MARUTI SUZUKI ARENA
5 ଟି କାରଣ ଉତ୍ସବ ପାଳନ କରିବାର
GRAND ARENA MONTH
₹81 100 ପର୍ଯ୍ୟନ୍ତ ସର୍ବଶ୍ରେଷ୍ଠ ଅଫର୍ସ
₹25 000 ପର୍ଯ୍ୟନ୍ତ ଏକ୍ସଚେଞ୍ଜ ଅଫର୍ସ
ଆପଣଙ୍କ ପୁରୁଣା କାର୍ ର ବେଷ୍ଟ ରିସେଲ୍ ଭ୍ୟାଲୁ
ଆକର୍ଷଣୀୟ ଫାଇନାନ୍ସ ବିକଳ୍ପ
ମାରୁତି ସୁଜୁକି ଜାନୁଆରୀରେ ମୂଲ୍ୟ ବୃଦ୍ଧି କରିବ, ମାରୁତି ସୁଜୁକି କାର୍ ର ମୂଲ୍ୟରେ 4% ପର୍ଯ୍ୟନ୍ତ ବୃଦ୍ଧି ହେବ।
MARUTI SUZUKI ARENA
WAGONR
ALTO K10
S-PRESSO
ERTIGA
BREZZA
SWIFT
CELERIO
EECO
ଅଫର୍ସ ଷ୍ଟକ ଥିବା ପର୍ଯ୍ୟନ୍ତ ମାନ୍ୟ
3 DAYS LEFT
ସ୍ପେଶାଲ୍ ଅଫର୍ସ
WAGONR ₹81 100* / ALTO K10 ₹81 100* / S-PRESSO ₹76 100*
BREZZA ₹48 000* / SWIFT ₹81 100* / CELERIO ₹76 100* / EECO ₹46 100*
SCAN TO CONNECT TO SHOWROOM NEAR YOU
E-BOOK TODAY AT WWW.MARUTISUZUKI.COM
T&C Apply Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. *Offer includes consumer offer, exchange bonus and institutional or rural offer (wherever applicable) on selected models/variants. Above mentioned savings amount is the value of maximum savings on selected models. Offer valid with selected financiers only. Above offers are valid till 31st December, 2024.